# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୮/୨୦୨୫ (୧୨ ପୃଷ୍ଠା) Bhubaneswar, Monday, April 28/2025 Page 12 ₹ 7.00

୫୧ଶ ଭାଗ ୧୫୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 153 ମୂଲ୍ୟ ₹୭/-


# ୨ ଭାଇଙ୍କୁ ମାରି ଜାଳିଦେଲେ

**ଗଞ୍ଜାମ ଜିଲା ବେଗୁନିଆପଡ଼ା ଥାନା ଅଞ୍ଚଳରେ ରବିବାର ଘଟିଛି ଡବଲ ମର୍ଡର। ସୁମଣ୍ଡଳ ପଞ୍ଚାୟତ ଭାଲିଆଝର ଗାଁର ଦୁଇଭାଇଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇ ହତ୍ୟା କରାଯାଇଛି। ଏହାପରେ ପ୍ରମାଣ ନଷ୍ଟ ପାଇଁ ସେମାନଙ୍କ ମୃତଦେହକୁ ନିକଟ ଜଙ୍ଗଲରେ ପୋଡ଼ି ଦିଆଯାଇଛି। ପୂର୍ବ ଶତ୍ରୁତା ଓ ପୁଞ୍ଜୀଭୁତ ଅଶାନ୍ତିରୁ ଏହି ଘଟଣା ଘଟିଥିବା କୁହାଯାଉଛି। ଏହି ଡବଲ ମର୍ଡରକୁ ମିଶାଇ ରାଜ୍ୟରେ ରବିବାର ୫ଟି ହତ୍ୟାକାଣ୍ଡ ଘଟିଛି। କେବଳ ହତ୍ୟା ନୁହେଁ, ଗଣବଳାତ୍କାର, ବଳାତ୍କାର, ଡକାୟତି, ଶିଶୁ ଚୋରି ଆଦି ଏକାଧିକ ଘଟଣା ଚଳିତମାସରେ ଘଟିଛି। ଏଥିରୁ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନେଇ ଅନେକେ ମତ ଦେଉଛନ୍ତି।**


ସଞ୍ଜୟ ବାରିକ


ଅଜୟ ବାରିକ

ଖଲ୍ଲିକୋଟ/ବ୍ରହ୍ମପୁର,୨୭।୪

(ପ୍ରଶାନ୍ତ କୁମାର ମିଶ୍ର/ସୁବାସ ଚନ୍ଦ୍ର ପାଢ଼ୀ)

ବେଗୁନିଆପଡ଼ା ଘଟଣାରେ ମୃତକ ଦ୍ୱୟ ହେଲେ ସଞ୍ଜୟ ବାରିକ ଓରଫ ବାଙ୍କା (୨୫) ଓ ତାଙ୍କ ସାନଭାଇ ଅଜୟ ବାରିକ(୨୩)। ସେମାନେ ରବିବାର ବେଗୁନିଆପଡ଼ା ଥାନା ଶାଳବଣ ଗ୍ରାମରେ ମନ୍ଦିର ପ୍ରତିଷ୍ଠା ପାଇଁ ଆୟୋଜିତ ନାମଯଜ୍ଞସ୍ଥଳକୁ ଯାଇଥିଲେ। ସେଠାରେ ଶାଳବଣ କେତେଜଣ ଲୋକଙ୍କ ସହ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା। ଏହାପରେ ଗାଁର କେତେଜଣ ମେଳିହୋଇ ଉଭୟଙ୍କୁ ପିଟି ପିଟି କିଛି ଦୂରକୁ ନେଇ ହତ୍ୟା କରିଥିଲେ। ପରେ ସେମାନେ ମୃତଦେହ ଉପରେ ପାଳ ଜାଳି ଦେଇଥିଲେ। ମଧ୍ୟାହ୍ନରେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ମରେଇ ନୂଆଗାଁ ରାସ୍ତାକଡ଼ରେ ୨ଟି ଦରପୋଡା ମୃତଦେହ ପଡ଼ିଥିବା ଦେଖି କେତେଜଣ ଲୋକ ପୋଲିସକୁ ଖବର ଦେଇଥିଲେ। ବେଗୁନିଆପଡ଼ା ପୋଲିସ, ପୁରୁଷୋତ୍ତମପୁର ଏସ୍‌ଡିପିଓ ଦୀପକ କୁମାର ମିଶ୍ର, ଗଞ୍ଜାମ ଅତିରକ୍ତ ଏସ୍‌ପି ରଞ୍ଜିତ୍ କୁମାର ପୁଷ୍ଟି ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତଦେହର ପୋଡା ଅଂଶ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏ ନେଇ ଥାନାରେ ୨୨୦/୨୫ ନମ୍ବରରେ ହତ୍ୟା ମାମଲା ରୁଜୁ ହୋଇଛି। ଅନ୍ୟପଟେ ମୃତ ୨ ଭାଇଙ୍କ ନାମରେ ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଥିବା ସୂଚନା ମିଳିଛି। ୨୦୨୧ରେ ଅଜୟ ବେଗୁନିଆପଡ଼ା ବ୍ଲକର ପୂର୍ବତନ ଚେୟାରମ୍ୟାନ ଦେବରାଜ ସାହୁ ହତ୍ୟା ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ। ସେ କିଛିଦିନ ହେଲା ଜାମିନରେ ଆସିଥିଲେ ବୋଲି ଏସ୍‌ଡିପିଓ ମିଶ୍ର ସୂଚନା ଦେଇଛନ୍ତି।

(ଅଧିକ ଅପରାଧ ଖବର ପୃଷ୍ଠା-୫)

# ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରୁ ମୋଗଲ ବିଷୟ ବାଦ୍

ନୂଆଦିଲ୍ଲୀ,୨୭।୪

## ସାମିଲ ହେଲା ମଗଧ ସାମ୍ରାଜ୍ୟ, ମହାକୁମ୍ଭ

ସପ୍ତମ ଶ୍ରେଣୀ ପିଲାମାନେ ଗତବର୍ଷ ପର୍ଯ୍ୟନ୍ତ ସେମାନଙ୍କ ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ମୋଗଲ ଏବଂ ଦିଲ୍ଲୀ ସୁଲତାନ ଶାସନ ବିଷୟ ପଢ଼ିଆସୁଥିଲେ। ଜାତୀୟ ପାଠ୍ୟକ୍ରମ ରୂପରେଖ (ଏନ୍‌ସିଏଫ୍) ଅନୁଯାୟୀ ନୂଆ ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରୁ ଉପରୋକ୍ତ ଅଧ୍ୟାୟଗୁଡ଼ିକୁ ବାଦ୍ ଦିଆଯାଇ ଭାରତୀୟ ଲୋକାଚାରକୁ ଗୁରୁତ୍ୱ ଦେଇ ଉକ୍ତ ସ୍ଥାନରେ ମଗଧ, ମୌର୍ଯ୍ୟ, ଶୁଙ୍ଗ ଏବଂ ସାତବାହନ ଭଳି ପୁରାତନ ଭାରତୀୟ ରାଜବଂଶ ଉପରେ ନୂଆ ଅଧ୍ୟାୟ ସାମିଲ କରାଯାଇଛି। ଏଥିସହିତ ଉତ୍ତରପ୍ରଦେଶର ପ୍ରୟାଗରାଜରେ ଚଳିତବର୍ଷ ଆୟୋଜିତ ହୋଇଥିବା ମହାକୁମ୍ଭକୁ ମଧ୍ୟ ନୂତନ ପାଠ୍ୟପୁସ୍ତକରେ ନିଆଯାଇଛି। କେବଳ ସେତିକି ନୁହେଁ, ବିଭିନ୍ନ ଅଧ୍ୟାୟରୁ ସଂସ୍କୃତ ଶବ୍ଦ ଯଥା ଜନପଥ, ଅଧିରାଜ, ରାଜାଧିରାଜ ଆଦିକୁ ହଟାଇ ଦିଆଯାଇଛି।

ଜାତୀୟ ଶିକ୍ଷାନୀତି(୨୦୨୦) ଏବଂ ନୂଆ ଏନ୍‌ସିଏଫ୍ ଅନୁଯାୟୀ ଏନ୍‌ସିଇଆର୍‌ଟି ସପ୍ତମ ଶ୍ରେଣୀର ନୂଆ ପାଠ୍ୟପୁସ୍ତକ ‘ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ ବିୟଣ୍ଡ’, ପ୍ରଥମ ଭାଗରେ ଅନେକ ପରିବର୍ତ୍ତନ କରିଛି, ଯେଉଁଥିରେ ଭାରତୀୟ ଏବଂ ସ୍ଥାନୀୟ ବିଷୟବସ୍ତୁ ଓ ଲୋକାଚାରକୁ ଗୁରୁତ୍ୱ ଦିଆଯାଇଛି। ପୁସ୍ତକର ମୁଖବନ୍ଧରେ ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ଦୀନେଶ ପ୍ରସାଦ ସାକ୍‌ଲାନ ଲେଖିଛନ୍ତି, ‘ଆମ ଛାତ୍ରୀଛାତ୍ରଙ୍କ ବିକାଶ ପାଇଁ ଆମେ ଚାହୁଁଥିବା ଭାରତୀୟ ସାଂସ୍କୃତିକ ସନ୍ଦର୍ଭ ଆଧାରିତ ମୂଲ୍ୟବୋଧକୁ ପାଠ୍ୟପୁସ୍ତକରେ ସନ୍ନିବେଶିତ କରିବା ସହ ବୟସ ଉପଯୁକ୍ତତା ଅନୁଯାୟୀ ବୈଶ୍ୱିକ ଦୃଷ୍ଟିକୋଣକୁ ସାମିଲ କରିଛୁ’। ଗତବର୍ଷ ଏନ୍‌ସିଇଆର୍‌ଟି ତୃତୀୟ ଓ ଷଷ୍ଠ ଶ୍ରେଣୀ ପାଇଁ ନୂଆ ପୁସ୍ତକ ଆଣିଥିବାବେଳେ ଏଥର ଚତୁର୍ଥ ଓ ସପ୍ତମ ଶ୍ରେଣୀ ପୁସ୍ତକରେ ପରିବର୍ତ୍ତନ କରିଛି। ଆସନ୍ତା ମାସରେ ଉକ୍ତ ପୁସ୍ତକର ଦ୍ୱିତୀୟ ଭାଗ ପ୍ରକାଶ ପାଇବ ବୋଲି ଏନ୍‌ସିଇଆର୍‌ଟିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସେଥିରେ ଅନେକ ଅତିରିକ୍ତ ବିଷୟ ସାମିଲ ହେବାକୁ ଯାଉଛି।


**ଆଜିର ସମ୍ପାଦକୀୟ**

**ଭଡ଼ଭାଡ଼**



DSPL-46

ଆନ୍ତର୍ଜାତିକ ସମବାୟ ବର୍ଷ


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ
୧୭୭ତମ ଜୟନ୍ତୀ ପାଳନ ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ ଓଡ଼ିଶା

ସଦୟ ଉପସ୍ଥିତି
ଶ୍ରୀ ପ୍ରଦିପ ବଳ ସାମନ୍ତ
ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ, ଓଡ଼ିଶା ସରକାର

ଆଲୋଚନା ଚକ୍ର
ଓଡ଼ିଶା ମାଟିରେ ସମବାୟ ଆନ୍ଦୋଳନର ମୂଳଦୁଆ ସ୍ଥାପନରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭୂମିକା
କୃଷି ଭବନ, ଭୁବନେଶ୍ୱର

ଜମା ରାଶି ଫେରସ୍ତ
ସହରାଞ୍ଚଳ ସମବାୟ ବ୍ୟାଙ୍କ, ଭୁବନେଶ୍ୱରର ଜମାକାରୀମାନଙ୍କର ଜମା ରାଶି ଫେରସ୍ତ
ଲୋକସେବା ଭବନ ଓ କୃଷି ଭବନ, ଭୁବନେଶ୍ୱର

ବୁଝାମଣାପତ୍ର ସାକ୍ଷର
କୃଷି ସମବାୟ ସମିତି ଗୁଡ଼ିକର ବ୍ୟବସାୟିକ ବିବିଧିକରଣ ତଥା କୃଷକମାନଙ୍କୁ ଉନ୍ନତ ସେବା ପ୍ରଦାନ ପାଇଁ ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟ, IRMA ସ୍କୁଲ, ଆନନ୍ଦ, ଗୁଜରାଟ ସହିତ ବୁଝାମଣାପତ୍ର ସାକ୍ଷର
ଲୋକସେବା ଭବନ, ଭୁବନେଶ୍ୱର

୨୮ ଏପ୍ରିଲ ୨୦୨୫ | ସନ୍ଧ୍ୟା ୫.୦୦ ଘଟିକା

ସମବାୟ ବିଭାଗ, ଓଡ଼ିଶା ସରକାର





# ଭାରତର ଶକ୍ତି ପ୍ରଦର୍ଶନ, ପାକ୍‌ର ଧମକ

ନୂଆଦିଲ୍ଲୀ/ଇସ୍‌ଲାମାବାଦ,୨୭।୪


ଆଣ୍ଟି-ଶିପ୍ ମିଶାଇଲ୍ ଫାୟାରିଂ ବେଳର ଦୃଶ୍ୟ।

ଭାରତୀୟ ନୌସେନା ରବିବାର ଦୂରଗାମୀ ଲକ୍ଷ୍ୟଭେଦୀ ଆକ୍ରମଣ ପ୍ରସ୍ତୁତିକୁ ଦୋହରାଇବାକୁ ଯାଇ ସମୁଦ୍ରରେ ଅନେକ ଆଣ୍ଟି-ଶିପ୍ ମିଶାଇଲ୍ ଫାୟାରିଂ କରିଛି। ପହଲଗାମ୍ ଆକ୍ରମଣରେ ୨୬ ହିନ୍ଦୁଙ୍କ ପ୍ରାଣହାନିକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢୁଥିବାବେଳେ ସାମୁଦ୍ରିକ ଜଳରାଶି ଉପରେ ଯୁଦ୍ଧପୋତରୁ ଏହି ମିଶାଇଲ ପରୀକ୍ଷଣ କରି ଭାରତ ସବୁ ପ୍ରକାର ସମ୍ଭାବ୍ୟ ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ବୋଲି ପଡ଼ୋଶୀ ଦେଶକୁ ପରୋକ୍ଷରେ ବାର୍ତ୍ତା ଦେଇଛି। ଏପରି କି ଏହି ଆତଙ୍କବାଦୀ ଆକ୍ରମଣର ଦୃଶ୍ୟ ଦେଖି ଦେଶବାସୀଙ୍କ ରକ୍ତ ତାତିଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଏହି ପୃଷ୍ଠଭୂମିରେ ପାକିସ୍ତାନ ପଟୁ ତୁହାକୁ ତୁହା ଧମକ ଆସିବାରେ ଲାଗିଛି। ପାକିସ୍ତାନ ମନ୍ତ୍ରୀ ହାନିଫ୍ ଅବ୍ବାସି ଭାରତକୁ ଖୋଲାଖୋଲି ଆଣବିକ ଆକ୍ରମଣର ଧମକ ଦେଇଛନ୍ତି। ଘୋରୀ, ଶାହିନ୍ ଓ ଗଜନବି ମିଶାଇଲ୍ ସମେତ ୧୩୦ ଆଣବିକ ଯୁଦ୍ଧାସ୍ତ୍ରକୁ କେବଳ ଭାରତ ପାଇଁ ପ୍ରସ୍ତୁତ କରି ରଖାଯାଇଥିବା ସେ କହିଛନ୍ତି।

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଶନିବାର ଭାରତକୁ କୌଣସି ପ୍ରକାର ସାମରିକ କାର୍ଯ୍ୟାନୁଷ୍ଠାନର ଜବାବ ଦେବାକୁ ପ୍ରସ୍ତୁତ ବୋଲି କହିଥିଲେ। ସେହିପରି ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଭାରତ ସିନ୍ଧୁ ନଦୀ ଜଳ ବନ୍ଦ କଲେ ରକ୍ତ ବହିବ ବୋଲି ଧମକ ଦେଇଥିଲେ। ଏହାର ଦିନକ ପରେ ଶରିଫ୍‌ଙ୍କ କ୍ୟାବିନେଟରେ ରେଳମନ୍ତ୍ରୀ ଥିବା ହାନିଫ୍ ଅବ୍ବାସି କହିଛନ୍ତି, ଭାରତ ଯଦି ୧୯୬୦ର ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି) ରଦ୍ଦ କରି ପାକିସ୍ତାନର ପାଣି ରୋକିବାକୁ ଉଦ୍ୟମ କରେ ତେବେ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ରହିବା ଉଚିତ।



### ୧୩୦ ଆଣବିକ ଯୁଦ୍ଧାସ୍ତ୍ର କେବଳ ଭାରତ ପାଇଁ ରଖିଛୁ: ହାନିଫ୍ ଅବ୍ବାସି

ପାକିସ୍ତାନର ଆଣବିକ ଅସ୍ତ୍ରଗୁଡ଼ିକ କେବଳ ପ୍ରଦର୍ଶନ ପାଇଁ ନୁହେଁ, ସାରା ଦେଶରେ ବିଭିନ୍ନ ସ୍ଥାନରେ ଲୁକ୍କାୟିତ ଭାବେ ଏଭଳି ଅସ୍ତ୍ର ଗଚ୍ଛିତ ରଖାଯାଇଛି। ଭାରତ ଉସୁକାଉଲେ ସେଗୁଡ଼ିକୁ ପ୍ରୟୋଗ କରାଯିବ। ଏହି ଦୂରଗାମୀ କ୍ଷେପଣାସ୍ତ୍ର କେବଳ ଭାରତକୁ ଆକ୍ରମଣ କରିବା ପାଇଁ ଉଦ୍ଦିଷ୍ଟ ବୋଲି ହାନିଫ୍ କହିଛନ୍ତି। ସେହିପରି ପାକିସ୍ତାନ ଭାରତ ପାଇଁ ୨ ଦିନ ହେଲା ନିଜ ବାୟୁସୀମାକୁ ବନ୍ଦ କରିଛି। ଏହି ସ୍ଥିତି ଆଉ ୧୦ ଦିନ ଲାଗିରହିଲେ ଭାରତୀୟ ଏୟାରଲାଇନ୍ସଗୁଡ଼ିକ ଦେବାଳିଆ ହୋଇଯିବେ। ଭାରତର ନିଜ ସୁରକ୍ଷା ବିଫଳତା ଯୋଗୁ ପହଲଗାମ୍ ଆକ୍ରମଣ ଘଟିଲା ବୋଲି ସେମାନେ ସ୍ୱୀକାର କରିବା ପରିବର୍ତ୍ତେ ପାକିସ୍ତାନ ଉପରେ ଦୋଷ ଲଦୁଛନ୍ତି। ଇସ୍‌ଲାମାବାଦ ଏହା ବିରୋଧରେ ନିଆଯାଉଥିବା ଯେକୌଣସି ଆର୍ଥିକ ପଦକ୍ଷେପର ମୁକାବିଲା ପାଇଁ ପ୍ରସ୍ତୁତ ହୋଇ ରହିଥିବା ସେ କହିଛନ୍ତି। ହାନିଫ୍‌ଙ୍କ ମନ୍ତବ୍ୟ ଏଭଳି ସମୟରେ ଆସିଛି, ଯେତେବେଳେ କି ୨ ଦିନ ପୂର୍ବରୁ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏକ ସାକ୍ଷାତକାରରେ ଆତଙ୍କବାଦୀଙ୍କୁ ତାଙ୍କ ଦେଶ ତାଲିମ, ଅସ୍ତ୍ର ପ୍ରଦାନ ଓ ପାଣ୍ଠି ଯୋଗାଣ କରୁଥିବା ବିଷୟ ସ୍ୱୀକାର କରିଥିଲେ।

ଅନ୍ୟପକ୍ଷେ ପହଲଗାମ୍ ଆକ୍ରମଣ ପରେ ଦୁଇଦେଶ ମଧ୍ୟରେ ତିକ୍ତତା ଚରମସୀମାରେ ଥିବାରୁ ପାକିସ୍ତାନ ଯୁଦ୍ଧ ଆଶଙ୍କା କରି ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ଅସ୍ତ୍ରଶସ୍ତ୍ର ଓ ସୈନ୍ୟ ଠୁଳ କରିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ୨ ଦିନ ତଳେ ରାଜସ୍ଥାନ ସୀମାରେ ଭାରତୀୟ ସେନା ଟ୍ୟାଙ୍କଗୁଡ଼ିକୁ ନେଇ ସୈନ୍ୟମାନେ ସାମରିକ କୌଶଳ ପ୍ରଦର୍ଶନ କରିଥିଲେ। ରବିବାର ଭାରତୀୟ ନୌସେନା ପକ୍ଷରୁ ଏକ୍ସ'ରେ ଏକ ବିବୃତି ଜାରି କରାଯାଇଛି। ଏଥିରେ ଦେଶର ଯୁଦ୍ଧ ପ୍ରସ୍ତୁତିକୁ ମଜଭୁତ୍ କରିବା ଲାଗି ଆଣ୍ଟି-ଶିପ୍ ଫାୟରିଂ କରାଯାଇଥିବା ଉଲ୍ଲେଖ କରାଯାଇଛି। ଏଥିସହ କ୍ଷେପଣାସ୍ତ୍ର ଛଡ଼ାଯିବାବେଳର କେତେକ ଫଟୋ ମଧ୍ୟ ପୋଷ୍ଟ କରାଯାଇଛି।

## 'ପହଲଗାମ୍ ମୃତକଙ୍କୁ ନିଶ୍ଚୟ ନ୍ୟାୟ ମିଳିବ'

ନୂଆଦିଲ୍ଲୀ,୨୭।୪(ପି.ଟି.)

### ମୋଦିଙ୍କ ମନ୍ କୀ ବାତ୍



ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତକମାନଙ୍କୁ ନିଶ୍ଚୟ ନ୍ୟାୟ ମିଳିବ। ୨୬ ଜଣ ନିରୀହ ଲୋକଙ୍କୁ ହତ୍ୟା କରିଥିବା ଆତଙ୍କବାଦୀ ଓ ଷଡ଼ଯନ୍ତ୍ରକାରୀମାନଙ୍କୁ ଅତ୍ୟନ୍ତ କଠୋର ଓ ନିର୍ମମ ଦଣ୍ଡ ମିଳିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମାସିକ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କହିଛନ୍ତି। ଆକ୍ରମଣର ଦୃଶ୍ୟ ଦେଖି ପ୍ରତ୍ୟେକ ଭାରତୀୟଙ୍କ ରକ୍ତ ଗରମ ହୋଇଛି। ଆତଙ୍କବାଦ ବିରୋଧୀ ଲଢ଼େଇରେ ଦେଶର ଏକତା ଏବଂ ଏହାର ୧୪୦ କୋଟି ଜନସାଧାରଣଙ୍କ ସମର୍ଥନ ସବୁଠୁ ବଡ଼ ଶକ୍ତି। ଏହି ଏକତା ଆତଙ୍କବାଦ ବିରୋଧରେ ଆମ ନିର୍ଣ୍ଣାୟକ ଲଢ଼େଇର ଆଧାର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

କଶ୍ମୀରରେ ଶାନ୍ତି ଫେରିଥିବାବେଳେ ପ୍ରସିଦ୍ଧ ପର୍ଯ୍ୟଟନ ସହର ଉପରେ ଆକ୍ରମଣ ଆତଙ୍କବାଦର ପୃଷ୍ଠପୋଷକମାନଙ୍କର ଭୀରୁତା ଏବଂ ନିରାଶାକୁ ପ୍ରତିଫଳିତ କରୁଛି ବୋଲି ପାକିସ୍ତାନକୁ ଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି। କଶ୍ମୀରରେ ନିର୍ମାଣ କାର୍ଯ୍ୟରେ ଅଭୂତପୂର୍ବ ଅଗ୍ରଗତି ହେବା ସହ ଗଣତନ୍ତ୍ର ସୁଦୃଢ଼ ହୋଇଛି। ପର୍ଯ୍ୟଟକ ସଂଖ୍ୟାରେ ରେକର୍ଡ ବୃଦ୍ଧି ଘଟିବା ସହ ଲୋକଙ୍କ ଆୟ ବଢ଼ିଛି ଓ ନୂଆ ସୁଯୋଗ ସୃଷ୍ଟି ହୋଇଛି। ଦେଶ ତଥା ଜମ୍ମୁ-କଶ୍ମୀରର ଶତ୍ରୁମାନେ ଏହାକୁ ପସନ୍ଦ କରୁନାହାନ୍ତି। ଆତଙ୍କବାଦୀ ଓ ଆତଙ୍କବାଦର ମାଷ୍ଟରମାଇଣ୍ଡମାନେ କଶ୍ମୀରକୁ ପୁଣିଥରେ ଧ୍ୱଂସ କରିଦେବାକୁ ଚାହାନ୍ତି। ସେଥିପାଇଁ ସେମାନେ ଏଭଳି ବଡ଼ ଷଡ଼ଯନ୍ତ୍ର କରିଥିବା ମୋଦି କହିଛନ୍ତି।

ଭାରତ କମ୍ ବ୍ୟୟରେ ଓ ସଫଳତାର ସହ ମହାକାଶ କାର୍ଯ୍ୟକ୍ରମ କରାଇ ସାରା ବିଶ୍ୱରେ ଅଗ୍ରଣୀ ଭୂମିକା ନେବା ସହ ଏକ ବୈଶ୍ୱିକ ମହାକାଶ ଶକ୍ତିରେ ପରିଣତ ହୋଇଛି। ଭବିଷ୍ୟତରେ ଏହା ନୂଆ ଶିଖର ଛୁଇଁବାକୁ ଯାଉଛି। ସ୍ପେସ୍ ଷ୍ଟାର୍ଟଅପ୍‌ଗୁଡ଼ିକରେ ଯୁବବର୍ଗ ନୂତନ ସଫଳତା ହାସଲ କରୁଛନ୍ତି। ଏହି କ୍ଷେତ୍ରରେ ୩୨୫ରୁ ଊର୍ଦ୍ଧ୍ୱ ଷ୍ଟାର୍ଟଅପ୍ କାର୍ଯ୍ୟ କରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସେ ଗତ ୨୫ ତାରିଖରେ ପ୍ରାଣ ହରାଇଥିବା ଇସ୍ରୋର ପୂର୍ବତନ ଅଧ୍ୟକ୍ଷ କେ. କସ୍ତୁରୀରଙ୍ଗନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଭାରତୀୟ ମହାକାଶ କାର୍ଯ୍ୟକ୍ରମ ଓ ଶିକ୍ଷା କ୍ଷେତ୍ରରେ ତାଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି।

## ଗାଜାରେ ୫୧ ମୃତ

ଡେର୍ ଅଲ୍-ବଲାହ, ୨୭।୪

ଇସ୍ରାଏଲୀ ଏୟାର ଷ୍ଟ୍ରାଇକ୍‌ରେ ୨୪ ଘଣ୍ଟାରେ ଗାଜାରେ ୫୧ ପାଲେଷ୍ଟିନୀୟଙ୍କର ମୃତ୍ୟୁ ଘଟିଥିବା ହମାସ୍ ପରିଚାଳିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରବିବାର ସୂଚନା ଦେଇଛି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ୧୮ ମାସ ମଧ୍ୟରେ ପାଲେଷ୍ଟିନୀୟଙ୍କ ମୃତ୍ୟୁ ସଂଖ୍ୟା ୫୨ ହଜାର ପାର୍ କରିଛି। ରବିବାର ସୁଦ୍ଧା ଇସ୍ରାଏଲର ଏୟାରଷ୍ଟ୍ରାଇକ୍‌ରେ ୫୨,୨୪୩ ଜଣ ପାଲେଷ୍ଟିନୀୟଙ୍କର ମୃତ୍ୟୁ ଘଟିଥିବା ଗାଜାସ୍ଥିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି।

## ବିମାନରେ ବୋମା ଗୁଜବ, କାନାଡା ନାଗରିକ ଅଟକ

ବାରାଣସୀ, ୨୭।୪

ବାରାଣସୀରୁ ବେଙ୍ଗାଲୁରୁ ଯାଉଥିବା ଏକ ଇଣ୍ଡିଗୋ ବିମାନ ଟେକଅଫ୍ କରୁଥିବା ସମୟରେ ସେଥିରେ ବୋମା ଥିବା ନେଇ ରବିବାର କାନାଡାର ଜଣେ ଯାତ୍ରୀ ଦାବି କରିଥିଲେ। ଫଳରେ ବିମାନରୁ ଯାତ୍ରୀମାନଙ୍କୁ ଓହ୍ଲାଯାଇଥିଲା। ଘଟଣାକୁ ନେଇ ବାରାଣସୀ ଏୟାରପୋର୍ଟରେ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ସୁରକ୍ଷା ଅଧିକାରୀମାନେ ଯାଞ୍ଚ ପରେ ବିମାନରୁ କୌଣସି ସନ୍ଦିଗ୍ଧ ବସ୍ତୁ ନ ପାଇବାରୁ ଏହା ପୁଣି ଉଡ଼ାଣ କରିଥିଲା। ଗୁଜବ କରିଥିବା କାନାଡୀୟଙ୍କୁ ପୋଲିସ ଅଟକ ରଖିଛି।

## ଭେଙ୍କୁଭରରେ କାର୍ ମଡ଼ାଇ ୯ ଜଣଙ୍କୁ ହତ୍ୟା

ଭେଙ୍କୁଭର,୨୭।୪


ଲାପୁ-ଲାପୁ ଷ୍ଟ୍ରିଟ୍ ଫେଷ୍ଟିଭାଲ ବେଳେ ଭିଡ଼ ଉପରକୁ ଚଢ଼ିଯାଇଥିବା ବ୍ଲାକ୍ ଏସ୍‌ୟୁଭି।

କାନାଡାର ବ୍ରିଟିଶ୍ କଲମ୍ବିଆସ୍ଥିତ ଭେଙ୍କୁଭରରେ ଶନିବାର ଲାପୁ-ଲାପୁ ଷ୍ଟ୍ରିଟ୍ ଫେଷ୍ଟିଭାଲ ବେଳେ ଭିଡ଼ ଉପରକୁ ଜଣେ ବ୍ୟକ୍ତି ଦ୍ରୁତଗତିରେ କାର୍ ଚଢ଼ାଇ ଦେଇଛନ୍ତି। ଏଥିରେ ୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ୩୦ ବର୍ଷୀୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ତେବେ ଏହା ଆତଙ୍କବାଦୀ କାର୍ଯ୍ୟ ନୁହେଁ ବୋଲି ପୋଲିସ ସ୍ପଷ୍ଟ କରିଛି। ଭେଙ୍କୁଭରରେ ଶନିବାର ସ୍ଥାନୀୟ ସମୟ ରାତି ୮ଟା ୧୪ରେ ଫିଲିପିନୋ ସମ୍ପ୍ରଦାୟର ଲୋକେ ଲାପୁ-ଲାପୁ ଉତ୍ସବ ପାଳୁଥିବାବେଳେ ଇ୪୩ତମ ଆଭେନ୍ୟୁ ଏବଂ ଫ୍ରାସର ଷ୍ଟ୍ରିଟ୍‌ରେ ଏକ କଳାରଙ୍ଗର ଏସ୍‌ୟୁଭି ହଠାତ୍ ମାଡ଼ିଆସିଥିଲା। ଭିଡ଼ ଉପରେ କାର୍ ଚଢ଼ିଯିବାରୁ ଚାହୁଁଚାହୁଁ ୯ ଜଣଙ୍କ ଜୀବନ ଚାଲିଗଲା। ଆହତ ହୋଇଥିବା ଅନ୍ୟୂନ ୨୦ ଜଣଙ୍କୁ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଲୋକେ କାର୍ ଚାଳକଙ୍କୁ କାବୁ କରିଥିଲେ। ପୋଲିସ ତାଙ୍କୁ ପୂର୍ବରୁ ଜାଣିଥିବା କହିଛି। କାନାଡାରେ ସାଧାରଣ ନିର୍ବାଚନକୁ ୨ ଦିନ ବାକି ଥିବାବେଳେ ଏହା ପୂର୍ବରୁ ଏଭଳି ଘଟଣା ଘଟିଛି। କାନାଡା ପ୍ରଧାନମନ୍ତ୍ରୀ ମାର୍କ କେନି ଘଟଣାର ନିନ୍ଦା କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏଥିସହ ଆହତଙ୍କ ଆଶୁ ଅରୋଗ୍ୟ କାମନା କରିଛନ୍ତି।

## ୟୁକ୍ରେନ୍‌କୁ ୧୪୯ ଡ୍ରୋନ୍ ଛାଡ଼ିଲା ରୁଷିଆ

କିଭ୍,୨୭।୪

ରୁଷିଆ ପକ୍ଷରୁ ରବିବାର ଭୋର ସମୟରେ ୟୁକ୍ରେନ୍ ଉପରେ ୧୪୯ ଡ୍ରୋନ୍ ଛଡ଼ାଯାଇଛି। ଖେର୍‌ସନ ସହରରେ ହୋଇଥିବା ଏହି ଆକ୍ରମଣରେ ଅନ୍ୟୂନ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ତେବେ ସେଥିରୁ ୫୭ଟିକୁ ଖସାଇ ଦିଆଯାଇଥିବାବେଳେ ଅନ୍ୟ ୬୭ ଡ୍ରୋନ୍‌କୁ ଅବରୋଧ କରାଯାଇଥିବା କିଭ୍ କହିଛି। ଯୁଦ୍ଧାବସାନ ନେଇ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଆଗ୍ରହ ଉପରେ ଆମେରିକା ପ୍ରତିପକ୍ଷ ଡୋନାଲ୍ଡ ଟ୍ରମ୍ପ୍ ସନ୍ଦେହ ବ୍ୟକ୍ତ କରିବା ପରେ ମସ୍କୋ ଏହି ଡ୍ରୋନ୍ ଆକ୍ରମଣ କରିଛି। ଏହା ପୂର୍ବରୁ ରୁଷିଆ କୁର୍କସ୍କ ରିଜିଅନ୍‌ର ଅବଶିଷ୍ଟ ଅଂଶକୁ ପୁନଃ ଦଖଲ କରିଥିବା ଦାବି କରିଥିଲା। ଅନ୍ୟପକ୍ଷେ ସମ୍ପୃକ୍ତ ଅଞ୍ଚଳରେ ଏବେ ବି ଯୁଦ୍ଧ ଜାରି ରହିଥିବା ୟୁକ୍ରେନ୍ କହିଥିଲା।

## 'ପଞ୍ଜାବ ଚାଷୀ ୪୮ ଘଣ୍ଟାରେ ଫସଲ ଅମଳ କରନ୍ତୁ'

ଚଣ୍ଡିଗଡ଼,୨୭।୪

ପହଲଗାମ୍ ଆକ୍ରମଣକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଜାରି ରହିଥିବାବେଳେ ସୀମାନ୍ତ ଜମିରୁ ୪୮ ଘଣ୍ଟା ମଧ୍ୟରେ ଫସଲ ଅମଳ ଶେଷ କରିବାକୁ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଅଧିକାରୀମାନେ ଶନିବାର ପଞ୍ଜାବ ଚାଷୀଙ୍କୁ କହିଥିବା ଅଭିଯୋଗ ହୋଇଛି। ତେବେ ଏଭଳି କୌଣସି ନିର୍ଦ୍ଦେଶନାମା ଜାରି ହୋଇ ନ ଥିବା ସ୍ଥାନୀୟ ପ୍ରଶାସନ ଏବଂ ବିଏସ୍‌ଏଫ୍ ପକ୍ଷରୁ କୁହାଯାଇଛି। ୪୮ ଘଣ୍ଟା ମଧ୍ୟରେ ଗହମ ଫସଲ ଅମଳ କରି ଜମିରୁ ନେଇଯିବା ପାଇଁ ଅମୃତସର, ତରନ୍‌ତାରନ୍, ଫିରୋଜପୁର ଏବଂ ଫାଜିଲ୍‌କା ଜିଲାର ଚାଷୀମାନଙ୍କୁ ଗ୍ରାମ ଗୁରୁଦ୍ୱାରାଗୁଡ଼ିକ ଜରିଆରେ ଘୋଷଣା କରାଯାଇଥିଲା। ସ୍ଥିତି ଅଧିକ ଖରାପ ହେଲେ ଆଗୁଆ ଅଞ୍ଚଳଗୁଡ଼ିକୁ ଯିବା ପାଇଁ ଗେଟ୍ ବନ୍ଦ ହୋଇଯିବ ଏବଂ ସୀମାନ୍ତ ଜମିକୁ ଚାଷୀମାନେ ଯାଇପାରିବେ ନାହିଁ। ଭାରତ-ପାକିସ୍ତାନ ଅନ୍ତର୍ଜାତୀୟ ସୀମାର ଜିରୋ ଲାଇନ୍ ଏବଂ ଭାରତୀୟ ପାର୍ଶ୍ୱ ସୀମାନ୍ତ ବାଡ଼ ମଧ୍ୟରେ ପଞ୍ଜାବ ଚାଷୀଙ୍କର ପ୍ରାୟ ୪୫,୦୦୦ ଏକର ଜମି ରହିଛି। ବିଏସ୍‌ଏଫ୍ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇ ନ ଥିବାବେଳେ ଏହାର ଅଫିସରମାନେ ସୋମବାର ସନ୍ଧ୍ୟା ସୁଦ୍ଧା ଫସଲ ଉଠାଇବାକୁ କହିଥିବା ଜଣେ ଚାଷୀନେତା ଅଭିଯୋଗ ଆଣିଛନ୍ତି।

## ଭାରତ ଝେଲମ୍‌ରୁ ପାଣି ଛାଡ଼ିବାରୁ ପିଓକେରେ ବନ୍ୟା

ଇସ୍‌ଲାମାମାଦ,୨୭।୪

ଭାରତ କୌଣସି ପୂର୍ବ ସତର୍କ ସୂଚନା ନ ଦେଇ ଶନିବାର ଅଚାନକ ଉରି ଡ୍ୟାମ୍‌ରୁ ପାଣି ଛାଡ଼ିଦେବାରୁ ଝେଲମ୍ ନଦୀର ଜଳସ୍ତର ହଠାତ୍ ବଢ଼ିଯାଇ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ସ୍ଥାନୀୟ ଅଧିକାରୀ ଅଭିଯୋଗ କରିଛନ୍ତି। ହଠାତ୍ ଜଳ ଛଡ଼ାଯିବାରୁ ହାଟିଆନ୍ ବାଲା ଜିଲାରେ ୱାଟର ଏମର୍ଜେନ୍ସି ସୃଷ୍ଟି ହୋଇଛି। ନଦୀକୂଳବର୍ତ୍ତୀ ଲୋକେ ଘରଦ୍ୱାର ଛାଡ଼ି ସୁରକ୍ଷିତ ସ୍ଥାନକୁ ପଳାଇଯିବାକୁ ବାଧ୍ୟ ହୋଇଛନ୍ତି। ପାଣି ଜୋର୍‌ରେ ମାଡ଼ିଆସିବାରୁ ଧନଜୀବନର ସୁରକ୍ଷାକୁ ନେଇ ବିଚଳିତ ହୋଇପଡ଼ିଥିଲୁ ବୋଲି ପିଓକେର ଜଣେ ବାସିନ୍ଦା କହିଛନ୍ତି। ପିଓକେ ରାଜଧାନୀ ମୁଜାଫରାବାଦ ଏବଂ ଚାକୋଟିରେ ଅଧିକାରୀମାନେ ଡାକବାଜି ଯନ୍ତ୍ର ଯୋଗେ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ ସତର୍କ କରାଇଛନ୍ତି। ଝେଲମ୍ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ଦୂରେଇ ରହିବା ପାଇଁ ମୁଜାଫରାବାଦ ଜିଲା ଅଧିକାରୀ ଏକ ବିବୃତି ଜରିଆରେ ଲୋକଙ୍କୁ ସତର୍କ କରାଇଛନ୍ତି। କୋହାଲା ଏବଂ ଧଲକୋଟ୍‌ର ଖାଲୁଆ ଅଞ୍ଚଳରେ ମଧ୍ୟମ ଧରଣର ବନ୍ୟା ସୃଷ୍ଟି ହୋଇଛି।

## ପହଲଗାମ୍‌ରେ ଏନ୍‌ଆଇଏ ତନାଘନା

ନୂଆଦିଲ୍ଲୀ,୨୭।୪(ପି.ଟି.)

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ରବିବାର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ମାମଲା ସମ୍ପର୍କିତ ତଥ୍ୟପ୍ରମାଣ ଯୋଗାଡ଼ ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉକୁ ଜୋର୍‌ଦାର କରିଛି। ଆକ୍ରମଣ ପଛର ଷଡ଼ଯନ୍ତ୍ର ଦିଗକୁ ଖୋଜି ବାହାର କରିବା ଲାଗି ଏନ୍‌ଆଇଏ ସାକ୍ଷୀମାନଙ୍କୁ ପଚରାଉଚରା କରୁଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରୁ ନିର୍ଦ୍ଦେଶ ମିଳିବା ପରେ ଏନ୍‌ଆଇଏ ରବିବାର ଜମ୍ମୁରେ ମାମଲା ରୁଜୁ କରିଛି। ଏହାର ଏକାଧିକ ଟିମ୍ ତଦନ୍ତରେ ସାମିଲ ହୋଇଛନ୍ତି। ଗତ ମଙ୍ଗଳବାର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣା ପରେ ଏନ୍‌ଆଇଏ ଅଧିକାରୀମାନଙ୍କ ଏକ ଟିମ୍ ଆଇଜିଙ୍କ ନେତୃତ୍ୱରେ ସେଠାରେ ପହଞ୍ଚି ସ୍ଥାନୀୟ ପୋଲିସକୁ ତଦନ୍ତରେ ସହାୟତା କରିଥିଲା। ବୁଧବାରଠାରୁ ଏନ୍‌ଆଇଏ ଟିମ୍ ଆକ୍ରମଣ ସ୍ଥଳରେ ରହି ତଥ୍ୟପ୍ରମାଣ ସଂଗ୍ରହ କରୁଛି। ପର୍ଯ୍ୟଟନ ସ୍ଥଳର ପ୍ରବେଶ ଓ ପ୍ରସ୍ଥାନ ପଥକୁ ଯାଞ୍ଚ କରାଯାଇଛି। ଟିମ୍ ସହ ଫୋରେନ୍‌ସିକ ଓ ଅନ୍ୟ ବିଶେଷଜ୍ଞ ରହିଛନ୍ତି।

# ଅଟ୍ଟାରୀ ଦେଇ ଫେରିଲେଣି ୫୩୭ ପାକିସ୍ତାନୀ


ଅଟ୍ଟାରୀ-ୱାଘା ସୀମା ଦେଇ ଜଣେ ପାକିସ୍ତାନୀ ନିଜ ଦେଶକୁ ଫେରିଯାଉଥିବାବେଳେ ତାଙ୍କ ଭଉଣୀ କାନ୍ଦୁଛନ୍ତି।

ନୂଆଦିଲ୍ଲୀ,୨୭।୪

ପହଲଗାମ୍ ଆକ୍ରମଣ ପରେ ପାକିସ୍ତାନୀମାନଙ୍କୁ ଭାରତ ଛାଡ଼ି ଚାଲିଯିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ତଦନୁଯାୟୀ ୨୪ରୁ ଅଦ୍ୟାବଧି ଅଟ୍ଟାରୀ-ୱାଘା ସୀମା ଦେଇ ୫୩୭ ପାକିସ୍ତାନୀ ନାଗରିକ ଭାରତ ଛାଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ୯ ଜଣ କୂଟନୀତିଜ୍ଞ ରହିଛନ୍ତି। ମା'ଙ୍କୁ ଛାଡ଼ି ପିଲାଙ୍କୁ ପାକିସ୍ତାନ ଫେରିଯିବାକୁ ହେଉଥିବାରୁ ସୀମାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ଆକ୍ରମଣକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଦେଖାଦେଇଥିବାବେଳେ ଭାରତରେ ରହିଥିବା ପାକିସ୍ତାନୀଙ୍କ ଭିଜା ରଦ୍ଦ କରାଯାଇଥିଲା। ସାର୍କ ଭିଜାଧାରୀଙ୍କ ପାଇଁ ସମୟସୀମା ଏପ୍ରିଲ ୨୬ ରଖାଯାଇଥିଲାବେଳେ ମେଡିକାଲ ଭିଜାଧାରୀଙ୍କ ପାଇଁ ଏହା ଏପ୍ରିଲ ୨୯ ରହିଛି। ୧୨ ପ୍ରକାରର ସ୍ୱଳ୍ପମିଆଦୀ ଭିଜାଧାରୀଙ୍କୁ ରବିବାର ସୁଦ୍ଧା ଦେଶ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଏହା ପରେ ଯେଉଁମାନେ ରହିବେ, ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଯେଉଁମାନେ ଦୀର୍ଘମିଆଦୀ ବା କୂଟନୈତିକ ଭିଜା ପାଇଛନ୍ତି, ସେମାନଙ୍କୁ 'ଭାରତ ଛାଡ଼' ନିର୍ଦ୍ଦେଶନାମାରୁ ବାଦ୍ ଦିଆଯାଇଛି। ତଦନୁଯାୟୀ ଅଟ୍ଟାରୀ-ୱାଘା ସୀମା ଦେଇ ୨୫ ତାରିଖରେ ୧୯୧ ଜଣ ଏବଂ ୨୬ରେ ୮୧ ଜଣ ପାକିସ୍ତାନୀ ଭାରତ ଛାଡ଼ିଛନ୍ତି। ସେହିପରି ବର୍ତ୍ତମାନ ସୁଦ୍ଧା ପାକିସ୍ତାନରୁ ୧୪ ଜଣ କୂଟନୀତିଜ୍ଞ ଓ ଅଫିସରଙ୍କ ସମେତ ୮୫୦ ଜଣ ଭାରତୀୟ ଅନ୍ତର୍ଜାତୀୟ ସୀମା ଦେଇ ପାକିସ୍ତାନରୁ ପଳାଇଆସିଲେଣି।

ପଞ୍ଜାବ ସୀମା ଦେଇ ୧୧ ବର୍ଷୀୟ ଜୈନାବ ଏବଂ ୮ ବର୍ଷୀୟା ଜେନିଶଙ୍କୁ ପାକିସ୍ତାନ ପଠାଇଦିଆଯାଇଛି। ସେମାନେ ଦିଲ୍ଲୀରେ ସେମାନଙ୍କ ମାଆଙ୍କୁ ଛାଡ଼ି ଯାଉଥିବାରୁ ଦୁଃଖରେ ଭାଙ୍ଗିପଡ଼ିଥିବା ଦେଖାଯାଇଥିଲା। ମା'ଙ୍କୁ ଛାଡ଼ି ଯିବା ବହୁତ କଷ୍ଟ ବୋଲି ଜୈନାବ ଗଣମାଧ୍ୟମକୁ କାନ୍ଦିକାନ୍ଦି କହୁଥିବା ଦେଖାଯାଇଛି। ସେହିପରି ପାକିସ୍ତାନୀ ନାଗରିକ ସରିତା କନୱେରଙ୍କୁ ତାଙ୍କ ଭାରତୀୟ ନାଗରିକ ମା' ପ୍ରିୟା କନୱେରଙ୍କୁ ଛାଡ଼ିବାକୁ ପଡ଼ିଛି।

### ପ୍ରତ୍ୟାବର୍ତ୍ତନ କଲେଣି ୮୫୦ ଭାରତୀୟ




# ଓପିଏସ୍‌ସି, ଓଏସ୍‌ଏସ୍‌ସି ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି

**କଟକ,୨୭।୪(କାର୍ତ୍ତିକ ସାହୁ)**

- **ଉଭୟ ଆୟୋଗ ନିଜ ଆଡୁ ତ୍ରୁଟି ସ୍ୱୀକାର କଲେ**
- **ପରୀକ୍ଷାର୍ଥୀଙ୍କ ଅସନ୍ତୋଷ ପ୍ରକାଶ**

ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି) ଏବଂ ଓଡ଼ିଶା କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ୨ଟି ବଡ଼ ପ୍ରତିଯୋଗିତାମୂଳକ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ପରିଲକ୍ଷିତ ହୋଇଛି। ରବିବାର ଗୋଟିଏ ଦିନରେ ଏହି ୨ଟି ପରୀକ୍ଷାରେ ତ୍ରୁଟି ନେଇ ପରୀକ୍ଷାର୍ଥୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପରୀକ୍ଷା ସହ ସେମାନଙ୍କ ଭବିଷ୍ୟତ ଜଡ଼ିତ ଥିବାରୁ ଏଭଳି ତ୍ରୁଟି ଚିନ୍ତାର ବାହାରେ ବୋଲି ଅନେକ ପରୀକ୍ଷାର୍ଥୀ ମତ ଦେଇଛନ୍ତି। ଅପରପକ୍ଷେ ୨ଟି ପରୀକ୍ଷା ପରିଚାଳନା କରୁଥିବା ଉଭୟ ଆୟୋଗ ନିଜ ଆଡୁ ତ୍ରୁଟି ସ୍ୱୀକାର କରି ୱେବସାଇଟ୍ ଜରିଆରେ ପରୀକ୍ଷାର୍ଥୀମାନଙ୍କୁ ଅବଗତ କରାଇଥିବା କୁହାଯାଇଛି।

ସୂଚନାନୁସାରେ, ସିଭିଲ ସର୍ଭିସ ସେବା ମେନ-୨୦୨୩ର ଆନ୍ଥ୍ରୋପୋଲୋଜିର ୨ଟି ପେପର ପରୀକ୍ଷା ଥିଲା। ପୂର୍ବାହ୍ନ ୯ରୁ ୧୨ଟା ଯାଏ ଆନ୍ଥ୍ରୋପୋଲୋଜି ପ୍ରଥମ ପେପର ଏବଂ ଅପରାହ୍ନ ୨ଟାରୁ ୫ଟା ଯାଏ ଆନ୍ଥ୍ରୋପୋଲୋଜି ଦ୍ୱିତୀୟ ପେପର୍ ପରୀକ୍ଷା ଥିଲା। ପରୀକ୍ଷାର୍ଥୀମାନେ ପ୍ରଶ୍ନୋତ୍ତର ଶିଟ୍ ଖୋଲିବା ପରେ ପ୍ରଥମ ପେପର ପରୀକ୍ଷାରେ କିଛି ପ୍ରଶ୍ନ ଦ୍ୱିତୀୟ ପେପରରୁ ଆସିଥିଲା ଏବଂ ଦ୍ୱିତୀୟ ପେପର ପରୀକ୍ଷାରେ ପ୍ରଥମ ପେପର କିଛି ପ୍ରଶ୍ନ ଆସିଥିବା ଅଭିଯୋଗ କରିଛନ୍ତି। ଓପିଏସ୍‌ସି ପକ୍ଷରୁ ୱେବସାଇଟ୍‌ରେ ଅନ୍‌ଲାଇନ ନୋଟିସ ଜରିଆରେ ଏହି ତ୍ରୁଟି ସ୍ୱୀକାର କରାଯାଇଛି।

ସେହିପରି ଓଏସ୍‌ଏସ୍‌ସିର ଏକ୍ସାଇଜ୍ ଓ ଟ୍ରାଫିକ ଏସ୍‌ଆଇ ପଦବୀ ନିମନ୍ତେ ପରୀକ୍ଷା ହୋଇଥିଲା। ପରୀକ୍ଷାର୍ଥୀମାନେ ପରୀକ୍ଷାରେ ଆସିଥିବା ପ୍ରଶ୍ନକୁ ନେଇ ଅଭିଯୋଗ ଉଠାଇବା ପରେ ଆୟୋଗ ତ୍ରୁଟି ସ୍ୱୀକାର କରି ଦୁଃଖପ୍ରକାଶ କରିଛନ୍ତି। ଅନ୍‌ଲାଇନ୍ ନୋଟିସ ଜରିଆରେ କୁହାଯାଇଛି ଯେ, ଆୟୋଗ ଅବଗତ ହେଲେ ଯେ, ରବିବାର ଅନୁଷ୍ଠିତ ବିଭିନ୍ନ ପଦବୀର ମିଳିତ ପରୀକ୍ଷାର (ମୁଖ୍ୟ) ପ୍ରଶ୍ନପତ୍ରରେ ପାଠ୍ୟକ୍ରମର କିଛି ଅଂଶରୁ ପ୍ରଶ୍ନ ପଚରା ଯାଇ ନ ଥିଲା। ଆୟୋଗ ତ୍ରୁଟିକୁ ସ୍ୱୀକାର କରି ଦୁଃଖ ପ୍ରକାଶ କରିଛନ୍ତି ଏବଂ ପ୍ରତିକାରମୂଳକ ପଦକ୍ଷେପ ନେବାକୁ ପ୍ରତିବଦ୍ଧ। ଅବଶିଷ୍ଟ ଅଂଶ ଯଥା ସାଧାରଣ ଇଂଲିଶ, ଓଡ଼ିଆ ଭାଷା, ସାଧାରଣ ଅଧ୍ୟୟନର କିଛି ଅଂଶକୁ ଅନ୍ତର୍ଭୁକ୍ତ କରି ଆଉ ଏକ ପରୀକ୍ଷାର ବିକଳ୍ପ ଉପରେ ବିଚାର କରୁଛନ୍ତି। ପରୀକ୍ଷାରେ ଉପସ୍ଥିତ ପରୀକ୍ଷାର୍ଥୀମାନଙ୍କୁ ଆସନ୍ତା ମେ ୪ ତାରିଖ ୨୦୨୫ ପୂର୍ବରୁ ଆୟୋଗର ୱେବସାଇଟ୍ ଏବଂ ଇମେଲ ମାଧ୍ୟମରେ ପ୍ରତିକାରମୂଳକ ପଦକ୍ଷେପ ପାଇଁ ପରାମର୍ଶ ପ୍ରଦାନ କରିବାକୁ ଉତ୍ସାହିତ କରାଯାଉଛି ବୋଲି ନୋଟିସରେ ଦର୍ଶାଇଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ମାସ ୩୦ ତାରିଖରେ ଓପିଏସ୍‌ସି ଦ୍ୱାରା ପରିଚାଳିତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପରୀକ୍ଷା ଥିଲା। ଉକ୍ତ ପରୀକ୍ଷାରେ ୧୦୦ ନମ୍ବର ପ୍ରଶ୍ନ ବଦଳରେ ୯୪ ନମ୍ବର ପ୍ରଶ୍ନ ଆସିଥିଲା।

# କଣ୍ଟାବାଞ୍ଜିର ଯଶ୍ ଜୈନ ନିଟ୍ ସୁପର ସ୍ପେଶାଲିଟି ଟପ୍ପର


ଯଶ୍ ଜୈନ

**କଣ୍ଟାବାଞ୍ଜି,୨୭।୪(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିର ଯଶ୍ ଜୈନ ନିଟ୍ ସୁପର ସ୍ପେଶାଲିଟି ଏଣ୍ଟ୍ରାନ୍ସ ପରୀକ୍ଷା-୨୦୨୫ରେ ସର୍ବଭାରତୀୟ ସ୍ତରରେ ଟପ୍ପର ହୋଇଛନ୍ତି। ସେ ହେଉଛନ୍ତି କଣ୍ଟାବାଞ୍ଜି ଅଞ୍ଚଳର ବ୍ୟବସାୟୀ ସୁନୀଲ ଜୈନ ଓ ପୂଜା ଜୈନଙ୍କ ପୁଅ। ଯଶ୍ ମୁମ୍ବାଇର ଏକ ପ୍ରତିଷ୍ଠିତ ମେଡିକାଲ କଲେଜରୁ ଏମ୍‌ବିବିଏସ୍‌ରେ ୧୪୭(ନିଟ୍)ର ଡିଗ୍ରୀ ହାସଲ ପରେ ମହାରାଷ୍ଟ୍ର ନାଗପୁର ମେଡିକାଲ କଲେଜରେ ସାଧାରଣ ସର୍ଜରିରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ଯଶ୍‌ଙ୍କ ଏହି ସଫଳତା ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି। ବିଭିନ୍ନ ମହଲରୁ ଯଶ୍ ଓ ତାଙ୍କ ପରିବାରବର୍ଗଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

# ୧୦ ହଜାର ନଳକୂପରୁ ବାହାରୁଛି ଲୁଣିପାଣି

**କେନ୍ଦ୍ରାପଡ଼ାରେ ଜଳକଷ୍ଟ**

**କେନ୍ଦ୍ରାପଡ଼ା ଜିଲାରେ ଖରାତାତି ବଢ଼ିଚାଲିଛି। ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ୭ ନଦୀ ଶୁଖିଲା ପଡ଼ିଛି। ଜନଜୀବନ ପାଇଁ ପାଣି ନାହିଁ। ଜିଲା ପ୍ରଶାସନ ଜନଶୁଣାଣି ଶିବିରରେ ଏ ପ୍ରକାର ଅଭିଯୋଗ ବଢ଼ି ଚାଲିଛି। କେତେକ ସ୍ଥାନରେ ପାନୀୟ ଜଳ ପାଇଁ ଆନ୍ଦୋଳନ ହେଉଛି। ଉପକୂଳବର୍ତ୍ତୀ ଏହି ଜିଲାରେ ୧୭,୨୩୮ଟି ନଳକୂପ, ୩୩୧ ପାନୀୟ ଜଳ ପ୍ରକଳ୍ପ, ୧୮୧ ଓଭରହେଡ ଟାଙ୍କି ଜିଲାବାସୀଙ୍କ ପାନୀୟ ଜଳ ଯୋଗାଣ ପାଇଁ ରହିଥିବା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ତଥ୍ୟରେ ଉଲ୍ଲେଖ ଅଛି। ହେଲେ ଜିଲାବାସୀଙ୍କ ଶୋଷ ମେଣ୍ଟୁନାହିଁ। କାରଣ ୧୦ ହଜାରରୁ ଅଧିକ ନଳକୂପରୁ ଲୁଣିପାଣି ବାହାରୁଛି। କେନ୍ଦ୍ରାପଡ଼ାକୁ ରାଜ୍ୟର ଏକମାତ୍ର ଜଳ ସଙ୍କଟ ଜିଲା ଭାବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯାଇ ଜଳଶକ୍ତି ଅଭିଯାନ ମାଧ୍ୟମରେ ଭୂତଳ ଜଳ ରିଚାର୍ଜ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଏହାର ସୁଫଳ ଜିଲାବାସୀ ଅନୁଭବ କରୁନାହାନ୍ତି। କେନ୍ଦ୍ର ସରକାରଙ୍କ ୨୦୨୪ ସୁଦ୍ଧା ଦେଶର ସମସ୍ତ ଘରକୁ ପାଣି ଯୋଜନା ଏହି ଜିଲାରେ ଏବେବି ସ୍ୱପ୍ନ ହୋଇ ରହିଥିବା ମତ ମିଳିଛି।**


କେନ୍ଦ୍ରାପଡ଼ା ଜିଲା କଳପଡ଼ାଠାରେ ଲୁଣାନଦୀ ଶୁଖିବାରେ ଲାଗିଛି।

**କେନ୍ଦ୍ରାପଡ଼ା,୨୭।୪(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାରେ ୭ ନଦୀ ପ୍ରବାହିତ ହେଉଥିବା ସତ୍ତ୍ୱେ ଏଠାରେ ପାନୀୟ ଜଳ ସଙ୍କଟ ଏକ ମୁଖ୍ୟ ସମସ୍ୟା ହୋଇରହିଛି। କାରଣ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ବ୍ୟାରେଜ, ଶିଳ୍ପ, କ୍ଷେତ ୭ ନଦୀରୁ ଜଳ ଶୋଷୁଛି। ଫଳରେ ଜଳଧାରା ହ୍ରାସ ହୋଇଛି। ଏଥିଯୋଗୁ ଭୂତଳ ଜଳ ରିଚାର୍ଜ ହେବା ସମ୍ଭାବନା କମିଛି। ଅନ୍ୟପକ୍ଷରେ ସମୁଦ୍ର ତଟବର୍ତ୍ତୀ କେନ୍ଦ୍ରାପଡ଼ା ଜିଲା ହୋଇଥିବାରୁ ଭୂତଳ ଜଳ ଲୁଣି ହୋଇଯାଇଛି। ଗୋଟିଏ ନଳକୂପ ଖୋଳିଲେ ଅନ୍ୟୁନ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ସେଥିରୁ ଲୁଣି ପାଣି ବାହାରୁଛି।

ଜିଲାର ଗରଦପୁର ବ୍ଲକ ଅଞ୍ଚଳର ଭୂତଳ ଜଳସ୍ତର ପାନୀୟ ଜଳ ପାଇଁ ଅନୁପଯୁକ୍ତ ବୋଲି ରାଜ୍ୟ ଓ କେନ୍ଦ୍ର ଜଳସମ୍ପଦ ବିଭାଗ ରିପୋର୍ଟରୁ ସୂଚନା ମିଳିଛି। ସେହିପରି ଆଳି, ରାଜନଗର, ରାଜକନିକା ଅଞ୍ଚଳରେ କେନାଲ ନାହିଁ। ଏଠାରେ ଭୂତଳ ଜଳ ରିଚାର୍ଜ ହୋଇପାରୁ ନ ଥିବାରୁ ପାନୀୟ ଜଳ ଅଭାବ ଦେଖାଦେଇଛି। ଭୂତଳ ଜଳସ୍ତର ରିଚାର୍ଜ ପାଇଁ ୨୦୧୯ରେ ରାଜ୍ୟର ଏକମାତ୍ର କେନ୍ଦ୍ରାପଡ଼ା ଜିଲାକୁ ଜଳଶକ୍ତି ଅଭିଯାନରେ ସାମିଲ କରାଯାଇଛି। ଏହି ଅଭିଯାନରେ ପ୍ରତି ନଳକୂପରେ ସକିଂ ପାଇପ ପିଟ୍ ଫିଟିଂ, ବନୀକରଣ, ବର୍ଷାଜଳ ସଂରକ୍ଷଣ, ଜଳ ଉତ୍ସର ପୁନରୁଦ୍ଧାର ଆଦିକୁ ଗୁରୁତ୍ୱ ଦିଆଯାଇଛି। ତେବେ ଏହି ଅଭିଯାନ ଜିଲାର ପ୍ରଶାସନିକ ଅବହେଳା ଯୋଗୁ ଫେଲ୍ ମାରିଛି ବୋଲି ସାମାଜିକ କର୍ମୀ ପ୍ରତାପ ପାଢ଼ୀ, ବିଭୂତି ଭୂଷଣ ରାଉତ, ପ୍ରତାପ ରଞ୍ଜନ ତ୍ରିପାଠୀ, ଦେବାଶିଷ ସାମଲ, ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ କହିଛନ୍ତି।

ଅପରପକ୍ଷରେ ୨୦୨୫ ମାର୍ଚ୍ଚ ସୁଦ୍ଧା ଜିଲାର ୨,୯୧,୧୬୦ ପରିବାରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ନିମନ୍ତେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇ ପାରିଲାନାହିଁ। ତେବେ ମାତ୍ର ୩୩ ହଜାର ପରିବାର ଏଥିରୁ ଉପକୃତ ହୋଇଛନ୍ତି। ପାଇପ ଯୋଗେ ପାଣି ଯୋଗାଇବା ପାଇଁ ଜିଲାର ବିଭିନ୍ନ ସ୍ଥାନରେ ମେଗା ଉଠାଜଳ ପ୍ରକଳ୍ପ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ଆରମ୍ଭ ପୂର୍ବରୁ ଜମି ଓ ପରିବେଶ ସମ୍ପର୍କରେ ତଦନ୍ତ ହୋଇନାହିଁ। ଫଳରେ ମାର୍ଶାଘାଇ ବ୍ଲକ ମଣିକୁଣ୍ଡାଠାରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ଏନ୍‌ଜିଟି ମାମଲାରେ ଛନ୍ଦି ହୋଇଯାଇଛି। ନେତା ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଥିବା କୁହାଯାଉଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ନିକଟରେ ପାନୀୟ ଜଳ ଯୋଗାଣ ସମ୍ପର୍କରେ ବୈଠକ ହୋଇଥିଲା। ଗ୍ରାମାଞ୍ଚଳରେ ପାଇପ ପାଣି ସଂଯୋଗ ପାଇଁ ବିଭିନ୍ନ ପ୍ରକଳ୍ପ ପ୍ରକ୍ରିୟା ଜାରି ରହିଛି। ଖୁବ୍‌ଶୀଘ୍ର ସମସ୍ତଙ୍କ ଘରେ ପାନୀୟ ଜଳ ପାଇପ ମାଧ୍ୟମରେ ପହଞ୍ଚିବ ବୋଲି ସେ କହିଛନ୍ତି।

# ୧ ଯାଏ ବର୍ଷା, କମିବ ତାତି

**ଭୁବନେଶ୍ୱର,୨୭।୪(ଅନୁରାଧା ମହାରଣା)**

ରାଜ୍ୟରେ ଗରମ ଓ ଗୁଳୁଗୁଳି ଜାରି ରହିଥିବାବେଳେ କାଳବୈଶାଖୀ ବର୍ଷା ଆଶ୍ୱସ୍ତି ଦେଉଛି। ଝାରସୁଗୁଡାରେ ସର୍ବୋଚ୍ଚ ତାପମାତ୍ରା ୪୪.୮ ଡିଗ୍ରୀ ରେକର୍ଡ କରାଯାଇଥିଲେ ମଧ୍ୟ ବର୍ଷା ହେଉଥିବା ସ୍ଥାନରେ ତାପମାତ୍ରା ହ୍ରାସ ପାଇଛି। କଳାହାଣ୍ଡି ଜୟପାଟନାରେ ୮ ସେ.ମି., ନୂଆପଡ଼ାରେ ୭, ନବରଙ୍ଗପୁରର ରାଇଗଡ଼, ମୟୂରଭଞ୍ଜର ମୁରୁଡା, ବେତନଟ ଓ ନବରଙ୍ଗପୁର ଜିଲାର ପାପଡ଼ାହାଣ୍ଡିରେ ୫ ସେ.ମି. ଲେଖାଏ ବର୍ଷା ହୋଇଛି। ତେବେ ମେ' ୧ ଯାଏ ବିଭିନ୍ନ ଜିଲାରେ ଘଡ଼ଘଡ଼ି, ବିଜୁଳି ଓ କୁଆପଥର ସହ ବର୍ଷା ହେବାର ସମ୍ଭାବନା ଥିବାରୁ ତାପମାତ୍ରା କ୍ରମଶଃ ହ୍ରାସ ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି।

ମିଳିଥିବା ସୂଚନାନୁସାରେ, ରବିବାର ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସର୍ବାଧିକ ତାପମାତ୍ରା ପ୍ରାୟ ୨-୪ ଡିଗ୍ରୀ ହ୍ରାସ ପାଇଛି। ତେବେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୪ ଡିଗ୍ରୀ ଓ ଉପକୂଳ ଓଡ଼ିଶାର କିଛି ଜିଲାରେ ସ୍ୱାଭାବିକଠାରୁ ପ୍ରାୟ ୨-୩ ଡିଗ୍ରୀ ଅଧିକ ରହିଥିବାବେଳେ ଆଭ୍ୟନ୍ତରୀଣ ଓଡ଼ିଶା ସମେତ ଅନ୍ୟ କେତେକ ଜିଲାରେ ତାପମାତ୍ରା ସ୍ୱାଭାବିକ ରହିଥିଲା। ଅନ୍ୟପକ୍ଷରେ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର ବଲାଙ୍ଗୀର ଜିଲାର କିଛି ସ୍ଥାନରେ ଉଷ୍ମ ରାତି ଅନୁଭୂତ ହୋଇଥିଲା।

ସୋମବାର ଅପରାହ୍ନରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଗଜପତି, ଗଞ୍ଜାମ, ରାୟଗଡ଼ା ଓ କୋରାପୁଟ ଆଦି ଜିଲାରେ ଘଣ୍ଟା ପ୍ରତି ୫୦ରୁ ୬୦ କି.ମି. ବେଗରେ ପବନ ବହିବା ସହ ଘଡ଼ଘଡ଼ି, ବିଜୁଳି ଓ କୁଆପଥର ସହ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ଜିଲାଗୁଡ଼ିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ମାଲକାନଗିରି ଆଦି ଜିଲାରେ ଅପରାହ୍ନରେ ଝଡ଼ବର୍ଷାର ସମ୍ଭାବନା ରହିଛି। ଏହିସବୁ ଜିଲାଗୁଡ଼ିକରେ ଘଣ୍ଟାପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବା ସହ ବିଜୁଳି ଓ ଘଡ଼ଘଡ଼ିର ସମ୍ଭାବନା ଥିବାରୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଜୋଲାପୁଟ ରିଜର୍ଭୟର ଚମ୍ପାପୁଟ ଘାଟରେ ଡଙ୍ଗା ବୁଡ଼ି ଯୁବକ ମୃତ

**ମୃତଦେହ ଜବତ କଲା ଅଗ୍ନିଶମ ବିଭାଗ**


ବଳରାମ ଡୁରୁ

**ନନ୍ଦପୁର,୨୭।୪ (ତୁଷାରକାନ୍ତ ମହାନ୍ତି)**

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ପାଛଲୁଙ୍ଗ ପଞ୍ଚାୟତର ଜୋଲାପୁଟ ରିଜର୍ଭୟର ଚମ୍ପାପୁଟ ଘାଟରେ ଡଙ୍ଗା ବୁଡ଼ି ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅଗ୍ନିଶମ ବିଭାଗ ରବିବାର ସକାଳୁ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ଚମ୍ପାପୁଟ ଗ୍ରାମର ବଳରାମ ଡୁରୁ(୪୧)।

ସୂଚନା ଅନୁଯାୟୀ, ବଳରାମ ଶନିବାର ରାତିରେ ଜୋଲାପୁଟ ରିଜର୍ଭୟର ମଧ୍ୟକୁ ମାଛ ଧରିବାକୁ ଯାଇଥିଲେ। ଅସାବଧାନତାରୁ ଡଙ୍ଗା ବୁଡ଼ିଯିବାରୁ ସେ ନିଖୋଜ ରହିଥିଲେ। ରାତିରେ ଘରକୁ ନ ଆସିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଏହାପରେ ଡଙ୍ଗା ପାଣିରେ ଭାସୁଥିବା ଓ ବଳରାମ ନିଖୋଜ ଥିବା ନେଇ ତାଙ୍କ ସାନଭାଇ କୃଷ୍ଣଚନ୍ଦ୍ର ଡୁରୁ ପାଡୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ସୂଚନା ଅନୁସାରେ ନନ୍ଦପୁର ଅଗ୍ନିଶମ ବାହିନୀ ଓଆଇସି ଚିତ୍ତରଞ୍ଜନ ପାଙ୍ଗିଆ, ଗାଡ଼ି ଚାଳକ ଦିଲେଶ୍ୱର ସିଠିଆ, ଫାୟାରମ୍ୟାନ୍ ରଞ୍ଜନ ମଲ୍ଲିକ ଓ ବିଷ୍ଣୁପ୍ରସାଦ ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ୩ ଘଣ୍ଟାର ଉଦ୍ୟମ ପରେ ଜଳଭଣ୍ଡାରରୁ ବଳରାମଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପାଡୁଆ ପୋଲିସ ୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ଅଶୋକ ବିଷୋୟୀ ସୂଚନା ଦେଇଛନ୍ତି। ସ୍ଥାନୀୟ ସରପଞ୍ଚ ପୂଜା ଖିଲ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି।

# ଭୁବନେଶ୍ୱର ଛାଡ଼ିଲେ ପାକିସ୍ତାନୀ ମହିଳା

**ଭୁବନେଶ୍ୱର,୨୭।୪(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ବିଜେବିନଗରରେ ରହୁଥିବା ପାକିସ୍ତାନୀ ମହିଳା ନଗମା ୟୁସୁଫ୍(୫୫) ରବିବାର ପାକିସ୍ତାନ ଅଭିମୁଖେ ଯାତ୍ରା କରିଛନ୍ତି। ପୋଲିସ ପକ୍ଷରୁ ତାଙ୍କୁ ନୋଟିସ ହୋଇଥିବାବେଳେ ସେ ରବିବାର ପୂର୍ବାହ୍ନରେ ଘର ଛାଡ଼ିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ମହମ୍ମଦ ନିଜାମୁଦ୍ଦିନଙ୍କୁ ନଗମା ୨୦୦୮ରେ ପ୍ରେମ ବିବାହ କରି ଭିଜା ନେଇ ଭୁବନେଶ୍ୱରରେ ପରିବାର ସହ ରହୁଥିଲେ। ୨୦୨୪ରେ ତାଙ୍କର ଭିଜା ଅବଧି ଶେଷ ହୋଇଥିଲା। ଏହାପରେ ସେ ଭିଜିଟର୍ସ ଭିଜାରେ ରହୁଥିଲେ ମଧ୍ୟ ଏହାର ଅବଧି ଗତ ଫେବୃଆରୀରେ ଶେଷ ହୋଇଯାଇଛି। ଭିଜା ନବୀକରଣ କରି ମିଆଦ ବୃଦ୍ଧି ପାଇଁ ମଧ୍ୟ ସେ ଆବେଦନ କରିଥିଲେ। ତେବେ ଗତ ୨୨ତାରିଖରେ କଶ୍ମୀର ପହଲ୍‌ଗାମ୍‌ଠାରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ପାକିସ୍ତାନ ନାଗରିକଙ୍କୁ ୪୮ ଘଣ୍ଟାରେ ଦେଶ ଛାଡିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ। ଏହାପରେ ନଗମା ଏକ୍‌ଜିଟ ପରମିଟ୍ ପାଇଁ ଆବେଦନ କରିଥିଲେ। କମିଶନରେଟ୍ ପୋଲିସ ତାଙ୍କ ଆବେଦନ ଗ୍ରହଣ କରିବା ସହ ଦେଶ ଛାଡ଼ିବାକୁ ନୋଟିସ୍ କରିଥିଲା।

DADLS-
ଓଡ଼ିଶା ସରକାର



**ଉତ୍କଳଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ**
ତାରିଖ -୨୮ ଅପ୍ରେଲ ୨୦୨୫

ସକାଳ- ଘ.୯.୪୫ ମିନିଟ୍ ସମୟରେ ରାଜଭବନ ଛକ, ଭୁବନେଶ୍ୱରସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ସକାଳ ୧୦ ଘଟିକା- ଓଡ଼ିଶା ବିଧାନସଭା ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ବାଚସ୍ପତି, ମନ୍ତ୍ରୀ ତଥା ବିଧାୟକମାନଙ୍କ ଦ୍ୱାରା ମାଲ୍ୟାର୍ପଣ।


ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

-ମୁଖ୍ୟ ଅତିଥି-
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
-ସମ୍ମାନନୀୟ ଅତିଥି-
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଏକାମ୍ର-ଭୁବନେଶ୍ୱର
ଶ୍ରୀଯୁକ୍ତ ଗୋଲକ ପ୍ରସାଦ ମହାପାତ୍ର
ଉପଦେଷ୍ଟା, ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନ୍
-ମୁଖ୍ୟବକ୍ତା-
ଶ୍ରୀଯୁକ୍ତ ଦାଶ ବେନହୁର
ବିଶିଷ୍ଟ ସାହିତ୍ୟିକ ଏବଂ ସ୍ତମ୍ଭକାର

ସଭା ପରେ ଲାବଣ୍ୟ ଥିଏଟର, ଭୁବନେଶ୍ୱରର କଳାକାରମାନଙ୍କ ଦ୍ୱାରା ନାଟକ 'ନିଶୀଥ ସୂର୍ଯ୍ୟ' ପରିବେଷଣ।

ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁଯାୟୀ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭାଜପାର ଜନମାରଣ ନୀତି ବିରୋଧରେ ସିପିଆଇର ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ରାଜ୍ୟ ସେଣ୍ଟ୍ରାଲ ବ୍ୟାଙ୍କ ସେବା ନିବୃତ୍ତ ସଂଘ ବୈଠକ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭୁବନେଶ୍ୱର ବାର୍ ଆସୋସିଏଶନ ପକ୍ଷରୁ ଓକିଲ ଦିବସ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଇଏମ୍ ପ୍ୟାରେଣ୍ଟ୍ସ ଆସୋସିଏଶନ ପକ୍ଷରୁ ଅଭିଯୋଗ ପତ୍ର ପ୍ରଦାନ, ସ୍ଥାନ: ଇଓଡବ୍ଲ୍ୟୁ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ, ସଂସ୍କୃତି ଓ ସଂସ୍କୃତି ଏବଂ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୀତା ବିବାହ ଦିବସ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## କଟକ

- ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ପକ୍ଷରୁ ମଧୁ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳନ, ସ୍ଥାନ: ମଧୁସୂଦନ ପାର୍କ, ତୁଳସୀପୁର, ସମୟ: ସକାଳ ୬ଟା ୩୦।
- ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ମଧୁବାବୁଙ୍କ ସମାଧିପୀଠରେ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: ଗୋରାକବର, ସମୟ: ସକାଳ ୭ଟା।
- ହାଇକୋର୍ଟ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଆଇନଜୀବୀ ଦିବସ ପାଳନ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ସକାଳ ୯ଟା ୩୦।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସିପିଆଇର କଟକ ଜିଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ୪ର୍ଥ ପ୍ରତିଷ୍ଠା ଦିବସ, ସ୍ଥାନ: ବିଶ୍ୱବିଦ୍ୟାଳୟର ପୁଷ୍ପଗିରି ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାଜନେତା ଶାକ୍ୟସିଂହ ମିଶ୍ରଙ୍କ ଉଦ୍ଦେଶ୍ୟରେ ସର୍ବଦଳୀୟ ଶୋକସଭା, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ସନ୍ଧ୍ୟା ୬ଟା।
- ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ମଧୁସୂଦନ ସାଂସ୍କୃତିକ ପରିଷଦ, ସତ୍ୟଭାମାପୁର ମିଳିତ ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜୟନ୍ତୀ ସମାରୋହ, ସ୍ଥାନ: ସତ୍ୟଭାମାପୁର, ସମୟ: ସନ୍ଧ୍ୟା ୬ଟା ୩୦।
- ନୀଳଚକ୍ର ମର୍କତନଗର ଶାଖାର ୧୯ତମ ବାର୍ଷିକ ଉତ୍ସବ ଓ ମଧୁ ଜୟନ୍ତୀ, ସ୍ଥାନ: ମଙ୍ଗଳା ମନ୍ଦିର ପ୍ରାଙ୍ଗଣ, ସିଡିଏ ସେକ୍ଟର-୭ ସରକାରୀ ବିଦ୍ୟାଳୟ ନିକଟ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ରାଜ୍ୟସ୍ତରୀୟ ସ୍ୱାଭିମାନ ଦିବସ ସମାରୋହ, ସ୍ଥାନ: ମହାପାତ୍ର ହାଇସ୍କୁଲ, ରୂପସା, ସମୟ: ଦିବସବ୍ୟାପୀ।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୭ଟା ୩୦।
- ସମନ୍ୱିତ ଶିଶୁ ବିକାଶ ଯୋଜନା ପକ୍ଷରୁ ପୋଷଣ ଦିବସ ପାଳିତ, ସ୍ଥାନ: ବ୍ଲକ ସଭା ଗୃହ, ବାଲିଆପାଳ, ସମୟ: ସକାଳ ୮ଟା।
- ମଧୁବାବୁ ଜୟନ୍ତୀ ଉତ୍ସବ, ସ୍ଥାନ: ବାର ହଲ୍-୨, କଚେରୀ ପରିସର, ବାଲେଶ୍ୱର, ସମୟ: ସକାଳ ୯ଟା।
- ସାହିତ୍ୟ ପତ୍ରିକା 'ସାଗରିକା' ଓ ଗଳ୍ପ ସଙ୍କଳନ 'ମୁଠାଏ ସ୍ୱପ୍ନ'ର ଉନ୍ମୋଚନ ଉତ୍ସବ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ସେବା ସଂସ୍ଥା ପକ୍ଷରୁ ସ୍ୱାଭିମାନ ଦିବସ ପାଳିତ, ସ୍ଥାନ: ଜଗନ୍ନାଥ ସେବା ସଂସ୍ଥା ପରିସର, ବାଲିଆପାଳ, ସମୟ: ଅପରାହ୍ନ ୪ଟା।
- ରାଜ୍ୟସ୍ତରୀୟ ଶିଶୁ ନାଟକ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।
- ବାର୍ଷିକ ଉତ୍ସବ 'ସାଇ ଫେଷ୍ଟ'ର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ସତ୍ୟସାଇ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ କ୍ୟାମ୍ପସ, ଶ୍ରୀକୋଣା, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ପୁରୁଣାକୋର୍ଟ ପରିସର, ଭଦ୍ରକ, ସମୟ: ସକାଳ ୮ଟା।
- ବେଳାଭୂମି ସାହିତ୍ୟ ଓ ପ୍ରତିଭା ପୂଜା ପରିଷଦର ବାର୍ଷିକ ସମାରୋହ ଓ ମୁଖପତ୍ର ଉନ୍ମୋଚନ ଉତ୍ସବ, ସ୍ଥାନ: ରାଣୀ କୈଳାସ ଶିଖର କଲ୍ୟାଣ ମଣ୍ଡପ, ବାସୁଦେବପୁର, ସମୟ: ସକାଳ ୯ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ମହାବୀରଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ମିଶ୍ରପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।
- ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବ ୪ର୍ଥ ସନ୍ଧ୍ୟା, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ମା' ମଙ୍ଗଳା ମନ୍ଦିରର ପ୍ରତିଷ୍ଠା ଉତ୍ସବରେ କଳସ ଯାତ୍ରା, ସୂର୍ଯ୍ୟପୂଜା, ରତ୍ନମୁଦ, ସ୍ଥାନ : ଅସିଆ, ଛେନାପଦି, ସମୟ: ସକାଳ ୮ ଟା।

## ମୟୂରଭଞ୍ଜ

- ରାଇରଙ୍ଗପୁର ସହିତ ମୟୂରଭଞ୍ଜ ରେଡ୍ ଟିମ୍‌ର କ୍ରିକେଟ ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ:ସକାଳ ୭ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ ବାରିପଦା,ସମୟ: ସକାଳ ୮ଟା।
- ଆମେ- ୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ସକାଳ ୯ଟା।
- ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ, ସ୍ଥାନ: ଉଦଳା ଓକିଲ ସଂଘ ସଭାଗୃହ, ସମୟ: ସକାଳ ୯ଟା। ।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ,ସମୟ: ଅପରାହ୍ନ ୩ଟା।

## ଢେଙ୍କାନାଳ

- ରାଜ୍ୟସ୍ତରୀୟ ମଧୁ ଜୟନ୍ତୀ, ସ୍ଥାନ: ଜିଲା ସିଭିଲ କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଓଡାପଡା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା

## ଜଗତ୍‌ସିଂହପୁର

- ପାରାଦୀପ ପୌରପରିଷଦ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ, ସ୍ଥାନ: ଦୋଛକି, ପାରାଦୀପ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ଗରଦପୁର, ସମୟ: ସକାଳ ସାଢେ ୮ଟା।
- ପଦ୍ମଶ୍ରୀ ବଳିଆ ବାବାଙ୍କ ଆର୍ଶିବଚନ, ସ୍ଥାନ: ଅନନ୍ତ ବଳିଆ ସେବାଶ୍ରମ, କନ୍ତିଆ, ଢ଼ୋଲ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ରାଜ୍ୟସ୍ତରୀୟ ବିରଜାକ୍ଷେତ୍ର ଫେଷ୍ଟିଭାଲ, ସ୍ଥାନ : ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ : ସନ୍ଧ୍ୟା ୬ଟା।
- ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ : ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ମଧୁସୁଦନ ଦାସଙ୍କ ଜୟନ୍ତୀ ପାଳନ ସମାରୋହ, ସ୍ଥାନ : ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ଯାଜପୁର ଜିଲା ଟ୍ୟାକ୍ସ ବାର ଆସୋସିଏଶନ ପକ୍ଷରୁ ଜିଲାସ୍ତରୀୟ ଆଇନଜୀବୀ ଦିବସ, ସ୍ଥାନ : ଯାଜପୁର ରୋଡ କେଏନଡିଏ ସେଲିବ୍ରେଶନ ମଣ୍ଡପ, ସମୟ : ପୂର୍ବାହ୍ନ ସାଢେ ୧୧ଟା।

## ନୟାଗଡ଼

- ଗଣିଆ ଲଙ୍କାପୋଡ଼ି ମହୋତ୍ସବରେ ଲକ୍ଷ୍ମଣ ଶକ୍ତି ଭେଦ ଓ ବୀରବାହୁ ବଧ, ସ୍ଥାନ: ଗଣିଆ ଯାତ୍ରା ପଡ଼ିଆ, ସମୟ:ରାତି ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ:ଗଣିଆ ବ୍ଲକ୍ କାର୍ଯ୍ୟାଳୟ, ସମୟ: ସକାଳ ସାଢ଼େ ୭ଟା।
- ନୀଳମାଧବଙ୍କ ଚନ୍ଦନ ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା ।

## ରାୟଗଡ଼ା

- ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ,ପଦ୍ମପୁର , ସମୟ: ପୂର୍ବାହ୍ନ ୧୦ଟା।
- ଓକିଲ ସଂଘ ପକ୍ଷରୁ ମଧୁସୁଦନ ଦାସଙ୍କ ଜୟନ୍ତୀ ପାଳନ, ସ୍ଥାନ: ଗୁଣପୁର କୋର୍ଟ ପରିସର, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପାପଡାହାଣ୍ଡି ବ୍ଲକ୍ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳନ, ସ୍ଥାନ: ନବରଙ୍ଗପୁର ଜିଲା ଦୌରା ଜଜ୍ ଅଦାଲତ ପରିସର, ସମୟ: ୧୧ ଟା ୩୦ ।
- ଜିଲା ଓକିଲ ସଂଘର ନବନିର୍ମିତ କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ନବରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ, ସମୟ: ଅପରାହ୍ନ ୫ଟା।

## କୋରାପୁଟ

- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଥୁବା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: କେବିଡି ପଞ୍ଚାୟତ କାର୍ଯ୍ୟାଳୟ, ଜୟପୁର, ସମୟ: ସକାଳ ୭ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ସର୍ଗିଗୁଡ଼ା ପଞ୍ଚାୟତ, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପଥ ସଞ୍ଚାଳନ କାର୍ଯ୍ୟକ୍ରମ, ସ୍ଥାନ: ନାଲକୋ ଟାଉନଶିପରୁ ମାଥାଲପୁଟ ହାଟପଦା, ସମୟ: ଅପରାହ୍ନ ୩ଟା ୩୦।
- ରଥ ଯାତ୍ରା ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ପୌରସଭାଗୃହ, ଜୟପୁର, ସମୟ: ଅପରାହ୍ନ ୪ଟା।

## ମାଲକାନଗିରି

- ରକ୍ତଦାନ, ସ୍ୱାସ୍ଥ୍ୟ ପରୀକ୍ଷା ଓ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଜିଲାକୋର୍ଟ ପରିସର, ମାଲକାନଗିରି, ସମୟ: ସକାଳ ୮ଟା ୪୫।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଶନିଶ୍ଚର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ : ବିଶାଳଖିଣ୍ଡା ଗ୍ରାମ, ସମୟ : ସକାଳ ୮ଟା।
- ପଶ୍ଚିମ ଓଡ଼ିଶା ବ୍ରାହ୍ମଣ ସମାଜର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ହନୁମାନ ଜୟନ୍ତୀ ସମନ୍ୱୟ ସମିତି ଆୟୋଜିତ ବିକ୍ଷୋଭ କାର୍ଯ୍ୟକ୍ରମ, ସ୍ଥାନ : ଜିଲାପାଳ ଅଫିସ ସମ୍ମୁଖ, ସମୟ : ପୂର୍ବାହ୍ନ ୧୦ଟା।
- ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କୁ ନାଗରିକ ସମ୍ବର୍ଦ୍ଧନା, ସ୍ଥାନ : ଗୋଶାଳ ଛକ, ସମୟ : ଅପରାହ୍ନ ୫ଟା ୧୫।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ରବିଙ୍କ ରାଶ୍ୟାବସ୍ଥାନ ହେତୁ ଦୂରସ୍ଥ ସନ୍ତାନଙ୍କ ପାଇଁ ମନ ଉଦ୍‌ବେଗ ରହିପାରେ। ମାନସିକ ଅସ୍ଥିରତାଜନିତ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେବ। ମାଙ୍ଗଳିକ କାମର ତତ୍ପରତା ସାଙ୍ଗକୁ ପାରିବାରିକ କେତେକ ସମସ୍ୟାକୁ କେନ୍ଦ୍ର କରି ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହେବ। ରଚନାତ୍ମକ କାର୍ଯ୍ୟ,ସାହିତ୍ୟ ଚର୍ଚ୍ଚା ଓ ଚଳଚ୍ଚିତ୍ର ସମ୍ବନ୍ଧୀୟ ସମସ୍ୟା ସୁଧୁରିଯିବ।

**ବୃଷ** ବୃହସ୍ପତିଙ୍କ ପ୍ରଭାବରେ ନୂତନ ଯୋଜନା କରିବା ସକାଶେ ମନ ବଳାଇବେ। କିନ୍ତୁ ଅସ୍ତଗତ ଚନ୍ଦ୍ରଜନିତ କର୍ମ କ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ପରିବହନ, ପ୍ରଶାସନ ଓ ପ୍ରକାଶନ, ଆନୁଷ୍ଠାନିକ କାମ ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ସମ୍ପନ୍ନ ହେବ। ଆର୍ଥିକ ସଙ୍କଟ ଦୂରେଇବାରେ ବନ୍ଧୁଙ୍କ ସାହାଯ୍ୟ ଲାଭ କରିପାରନ୍ତି।

**ମିଥୁନ** କର୍ମଭାବରେ ରାଜଯୋଗ ହେତୁ ବହୁତ ଦିନରୁ ମନରେ ଚିନ୍ତା କରିଥିବା କାମଟିକୁ ଆଜି ସମ୍ପନ୍ନ କରିବେ। ଚନ୍ଦ୍ରଙ୍କ ପ୍ରଭାବରୁ ସାଧାରଣ ଯୁକ୍ତିତର୍କ ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବାଣିଜ୍ୟ, ପ୍ରଶାସନ, ସାହିତ୍ୟ ଚର୍ଚ୍ଚା ତଥା ସଙ୍ଗୀତ ଆସରରେ ନିଜକୁ ହଜାଇ ଦେବେ। ଆର୍ଥିକ ଅନଟନ ଯୋଗୁ ପାରିବାରିକ ଜୀବନ କଷ୍ଟପ୍ରଦ ହେବ।

**କର୍କଟ** ମନଖୋଲା କଥା ମାଧ୍ୟମରେ ପରିବାର ଭିତରେ ସୌହାର୍ଦ୍ଦ୍ୟତା ଫେରିଆସିବାର ସମ୍ଭାବନା ରହିଛି। ଦେବଦର୍ଶନ ଓ ଭ୍ରମଣ ସାଙ୍ଗକୁ କୌଣସି ଜିନିଷ କିଣିବାକୁ ମନ ବଳାଇବେ। ଭାଇଙ୍କ ଅଭାବ ଅସୁବିଧାକୁ କେନ୍ଦ୍ରକରି ମନ ଅଶାନ୍ତ ରହିପାରେ। କର୍ମକ୍ଷେତ୍ରରେ ବନ୍ଧୁ ନିଜ କାମ ହାସଲ କରିବା ସକାଶେ ଆପଣଙ୍କୁ ଅସ୍ତ୍ର ରୂପେ ବ୍ୟବହାର କରିପାରନ୍ତି।

**ସିଂହ** ବଳହୀନ ଚତୁର୍ଥାଧିପ ଯୋଗୁ କେତେକ ଆକସ୍ମିକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିପାରେ। ଆଜି ସକାଳୁ ଭାଇ, ଭଉଣୀ କିମ୍ବା ପଡୋଶିନୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି। ଆମଦାନୀ କାରବାର, ପରିବହନ, ଷ୍ଟେସନେରୀ କିମ୍ବା ଫଳ ଦୋକାନୀ ବିଶେଷ ଭାବେ ଲାଭବାନ ହୋଇପାରନ୍ତି।

**କନ୍ୟା** ଏକାଧିକ ଗ୍ରହ ରାଶିକୁ ଦେଖୁଥିବାରୁ ସମସ୍ତ କାମ ସୁବିଧାରେ ସମ୍ପନ୍ନର ପରିବେଶ ସୃଷ୍ଟି ହେବ। ଦେବଗୁରୁ ସ୍ୱ ସ୍ଥାନରୁ ଷଷ୍ଠସ୍ଥ ଯୋଗୁ ପାରିବାରିକ କ୍ଷେତ୍ରରେ ଅନାଦର ପାଇପାରନ୍ତି। ମନର ଅକୁହା କଥା ସାଙ୍ଗକୁ କେତେକ ଅପୂରଣୀୟ ଆଶା ମନରେ ଦୁଃଖ ଦେବ। କର୍ମକ୍ଷେତ୍ରରେ ଅବେହଳା ଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି।

**ତୁଳା** ଯାହା ଆଜି ପର୍ଯ୍ୟନ୍ତ ପାଉ ନ ଥିଲେ ତାହା ପାଇ ମନ ଏକବାର ଖୁସି ହୋଇଯିବ। ଗୁରୁଙ୍କ ବିପରୀତ ରାଜଯୋଗ ପ୍ରଭାବଜନିତ ଶତ୍ରୁତା କରୁଥିବା ଲୋକଠାରୁ କାମ ହାସଲ କରିନେବେ। ବନ୍ଧୁଗହଣରେ ଆଲୋଚନା କ୍ଷେତ୍ରରେ ଭୁଲ୍ ବୁଝାମଣା ବୃଦ୍ଧି ପାଇବା କାରଣରୁ ସମସ୍ୟା ବଢିପାରେ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

**ବିଛା** ବ୍ୟୟଭାବସ୍ଥ ଗ୍ରହଦୃଷ୍ଟିରୁ ଆଜିର ଯାତ୍ରା ମଙ୍ଗଳମୟ ହେବ ଓ ଲକ୍ଷ୍ୟ ହାସଲ କରିବାରେ କୌଣସି ଅସୁବିଧା ହେବ ନାହିଁ। ସହକର୍ମୀଙ୍କ ତରଫରୁ କୌଣସି ସମସ୍ୟା ମନଟାକୁ ଗୋଳମାଳିଆ କରିଦେବାର ଆଶଙ୍କାକୁ ଏଡିହେବ ନାହିଁ। ପରୋକ୍ଷ ଭାବେ ଆପଣଙ୍କ ଶତ୍ରୁମାନେ ସମସ୍ୟା ସୃଷ୍ଟି କରିବା ସକାଶେ ଯୋଜନା କରିପାରନ୍ତି।

**ଧନୁ** ଆଜି ନୂତନ ସ୍ଥାନ ପରିଦର୍ଶନ ସାଙ୍ଗକୁ କ୍ରୀଡା ଓ ମନୋରଞ୍ଜନ କାର୍ଯ୍ୟରେ ନିଜକୁ ମଜାଇ ରଖିପାରନ୍ତି। ଉପରିସ୍ଥ କର୍ମଚାରୀଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବଢ଼ିବ। ପିଲାଙ୍କ ସଫଳତାରେ ଆନନ୍ଦିତ ହେବେ। ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ସହ ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଆସିପାରେ।

**ମକର** ପାରିବାରିକ ସ୍ତରରେ ଭୁଲ ବୁଝାମଣା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ସ୍ଥଗିତ କାମରେ ଚେଷ୍ଟା ସଫଳ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ନିଜର କିଛି କାମ କରାଇନେବା ସକାଶେ ଜିଦ୍‌ଖୋର ପ୍ରକୃତିରୁ ଅନର୍ଥ ସୃଷ୍ଟି ହେବ। ଅନ୍ତରଙ୍ଗ ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ଅନୁଭବ କରି ଦୁଃଖପ୍ରକାଶ କରିପାରନ୍ତି।

**କୁମ୍ଭ** ଆଜି ଏକାଧାରରେ ଅର୍ଥ, ସମ୍ମାନ ଓ ପ୍ରଶଂସା ପାଇ ଉଲ୍ଲସିତ ହେବେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବା କାରଣରୁ ମନ ଭଲ ରହିବ ନାହିଁ। କ୍ରୀଡା, ସଙ୍ଗୀତ, ସାହିତ୍ୟରେ ସମସ୍ୟା ସମାଧାନ ହେବ। ପରୋକ୍ଷ ଶତ୍ରୁତା କାରଣରୁ ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିଲେ ମଧ୍ୟ ଆପଣଙ୍କୁ କିଛି ଫରକ ପଡିବନାହିଁ।

**ମୀନ** ନିଜର କିଛି ଅସୁବିଧା ନ ଥିଲେ ମଧ୍ୟ ଅନ୍ୟମାନଙ୍କ ଅସୁବିଧା ସୁଧାରିବାକୁ ନେଇ ମନ ଉଦ୍‌ବେଗ ରହିବ। ବନ୍ଧୁଙ୍କ ପରାମର୍ଶରେ ବିଭିନ୍ନ ଯୋଜନା କରି ପରିସ୍ଥିତିକୁ ସୁଧାରି ନେବାର ପ୍ରଯତ୍ନ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି ହେବନି। ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ଘଟିବ।

ଆଜି ଏପ୍ରିଲ ୨୮ ତାରିଖ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ, ଓକିଲ ଦିବସ, ବୈଶାଖ ଶୁକ୍ଳ ପ୍ରତିପଦା ସୋମବାର, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୩ମି. ଗତେ, ଘ.୦୬।୫୮ମି. ମଧ୍ୟେ, ଘ.୧୦।୨୮ ମି. ଗତେ, ଘ.୦୧।୦୦ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୬।୫୮ ମି. ଗତେ, ଘ. ୦୮।୩୩ ମି. ମଧ୍ୟେ ରାହୁକାଳ।

# କୋଲକାତାରେ କାଳବୈଶାଖୀ, ଭୁବନେଶ୍ୱରରେ ଅବତରଣ କଲା ୮ ବିମାନ

**ଭୁବନେଶ୍ୱର,୨୭।୪(ଅନୁରାଧା ମହାରଣା)**

**ଦୁଇ ବିମାନ ଅଟକି ରହିବାରୁ ଉତ୍ତେଜନା**

କୋଲକାତାରେ ଶନିବାର କାଳବୈଶାଖୀଜନିତ ବର୍ଷା ପବନ ହୋଇଥିଲା। ପାଗ ଖରାପ ଯୋଗୁ ଦିଲ୍ଲୀରୁ କୋଲକାତା ଯାଉଥିବା ୮ ବିମାନ ବିଳମ୍ବିତ ରାତିରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଥିଲା। ପରେ ୬ଟି ବିମାନ କୋଲାକତା ଉଡାଣ ଭରିଥିବାବେଳେ ଅନ୍ୟ ୨ଟି ବିମାନ ଯାଇପାରି ନ ଥିଲା। ଫଳରେ ଏହି ୨ଟି ବିମାନରେ ଥିବା ପ୍ରାୟ ୨୯୮ଜଣ ଯାତ୍ରୀ ଭୁବନେଶ୍ୱରରେ ଅଟକି ରହିଥିଲେ। ଏପରିକି ପାଗ ସ୍ୱାଭାବିକ ହେବାର ୧୨ ଘଣ୍ଟା ପରେ ବି ବିମାନ ଦ୍ୱୟ ଉଡାଣ ନ ଭରିବାରୁ ଯାତ୍ରୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ବିମାନ ବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି, ସ୍ୱାଇସ୍ ଜେଟ୍ ସେବା ଭୁବନେଶ୍ୱର ବିମାନ ବନ୍ଦରରେ ନ ଥିବାରୁ ଅସୁବିଧା ହୋଇଥିଲା। ଦୁଇଟି ସ୍ୱାଇସ୍ ଜେଟ୍‌ର ଯାତ୍ରୀମାନେ ଅଟକି ରହିଥିଲେ। ଉକ୍ତ କମ୍ପାନୀର କର୍ମଚାରୀ ଏଠାରେ ନ ଥିବାରୁ ବିମାନ ବନ୍ଦର ତରଫରୁ ଯାତ୍ରୀଙ୍କୁ ସକାଳେ ଜଳଖିଆ ଖାଇବାକୁ ଦିଆଯିବା ସହ ଆବଶ୍ୟକ ସୁବିଧା କରାଯାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବନ୍ଧ କଡ଼େ ଲୁଣି କିଆ**
**ତୋହର ମୋହର ପରତେ ନାହିଁ**
**କାହିଁକି ହୋଇଛୁ ଠିଆ?**

ବିଶ୍ୱାସକୁ ଆଧାରକରି ସମ୍ପର୍କର ମୂଳଦୁଆ ପଡ଼ିଥାଏ। ହେଲେ ସେହି ବିଶ୍ୱାସରେ ଥରେ ସନ୍ଦେହର ଦାନା ବାନ୍ଧିଲେ ସମ୍ପର୍କର ଭିତ୍ତି ଦୋହଲି ଯାଇଥାଏ। ଦୁହିଁଙ୍କ ମଧ୍ୟରେ ପରସ୍ପର ପ୍ରତି ଥିବା ବିଶ୍ୱାସ ହରାଇଲା ପରେ ଆଉ କେହି କାହାକୁ ଚାହିଁବାକୁ ଇଚ୍ଛା କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଭୋକ ରଖି ଖା, ଭୋକ ରଖି ଆ,**
**ଚଉଷଠି ବ୍ୟାଧି ପାଖ ନ ଯା'।**

ଭୋକକୁ ଶେଷ କରିବା ପାଇଁ ପେଟପୂରା ଖାଦ୍ୟ ଖାଇବା ଉଚିତ ନୁହେଁ। ଭୋକ କିଛି ମାତ୍ରାରେ ରହିବା ଭଲ ହୋଇଥିବାବେଳେ ପେଟପୂରା ଖାଦ୍ୟ ନ ଖାଇବା ସ୍ୱାସ୍ଥ୍ୟପକ୍ଷେ ହିତକର ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପାଣିରେ ବୁଡ଼ି ଚାଲିଗଲା ୯ଜୀବନ

**ଦଶପଲ୍ଲାରେ ୩, କଟକ ୧, ଭଦ୍ରକ ୧,କେନ୍ଦୁଝରରେ ୨, ବାଲକାଟୀ ୨**

**ରାଜ୍ୟର ବିଭିନ୍ନ ସ୍ଥାନରେ ରବିବାର ପାଣିରେ ବୁଡ଼ି ୯ଜଣଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରେ ଦଶପଲ୍ଲାର ଗୋଡ଼ିବିଡ଼ାରେ ୩ଜଣ ନାବାଳକ ପୋଖରୀରେ ବୁଡ଼ି ପ୍ରାଣ ହରାଇଥିବାବେଳେ, ଭଦ୍ରକ ଜିଲା ତିହିଡ଼ିରେ ହୀରାଘାଇ ନଦୀରେ ବୁଡ଼ି ଜଣେ ୭ବର୍ଷର ନାବାଳକଙ୍କ ମୃତ୍ୟୁ ଘଟିଛି। ସେହିପରି କଟକ ଖାନ୍‌ନଗରରେ ଜଣେ ନାବାଳକ ମହାନଦୀରେ ଗାଧୋଉଥିବାବେଳେ ବୁଡ଼ିଯାଇଛନ୍ତି। ଅନ୍ୟଏକ ଘଟଣାରେ କେନ୍ଦୁଝର ଜିଲା ହରିଚନ୍ଦପୁରଠାରେ ଏକ ଜଳପ୍ରପାତ ନିକଟରେ ଫଟୋ ଉଠାଉଥିବାବେଳେ ଗୋଡ଼ ଖସିଯିବାରୁ ୨ଜଣ ଯୁବକଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ଆଉ ଏକ ଘଟଣା ଭୁବନେଶ୍ୱର ଉପକଣ୍ଠ ବାଲକାଟୀ ନିକଟରେ ଘଟିଛି। ଭାର୍ଗବୀ ନଦୀରେ ୨ ଯୁବକ ବୁଡ଼ି ପ୍ରାଣ ହରାଇଛନ୍ତି।**

## ଖେଳୁଥିବା ବେଳେ ପୋଖରୀରେ ବୁଡ଼ିଗଲେ ୩ ନାବାଳକ

**ନୟାଗଡ଼/ ଦଶପଲ୍ଲା, ୨୭।୪ (ଲୋକନାଥ ମିଶ୍ର/ ପ୍ରକାଶ କୁମାର ପାଣି)**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଗୋଡିବିଡ଼ା ଗାଁ ପୋଖରୀରେ ବୁଡ଼ି ୩ ନାବାଳକଙ୍କ ରବିବାର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଗୋଡିବିଡ଼ା ଶିମିଳିସାହିର ଉମାକାନ୍ତ ନାୟକ(୧୦), ନୂଆଗାଁ ଥାନା ଖାଲମଡ଼ା ଗାଁର ରିତେଶ ପ୍ରଧାନ(୧୧), ଓଡ଼ଗାଁ ଥାନା ପୋଡ଼ାସାହି ଗାଁର ଶୁଭମ୍ ଖିଲାର(୧୨)। ରିତେଶ ଓ ଶୁଭମ୍ ଉମାକାନ୍ତଙ୍କ ଘରେ ହେଉଥିବା ବାହାଘର ଭୋଜି ଖାଇବାକୁ ଆସିଥିଲେ । ସେମାନେ ସାଙ୍ଗ ହୋଇ ପୋଖରୀ ନିକଟରେ ଖେଳୁଥିଲେ। ହେଲେ ଜଣକ ପରେ ଜଣେ ପୋଖରୀରେ ବୁଡ଼ି ଯାଇଥିଲେ। ଏଭଳି ଅଘଟଣ ଜଣାପଡ଼ିବା ପରେ ଗୋଡ଼ିବିଡ଼ା ଗାଁରେ ଶୋକର ଛାୟା ଖେଳିଯାଇଛି । ଦଶପଲ୍ଲା ଥାନା ପୋଲିସ ମୃତଦେହ ଜବତ କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ.୮/୨୫)ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗୋଡିବିଡ଼ା ଶିମିଳିସାହିର ବିଜୟ କୁମାର ନାୟକଙ୍କ ଭାଇଙ୍କ ଗତ ଶୁକ୍ରବାର ବାହାଘର ଥିଲା । ଶନିବାର ଭୋଜିର ଆୟୋଜନ କରାଯାଇଥିଲା। ଏଥିପାଇଁ ତାଙ୍କ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ଜମିଥିଲା। ରବିବାର ସକାଳୁ ବିଜୟଙ୍କ ପୁଅ ଉମାକାନ୍ତଙ୍କ ସହ ବାହାଘରକୁ ଆସିଥିବା ଶୁଭମ୍ ଓ ରିତେଶ ସାଙ୍ଗ ହୋଇ ଗାଁ ପୋଖରୀ ନିକଟରେ ଖେଳୁଥିଲେ । ଏକ ପ୍ଲାଷ୍ଟିକ ପାଇପ୍ ଧରି ଜଣଙ୍କ ପରେ ଜଣେ ପୋଖରୀ ଭିତରକୁ ଦୌଡି ଯାଉଥିଲେ । ଏପରି ଖେଳ ଚାଲିଥିବା ବେଳେ ଆଗରେ ଥିବା ନାବାଳକ ଗଭୀର ପାଣିକୁ ଚାଲିଯାଇ ବୁଡ଼ିଯାଇଥିଲେ। ପରେ ଜଣକ ପରେ ଜଣେ ବୁଡ଼ି ଯାଇ ପ୍ରାଣ ହରାଇଥିଲେ। ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ୩ଜଣ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ।

## ଜଳପ୍ରପାତରେ ବୁଡ଼ି ୨ ମୃତ

**କେନ୍ଦୁଝର, ୨୭।୪(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ଗରଗଡ଼ବାହାଳ ନିକଟ ଚନ୍ଦନଗିରିର ପାଟହରା ଜଳପ୍ରପାତରେ ରବିବାର ପୂର୍ବାହ୍ନରେ ବୁଡ଼ି ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ଜଗତ୍‌ସିଂହପୁର ଜିଲାର ଅତୁଲ ରଞ୍ଜନ ସାହୁ (୨୦) ଓ ରୁଦ୍ର ନାରାୟଣ ମିଶ୍ର (୨୦)। ସେମାନେ କଳିଙ୍ଗନଗରସ୍ଥିତ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ରବିବାର ଛୁଟି ଥିବାରୁ ରଞ୍ଜନ ଓ ରୁଦ୍ର ଅନ୍ୟ ୨ ସାଙ୍ଗଙ୍କ ସହିତ ପାଟହରା ଗୁମ୍ଫା ଓ ଜଳପ୍ରପାତ ବୁଲିବାକୁ ଆସିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ଜଳପ୍ରପାତ ନିକଟରେ ଫଟୋ ଉଠାଇବାବେଳେ ଗୋଡ଼ ଖସିଯିବାରୁ ୨୦ଫୁଟ୍ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ହରିଚନ୍ଦନପୁର ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରି ଦୀର୍ଘ ସମୟ ପରେ ମୃତଦେହ ଠାବ କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରଫୁଲ୍ଲ ବାର୍ଲା କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ପର୍ଯ୍ୟଟନ କେନ୍ଦ୍ର ସରକାରୀସ୍ତରରେ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇ ନ ଥିଲେ ହେଁ ବର୍ଷତମାମ ଲୋକଙ୍କ ଭିଡ଼ ଜମୁଛି। ଲୋକମାନେ ପାଟହରା ଗୁମ୍ଫା ଦେଖିବା, ଜଳପ୍ରପାତରେ ଗାଧୋଇବା ସହ ଭୋଜିଭାତ କରୁଛନ୍ତି। ଜଳପ୍ରପାତ ତଳକୁ ବିପଦପୂର୍ଣ୍ଣ ଗଣ୍ଡ ରହିଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସତର୍କତା ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବାରୁ ଦୁର୍ଘଟଣା ଘଟୁଛି। ପ୍ରଶାସନ ପକ୍ଷରୁ ସୁରକ୍ଷା ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ହୀରାଘାଇ ନଈରେ ବୁଡ଼ି ବାଳକ ମୃତ

**ତିହିଡ଼ି,୨୭।୪(ସଞ୍ଜିତ ବଳ)**

ଭଦ୍ରକ ଜିଲା ତିହିଡି ଥାନା କାଁପଡ଼ା ପଞ୍ଚାୟତ ଅଧୀନ ଦପା ଗ୍ରାମ ନିକଟସ୍ଥ ହୀରାଘାଇ ନଈରେ ବୁଡ଼ି ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଦେବେନ୍ଦ୍ର ଦାସଙ୍କ ପୁଅ ସ୍ୱରାଜ(୭)। ସୂଚନା ମୁତାବକ, ସ୍ୱରାଜ ଅପରାହ୍ନ ୨ଟାରେ ନଈରେ ସାଙ୍ଗମାନଙ୍କ ସହ ଗାଧୋଉଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ସାଙ୍ଗମାନେ ତାଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ପରିବାର ଲୋକେ ପାଣିରୁ ଉଦ୍ଧାର କରି ତିହିଡି ଡାକ୍ତରଖାନାକୁ ନେଇଥିବାବେଳେ ସେଠାରେ ଡାକ୍ତର ସ୍ୱରାଜଙ୍କୁ ମୃତ ଘୋଷଣା କରିଥିଲେ। ତିହିଡି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଭାର୍ଗବୀରେ ବୁଡ଼ି ୨ ଯୁବକ ମୃତ

**ବାଲକାଟୀ,୨୭।୪(ମନୋଜ କୁମାର ମଣ୍ଡଳ)**

ଭୁବନେଶ୍ୱର ଉପକଣ୍ଠ ବାଲକାଟୀ ଫାଣ୍ଡି ପଛପଟେ ପ୍ରବାହିତ ଭାର୍ଗବୀ ନଦୀରେ ବୁଡ଼ି ରବିବାର ଅପରାହ୍ନରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବଡ଼ଗଡ଼ ଅଞ୍ଚଳରେ ରହୁଥିବା ଢେଙ୍କାନାଳ ନିହଲ ପ୍ରସାଦ ଅଞ୍ଚଳର ପ୍ରାଣବନ୍ଧୁ ମହାଳିକ (୩୦) ଓ ପୁରୀ ସମୁଦ୍ର କୂଳ ଥାନା ଅଞ୍ଚଳର ଆଶିଷ ବେହେରା (୨୬)। ଏ ସମ୍ପର୍କରେ ବାଲକାଟୀ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ୪/୫ ଜଣ ସାଙ୍ଗ ଭୋଜି ଖାଇ ସାରିବା ପରେ ବାଲକାଟୀସ୍ଥିତ ଭାର୍ଗବୀ ନଦୀକୁ ଅପରାହ୍ନ ୪ଟା ସମୟରେ ଗାଧେଇବାକୁ ଆସିଥିଲେ। ୨ ଜଣ ନଦୀରେ ଗାଧଉଥିବାବେଳେ ଅନ୍ୟମାନେ କୂଳରେ ଠିଆ ହୋଇଥିଲେ। ନଦୀରେ ୨ ସାଙ୍ଗ ବୁଡ଼ି ଯାଉଥିବା ଦେଖି ଅନ୍ୟମାନେ ସ୍ଥାନୀୟ ଲୋକଙ୍କୁ ଡାକିବା ସହ ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ଭୁବନେଶ୍ୱର କଳ୍ପନା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ୨ ଯୁବକଙ୍କୁ ମୃତ ଅବସ୍ଥାରେ ପାଇଥିଲେ। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିଲା। ୨ ଜଣଙ୍କ ମଧ୍ୟରୁ ଜଣେ ଅଟୋ ଚାଳକ ଓ ଅନ୍ୟ ଜଣେ ଏକ ଘରୋଇ କମ୍ପାନୀରେ କାମ କରୁଥିବା ଜଣାପଡ଼ିଛି। ଭାର୍ଗବୀ ନଦୀରେ ପ୍ରତିବର୍ଷ ମୁଣ୍ଡ ଗଡୁଥିବାବେଳେ ପ୍ରଶାସନ ପକ୍ଷରୁ ଏଠାରେ ଗାଧେଇବାକୁ କୌଣସି ବାରଣ ନ ଥିବାରୁ ଏପରି ଘଟଣା ଚିନ୍ତାର କାରଣ ପାଲଟିଛି।

## କାଠଯୋଡ଼ିରେ ବୁଡ଼ି ନାବାଳକ ମୃତ

**କଟକ,୨୭।୪(କାର୍ତ୍ତିକ ସାହୁ)**

କଟକ ଖାନନଗର ପୂଜା ମଣ୍ଡପ ସମ୍ମୁଖ କାଠଯୋଡ଼ି ନଦୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସାଙ୍ଗ ମେଳରେ ଗାଧୋଇବା ବେଳେ ଏଭଳି ଅଘଟଣ ଘଟିଥିଲା। ମୃତ ନାବାଳକ ଖାନନଗର ବେତବିନ୍ଧାଣୀ ସାହିରେ ଭଡ଼ାରେ ରହୁଥିବା ଗଦାଧର ମାଝିଙ୍କ ପୁଅ ସୂର୍ଯ୍ୟକାନ୍ତ ମାଝି(୧୪)। ବକ୍ସିବଜାର ଅଗ୍ନିଶମ ବାହିନୀ ରବିବାର ମଧ୍ୟାହ୍ନ ୧୨ଟା ୧୦ରେ ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ନଦୀରେ ଖୋଜାଖୋଜି କରିବା ପରେ ନାବାଳକଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବଢୁଛି ପାରିବାରିକ ହତ୍ୟାକାଣ୍ଡ

ବଢ଼ିବାରେ ଲାଗିଛି ଅପରାଧ। ସାମାନ୍ୟ କଥାକୁ କେନ୍ଦ୍ରକରି ଘଟୁଛି ହତ୍ୟାକାଣ୍ଡ। ବିଶେଷକରି ରାଜ୍ୟର ବିଭିନ୍ନ ସ୍ଥାନରେ ପାରିବାରିକ ବିବାଦକୁ କେନ୍ଦ୍ରକରି ଏବେ ବହୁ ହତ୍ୟାକାଣ୍ଡ ଘଟୁଛି। ଗତ ୨୪ଘଣ୍ଟାରେ ଗଞ୍ଜାମ ଜିଲା ଭଞ୍ଜନଗରରେ ଜଣେ ସାନଭାଇଙ୍କୁ ବଡ଼ଭାଇ ହତ୍ୟା କରିଥିବାବେଳେ ଖୋର୍ଦ୍ଧା ଜିଲା ଜଟଣୀରେ ସ୍ତ୍ରୀଙ୍କୁ ହତ୍ୟା କରିବାକୁ ଆସିଥିବାବେଳେ ଜ୍ୱାଇଁଙ୍କୁ ଶ୍ୱଶୁର ଘର ଲୋକେ ହତ୍ୟା କରିଛନ୍ତି। ମିଳିଥିବା ତଥ୍ୟ ଅନୁସାରେ ଗତ ୧୫ଦିନରେ ପାରିବାରିକ ବିବାଦକୁ କେନ୍ଦ୍ରକରି ୬ରୁ ଊର୍ଦ୍ଧ୍ୱ ହତ୍ୟାକାଣ୍ଡ ଘଟିଲାଣି। ସେଥିମଧ୍ୟରେ ଅଧିକାଂଶ ବଚସାରୁ ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି।

## ସାନଭାଇଙ୍କୁ ଗାଁ ଦାଣ୍ଡରେ ବାନ୍ଧି ପିଟି ମାରିଦେଲେ ବଡ଼


ପୋଲିସ ଘଟଣାର ତଦନ୍ତ କରୁଛି।

**ଭଞ୍ଜନଗର,୨୭।୪(ବାବୁଲା ପ୍ରଧାନ)**

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ବ୍ରାହ୍ମଣପଦର ଗ୍ରାମରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ସାନଭାଇଙ୍କୁ ଗାଁ ଦାଣ୍ଡରେ ବାନ୍ଧି ପିଟି ମାରିଦେଇଛନ୍ତି ବଡ଼ଭାଇ। ମୃତକ ହେଲେ ବଳରାମ ଗୌଡ଼(୩୫)। ଖବର ପାଇ ତାରସିଂ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଖବରରୁ ଜଣାପଡ଼ିଛି, ରଙ୍ଗମିସ୍ତ୍ରି କାମ କରୁଥିବା ବଳରାମ ଭଞ୍ଜନଗରରେ ସ୍ତ୍ରୀ ଏବଂ ପିଲାଙ୍କୁ ନେଇ ରହୁଥିଲେ। ଶନିବାର ରାତିରେ ବଳରାମ କୌଣସି କାମରେ ବ୍ରାହ୍ମଣପଦର ଗ୍ରାମକୁ ଆସିଥିଲେ। ମା'ବାପା ରହୁଥିବା ଘରେ କିଛି ସମୟ ରହିବା ପରେ ସେ ପରିସ୍ରା କରିବାକୁ ଯାଉଛି କହି ଯାଇଥିଲେ। ପରେ ସେ ବଡ଼ଭାଇଙ୍କ ଘରଆଡ଼େ ଯାଇଥିଲେ। ଏହି ସମୟରେ ବଡ଼ଭାଇଙ୍କ ସହ ଘର ସମ୍ମୁଖରେ କୌଣସି କାରଣକୁ ନେଇ ବଳରାମଙ୍କ ବଚସା ହୋଇଥିଲା। ଏହାକୁ ନେଇ ବଡ଼ଭାଇ ଏବଂ ଅନ୍ୟମାନେ ବଳରାମଙ୍କୁ ଗାଁ ଦାଣ୍ଡର ଏକ ଗଛରେ ବାନ୍ଧି ନିଷ୍ଠୁର ମାଡ଼ ମାରିଥିଲେ। ଏହା ତାଙ୍କ ମା' ଜାଣିବା ପରେ ବଳରାମଙ୍କୁ ଉଦ୍ଧାର କରିବାକୁ ଯାଇଥିଲେ। ସେତେବେଳକୁ ବଳରାମଙ୍କ ମୃତ୍ୟୁ ହୋଇ ସାରିଥିଲା। ରବିବାର ସକାଳେ ବଳରାମଙ୍କ ସ୍ତ୍ରୀ ସୁମିତ୍ରା ଏହା ଜାଣିବା ପରେ ଗ୍ରାମରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଥିଲା। ବଡ଼ଭାଇଙ୍କୁ ଥାନାକୁ ନେଇ ପୋଲିସ ପଚରାଉଚରା କରିବା ସହ ଏକ ହତ୍ୟା ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ହତ୍ୟା

**ଭୁବନେଶ୍ୱର/ ଯାଁଳା,୨୭।୪ (ସତ୍ୟଜିତ୍ ରାଉତ/ବୁଲା ବାରିକ)**

### ପତ୍ନୀ, ଶାଶୁଙ୍କୁ ହାଣିଲେ, ଶଳାଙ୍କ ଠେଙ୍ଗା ମାଡ଼ରେ ପ୍ରାଣ ଗଲା

ଦାମ୍ପତ୍ୟ ଜୀବନରେ ଲାଗି ରହିଥିବା କଳି ଶେଷରେ ଉଗ୍ରରୂପ ଧାରଣ କରିଛି। ଶ୍ୱଶୁର ଘରେ ଥିବା ସ୍ତ୍ରୀ ଏବଂ ଶାଶୁଙ୍କୁ ଖଣ୍ଡାରେ ଆକ୍ରମଣ କରି ଲହୁଲୁହାଣ କରିଥିବା ଜଣେ ଯୁବକ ଶଳାଙ୍କ ଠେଙ୍ଗା ମାଡ଼ରେ ପ୍ରାଣ ହରାଇଛନ୍ତି। ଭୁବନେଶ୍ୱର ଉପକଣ୍ଠ ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଗଙ୍ଗପଡା ପଞ୍ଚାୟତ ଗ୍ରାମଡିହ ଗାଁରେ ଶନିବାର ବିଳମ୍ବିତ ରାତିରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ଜ୍ୱାଇଁ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ମଣିଗାଁ ଜଟିସାହିର ଦିବାକର ବସ୍ତିଆ। ଦିବାକରଙ୍କ ଆକ୍ରମଣରେ ଗୁରୁତର ସ୍ତ୍ରୀ ଲକ୍ଷ୍ମୀପ୍ରିୟା ଜେନା ଓ ଶାଶୁ ବିଦ୍ୟୁଲତା ଜେନାଙ୍କୁ ଏମ୍‌ସରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ଲକ୍ଷ୍ମୀପ୍ରିୟାଙ୍କ ଭାଇ ରାଜେଶଙ୍କୁ ଅଟକ ରଖି ତଦନ୍ତ କରୁଛି। ଦିବାକରଙ୍କ ସାନଭାଇ ସନ୍ତୋଷଙ୍କ ଏତଲାକୁ ଆଧାର କରି ପୋଲିସ ଏକ ହତ୍ୟା ମାମଲା (ନଂ.୧୨୧/୨୦୨୫) ରୁଜୁ କରିଛି। ଅନ୍ୟପକ୍ଷରେ ମୃତ ଦିବାକରଙ୍କ ଶ୍ୱଶୁର ପ୍ରମୋଦଙ୍କ ଏତଲା କ୍ରମେ ପୋଲିସ ଏକ ହତ୍ୟା ଉଦ୍ୟମ ଜନିତ ମାମଲା (ନଂ.୧୨୨/୨୦୨୫) ରୁଜୁ କରି ତଦନ୍ତ କରୁଛି। ତେବେ ଲକ୍ଷ୍ମୀପ୍ରିୟାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି। ପୋଲିସ ଟିମ୍ ଘଟଣାସ୍ଥଳରୁ ଖଣ୍ଡା, ଠେଙ୍ଗା ଓ ରକ୍ତଲଗା କପଡ଼ା ଜବତ କରିଛି। ରାଜେଶଙ୍କୁ ପଚରାଉଚରା ଚାଲିଛି। ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।


ଦିବାକର ବସ୍ତିଆ

ସୂଚନାନୁଯାୟୀ, ୨୦୨୨ରେ ଗ୍ରାମଡିହ ଗାଁର ଲକ୍ଷ୍ମୀପ୍ରିୟାଙ୍କୁ ଦିବାକର ବିବାହ କରିଥିଲେ। ପରେ ଦମ୍ପତିଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥିଲା। ଦିବାକର ମଦ୍ୟପାନ କରି ଅଧିକାଂଶ ସମୟରେ ସ୍ତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ହେଉଥିଲେ। ଫଳରେ କିଛି ମାସ ହେବ ଲକ୍ଷ୍ମୀପ୍ରିୟା ବାପଘରେ ରହୁଥିଲେ। ବାପଘରେ ରହିବା ପରେ ମଧ୍ୟ ଦିବାକର ଏଠାକୁ ଆସି ସ୍ତ୍ରୀଙ୍କୁ ମାରଧର କରୁଥିଲେ। ଶନିବାର ରାତିରେ ଦିବାକର ବାଇକ୍ ଯୋଗେ ଶ୍ୱଶୁର ଘର ନିକଟକୁ ଆସିଥିଲେ। କିଛିଦୂରରେ ବାଇକ୍ ରଖି ଲୁଚି ରହିଥିଲେ। ରାତି ପ୍ରାୟ ୨ଟା ବେଳେ ଘର ପଛପଟେ ଥିବା ଝରକା ଡେଇଁ ଛାତ ଉପରକୁ ଚଢ଼ିଥିଲେ। ପରେ ଶିଡିଘର ଦେଇ ଭିତରେ ପଶିଥିଲେ। ହଠାତ୍ ଲକ୍ଷ୍ମୀପ୍ରିୟାଙ୍କୁ ଦିବାକର ଖଣ୍ଡାରେ ଆକ୍ରମଣ କରିଥିଲେ। ଲକ୍ଷ୍ମୀପ୍ରିୟାଙ୍କ ଚିତ୍କାର ଶୁଣି ତାଙ୍କ ମା' ବିଦ୍ୟୁଲତା ନିଦରୁ ଉଠିବା ସହ ଦିବାକରଙ୍କୁ ଅଟକାଇଥିଲେ। ଶାଶୁଙ୍କୁ ମଧ୍ୟ ଜ୍ୱାଇଁ ଖଣ୍ଡାରେ ଦୁଇ ଚୋଟ ପକାଇଥିଲେ। ଫଳରେ ବିଦ୍ୟୁଲତାଙ୍କ ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏହି ସମୟରେ ରାଜେଶ ନିଦରୁ ଉଠି ଏକ ଠେଙ୍ଗା ଧରି ରାଜେଶଙ୍କୁ ନିଷ୍ଠୁର ପିଟିଥିଲେ। ଫଳରେ ଦିବାକର ଶିଡିରୁ ଖସି ତଳେ ପଡ଼ିଯାଇଥିଲେ। ପଡୋଶୀମାନେ ଏନେଇ ଖବର ଦେବା ପରେ ପୋଲିସ ପହଞ୍ଚି ଦିବାକରଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ୨ ଟଙ୍କା ପାଇଁ ଫୁଟିଲା ଗୁଳି

**ଚାନ୍ଦବାଲି,୨୭।୪(କିଷାନ ପାତ୍ର)**

ସାମାନ୍ୟ ୨ ଟଙ୍କା ପାଇଁ ଯୁକ୍ତିତର୍କ ଆଉ ତା ପରେ ସିଧା ଗୁଳି, ଅଳ୍ପକେ ବର୍ତ୍ତିଲେ ବାପ ପୁଅ। ଏଭଳି ଘଟଣା ଘଟିଛି ଭଦ୍ରକ-ଚାନ୍ଦବାଲି ମୁଖ୍ୟରାସ୍ତାର ନାଳଗୁଣ୍ଡା ଛକ ନିକଟରେ। ସୂଚନା ମୁତାବକ, ନାଳଗୁଣ୍ଡା ଛକଠାରୁ କିଛି ଦୂରରେ ସାଧୁ ଚରଣ ବେହେରା ଏକ ପାନଦୋକାନ କରିଥିବା ବେଳେ କୋଲଡ୍ରିଙ୍କ୍ସ ମଧ୍ୟ ବିକ୍ରି କରୁଛନ୍ତି। ରବିବାର ଅପରାହ୍ନ ସମୟରେ ୨ଟି ବାଇକ୍‌ରେ ୬ ଜଣ ଯୁବକ ଆସି ତାଙ୍କୁ କୋଲ୍‌ଡ୍ରିଙ୍କ୍ସ ମାଗିଥିଲେ। କୋଲଡ୍ରିଙ୍କ୍ସ ପିଇସାରିବା ପରେ ଦୋକାନୀ ତାହାର ମୂଲ୍ୟ ୧୨ ଟଙ୍କା କହିଥିଲେ। ବୋତଲରେ ୧୦ଟଙ୍କା ଲେଖାଯାଇଥିବା ବେଳେ ତୁମେ କାହିଁକି ୧୨ ଟଙ୍କା ନେଉଛ ବୋଲି କହି ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ତାପରେ ୬ ଜଣ ଯୁବକ ମିଶି ଦୋକାନୀ ଏବଂ ତାଙ୍କ ପୁଅଙ୍କୁ ମାଡ଼ ମାରିବା ସହ ୨ଟି ବନ୍ଧୁକ ବାହାର କରି ଗୁଳି ଚଳାଇଥିଲେ। ଜୀବନ ବିକଳରେ ବାପପୁଅ ଦୋକାନ ଛାଡି ଦୌଡ଼ିଥିଲେ। ଏହି ସୁଯୋଗରେ ଦୋକାନରେ ଥିବା ୩୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇ ଯୁବକମାନେ ଚମ୍ପଟ ମାରିଥିଲେ। ଖବରପାଇ ମତୋ ଫାଣ୍ଡି ଅଧିକାରୀ ଛତିଶ କୁମାର ଗୋଛି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ରାସ୍ତାରେ ଯୁବ ବ୍ୟବସାୟୀଙ୍କୁ ହତ୍ୟା

**ବୌଦ୍ଧ,୨୭।୪(ଅଜିତ୍ କୁମାର ବାରିକ)**

### ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

ବୌଦ୍ଧ ଜିଲା ଜଗଦୀଶପୁର ଛକ ନିକଟରେ ରବିବାର ଜଣେ ଯୁବ ବ୍ୟବସାୟୀଙ୍କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଛି। ସେ ହେଲେ ବୌଦ୍ଧର ମନୋଜ କୁମାର ପାତ୍ର ଓରଫ ମୁନା। ହତ୍ୟାକାଣ୍ଡ ପରେ ଘଟଣାସ୍ଥଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକମାନେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ବୌଦ୍ଧ ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। କିଛି ସମୟ ପରେ ବଜରଙ୍ଗ ଦଳର କର୍ମୀମାନେ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୋକ କରିବାରୁ ଉତ୍ତେଜନା ଲାଗିରହିଛି। ତୁରନ୍ତ ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ବଜରଙ୍ଗ ଦଳର କର୍ମୀମାନେ ଦାବି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ-ବଘିଆପଡା ରାସ୍ତାର ଜଗଦୀଶପୁର ଛକ ନିକଟରେ ଅପରାହ୍ନ ପ୍ରାୟ ୫ଟାରେ ମନୋଜ ଯାଉଥିବାବେଳେ କେତେଜଣ ଯୁବକ ଧାରୁଆ ଅସ୍ତ୍ରରେ ତାଙ୍କ ଛାତିକୁ ହାଣିଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ଅଭିଯୁକ୍ତମାନେ ଏକ ସ୍କୁଟିରେ ବସି ବୁରୁପାଲି ରାସ୍ତାରେ ଫେରାର ହୋଇଯାଇଥିଲା। ଏହାକୁ ନେଇ ଉତ୍ୟକ୍ତ ଲୋକମାନେ ରାସ୍ତାରୋକ କରିଥିଲେ। ଏନେଇ ବୌଦ୍ଧ ଥାନା ଅଧିକାରୀ ରଞ୍ଜିତ୍‌କୁମାର ମୁନି କହିଛନ୍ତି, ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଥିବାବେଳେ ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ରକରି ମନୋଜଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଘଟଣାର ତଦନ୍ତ କରାଯିବା ସହ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ରିପୋର୍ଟ ଲେଖାଯିବା ବେଳକୁ ରାସ୍ତାରୋକ ଜାରି ରହିଛି।


ମନୋଜ କୁମାର ପାତ୍ର

## ମାଓବାଦୀଙ୍କ ସୁଡ଼ଙ୍ଗ ଠାବ

### ଅପରେଶନ କାଗାର ଜାରି

**ମାଲକାନଗିରି,୨୭।୪(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ଓ ତେଲଙ୍ଗାନା ସୀମାରେ ଥିବା କେରେଗୁଟା ଜଙ୍ଗଲରେ ମାଓବାଦୀ ନେତା ହିଡମାଙ୍କ ସହ ହଜାରରୁ ଊର୍ଦ୍ଧ୍ୱ ମାଓବାଦୀ ଥିବା ଗୋଇନ୍ଦା ସୂଚନା ପାଇ ଛତିଶଗଡ଼ ଓ ତେଲଙ୍ଗାନା ପୋଲିସ, ସୁରକ୍ଷା କର୍ମୀମାନେ ଗତ ୫ ଦିନ ଧରି ଉକ୍ତ ଜଙ୍ଗଲକୁ ଘେରାବନ୍ଦୀ କରି ରଖିଛନ୍ତି। ଫଳରେ ମାଓବାଦୀମାନେ ସୁରକ୍ଷାକର୍ମୀଙ୍କ ଭୟରେ କେଉଁଠି ଲୁଚି ଯାଇଛନ୍ତି। ତେବେ ସୁରକ୍ଷାକର୍ମୀ ଉକ୍ତ ଅଞ୍ଚଳରେ ସର୍ଚ୍ଚ ସମୟରେ ଶନିବାର ଏକ ସୁଡ଼ଙ୍ଗ ଠାବ କରିଥିଲେ। ସୁଡ଼ଙ୍ଗ ଭିତରେ ସର୍ଚ୍ଚ ସମୟରେ ମାଓବାଦୀ ସାମଗ୍ରୀ, ରନ୍ଧା ଖାଦ୍ୟ ଇତ୍ୟାଦି ଦେଖିବାକୁ ପାଇଥିଲେ। ସୁରକ୍ଷା କର୍ମୀ ଆସୁଥିବା ସୂଚନା ପାଇ ମାଓବାଦୀମାନେ କିଛି ସମୟ ପୂର୍ବରୁ ସେଠାରୁ ଛତ୍ରଭଙ୍ଗ ଦେଇଥିବା ଜାଣିବାକୁ ମିଳିଥିଲା। ସୁଡଙ୍ଗ ଭିତରୁ ବାହାରକୁ ଯିବାପାଇଁ ତିନୋଟି ରାସ୍ତା ରହିଛି। ଉକ୍ତ ରାସ୍ତାଦେଇ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିବା ଜଣାପଡିଛି।

ଉକ୍ତ ସୁଡ଼ଙ୍ଗରେ ୧୦୦ରୁ ଊର୍ଦ୍ଧ୍ୱ ମାଓବାଦୀ ଏବଂ ସେମାନଙ୍କ ମଧ୍ୟରେ ନେତା ହିଡ୍‌ମା ଥିବା ସନ୍ଦେହ କରାଯାଉଛି। ଉକ୍ତ ଅଞ୍ଚଳରେ ଅପରେଶନ କାଗାର ଜାରି ରହିଥିବା ବେଳେ କେବଳ ସ୍ଥଳପଥରେ ନୁହେଁ, ଆକାଶ ମାର୍ଗରେ ହେଲିକପ୍ଟର ଓ ଡ୍ରୋନ୍ କ୍ୟାମେରା ଯୋଗେ ମଧ୍ୟ ମାଓବାଦୀଙ୍କୁ ଗିରଫ କରିବା ପାଇଁ ଉଭୟ ରାଜ୍ୟର ସୁରକ୍ଷା କର୍ମୀମାନେ ସର୍ଚ୍ଚ ଅପରେଶନ ଜାରି ରଖିଛନ୍ତି।

ପ୍ରକାଶ ଯେ, ଗତ ଏକ ମାସ ପୂର୍ବେ ମାଓବାଦୀ ସଂଗଠନ ତରଫରୁ ଶାନ୍ତି ବାର୍ତ୍ତା ପାଇଁ ତେଲଙ୍ଗାନା ସରକାରଙ୍କୁ ଜଣାଇଥିଲେ। କିନ୍ତୁ ତାଙ୍କର ଏହି ଶାନ୍ତିବାର୍ତ୍ତାର କୌଣସି ଉତ୍ତର ମିଳିନାହିଁ। ଅପରେଶନ କାଗାରକୁ ସଫଳ କଲେ ଉଭୟ ରାଜ୍ୟ ମାଓବାଦୀ ମୁକ୍ତ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଉଭୟ ସରକାର ଅପରେଶନ ଜାରି ରଖିଛନ୍ତି।



# ଭଡ଼ଭଡ଼

ଏପ୍ରିଲ ୨୨ରେ ଜମ୍ମୁ ଓ କଶ୍ମୀରର ପହଲଗାମ୍ ଅନ୍ତର୍ଗତ ବୈସରନ୍‌ରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ବିଷୟକୁ ନେଇ ଭାରତରେ ତର୍ଜମା ଚାଲିଛି। ଏଥର ଅତଙ୍କବାଦୀ ଆକ୍ରମଣରେ ସାମରିକ ନୁହେଁ, ବିଶେଷକରି ବେସାମରିକ ବ୍ୟକ୍ତି ବା ୨୬ ସାଧାରଣ ପର୍ଯ୍ୟଟକଙ୍କ ଜୀବନ ଯାଇଛି। ୨୦୧୯ ଅଗଷ୍ଟ ୫ରେ ଜମ୍ମୁ ଓ କଶ୍ମୀରରେ ଦୀର୍ଘବର୍ଷ ଧରି ଲାଗୁ ହୋଇ ଆସିଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ କେନ୍ଦ୍ର ସରକାର ଉଚ୍ଛେଦ କରିଦେଇଥିଲେ। ତା' ପରଠାରୁ ସରକାରୀ ସ୍ତରରେ ପ୍ରଚାର କରାଯାଇଥିଲା ଯେ ସେଠାରେ ଆତଙ୍କବାଦୀ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଭାବେ ହ୍ରାସ ପାଇଛି। ଦେଶର ବିଭିନ୍ନ ପ୍ରାନ୍ତରୁ ଲୋକେ ଯାଇ ଜମ୍ମୁ ଓ କଶ୍ମୀରର ପ୍ରାକୃତିକ ସୌନ୍ଦର୍ଯ୍ୟ ଅବଲୋକନ କଲେ। ଜମ୍ମୁ ଓ କଶ୍ମୀର ସରକାରଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଗତବର୍ଷ ସଂସଦକୁ ଜଣାଇଥିଲେ ଯେ ଗତ ୩ ବର୍ଷ ମଧ୍ୟରେ ସେଠାକାର ପର୍ଯ୍ୟଟନ କ୍ଷେତ୍ରରେ ହାରାହାରି ୧୫.୧୩ ପ୍ରତିଶତ ବୃଦ୍ଧି ଘଟିଛି। ଏପରିକି ଗତ ୬ ମାସ ମଧ୍ୟରେ ୧ କୋଟି ୮ ଲକ୍ଷ ପର୍ଯ୍ୟଟକ ଜମ୍ମୁ ଓ କଶ୍ମୀର ଗସ୍ତ କରିଥିବା ରାଜ୍ୟ ସଭାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ତଥ୍ୟରୁ ଜଣାପଡ଼ିଛି। ଏହିଭଳି ସକାରାତ୍ମକ ରିପୋର୍ଟ ପ୍ରକାଶ ପାଇବା ପରେ ଜମ୍ମୁ ଓ କଶ୍ମୀର ବୁଲିଯିବା ପାଇଁ ସମ୍ଭବତଃ ଦେଶବାସୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ହେଲେ ସେହି କେନ୍ଦ୍ର ଶାସିତ ଅଞ୍ଚଳକୁ ନିରାପତ୍ତା ଦୃଷ୍ଟିରୁ ଯେଭଳି ଗୁରୁତ୍ୱ ଦେବା କଥା କେନ୍ଦ୍ର ସରକାର ସେଥିରେ ବିଫଳ ହେବାରୁ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟିଲା ବୋଲି କୁହାଯାଇପାରେ।

ଦେଖିବାକୁ ଗଲେ ଦକ୍ଷିଣ କଶ୍ମୀରର ପହଲଗାମ୍ ସହରଠାରୁ ଆକ୍ରମଣସ୍ଥଳ ବୈସରନ୍ ପ୍ରାୟ ଘଣ୍ଟାକର ବାଟ। ସେହି ସ୍ଥାନକୁ ଟ୍ରେକ୍ କରିବା ଲାଗି ପାଦରେ କିମ୍ବା ଘୋଡ଼ା ପିଠିରେ ବସିଯାଇ ହେବ। ଏଥିରୁ ବୁଝିବାକୁ ହେବ ଯେ ସେଠାରେ କୌଣସି ଅଘଟଣ ଘଟିଲେ ପର୍ଯ୍ୟଟକଙ୍କୁ ତୁରନ୍ତ ମାନବୀୟ ସହାୟତା ମିଳିବା କଷ୍ଟକର। ପୁଣି କୁହାଯାଉଛି ଅମରନାଥ ଯାତ୍ରା ବେଳକୁ ପ୍ରାୟତଃ ବୈସରନ୍‌କୁ ଲୋକଙ୍କ ପାଇଁ ଖୋଲାଯାଇଥାଏ। ଉଲ୍ଲେଖଯୋଗ୍ୟ, ଅମରନାଥ ଯାତ୍ରା ଜୁଲାଇରୁ ଅଗଷ୍ଟ ଯାଏ ଅନୁଷ୍ଠିତ ହୋଇଥାଏ। ଅନ୍ୟବର୍ଷ ଅପେକ୍ଷା ବୈସରନ୍‌କୁ ଯିବା ଲାଗି ପୂର୍ବରୁ କାହିଁକି ପର୍ଯ୍ୟଟକଙ୍କୁ ସୁଯୋଗ ମିଳିଲା ତାହାକୁ ନେଇ ପ୍ରଶ୍ନ ଉଠିଲାଣି। ଜମ୍ମୁ ଓ କଶ୍ମୀରକୁ ପର୍ଯ୍ୟଟକଙ୍କ ଆଗମନ ବଢ଼ିବାକୁ ଲକ୍ଷ୍ୟରେ ରଖାଯାଇ ଯଦି ଏଭଳି ନିଷ୍ପତ୍ତି ନିଆଯାଇଥିବ, ତେବେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାର ଥିଲା। ଯାହା ଶୁଣିବାକୁ ମିଳୁଛି ଏପ୍ରିଲ ୨୨ରେ ସମ୍ପୃକ୍ତ ଅଞ୍ଚଳ ଯେମିତି ଆତଙ୍କବାଦୀଙ୍କ ପାଇଁ ଚରାଭୂଇଁ ଭଳି ଛାଡ଼ି ଦିଆଯାଇଥିଲା। ଏହା ଜଣାଶୁଣା ଯେ ଆକ୍ରମଣକାରୀ ସର୍ବଦା ସୁରକ୍ଷା କେଉଁଠାରେ ଢିଲା ରହିଛି, ତାହାକୁ ଦରାଣ୍ଡୁ ଥାଆନ୍ତି। କୁହାଯାଉଛି ଯେ, ଆତଙ୍କବାଦୀ ଆକ୍ରମଣ ସଂକ୍ରାନ୍ତରେ ସରକାରୀ ଗୋଇନ୍ଦା ସଂସ୍ଥା ପୂର୍ବରୁ କର୍ତ୍ତୃପକ୍ଷଙ୍କୁ ତଥ୍ୟ ଦେଇଥିଲା। ଖବର ପାଇବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ବିଷୟ ଏବେ ଆଶ୍ଚର୍ଯ୍ୟ କରୁଛି।

**କୁହାଯାଇପାରେ ଯେ, ଉରି, ପଠାନ୍‌କୋଟ, ପୁଲଓ୍ୱାମା ଆକ୍ରମଣ ବେଳେ ଯେମିତି ତତ୍ପରତା ଦେଖାଦେଇଥିଲା, ପହଲଗାମ୍ ପରେ ସେମିତି ତତ୍ପରତା ଦେଖିବାକୁ ମିଳିଛି। ଏମିତି ସମୟରେ ଅନେକ ବଡ଼ ବଡ଼ ଭାଷଣ ଶୁଣିବାକୁ ମିଳେ। ପୁଣି ଯେଉଁ କଥାକୁ ସେଇ କଥା। ସେଥିପାଇଁ ଭାରତର କର୍ତ୍ତୃପକ୍ଷ ଏବେ ଭଡ଼ଭଡ଼ ହେବା ପରିବର୍ତ୍ତେ ସମ୍ପୂର୍ଣ୍ଣ ନୀରବ ରହି ଭିନ୍ନ ପନ୍ଥା ଆପଣାଇବା ବୁଦ୍ଧିମାନର ଲକ୍ଷଣ ଦର୍ଶାନ୍ତା।**

ସୀମାନ୍ତ ଅଞ୍ଚଳ ଓ ଦୀର୍ଘବର୍ଷ ଧରି ଭାରତ ଓ ପାକିସ୍ତାନ ମଧ୍ୟରେ ଏକ ବିବାଦୀୟ ଭୂଖଣ୍ଡ ରହିଆସିଥିବା ଜମ୍ମୁ ଓ କଶ୍ମୀର ଉପରେ କେନ୍ଦ୍ର ସରକାର ତୀକ୍ଷ୍ଣ ନଜର ରଖିବାର ଥିଲା। ଏହି ଆକ୍ରମଣରେ ଯେଉଁମାନଙ୍କୁ ପରିବାରବର୍ଗ ସବୁ ଦିନ ପାଇଁ ହରାଇ ବସିଲେ ତାହାର ପୂରଣ କିଛି ଅର୍ଥରେ କରାଯାଇ ନ ପାରେ। ସେହିଭଳି ପାକିସ୍ତାନକୁ ଧମକ ଦେଲେ ତାହାର କେବଳ ବଡ଼ ପ୍ରତିଧ୍ୱନି ସୃଷ୍ଟି ହେଉଥିବ। ଏଇ ଯେମିତି ସିନ୍ଧୁ ନଦୀ ଚୁକ୍ତିକୁ ଭାରତ ବାତିଲ କରିଦେବାରୁ ତାହାର ଜବାବ ଦେବାକୁ ଯାଇ ପାକିସ୍ତାନ ସିମ୍‌ଲା ଚୁକ୍ତିକୁ ମଧ୍ୟ ରଦ୍ଦ କରିଦେଇଛି। ଭାରତର ନେତୃତ୍ୱ ଗୋଟେ ଧମକ ଦେଲା ବେଳକୁ ପାକିସ୍ତାନ ପଟୁ ମଧ୍ୟ ଅନୁରୂପ ଅନେକ ଚେତାବନୀ ଆସୁଛି। ଘଟଣାଟା ଗରମ ଥିବାରୁ ସମ୍ଭବତଃ କିଛି ଦିନ ଆରୋପ ପ୍ରତ୍ୟାରୋପ ଲାଗି ରହିପାରେ। ଆତଙ୍କବାଦୀଙ୍କୁ ଉଚିତ ଜବାବ ଦେବା ଲାଗି ଭାରତ ବ୍ୟବସ୍ଥିତ ଢଙ୍ଗରେ କୌଶଳମାନ ବାହାର କରିବା ଦରକାର। ଉଦାହରଣ ସ୍ୱରୂପ, ହମାସ ୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ଆକ୍ରମଣ କରିଦେଲା। କିନ୍ତୁ ତା' ପରଠାରୁ ହମାସର ବଂଶ ନିପାତ ଲାଗି ଇସ୍ରାଏଲ ସ୍ୱତନ୍ତ୍ର ରଣକୌଶଳ କରି ତା'ର ଟାର୍ଗେଟ ପୂରଣ କରିବାରେ ଲାଗିଛି। ଦୀର୍ଘ ୧୮ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା ଯୁଦ୍ଧରେ ଗାଜା ପ୍ରାୟତଃ ଧୂଳିସାତ ହୋଇଗଲାଣି। କିନ୍ତୁ ଏହି ଲମ୍ବା ସମୟ ଯୁଦ୍ଧ ପାଇଁ ଆମେରିକାର ହାତଖୋଲା ସାହାଯ୍ୟ ଇସ୍ରାଏଲକୁ ଟେକି ଧରିଛି। ଅନ୍ୟପକ୍ଷରେ ଏହା ଜଣାଶୁଣା ଯେ ଏବେ ଭାରତ ଯୁଦ୍ଧ କରିବା ସ୍ଥିତିରେ ନାହିଁ। ଯଦି ଯୁଦ୍ଧ ହୁଏ ତେବେ ଭାରତକୁ ସାହାଯ୍ୟ ଯୋଗାଇବା ପାଇଁ କୌଣସି ଦେଶ ଆଗେଇ ଆସିବେ ନାହିଁ। ସେପଟେ ପାକିସ୍ତାନ ଅତ୍ୟନ୍ତ ଦୁର୍ବଳ ହେବା ସତ୍ତ୍ୱେ ଚାଇନାର ଅର୍ଥନୈତିକ ସ୍ୱାର୍ଥ ଥିବାରୁ ସେହି ଦେଶ ଯଥେଷ୍ଟ ସାହାଯ୍ୟ ପାକିସ୍ତାନକୁ ଯୋଗାଇବାର ସମ୍ଭାବନା ରହିଛି। ଏଭଳି ପ୍ରଚ୍ଛଦପଟରେ କୁହାଯାଇପାରେ ଯେ, ଉରି, ପଠାନ୍‌କୋଟ, ପୁଲଓ୍ୱାମା ଆକ୍ରମଣ ବେଳେ ଯେମିତି ତତ୍ପରତା ଦେଖାଦେଇଥିଲା, ପହଲଗାମ୍ ପରେ ସେମିତି ତତ୍ପରତା ଦେଖିବାକୁ ମିଳିଛି। ଏମିତି ସମୟରେ ଅନେକ ବଡ଼ ବଡ଼ ଭାଷଣ ଶୁଣିବାକୁ ମିଳେ। ପୁଣି ଯେଉଁ କଥାକୁ ସେଇ କଥା। ଲୋକେ ଭୁଲିଯିବା ପାଇଁ ଗଣମାଧ୍ୟମକୁ ନୂଆ ଖୋରାକ ଯୋଗାଇ ଦିଆଯାଏ। ଦେଶ ପୁନର୍ବାର ଅନ୍ୟ ଏକ ଅଘଟଣ ପାଇଁ ଅପେକ୍ଷା କରି ବସିଥାଏ। ସେଥିପାଇଁ ଭାରତର କର୍ତ୍ତୃପକ୍ଷ ଏବେ ଭଡ଼ଭଡ଼ ହେବା ପରିବର୍ତ୍ତେ ସମ୍ପୂର୍ଣ୍ଣ ନୀରବ ରହି ଭିନ୍ନ ପନ୍ଥା ଆପଣାଇବା ବୁଦ୍ଧିମାନର ଲକ୍ଷଣ ଦର୍ଶାନ୍ତା।

# ପୋକା ପନିପରିବା ଓ କୀଟନାଶକ



ଡ. ପ୍ରମୋଦ କୁମାର ପଣ୍ଡା

ପାଠକ ବନ୍ଧୁ ! ବର୍ତ୍ତମାନ ପନିପରିବାରେ ମାତ୍ରାଧିକ କୀଟନାଶକ ପ୍ରୟୋଗ ଆମ ସମସ୍ତଙ୍କ ସ୍ୱାସ୍ଥ୍ୟକୁ ନଷ୍ଟ କରିବାରେ ଲାଗିଛି। କୀଟନାଶକ ପ୍ରୟୋଗ ହୋଇ ନ ଥିବା ଅବା କୀଟନାଶକଶୂନ୍ୟ ପନିପରିବା ବଜାରରୁ ଚିହ୍ନି କିଣିବା ଖାଉଟିଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ପନିପରିବା ଭିତରେ ବାଇଗଣରେ ସର୍ବାଧିକ କୀଟନାଶକ ପ୍ରୟୋଗ ହେଉଥିବାରୁ, ଏହି ସମସ୍ୟାକୁ ବାଇଗଣ ମାଧ୍ୟମରେ ବୁଝିବାକୁ ଚେଷ୍ଟା କରିବା ଆସନ୍ତୁ। ଓଡ଼ିଶାର ପ୍ରାୟ ସବୁ ଜିଲାରେ ବାଇଗଣ ଚାଷ ହୁଏ। ମାତ୍ର ଏହି ଫସଲରେ ଏକ ମୁଖ୍ୟ ସମସ୍ୟା ହେଲା ବାଇଗଣ ଫଳ ଓ କାଣ୍ଡବିନ୍ଧା ପୋକ। ଗଛରେ ଏହି ପୋକ ଲାଗିଲେ ବାଇଗଣକୁ ପୋକା କରିଦିଅନ୍ତି। ଏହାର ବଜାର ଦର କମିଯାଏ ଏବଂ ଚାଷୀଙ୍କର ବିପୁଳ କ୍ଷତି ହୁଏ। ସେହିପରି କାଣ୍ଡବିନ୍ଧା ପୋକ ଗଛର ଅଗ୍ରଭାଗକୁ ଭିତରୁ ଖାଇଦେବା ଦ୍ୱାରା ଡାଳଟି ସମ୍ପୂର୍ଣ୍ଣ ଶୁଖି ଯାଏ। ଫଳରେ ଗଛରେ ନୂଆ ଫୁଲ ଧରେନି। ସେଥିପାଇଁ ଚାଷୀଭାଇମାନେ କୀଟନାଶକ ପ୍ରୟୋଗ କରନ୍ତି। ଏହି କୀଟନାଶକ ମୁଖ୍ୟତଃ ଦୁଇ ପ୍ରକାର। ପ୍ରଥମଟି ସର୍ବାଙ୍ଗଭେଦୀ କୀଟନାଶକ ଓ ଦ୍ୱିତୀୟଟି ସ୍ପର୍ଶଭେଦୀ କୀଟନାଶକ। ସର୍ବାଙ୍ଗଭେଦୀ କୀଟନାଶକ ଗଛରେ କେଉଁ ଏକ ଅଙ୍ଗରେ (ପତ୍ର, ଡାଳ, ଫୁଲ ଓ ଫଳ ଇତ୍ୟାଦି) ପଡିଲେ ବି ସମଗ୍ର ଗଛକୁ ପ୍ରବେଶ କରେ ଓ ଫଳ ମଧ୍ୟରେ ଘୂରିବୁଲେ। ପୋକ ଗଛର ଯେଉଁ ଅଂଶ ଖାଇଲେ ବି ମରିଯାଏ। ଏହା ସବୁଠୁ ମାରାତ୍ମକ। ଅନ୍ୟ ପକ୍ଷରେ ସ୍ପର୍ଶଭେଦୀ କୀଟନାଶକ ଗଛର ଯେଉଁ ଅଂଶରେ ପଡେ ସେଠି ରହେ ଓ ତାକୁ ବିଷାକ୍ତ କରାଏ। ଗଛର ଅନ୍ୟ ଅଂଶ ବିଷମୁକ୍ତ ଥାଏ। ଏହା ପ୍ରଥମ ତୁଳନାରେ ଅନେକ ଭଲ। ପ୍ରଥମଟିରେ ପୋକ ସମ୍ପୂର୍ଣ୍ଣ ମରିଯାଏ କିନ୍ତୁ ସେଥିରୁ ମିଳୁଥିବା ପନିପରିବାରେ କୀଟନାଶକର ମାତ୍ରା ରହୁ ଥିବାରୁ ସେସବୁ ଖାଇବା ଦ୍ୱାରା ଶରୀରରେ ନାନାବିଧ ରୋଗ ଯଥା କ୍ୟାନ୍‌ସର ପ୍ରଭୃତି ହେବା ସମ୍ଭାବନା ଅଧିକ ଥାଏ।

ପରିସଂଖ୍ୟାନରୁ ଜଣାଯାଏ ଓଡ଼ିଶାରେ ବର୍ଷକୁ ପ୍ରାୟ ୧୨୪୦୦ କୁଇଣ୍ଟାଲ ଆକ୍ଟିଭ ଇନଗ୍ରେଡିଏଣ୍ଟ କୀଟନାଶକ ବ୍ୟବହାର ହୁଏ। ବଜାରରେ ଉପଲବ୍ଧ ବ୍ୟବସାୟିକ ଉତ୍ପାଦ ହିସାବକୁ ନେଲେ ଏହି ପରିମାଣ ୨/୩ ଗୁଣରୁ ଅଧିକ ହେବ। ଆମ ଦେଶରେ ବାଇଗଣ ଫସଲରେ ଉତ୍ପାଦନ ଋତୁରେ ହେକ୍ଟର ପିଛା ୪.୬ କିଲୋ କୀଟନାଶକ ଦ୍ରବ୍ୟଗୁଣ (ଆକ୍ଟିଭ ଇନଗ୍ରେଡିଏଣ୍ଟ ଅର୍ଥାତ ୯.୨ରୁ ୧୩.୮ କିଲୋ ବଜାର ଉପଲବ୍ଧ କୀଟନାଶକ ବ୍ୟବହାର କରାଯାଉଛି। ଏହା ସ୍ୱାସ୍ଥ୍ୟ



ଓ ପରିବେଶ ପ୍ରତି ହାନିକାରକ। ଏହି ରାସାୟନିକ କୀଟନାଶକ ପରିବେଶରେ ଥିବା ଲାଭଦାୟକ କୀଟ ଯଥା ମହୁମାଛି, ଭଅଁର, ପ୍ରଜାପତି ଆଦିକୁ ମାରିଦିଅନ୍ତି। ସେମାନଙ୍କ ସଂଖ୍ୟା କମିଗଲେ ଯେଉଁ ଫସଲ ବା ଫଳ ଗଛରେ ପୃଥକ ପୃଥକ ମାଈ ଓ ଅଣ୍ଡିରା ଫୁଲ ଫୁଟେ (ଯଥା ବୋଇତାଳୁ, ଜହ୍ନି, କାକୁଡି, କଲରା ପ୍ରଭୃତି) ସେଠାରେ ପରାଗ ସଂଗମ ଠିକ୍ ଭାବେ ହୋଇ ନ ପାରିବାରୁ ଅମଳ କମିଯାଏ। କାରଣ ଏହି ଉପକାରୀ କୀଟ ମୁଖ୍ୟତଃ ପରାଗ ସଙ୍ଗମ କରିଥାନ୍ତି।

ପୋକା ବାଇଗଣର ଅର୍ଥ ହେଉଛି ସେଥିରେ ରାସାୟନିକ କୀଟନାଶକ ପ୍ରୟୋଗ ହୋଇ ନାହିଁ। ବାଇଗଣ ପୋକ ହୋଇଛି ଅର୍ଥ ସେଥିରେ କୀଟନାଶକ ସିଞ୍ଚନ କରାଯାଇନାହିଁ। ପୋକା ବାଇଗଣରେ ପୋକ କୌଣସି ପ୍ରକାର କ୍ଷତିକାରକ ରାସାୟନିକ ପଦାର୍ଥ ଛାଡ଼ି ନଥାଏ। ପୋକା ବାଇଗଣ କିଣି ଘରେ କାଟି ପୋକା ଅଂଶ ଓ ପୋକ ବାହାର କରି ଫିଙ୍ଗିଦିଅନ୍ତୁ। ଭଲ ଅଂଶକୁ ତରକାରି କରି ଖାଆନ୍ତୁ। ଏହା ଜୈବିକ ଉତ୍ପାଦ ଭଳି ସ୍ୱାସ୍ଥ୍ୟପ୍ରଦ। ଅଜାଣତରେ ଯଦି ପୋକର ଅଂଶ କିମ୍ବା ପୋକ ତରକାରିରେ ରହିଯାଏ, ତା ହେଲେ ଏହା ଶରୀର ପାଇଁ କ୍ଷତିକାରକ ନୁହେଁ। ଆମେ ସାଧାରଣତଃ ପୋକା ବାଇଗଣ କିଣନ୍ତିନି। ମାତ୍ର ଥରେ ଭାବିକି ଦେଖନ୍ତୁ ତ ଦେଶୀ କୁକୁଡ଼ା ପୋକ, ଯୋକ, ଖରାପ ଜିନିଷ କେତେ କ'ଣ ନ ଖାଉଛି ? ମାତ୍ର ତା' ମାଂସକୁ ତ ଆମେ ଆଗ୍ରହରେ ଖାଉଛନ୍ତି। ସେହିପରି ଘୁଷୁରି କେତେ ପଚା, ଶଢ଼ା ଖରାପ ଖାଦ୍ୟ ସବୁ ଖାଉଛି। ମାତ୍ର ଆମେ ତା'ର ମାଂସକୁ ତ ଆରାମରେ ଖାଉଛନ୍ତି, କିନ୍ତୁ ଯେଉଁ ପୋକ ଫୁଲ, ଫଳ, ପନିପରିବା, ମକରନ୍ଦ ଇତ୍ୟାଦି ଖାଉଛି, ତାକୁ ବହୁତ ଘୃଣା କରୁଛନ୍ତି। ଏହା ଆମ ମାନସିକତାର ସମସ୍ୟା। ପୋକା ବାଇଗଣ କିଣି ଖାଇବାରେ ଅସୁବିଧା ନାହିଁ। ଆପଣମାନେ ରୋଗରେ ପଡ଼ିବେ ନାହିଁ। ପୋକା ବାଇଗଣକୁ ବଜାରରୁ ଉଚିତ ମୂଲ୍ୟ ଦେଇ କିଣନ୍ତୁ। ବଜାରରେ ପୋକା ବାଇଗଣ ଅଧିକ ଦରରେ ବିକ୍ରି ହେଲେ ଚାଷୀ ଭାଇ ଆଉ ବାଇଗଣ କିଆରିରେ ଅଧିକ କୀଟନାଶକ ପ୍ରୟୋଗ କରିବେ ନାହିଁ। ଜମିରେ କୀଟନାଶକ ପ୍ରୟୋଗ ନ ହେଲେ ଉପକାରୀ ଜୀବଙ୍କ ସଂଖ୍ୟା ବଢିବ ଓ ଭଲ ପରାଗ ସଂଗମ ହେବା ଦ୍ୱାରା ଫସଲ ଉତ୍ପାଦନ ଅଧିକ ହେବ। ଆମ ପରିବେଶ ସୁସ୍ଥ ରହିବ। ଆମ ମାଟି ପାଣି ପବନ ଇତ୍ୟାଦି ପ୍ରଦୂଷଣ ମୁକ୍ତ ରହିବ। ମାଟିରେ କୀଟନାଶକ ମାତ୍ରା କମିଲେ ଜିଆ ଓ ଜୈବ ପଦାର୍ଥ ବିବନ୍ଧକ କୀଟଙ୍କ ସଂଖ୍ୟା ବୃଦ୍ଧି ହେବ, ଯାହାକି ପରିବେଶ ସୁରକ୍ଷାରେ ବିଶେଷ ଭାବେ ସହାୟକ ହେବ। ଆମକୁ ଏ ବିଷୟରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି।

କିଛି ଦିନ ପୂର୍ବେ ଓଡ଼ିଶାର ଏକ ପ୍ରମୁଖ ବାଇଗଣ ଚାଷ ହେଉଥିବା ଅଞ୍ଚଳରେ ମୁଁ ଚାଷୀଙ୍କ ସହିତ ଭାବ ବିନିମୟ ସମୟରେ ଜାଣିବାକୁ ପାଇଲି ଯେ ଏବେକାର ଚାଷୀମାନେ ବାଇଗଣରେ ପୋକ ଲାଗିବା ଆଗରୁ ସତର୍କତାମୂଳକ କୀଟନାଶକ ସିଞ୍ଚନ କରୁଛନ୍ତି। ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ମନୁଷ୍ୟ କ୍ଷେତ୍ରରେ ମଧ୍ୟ ସତର୍କତାମୂଳକ ଔଷଧ ଖାଇବାର ବ୍ୟବସ୍ଥା ନାହିଁ କେବଳ ଟିକା ନେବାର ବ୍ୟବସ୍ଥା ଅଛି। ବାଇଗଣ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ଭୁଲ୍। ଦ୍ୱିତୀୟରେ ବାଇଗଣ କିଆରିରେ ବାଇଗଣରେ ପୋକ ଲାଗିଲେ କୀଟନାଶକ ସିଞ୍ଚନ କରିବା କଥା ନୁହେଁ। ଯେତେବେଳେ ଏହା ଅର୍ଥନୈତିକ କ୍ଷତି ସୀମା ଟପିବ ତା' ପରେ ଯାଇ କୀଟନାଶକ ସିଞ୍ଚନ କରିବା ଦରକାର। ବାଇଗଣ ପାଇଁ ଅର୍ଥନୈତିକ କ୍ଷତି ସୀମା ହେଉଛି ସମଗ୍ର କିଆରିରେ ଶତକଡା ୫ ଭାଗ ପୋକା ବାଇଗଣ ଦୃଶ୍ୟମାନ ହେବା କିମ୍ବା ଶତକଡା ୦.୫ରୁ ୧ ଭାଗ ଗଛ ଅଗ ନଷ୍ଟ ହେବା। ତେଣୁ ଚାଷୀଭାଇ ସେହି ଅନୁସାରେ କୀଟନାଶକ ପ୍ରୟୋଗ କରିବା ଦରକାର। ଏ ତ ଗଲା ବାଇଗଣ କଥା। ଭେଣ୍ଡି, ଫୁଲକୋବି, ବନ୍ଧାକୋବି ଭଳି ସବୁ ପନିପରିବାର କାହାଣୀ ବାଇଗଣ ପରି। ଆମେ ଅଣରାସାୟନିକ ପଦ୍ଧତିରେ କୀଟ ଦମନ କରିପାରିଲେ ସର୍ବୋତ୍ତମ। ମାତ୍ର ପୋକା ଫଳ ଓ ପନିପରିବାକୁ ନିକୃଷ୍ଟ ଭାବିବା ଠିକ୍ ନୁହେଁ। ପୋକା ଫଳ ଓ ପନିପରିବାକୁ ଘୃଣା କରିବା ମାନବ ସମାଜର ଏକ ବଡ଼ ଅଜ୍ଞତା। ତାକୁ ଆମର ମିଳିତ ପ୍ରୟାସରେ ଦୂର କରିବାକୁ ହେବ। ଗଣମାଧ୍ୟମ, ପ୍ରଶାସକ ଏବଂ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏ ଦିଗରେ ସଚେତନତା ସୃଷ୍ଟି କରିପାରିଲେ ଟନ୍ ଟନ୍ ରାସାୟନିକ ବିଷ ଖାଦ୍ୟରେ ପ୍ରୟୋଗ କରିବାକୁ ପଡିବନି ଏବଂ ଚାଷୀର ଚାଷ ଖର୍ଚ୍ଚ ମଧ୍ୟ ବଢ଼ିବ ନାହିଁ।

**ପ୍ରଧାନ ବୈଜ୍ଞାନିକ, ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ , ଭୁବନେଶ୍ୱର**
**ମୋ: ୮୯୧୭୪୨୬୪୪୦**

# ସହସ୍ର ରୂପରେ, ସହସ୍ର କ୍ଷେତ୍ରରେ ମଧୁସୂଦନ




ସୀତାଂଶୁ ମୋହନ ଦ୍ୱିବେଦୀ

ଉତ୍କଳଗୌରବ ମଧୁସୂଦନ ଏବଂ ଉତ୍କଳମଣି ଗୋପବନ୍ଧୁ ଉଭୟ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଉତ୍ସର୍ଗୀକୃତ ପ୍ରାଣ। ଓଡ଼ିଆ ଭାଷା ଅଞ୍ଚଳକୁ ନେଇ ଏକ ନୂତନ ଓଡ଼ିଶା ପ୍ରଦେଶ ଗଠନ ହୋଇପାରିଲେ ଓଡ଼ିଆ ଜାତି ଓ ଓଡ଼ିଆ ଭାଷାର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ। ଏହି ଲକ୍ଷ୍ୟରେ ମଧୁସୂଦନ ଓ ଗୋପବନ୍ଧୁ ଉତ୍କଳ ସମ୍ମିଳନୀ ଜରିଆରେ ମଧ୍ୟପ୍ରଦେଶ, ବଙ୍ଗ ଏବଂ ମାନ୍ଦ୍ରାଜ ସହିତ ଯୋଡ଼ି ହୋଇ ରହିଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଲଢ଼େଇ କରିଥିଲେ।

ପ୍ରଖ୍ୟାତ ଜାତୀୟବାଦୀ ନେତା ତଥା ଜଣେ ବିଶିଷ୍ଟ ଆଇନଜ୍ଞ ଓ ଦେଶବତ୍ସଳ ନାୟକ ରୂପେ ମଧୁସୂଦନ ଦାସଙ୍କର ଓଡ଼ିଶା ପାଇଁ ସର୍ବଶ୍ରେଷ୍ଠ ଅବଦାନ ରହିଥିଲା। ଜାଗ୍ରତ ପ୍ରହରୀ ମଧୁସୂଦନଙ୍କର ଓଡ଼ିଶା ପ୍ରତି ଅତୁଳନୀୟ ଅବଦାନ ଥିଲେ ମଧ୍ୟ ରାଷ୍ଟ୍ରମର୍ଯ୍ୟାଦା ପାଇବାରୁ ସେ ବଞ୍ଚିତ ହୋଇଛନ୍ତି। ସେଥିପାଇଁ ସମସ୍ତେ ମଧୁବାବୁଙ୍କ ଜନ୍ମଦିବସକୁ ଓକିଲ ଦିବସରେ ସୀମିତ ନ ରଖି ତାକୁ ରାଷ୍ଟ୍ର ଦିବସ ରୂପେ ପାଳନ କଲେ ତାଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ମଧୁବାବୁ ଥିଲେ ଏକାଧାରରେ ଜଣେ ସମାଜ ସଂସ୍କାରକ, ସାହିତ୍ୟ ସାଧକ, ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା, ଶିଳ୍ପୋଦ୍ୟୋଗୀ, କଳାପ୍ରେମୀ, ଶିକ୍ଷାବିତ୍, ଦାର୍ଶନିକ, ବ୍ୟବସ୍ଥାପକ, ଜନନାୟକ ଏବଂ ରାଷ୍ଟ୍ରନାୟକ। ମଧୁବାବୁ ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍, ପ୍ରଥମ ଓଡ଼ିଆ ଏମ୍.ଏ.। ସେ ଥିଲେ ପ୍ରଥମ ବିଲାତ ଯାତ୍ରୀ, ପ୍ରଥମ ଓଡ଼ିଆ ଓକିଲ। ସେ ଥିଲେ ପ୍ରଥମ ଓଡ଼ିଆ ମନ୍ତ୍ରୀ ଏବଂ ମନ୍ତ୍ରୀପଦ ଅବୈତନିକ ଦାବି କରି ଇସ୍ତଫା ଦେବାରେ ଭାରତର ପ୍ରଥମ ମନ୍ତ୍ରୀ। ଛୋଟଲାଟ୍ ସଭା ଏବଂ ବଡ଼ଲାଟ୍ ସଭାରେ ସେ ଥିଲେ ପ୍ରଥମ ଓଡ଼ିଆ ସଦସ୍ୟ। ସେ ଥିଲେ ପ୍ରଥମ ଭାରତୀୟ ଖ୍ରୀଷ୍ଟିଆନ୍ ମଣ୍ଡଳର ସଭାପତି।

ମଧୁସୂଦନ ଯେଉଁସବୁ ଅନୁଷ୍ଠାନଗୁଡ଼ିକର ପ୍ରତିଷ୍ଠାତା ଥିଲେ, ତାଙ୍କର ସୁଦୀର୍ଘ ତାଲିକାରେ ପ୍ରଥମ ହେଉଛି ଉତ୍କଳ ସମ୍ମିଳନୀ (୧୯୦୩)। ଅନ୍ୟଗୁଡ଼ିକ ହେଲା ଓଡ଼ିଆ ସାହିତ୍ୟ ମଞ୍ଚ, ଉତ୍କଳ ସାହିତ୍ୟ ସମାଜ (୧୯୦୩), କୃଷକମାନଙ୍କ ସୁରକ୍ଷାର ପ୍ରଥମ ଅନୁଷ୍ଠାନ ପ୍ରଜା ପରିଷଦ (୧୯୦୯), ଉତ୍କଳ ଟ୍ୟାନେରୀ (୧୯୦୫), ତାଳଗୁଡ଼ ସଂସ୍ଥା (୧୯୦୪), ନାରୀ ଜାଗରଣ ପାଇଁ ବାଳିକା ଉଚ୍ଚ ବିଦ୍ୟାଳୟ (୧୯୦୮), ତନ୍ତଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ର (୧୯୦୫), ତାରକସି ଶିଳ୍ପର ଉନ୍ନୟନ ପାଇଁ ଓଡ଼ିଶା ଆର୍ଟସ୍‌ର ପ୍ରତିଷ୍ଠାନ (୧୮୯୭), ପ୍ରାଦେଶିକ ସ୍ତରରେ କ୍ରୀଡ଼ାର ଉନ୍ନୟନ ଓ ସଂଗଠନ ପାଇଁ ଓଡ଼ିଶା ସ୍ଥାୟୀ ରଙ୍ଗମଞ୍ଚ (୧୮୮୭), ବିହାରୀବାଗରେ ପ୍ରଥମ ଶାସ୍ତ୍ରୀୟ ଓଡ଼ିଆ ସଙ୍ଗୀତ ଆସର (୧୮୮୨) ଇତ୍ୟାଦି। ଓଡ଼ିଶାବାସୀଙ୍କ ପାଇଁ ଆଇନଜୀବୀ ଭାବରେ ମଧୁସୂଦନ ଦାସଙ୍କ ଗୌରବୋଜ୍ଜ୍ୱଳ ଅବଦାନ ହେଲା ବ୍ରିଟିଶ୍ ସରକାରଙ୍କ ଲୁଟ୍ ଏବଂ ଚକ୍ରାନ୍ତମୂଳକ ଆକ୍ରମଣରୁ ଶ୍ରୀଜଗନ୍ନାଥ ମନ୍ଦିରକୁ ସୁରକ୍ଷା ପ୍ରଦାନ ସହିତ ଗଜପତି ପରମ୍ପରାକୁ ସ୍ୱୀକୃତି ପ୍ରଦାନ ମହନୀୟ ବ୍ୟବସ୍ଥା ଗ୍ରହଣ। ଏହାଛଡ଼ା ମାନସିଂହ ପାଟଣା ଡକାୟତି ମୋକଦ୍ଦମା, ଖଣ୍ଡପଡ଼ା ଓ କେନ୍ଦୁଝର ରାଜାଙ୍କ ମୋକଦ୍ଦମା, ସୂର୍ଯ୍ୟମଣି ପାଟଦେଈ, ପରିଆ ରାଜା, ପୁରୀ ରାଜା ରାମଚନ୍ଦ୍ର ଦେବ ପ୍ରମୁଖଙ୍କ ପୋଷ୍ୟପୁତ୍ର ଗ୍ରହଣ ମୋକଦ୍ଦମାରେ ମଧୁବାବୁ ବିଜ୍ଞତା ଏବଂ କାର୍ଯ୍ୟ ଦକ୍ଷତାର ପରିଚୟ ଦେଇଛନ୍ତି। ମଧୁସୂଦନଙ୍କଠାରୁ ଆରମ୍ଭ ହୋଇଛି ଓଡ଼ିଆମାନଙ୍କ ରାଜନୈତିକ ପରମ୍ପରା ଓ ପ୍ରଥମେ ଓଡ଼ିଆମାନଙ୍କୁ ମିଳିଥିଲା ରାଜନୈତିକ କ୍ଷେତ୍ରରେ ପ୍ରବେଶ କରିବାର ମୁକ୍ତ ଅଧିକାର। ଓଡ଼ିଶାର



ପ୍ରାଣ ପ୍ରତିଷ୍ଠାତା, କୁଳବୃଦ୍ଧ ମଧୁସୂଦନଙ୍କର ସମଗ୍ର ଭାରତବର୍ଷରେ ଅନେକ ଭାବଗ୍ରାହୀ ପ୍ରଶଂସକ ଥିଲେ। ସେମାନଙ୍କ ମଧ୍ୟରେ ଜାତିର ଜନକ ମହାତ୍ମା ଗାନ୍ଧୀ, ପଣ୍ଡିତ ମୋତିଲାଲ ନେହରୁ, ଦେଶବନ୍ଧୁ ଚିତ୍ତ ରଞ୍ଜନ ଦାସ, ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ, ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଅଗ୍ରଗଣ୍ୟ। ଦେଶମାତୃକାର ସେବାରେ ନିୟୋଜିତ କରିବାରେ ତାଙ୍କ ଅବଦାନ ଅତୁଳନୀୟ।

୧୯୦୩ରେ ମଧୁବାବୁ କଂଗ୍ରେସରୁ ଅଲଗା ହୋଇ ଉତ୍କଳ ସମ୍ମିଳନୀ ଗଠନ କରିଥିଲେ। ଓଡ଼ିଆ ଭାଷା ଅଞ୍ଚଳକୁ ଏକତ୍ର କରି ନୂତନ ଓଡ଼ିଶା ରାଜ୍ୟ ଗଠନ ନିମନ୍ତେ ଆପ୍ରାଣ ଚେଷ୍ଟା କରିଥିଲେ। ସେତେବେଳେ ଓଡ଼ିଶାର କିଛି ଅଂଶ ପଶ୍ଚିମବଙ୍ଗ ସହିତ ଏବଂ ଆଉ କିଛି ଅଂଶ ବିହାର ଓ ମଧ୍ୟପ୍ରଦେଶ ସହିତ ମିଶି ରହିଥିଲା। ମଧୁସୂଦନଙ୍କ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ଇଂରେଜ ସରକାର ୧୯୦୪ରେ ତାଙ୍କୁ 'ଭାରତ ସାମ୍ରାଜ୍ୟର ସଖା' ଉପାଧିରେ ଭୂଷିତ କରିଥିଲେ। ବଙ୍ଗ, ବିହାର, ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜ ସହିତ ମିଶି ରହିଥିବା ଉତ୍କଳର ବିଭିନ୍ନ ଅଞ୍ଚଳକୁ ମିଶାଇବା ଲାଗି ଯେଉଁ ଆନ୍ଦୋଳନ ହୋଇଆସୁଥିଲା, ତାହା ଓଡ଼ିଆ ଆନ୍ଦୋଳନ ନାମରେ ପରିଚିତ। ୧୮୮୫ରେ ସାର୍ ଜନ୍ ଉଡ୍ କର୍ଣ୍ଣ ସମ୍ବଲପୁରରୁ ଓଡ଼ିଶା ଭାଷା ଉଠାଇ ହିନ୍ଦୀଭାଷା ପ୍ରଚଳନ ପାଇଁ ଆଦେଶ ଦେଇଥିଲେ। ମଧୁବାବୁଙ୍କ ଅଦମ୍ୟ ପ୍ରଚେଷ୍ଟା ଫଳରେ ୧୯୦୬ରେ ସମ୍ବଲପୁର ଉତ୍କଳ ସହିତ ମିଶ୍ରଣ ହୋଇଥିଲା। ଉତ୍କଳ ସମ୍ମିଳନୀ ଓ ଓଡ଼ିଆ ପତ୍ରିକା ମାଧ୍ୟମରେ ଅବହେଳିତ ଉତ୍କଳର ସ୍ୱାଭିମାନ ଫେରାଇ ଆଣିବା ପାଇଁ ସେ ଆନ୍ଦୋଳନ ଚଳାଇ ଆସିଥିଲେ। ମଧୁବାବୁ ମଧ୍ୟ ସାଇମନ୍ କମିଶନ, ଓଡନେଲ କମିଟି ଓ ହବାକ୍ କମିଟି ଆଗରେ ସାକ୍ଷ୍ୟ ଦେଇଥିଲେ। ୧୯୨୭ରେ ସାଇମନ୍ କମିଶନ ଆଗରେ ମଧୁବାବୁ ତାଙ୍କର ଅନ୍ୟ ସହଯୋଗୀ ବନ୍ଧୁମାନଙ୍କ ସହିତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଯଥାର୍ଥତା ଜଣାଇଥିଲେ। ୧୯୩୧ରେ ସରକାର 'ଓଡନେଲ କମିଟି' ମାଧ୍ୟମରେ ଓଡ଼ିଶାର ନ୍ୟାଯ୍ୟ ଦାବି ସମ୍ପର୍କରେ ଅନୁସନ୍ଧାନ କଲେ। ଏହି କମିଟି ସୁପାରିସ ଅନୁଯାୟୀ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇପାରିଲା। ୧୯୩୬ ଏପ୍ରିଲ ପହିଲାରେ ମଧୁବାବୁଙ୍କର ସ୍ୱପ୍ନର ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟର ସମ୍ମାନ ହାସଲ କଲା। କିନ୍ତୁ ତା' ପୂର୍ବରୁ ମଧୁବାବୁ ମୃତ୍ୟୁବରଣ କରିଥିଲେ।

ମଧୁସୂଦନ ଥିଲେ ସ୍ୱଦେଶୀ ଶିଳ୍ପୀ ଆନ୍ଦୋଳନର ପ୍ରଥମ ପ୍ରବର୍ତ୍ତକ। ତେଣୁ ସେ ତାରକସି ଶିଳ୍ପର ବିକାଶ ପ୍ରତି ଯଥେଷ୍ଟ ଦୃଷ୍ଟି ଦେଇଥିଲେ। ମଧୁବାବୁ ଓଡ଼ିଶାର ଚମଡ଼ା କାରିଗରମାନଙ୍କର ମାନରେ ଉନ୍ନତି ଆଣିବା ପାଇଁ କଟକରେ ୧୯୦୫ରେ 'ଉତ୍କଳ ଟ୍ୟାନେରୀ' ନାମରେ ଚମଡ଼ା ଶିଳ୍ପ କାରଖାନା ଗଢ଼ିଥିଲେ । ସେ ନିଜେ ସେହି ଚମଡ଼ା କାରଖାନାରେ ଅନ୍ୟାନ୍ୟ କାରିଗରଙ୍କ ସହ ଶାରୀରିକ ପରିଶ୍ରମ କରୁଥିଲେ। ମଧୁବାବୁ ମନେକରିଥିଲେ ଯେ, ଯଦି ଓଡ଼ିଶା ନିର୍ମିତ ଜୋତା ଉଚ୍ଚମାନ ରକ୍ଷା ନ କରେ, ତା'ହେଲେ ତାହା ଓଡ଼ିଆ ଜାତି ପ୍ରତି ଲଜ୍ଜାକର ହେବ। ମଧୁବାବୁ ହେଉଛନ୍ତି ଓଡ଼ିଶାର ଚିରକାଳର ବର୍ତ୍ତମାନ, ଯାହାଙ୍କର ନିରବଚ୍ଛିନ୍ନ ଅବଦାନ ଓଡ଼ିଶାକୁ ମହିମାମଣ୍ଡିତ କରିଛି। ଯେତେ ଦିନ ପର୍ଯ୍ୟନ୍ତ ଓଡ଼ିଶା ତିଷ୍ଠି ରହିଥିବ, ମୁକୁଟବିହୀନ ସମ୍ରାଟ ଉତ୍କଳ ଗୌରବ ମଧୁବାବୁ ମୃତ୍ୟୁଞ୍ଜୟ ହୋଇ ରହିଥିବେ। ମଧୁବାବୁଙ୍କ ପ୍ରଚେଷ୍ଟା ଯୋଗୁ ଭାରତୀୟ ନାରୀମାନେ ପାଇଥିଲେ ଆଇନଜୀବୀ ବୃତ୍ତି ଗ୍ରହଣର ଯୁଗାନ୍ତକାରୀ ଅଧିକାର ୧୯୨୩ ସାଲରେ।

ଓଡ଼ିଶାର ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନାରେ ଇଂରେଜ ସରକାରଙ୍କର ଅଧିକାରକୁ ପ୍ରତିହତ କରିଥିଲେ ମଧୁସୂଦନ ଆଇନଗତ ସଂଗ୍ରାମରେ, ଯେଉଁଥିପାଇଁ ସମଗ୍ର ଓଡ଼ିଆ ଜାତି ତାଙ୍କ ନିକଟରେ କୃତଜ୍ଞ ରହିବ। ଏହାଛଡ଼ା ମଧୁସୂଦନ ଥିଲେ ଗଡ଼ଜାତ ଶାସନ ବ୍ୟବସ୍ଥାର ଦୃଢ଼ ସମାଲୋଚକ। ଭାରତର ପ୍ରଖ୍ୟାତ ଜାତୀୟବାଦୀ ନେତା ମଧୁବାବୁଙ୍କର ଜଣେ ଦେଶବତ୍ସଳ ନାୟକ ରୂପେ ସର୍ବଶ୍ରେଷ୍ଠ ଅବଦାନ ଥିଲା। ଜଣେ ଆଇନଜୀବୀ ଭାବେ ତାଙ୍କ ଭୂମିକା ଅତ୍ୟନ୍ତ ପ୍ରେରଣାଦାୟକ ତଥା ଗରିମାମୟ, ଯାହା ଦେଶବାସୀଙ୍କୁ କାଳକାଳକୁ ମାର୍ଗଦର୍ଶନ କରୁଥିବ।

**ମୋ: ୯୯୩୭୦୮୦୦୦୧**

## ଏଇ ଭାରତରେ

ଖରାଦିନେ ପୋଷାକ ଖଣ୍ଡେ ପିନ୍ଧି ନିତିଦିନିଆ କାମ କରୁଥିବେ, କିଛି ସମୟ ପରେ ଦେହରେ ଆପେଆପେ ଏସିର ଥଣ୍ଡା ପବନ ବାଜିବା ଭଳି ଅନୁଭବ ହେବ। ଏମିତି ଏକ କଥାକୁ କଳ୍ପନା ବୋଲି ଭାବୁଛନ୍ତି କି! ଆଦୌ ନୁହେଁ। ବିହାରର ଭାଗଲପୁରରେ ଏପରି ଏକ ସ୍ୱତନ୍ତ୍ର ଧରଣର କପଡା ପ୍ରସ୍ତୁତ କରାଯାଇଛି, ଯାହା ଥଣ୍ଡା ଅନୁଭବ ଆଣିଦେଇପାରିବ। ଏଠାକାର ବୁଣାକାରମାନେ ଖରାଦିନ ପାଇଁ ସ୍ୱତନ୍ତ୍ରଭାବେ ଏଭଳି ବିଭିନ୍ନ ପ୍ରକାର କପଡା ତିଆରି କରିଛନ୍ତି। ଜଣେ ବୁଣାକାର ହେମନ୍ତ କୁମାର କହିଛନ୍ତି ଯେ ସାରା ଦେଶରେ ଭାଗଲପୁର କପଡାର ସ୍ୱତନ୍ତ୍ର ଚାହିଦା ରହିଛି। ତେଣୁ କିଛି ନୂଆ ଢଙ୍ଗରେ କପଡା ତିଆରି କରିବା ପାଇଁ ବୁଣାକାରମାନେ ସବୁବେଳେ ଚେଷ୍ଟା କରନ୍ତି। ଏବେ ଖରାଦିନ ପାଇଁ ଏଭଳି କପଡା ତିଆରି ହୋଇଛି, ଯେଉଁଥିରେ ପୋଷାକ ତିଆରି କରି ପିନ୍ଧିଲେ ଆଦୌ ଗରମ ଅନୁଭବ ହେବ ନାହିଁ। ବିଶେଷକରି ଏହା କଟନ ଓ ସ୍ୱତନ୍ତ୍ର ପ୍ରକାରର ସିଲ୍କ କପଡାରେ ତିଆରି କରାଯାଇଛି। ଏହି କପଡା ଶରୀରରୁ ବାହାରୁଥିବା ଝାଳକୁ ତୁରନ୍ତ ଗ୍ରହଣ କରିନେବ। ତେଣୁ କପଡାର ବିଶେଷତ୍ୱ ଅନୁସାରେ ଅଳ୍ପ ପବନ ବାଜିଲେ ତାହା ଶରୀରକୁ ଏକପ୍ରକାର ଥଣ୍ଡା ଅନୁଭବ ଦେବ। ତା'ଛଡା ଏହାକୁ ପିନ୍ଧିଲେ ଆରାମ ଅନୁଭବ ସହିତ ତ୍ୱଚାର କୌଣସି ସମସ୍ୟା ମଧ୍ୟ ଦେଖାଦେବ ନାହିଁ। ତେଣୁ ଅନ୍ୟ ଅର୍ଥରେ କହିଲେ ଏହି କପଡାରୁ ତିଆରି ପୋଷାକକୁ ଏକ ଚଳନ୍ତା ଏସି କହିଲେ ବି ଭୁଲ ହେବ ନାହିଁ। ତେବେ ଅନ୍ୟ କପଡା ଭଳି ଏଥିରେ ନିଜ ଇଚ୍ଛା ଅନୁସାରେ ବିଭିନ୍ନ ଡିଜାଇନ୍ ପୋଷାକ ବି ତିଆରି କରିହେବ।

## ୫୦ ବର୍ଷ ତଳର ଧରିତ୍ରୀ

**୨୮ ଏପ୍ରିଲ ୧୯୭୬**

- ଦେଶରେ ଖୋଟ ଶିଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ୨୦ ଜଣିଆ ଏକ ଦ୍ୱିପାକ୍ଷିକ ଶିଳ୍ପ କମିଟି ଗଠନ।
- ସୋଭିଏତ୍ ରୁଷିଆର ପ୍ରତିରକ୍ଷା ମନ୍ତ୍ରୀ ମାର୍ଶାଲ ଆଣ୍ଡ୍ରି ଆଣ୍ଟନୋଭିକ ଗ୍ରେଚକୋଙ୍କ ୭୨ ବର୍ଷ ବୟସରେ ପରଲୋକ।
- ଭିଏନ୍‌ତିଏନ୍ ପ୍ରଦେଶର ସାମଖେ ଜେଲ ଭିତରେ ୫ ଶହରୁ ଅଧିକ ରାଜନୈତିକ ବନ୍ଦୀଙ୍କ ସଶସ୍ତ୍ର ସଂଘର୍ଷ ଘଟାଇ ଜେଲରୁ ପଳାୟନ।

## ଚିରନ୍ତନୀ

ସେ କାଳ ଏକାଳ ପୀରତିରେ ସିନା
ବଦଳି ଗଲାଣି ବାହାର ରୂପ
ସବୁରି ତଳରେ ସତ ଯାହା ଅଛି
କହିବାର ନୁହେଁ, ରହିବା ଚୁପ।
-(ପ୍ରେମର ଅର୍ଥ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | 3 | | | 1 | |
| | | | | | 8 | | | |
| 1 | | | | 7 | 9 | | | 6 |
| | 1 | | | | | | | 5 |
| | | 3 | | | | | | 2 |
| 9 | | | 2 | | 7 | 4 | | |
| | | 4 | | 2 | | | | |
| | | | 4 | | | 5 | | 7 |
| | 5 | | | 8 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 1 | 5 | 8 | 9 | 2 | 7 | 3 |
| 9 | 3 | 8 | 4 | 2 | 7 | 1 | 6 | 5 |
| 5 | 2 | 7 | 6 | 1 | 3 | 8 | 4 | 9 |
| 1 | 5 | 3 | 8 | 9 | 4 | 6 | 2 | 7 |
| 2 | 7 | 4 | 3 | 6 | 1 | 5 | 9 | 8 |
| 6 | 8 | 9 | 2 | 7 | 5 | 4 | 3 | 1 |
| 8 | 9 | 6 | 1 | 3 | 2 | 7 | 5 | 4 |
| 3 | 1 | 5 | 7 | 4 | 6 | 9 | 8 | 2 |
| 7 | 4 | 2 | 9 | 5 | 8 | 3 | 1 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଚାର ଆଜି ଅବିଚାର ପଛାରେ ଧାବମାନ

ମହାଶୟ,

ଭାରତ ଭୂଇଁରେ ବିଚାରକ, ନ୍ୟାୟ ଓ ସମ୍ବିଧାନର ମୂଲ୍ୟବୋଧ ଆଜି କଳଙ୍କିତ । ନିନ୍ଦନୀୟ ବିଷୟ ଏହି ଯେ କିଛିଦିନ ତଳେ ଜଣେ ଭାରତୀୟ ବରିଷ୍ଠ ବିଚାରପତିଙ୍କ ଘରୁ ରହସ୍ୟପୂର୍ଣ୍ଣ ଭାବେ ଅଧା ପୋଡ଼ିଯାଇଥିବା ଲକ୍ଷ ଲକ୍ଷ ଟଙ୍କାବିଡ଼ାକୁ ଜବତ କରାଯାଇଛି। ଏହା ଯେତିକି ଦୁଃଖଦ ସେତିକି ଆଶ୍ଚର୍ଯ୍ୟଜନକ ଘଟଣା । ଏହାକୁ ଭାରତର ଜନତା ଦେଖିପାରିଲେ ଏବଂ ଆଲୋଚନା, ସମାଲୋଚନା କଲେ । ଆଜି ଭାରତର ଗଳିକନ୍ଦିରେ ତୀବ୍ର ଅସନ୍ତୋଷ ସହିତ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ଗୋଟିଏ ବିଶେଷ କଥା ଭାରତୀୟ ସମ୍ବିଧାନର କ'ଣ ମୂଲ୍ୟ କିଛି ନାହିଁ ?

**-ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ନୀତି ରାଜନୀତି

# ଆତଙ୍କବାଦ ନିରୋଧୀ ଲଢ଼େଇରେ ଦେଶବାସୀ ଏକଜୁଟ୍: ଭାଜପା



ଭଦ୍ରକର ଧାମରାଠାରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟମାନେ 'ମନ୍ କୀ ବାତ୍' ଶୁଣୁଛନ୍ତି।

ଭୁବନେଶ୍ୱର, ୨୭।୪(ରବିନାରାୟଣ ଜେନା)

ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୨୧ତମ ସଂସ୍କରଣରେ ଜମ୍ମୁ ଓ କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ବର୍ବରୋଚିତ ଆକ୍ରମଣ ଘଟଣାକୁ ମନେ ପକାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖବ୍ୟକ୍ତ କରିଛନ୍ତି। ପୀଡ଼ିତ ଏବଂ ସେମାନଙ୍କ ପରିବାର ପ୍ରତି ପ୍ରଧାନମନ୍ତ୍ରୀ ସମବେଦନା ଜଣାଇଛନ୍ତି। ତେବେ ଆତଙ୍କବାଦ ନିରୋଧୀ ଲଢ଼େଇରେ ପୂରା ଦେଶବାସୀ ପ୍ରଧାନମନ୍ତ୍ରୀଙ୍କ ସହ ଅଛନ୍ତି ବୋଲି ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ କହିଛନ୍ତି।

ସେ କହିଛନ୍ତି ଯେ, ଭାଜପା ସରକାର ଜମ୍ମୁ-କଶ୍ମୀରରୁ ୩୭୦ ଉଚ୍ଛେଦ କରି ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଭାବେ ଘୋଷଣା କରିବା ପରେ ସେଠାରେ ଶାନ୍ତି ଫେରୁଥିଲା। ପର୍ଯ୍ୟଟକଙ୍କ ସଂଖ୍ୟାରେ ଅଭୁତପୂର୍ବ ବୃଦ୍ଧି ସହ ସ୍ଥାନୀୟ ଲୋକଙ୍କ ରୋଜଗାର ବଢ଼ୁଥିଲା। ହେଲେ ଆତଙ୍କବାଦୀମାନେ ଏହାକୁ ସହି ନ ପାରି ଧର୍ମ ଆଧାରରେ କଶ୍ମୀରରେ ଯେଉଁ ଅମାନବୀୟ କାଣ୍ଡ କଲେ ତାହାକୁ ନିନ୍ଦା କରୁଛି। ନିରୀହ ପର୍ଯ୍ୟଟକଙ୍କୁ ଆକ୍ରମଣ କରି ଆତଙ୍କବାଦୀମାନେ ନିଜର କାପୁରୁଷତାର ପରିଚୟ ଦେଇଛନ୍ତି। ସେମାନଙ୍କୁ ଜବାବ ଦେବାପାଇଁ ଏବଂ ଆଗକୁ ଦେଶର ହିତ ଲାଗି ପ୍ରଧାନମନ୍ତ୍ରୀ ଯାହା ସବୁ ପଦକ୍ଷେପ ନେବେ ସେଥିରେ ସମସ୍ତଙ୍କ ପୂର୍ଣ୍ଣ ସହଯୋଗ ରହିବ ବୋଲି ଭଦ୍ରକ ଧାମରାଠାରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଶୁଣିବା ଅବସରରେ ମନମୋହନ ଏହା କହିଛନ୍ତି।

## କଂଗ୍ରେସର ଆଜି ସମ୍ବିଧାନ ବଞ୍ଚାଅ ଆନ୍ଦୋଳନ

ଭୁବନେଶ୍ୱର,୨୭।୪(ରବିନାରାୟଣ ଜେନା)

ସମ୍ବିଧାନର ଡୋରରେ ଦେଶବାସୀ ବନ୍ଧା। ହେଲେ କେନ୍ଦ୍ର ଏବଂ ରାଜ୍ୟରେ ଭାଜପା ସରକାର ତିଳେ ହେଲେ ସମ୍ବିଧାନକୁ ଖାତିର କରୁନାହାନ୍ତି। ଏଥିପାଇଁ ସୋମବାର ରାଜ୍ୟ କଂଗ୍ରେସ ତରଫରୁ ସମ୍ବିଧାନ ବଞ୍ଚାଅ ଅଭିଯାନ କାର୍ଯ୍ୟକ୍ରମ ଜୋରଦାର କରାଯିବ ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି। ରବିବାର ସରକାରୀ ବାସଭବନରେ ଖବରଦାତା ସମ୍ମିଳନୀରେ କାଡାମ କହିଥିଲେ, ରାଜ୍ୟରେ ନାରୀ ନିର୍ଯାତନା ଦିନକୁ ଦିନ ବଢ଼ି ଚାଲିଛି। ଶିଶୁ ଚୋରି ଏବେ ନିତିଦିନିଆ ଘଟଣା ହୋଇଗଲାଣି। ହେଲେ ରାଜ୍ୟ ସରକାର ଏଦିଗରେ ଯେଭଳି ଠୋସ୍ ପଦକ୍ଷେପ ଉଠାଇବା କଥା ତାହା କରୁ ନାହାନ୍ତି। ନାରୀଙ୍କୁ ନ୍ୟାୟ ଦେବା ବଦଳରେ ଚୁପ୍ ବସୁଛନ୍ତି। ତେଣୁ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଡକର, ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସମ୍ମାନାର୍ଥେ ସୋମବାର ଗାନ୍ଧୀମାର୍ଗରେ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ସମ୍ବିଧାନ ବଞ୍ଚାଅ ଆନ୍ଦୋଳନକୁ ଜୋରଦାର କରାଯିବ।

ସେ କହିଛନ୍ତି ଯେ, ପର୍ଯ୍ୟାୟକ୍ରମେ ଜିଲାସ୍ତରରୁ ଆରମ୍ଭ କରି ପଞ୍ଚାୟତ କ୍ଷେତ୍ରରେ ମଧ୍ୟ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବ। ପରେ କଂଗ୍ରେସ ନେତା ଏବଂ କର୍ମୀମାନେ ଘରକୁ ଘର ଯାଇ ସମ୍ବିଧାନ ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବେ। କାଡାମ କହିଥିଲେ, ରାଜ୍ୟରେ ଆଦିବାସୀ ଓ ପଛୁଆବର୍ଗଙ୍କୁ ସରକାର ଉପେକ୍ଷା କରି ଚାଲିଛନ୍ତି। ଆଗାମୀ ଦିନରେ ସେନେଇ ଆନ୍ଦୋଳନ କରାଯିବ। ରାଜ୍ୟରେ 'ପେସା' ଆଇନ ଯେଭଳି ଠିକଣା ଭାବେ କାର୍ଯ୍ୟକାରୀ ହେବ ଏବଂ ସମସ୍ତଙ୍କୁ ଉଚିତ ନ୍ୟାୟ ମିଳିବ ସେଥିପାଇଁ କଂଗ୍ରେସ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ।

## ମହିଳାଙ୍କ ସୁରକ୍ଷା ପାଇଁ ସଂଘର୍ଷ ଜାରି ରଖିବୁ: କଂଗ୍ରେସ

### ୧୦ମାସରେ ୨ହଜାର ନାରୀ ନିର୍ଯାତନା

ଭୁବନେଶ୍ୱର,୨୭।୪(ରବିନାରାୟଣ ଜେନା)

ରାଜ୍ୟରେ ମୋହନ ସରକାର ଅମଳରେ ୨ହଜାର ନାରୀ ନିର୍ଯାତନାର ଶିକାର ହେଲେଣି ବୋଲି କଂଗ୍ରେସ ଅଭିଯୋଗ କରିଛି। ରବିବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସର ତଥ୍ୟ ଅନୁଧ୍ୟାନକାରୀ ଦଳ କମିଟି ଅଧ୍ୟକ୍ଷ ନଗେନ୍ଦ୍ର କୁମାର ପ୍ରଧାନ କହିଛନ୍ତି, ରାଜ୍ୟରେ ହୁ ହୁ ହୋଇ ନାରୀ ନିର୍ଯାତନା ବଢ଼ି ଚାଲିଛି। ଏମିତି କି ଫେବୃଆରୀ ୨୧ ତାରିଖରୁ ଅଦ୍ୟାବଧି ଶତାଧିକ ନାବାଳିକା ମାତୃତ୍ୱ ଲାଭ କରିବା ଏବଂ ନିରୀହ ଶିଶୁମାନେ ବଳାତ୍କାର ଓ ହତ୍ୟାର ଶିକାର ହୋଇସାରିଲେଣି। ଗତ ୨୫ ତାରିଖରେ ଗଞ୍ଜାମର ପାଟପୁର ଥାନା ଅନ୍ତର୍ଗତ ୪ ବର୍ଷର ଶିଶୁକନ୍ୟାକୁ ବଳାତ୍କାର ପରେ ହତ୍ୟା ଘଟଣା ହେଉ ଅବା ଗତ ମାର୍ଚ୍ଚ ମାସ ଅନୁଗୋଳର ଦିସା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ଅଞ୍ଚଳର ୬ ବର୍ଷର ଶିଶୁ କନ୍ୟାକୁ ବଳାତ୍କାର ପରେ ହତ୍ୟା ଘଟଣା କିମ୍ବା ଢେଙ୍କାନାଳର ହିନ୍ଦୋଳ





କଂଗ୍ରେସ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ତଥ୍ୟ ଅନୁଧ୍ୟାନକାରୀ ଦଳ କମିଟି ଅଧ୍ୟକ୍ଷ ନଗେନ୍ଦ୍ର କୁମାର ପ୍ରଧାନ ଓ ଅନ୍ୟ ନେତାମାନେ।

ଥାନା ଅଞ୍ଚଳରେ ୭ ବର୍ଷର ଶିଶୁ କନ୍ୟାକୁ ଗଣବଳାତ୍କାର ଘଟଣା ହେଉ ଏହା ଭାଜପା ସରକାରଙ୍କ ଅପାରଗ ପଣିଆକୁ ଦର୍ଶାଉଛି।

ସେ କହିଛନ୍ତି, ଚଳିତବର୍ଷ ମାଟ୍ରିକ ପରୀକ୍ଷା ଚାଲୁଥିବା ବେଳେ ୨୧ ଫେବୃଆରୀରେ ମାଲକାନଗିରିର ଚିତ୍ରକୋଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟର ଜନୈକ ନାବାଳିକା ଛାତ୍ରୀ ବିଦ୍ୟାଳୟର ଛାତ ଉପରେ ସନ୍ତାନ ପ୍ରସବ କରିବା ଘଟଣାଠାରୁ ଆରମ୍ଭ କରି ଯାଜପୁର ବରି ଥାନା ଅଞ୍ଚଳରେ ମାଟ୍ରିକ ପରୀକ୍ଷାର ଦ୍ୱିତୀୟଦିନ ୨୩ ଫେବୃଆରୀରେ ଜନୈକ ଛାତ୍ରୀ ସନ୍ତାନ ପ୍ରସବ କରିବା ଘଟଣା ରାଜ୍ୟର ଆଇନଶୃଙ୍ଖଳା ବିଫଳତାକୁ ସ୍ପଷ୍ଟ ପ୍ରମାଣିତ କରୁଛି। ଏତେସବୁ ଘଟଣା ପରେ ବି ଭାଜପା ସରକାର ଚୁପ୍ ବସିଛି। ଏ ସରକାରଠାରୁ ଅଧିକା କିଛି ଆଶା ନ କରି ଓଡ଼ିଶାର ମା' ଭଉଣୀମାନେ ନିଜର ଆତ୍ମରକ୍ଷା ନିଜେ କରିବା ଉଚିତ ହେବ ବୋଲି ନଗେନ୍ଦ୍ର କହିଛନ୍ତ। ସେ କହିଛନ୍ତି, ଯେପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକଟି ମହିଳାଙ୍କୁ ସୁରକ୍ଷା ନ ମିଳିଛି ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଲଢ଼େଇ ଜାରି ରଖିବ । ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ, ସଦସ୍ୟ ଆଇନଜୀବୀ ମାନସ ମଲ୍ଲିକ,କଂଗ୍ରେସର ବରିଷ୍ଠ ନେତା ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଷ୍ଟାଲିନ୍‌ଙ୍କ କ୍ୟାବିନେଟ୍‌ରୁ ୨ ମନ୍ତ୍ରୀ ବିଦା

ଚେନ୍ନାଇ,୨୭।୪



ସେନ୍ଥିଲ ବାଲାଜୀ



କେ. ପୋନ୍‌ମୁଡ଼ି

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ କ୍ୟାବିନେଟ୍‌ରୁ ୨ ବରିଷ୍ଠ ମନ୍ତ୍ରୀଙ୍କୁ ବିଦା କରାଯାଇଛି। ସେନ୍ଥିଲ ବାଲାଜୀ ଏବଂ କେ. ପୋନ୍‌ମୁଡ଼ି ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ରାଜଭବନ ସୂତ୍ରରୁ ଜଣାପଡ଼ିଛି। ରାଜ୍ୟପାଳ ଆର୍.ଏନ୍. ରବି ସେମାନଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରିଛନ୍ତି। ଫଳରେ ଏସ୍.ଏସ୍. ଶିବଶଙ୍କରଙ୍କୁ ଅତିରିକ୍ତ ଭାବେ ବିଦ୍ୟୁତ୍ ବିଭାଗ ଦିଆଯାଇଥିବାବେଳେ ଏସ୍. ମୁଥୁସାମି ଅବକାରୀ ବିଭାଗ ଦାୟିତ୍ୱରେ ରହିବେ। ଆର୍.ଏସ୍. ରାଜକନ୍ନପାନଙ୍କୁ ଜଙ୍ଗଲ ଓ ଖଦି ବିଭାଗ ମନ୍ତ୍ରୀ ଭାବେ ନିଯୁକ୍ତ କରାଯାଇଛି। ଏହା ବ୍ୟତୀତ ବିଧାୟକ ଟି. ମାନୋ ଥଙ୍ଗରାଜଙ୍କୁ କ୍ୟାବିନେଟ୍‌ରେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ସୁପାରିସ କରିଛନ୍ତି। ସୋମବାର ରାଜଭବନରେ ନୂଆ ମନ୍ତ୍ରୀ ଶପଥ ନେବେ।

ସୂଚନାଯୋଗ୍ୟ, ସେନ୍ଥିଲ ବାଲାଜୀ ଏବଂ କେ. ପୋନ୍‌ମୁଡ଼ି ଆଇନଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ନିଯୁକ୍ତି ପାଇଁ ଟଙ୍କା କାରବାର ଦୁର୍ନୀତିରେ ସେନ୍ଥିଲ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଥିବାବେଳେ ସୁପ୍ରିମକୋର୍ଟ ଏହାର ଶୁଣାଣି କରିବାକୁ ଗୁରୁବାର ରାଜି ହୋଇଥିଲେ। ସେହିପରି ଶୈବ ଓ ବୈଷ୍ଣବ ଧର୍ମ ଏବଂ ମହିଳାଙ୍କ ବିରୋଧରେ କେ. ପୋନ୍‌ମୁଡ଼ି ଦେଇଥିବା ଘୃଣିତ ମନ୍ତବ୍ୟକୁ ମାଡ୍ରାସ ହାଇକୋର୍ଟ ନିଜଆଡ଼ୁ ବିଚାର ପାଇଁ ଗ୍ରହଣ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

# ୱେଭ୍ସ ୨୦୨୫ : ବିଶ୍ୱ ସୃଜନଶୀଳ ନେତୃତ୍ୱ ଦିଗରେ ଭାରତର ଉପଲବ୍ଧି



ଡକ୍ଟର ଏଲ୍ ମୁରୁଗନ
କେନ୍ଦ୍ର ସୂଚନା,ପ୍ରସାରଣ ଓ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ

ଭାରତ ସବୁବେଳେ କାହାଣୀ କହିବାର କଳାରେ ଉତ୍କର୍ଷ ହାସଲ କରିଛି। ରାମାୟଣ ଏବଂ ମହାଭାରତ ଭଳି କାଳାତୀତ ମହାକାବ୍ୟ ଅନେକ ପିଢ଼ିକୁ ନିଜ ଆଡ଼କୁ ଆକର୍ଷିତ କରିଛି। ଆମ ଆଖ୍ୟାନ ସବୁ ଏହି ଗାଥାଗୁଡ଼ିକ ଜରିଆରେ ଆଗକୁ ବଢ଼ିଛି। ଏସବୁ କାହାଣୀ ଦୁନିଆକୁ ଦେଖିବା ଲାଗି ଆମକୁ ଏକ ଭିନ୍ନ ଦୃଷ୍ଟିକୋଣ ଦେବା ସହିତ ସୃଜନଶୀଳତାର ପରିପ୍ରକାଶ କରି କଳାକାର ଏବଂ ଦୂରଦ୍ରଷ୍ଟାମାନଙ୍କର ଅନେକ ପିଢ଼ିକୁ ଅନୁପ୍ରାଣିତ କରିଛି। କାହାଣୀ କହିବାର ଏହି ଅନ୍ତର୍ନିହିତ ଉତ୍ସାହ ଏକ ସଶକ୍ତ ସୃଜନଶୀଳ ଆକାଂକ୍ଷା ରୂପରେ ବିକଶିତ ହୋଇଛି। ଏହା ଏବେ ଭାରତକୁ ବିଶ୍ୱ ଗଣମାଧ୍ୟମର ମହାଶକ୍ତି ରୂପରେ ବିକଶିତ ହେବାରେ ସହାୟତା କରୁଛି।

୧ରୁ ୪ ମେ' ୨୦୨୫ରେ ଆୟୋଜିତ ହେବାକୁ ଥିବା ପ୍ରଥମ ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀ(ୱେଭ୍ସ) ଭାରତକୁ ବିଶ୍ୱ ସୃଜନଶୀଳତାର ମଧ୍ୟଭାଗରେ ସ୍ଥାପନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିକଳ୍ପିତ ୱେଭ୍ସ ଏକ ପରିବର୍ତ୍ତନକାରୀ ଆନ୍ଦୋଳନ ଅଟେ ଏବଂ ଏହା ମିଡିଆ ଓ ମନୋରଞ୍ଜନ (ଏମ୍‌ଆଣ୍ଡଇ) ପରିଦୃଶ୍ୟକୁ ପୁନଃପରିଭାଷିତ କରିବ। ଭାରତର ମିଡିଆ ଓ ମନୋରଞ୍ଜନ ଉଦ୍ୟୋଗର ଆକାର ପ୍ରାୟ ୨.୭ ଟ୍ରିଲିୟନ ଟଙ୍କାରେ ପହଞ୍ଚିଛି। ଏଭଳି ସ୍ଥିତିରେ ୱେଭ୍ସ ୨୦୨୫ ସୃଜନଶୀଳତା, ନବୋନ୍ମେଷ ଏବଂ ଉଦ୍ୟମିତାରେ ଅଗ୍ରଣୀ ହେବା ଲାଗି ଆମ ସଂକଳ୍ପର ସଙ୍କେତ ଦେଇଥାଏ।

ଭାରତର କଣ୍ଟେଣ୍ଟ ବା ବିଷୟବସ୍ତୁ ନିର୍ମାଣ ପରିଦୃଶ୍ୟ ଏବେ ପାରମ୍ପରିକ ମିଡିଆରୁ ଏକ ସମ୍ପନ୍ନ ଡିଜିଟାଲ ପ୍ରଥମ ଇକୋସିଷ୍ଟମ୍‌ରେ ପରିବର୍ତ୍ତିତ ହୋଇସାରିଛି। ଏଥିସହିତ ଏବେ ଏହା ଷ୍ଟ୍ରିମିଂ ସେବା, ସୋସିଆଲ ମିଡିଆ ଏବଂ ଉଦୀୟମାନ ପ୍ରଯୁକ୍ତି ମାଧ୍ୟମରେ ବିଶ୍ୱ ସମ୍ପର୍କର ମଧ୍ୟ ବିସ୍ତାର କରୁଛି। ଭାରତରେ ବିଦେଶୀ ଚଳଚ୍ଚିତ୍ର ନିର୍ମାଣ ପାଇଁ ପ୍ରୋତ୍ସାହନ, ସହ-ନିର୍ମାଣ ରାଜିନାମା ଏବଂ ଚଳଚ୍ଚିତ୍ର ସୁବିଧା କାର୍ଯ୍ୟାଳୟ (ଏଫ୍‌ଏଫ୍‌ଓ) ଭଳି ସରକାରୀ ପଦକ୍ଷେପ ବିଶ୍ୱ ସୃଜନଶୀଳ ନିର୍ମାତାଙ୍କ ପାଇଁ ପସନ୍ଦଯୋଗ୍ୟ ଗନ୍ତବ୍ୟ ରୂପରେ ଭାରତର ସ୍ଥିତିକୁ ମଜଭୁତ କରିଥାଏ।

### ମିଡିଆ ଓ ମନୋରଞ୍ଜନର ପରିଦୃଶ୍ୟ ବଦଳୁଛି

ୱେଭ୍ସ ୨୦୨୫ ଭାରତର ଗଣମାଧ୍ୟମ ଏବଂ ମନୋରଞ୍ଜନ ଶିଳ୍ପ ପାଇଁ ଏକ ନୂତନ ଯୁଗର ଆରମ୍ଭକୁ ପ୍ରତିନିଧିତ୍ୱ କରେ। ସାରା ବିଶ୍ୱରୁ ଅଭିନବ ନିର୍ମାତା, ନୀତି ନିର୍ଦ୍ଧାରକ, କଳାକାର ଏବଂ ଶିଳ୍ପ ନେତୃବର୍ଗଙ୍କୁ ଏକାଠି କରି ଏହି ଶିଖର ସମ୍ମିଳନୀ ସହଯୋଗର ବାତାବରଣ ସୃଷ୍ଟି କରିଥାଏ। ଏଥିସହିତ ଏହା ମନୋରଞ୍ଜନର ସୃଷ୍ଟି, ବିତରଣ ଏବଂ ଅଭିଜ୍ଞତାକୁ ଏକ ନୂତନ ରୂପ ଦେବ।

ଏହି ପରିବର୍ତ୍ତନର ମୂଳରେ ୱେଭ୍ସ ୨୦୨୫ ଏବଂ ୱେଭ୍ସ ବଜାର ଏଭଳି ପଦକ୍ଷେପମାନ ରହିଛି। ୱେଭ୍ସ ୨୦୨୫ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଯେପରି କି ଗେମିଂ, ଆନିମେଶନ, ଏକ୍ସଟେଣ୍ଡେଡ ରିୟଲିଟି(ଏକ୍ସଆର), ଜେନେରେଟିଭ ଏଆଇ ଏବଂ ପରବର୍ତ୍ତୀ-ଜେନେରେଶନ କଣ୍ଟେଣ୍ଟ ପ୍ଲାଟଫର୍ମରେ କାର୍ଯ୍ୟ କରୁଥିବା ଷ୍ଟାର୍ଟଅପଗୁଡ଼ିକୁ ସଶକ୍ତ କରିଥାଏ। ଏହି ପଦକ୍ଷେପ ଷ୍ଟାର୍ଟଅପ୍ ପାଇଁ ସେମାନଙ୍କର ବିଚାର ପ୍ରଦର୍ଶନ କରିବା, ପ୍ରଶିକ୍ଷଣ ଲାଭ କରିବା ଏବଂ ଭେଞ୍ଚର ପୁଞ୍ଜିପତି ଏବଂ ସେଲିବ୍ରିଟି ଆଞ୍ଜେଲ ନିବେଶକଙ୍କ ସହ ବାର୍ତ୍ତାଳାପ ମାଧ୍ୟମରେ ପାଣ୍ଠି ସୁରକ୍ଷିତ କରିବା ପାଇଁ ଏକ ଆଧାର ସୃଷ୍ଟି କରେ। ଅନ୍ୟପକ୍ଷରେ, ୱେଭ୍ସ ବଜାର ଏକ ଗତିଶୀଳ ଇ-ମାର୍କେଟପ୍ଲେସ୍ ଭାବରେ କାର୍ଯ୍ୟ କରେ, ଯାହା ସୃଜନଶୀଳ ସ୍ରଷ୍ଟା, କ୍ରେତା ଏବଂ ବିକ୍ରେତାମାନଙ୍କୁ ଯୋଡ଼ିବା ପାଇଁ ପରିକଳ୍ପିତ। ଚଳଚ୍ଚିତ୍ର, ଟେଲିଭିଜନ, ଗେମିଂ, ବିଜ୍ଞାପନ ବ୍ୟତୀତ ୫,୫୦୦ରୁ ଅଧିକ କ୍ରେତା, ୨,୦୦୦ ବିକ୍ରେତା ଏବଂ ୧, ୦୦୦ ପଞ୍ଜୀକୃତ ପ୍ରକଳ୍ପ ସହିତ ଏହି ବଜାର ସ୍ୱତଃପ୍ରବୃତ୍ତ ସହଯୋଗ ଏବଂ ସୁଯୋଗ ଆବିଷ୍କାର କରିବାର ଏକ ସ୍ଥାନ। ପ୍ରକଳ୍ପ ଏବଂ ପେସାଦାରମାନେ ସୃଜନଶୀଳ ଅର୍ଥ ବ୍ୟବସ୍ଥାରେ ଠିକ୍ ସଂଯୋଗ, ନବସୃଜନ ଏବଂ ଅଭିବୃଦ୍ଧି ଯେପରି ପାଇପାରିବେ ତାହା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦ୍ୱାରା ପରିଚାଳିତ ମ୍ୟାଚ ମେକିଂ ଏହା ସୁନିଶ୍ଚିତ କରିଥାଏ। ଏହି ମଞ୍ଚଗୁଡ଼ିକ ଏକ କାର୍ଯ୍ୟକ୍ରମ ପରିଚାଳନାଠାରୁ ଉର୍ଦ୍ଧ୍ୱରେ ପରିବର୍ତ୍ତନଶୀଳ ଇକୋସିଷ୍ଟମ୍ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ, ଯାହା ତରଙ୍ଗ ସମାପ୍ତ ହେବା ପରେ ମଧ୍ୟ ଗଣମାଧ୍ୟମ ଏବଂ ମନୋରଞ୍ଜନ କ୍ଷେତ୍ରକୁ ପ୍ରଭାବିତ କରିବ। ଏହା ଭାରତର ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିରେ ଆଉ ଏକ ମାଇଲଖୁଣ୍ଟ ହେବ।

### ଯୁବବର୍ଗଙ୍କ ଲାଗି ଏକ ସ୍ୱର୍ଣ୍ଣିମ ମଞ୍ଚ

ଭାରତର ବୃହତ୍ ଯୁବବର୍ଗ ୱେଭ୍ସ ପଦକ୍ଷେପ ଦ୍ୱାରା ବ୍ୟାପକ ଭାବେ ଉପକୃତ ହେବେ। ହାରାହାରି ୨୯ ବର୍ଷ ବୟସ ସହିତ ଭାରତ କେବଳ ବିଶ୍ୱର ସର୍ବକନିଷ୍ଠ ଦେଶ ନୁହେଁ ବରଂ ସୃଜନଶୀଳତା ଏବଂ ନବସୃଜନ ଦୃଷ୍ଟିରୁ ସବୁଠାରୁ ଜୀବନ୍ତ ରାଷ୍ଟ୍ର ମଧ୍ୟ। 'ୱେଭ୍ସ ୨୦୨୫' ଯୁବପିଢ଼ିଙ୍କୁ ଏହାର ଦୂରଦୃଷ୍ଟିର ଅଗ୍ରଭାଗରେ ରଖିବା ସହିତ ଦକ୍ଷତା ବିକାଶ, ଉଦ୍ୟୋଗିତା ଏବଂ ବିଶ୍ୱସ୍ତରୀୟ ସହଯୋଗର ମାର୍ଗ ପ୍ରଶସ୍ତ କରିଥାଏ।

'କ୍ରିଏଟ ଇନ୍ ଇଣ୍ଡିଆ ଚ୍ୟାଲେଞ୍ଜ' ଏହି ପ୍ରତିବଦ୍ଧତାର ଏକ ଉଦାହରଣ। ୧୧୦୦ରୁ ଅଧିକ ଅନ୍ତର୍ଜାତୀୟ ଅଂଶଗ୍ରହଣକାରୀଙ୍କ ସହିତ ପ୍ରାୟ ୧,୦୦,୦୦୦ ପଞ୍ଜୀକରଣ ସହ ଏହି ପ୍ରତିଯୋଗିତା ନିଜର ସୃଜନଶୀଳତା ପ୍ରଦର୍ଶନ କରିବାକୁ ଆଗ୍ରହୀ ପ୍ରତିଭାଙ୍କର ଏକ ବିବିଧ ଗୋଷ୍ଠୀକୁ ଆକର୍ଷିତ କରିଛି । କ୍ରିଏଟୋସ୍ଫିୟର ଅଂଶବିଶେଷ ସ୍ୱରୂପ ପ୍ରତିଯୋଗୀମାନେ ଅଗ୍ରଣୀ ଶିଳ୍ପପତିଙ୍କ ସହ ଯୋଡ଼ିହେବା, ମାଷ୍ଟରକ୍ଲାସ୍‌ରେ ଭାଗନେବା ଏବଂ ବିଶ୍ୱସ୍ତରୀୟ ପରିଚୟ ହାସଲ କରିବାର ବ୍ୟାପକ ସୁଯୋଗ ପାଇବେ।

ଏହାବ୍ୟତୀତ ମୁମ୍ବାଇରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିଏଟିଭ ଟେକ୍ନୋଲୋଜି (ଆଇଆଇସିଟି)ର ପ୍ରତିଷ୍ଠା ଭାରତର ଯୁବକମାନଙ୍କ ଭବିଷ୍ୟତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିବେଶର ପ୍ରତୀକ। ଦକ୍ଷତା ବିକାଶ ଏବଂ ନବସୃଜନ ପାଇଁ ଏକ ବୈଶ୍ୱିକ ଉତ୍କର୍ଷ କେନ୍ଦ୍ର ଭାବେ ଆଇଆଇସିଟି ସୃଜନଶୀଳତା ଏବଂ ପ୍ରଯୁକ୍ତିବିଦ୍ୟା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବ, ଯାହାଦ୍ୱାରା ଯୁବ ଭାରତୀୟଙ୍କ ପାଖରେ ଗଣମାଧ୍ୟମ ଏବଂ ମନୋରଞ୍ଜନ ଉଦ୍ୟୋଗର ବର୍ଦ୍ଧିତ ଚାହିଦାକୁ ପୂରଣ କରିବାରେ ଦକ୍ଷତା ସୁନିଶ୍ଚିତ ହୋଇପାରିବ।

### ଦୀର୍ଘସ୍ଥାୟୀ ବିକାଶ ପାଇଁ ବିଶ୍ୱସ୍ତରୀୟ ସହଯୋଗ

ଶିଖର ସମ୍ମିଳନୀରେ 'ବିଶ୍ୱ ଗଣମାଧ୍ୟମ ବିତର୍କ' ମଧ୍ୟ ସାମିଲ ହେବ। ଏହା ବିଶ୍ୱସ୍ତରୀୟ ନେତୃତ୍ୱ, ନୀତି ନିର୍ଦ୍ଧାରକ, କଳାକାର ଏବଂ ଶିଳ୍ପ ପେସାଦାରମାନଙ୍କୁ ଏକାଠି କରିବ । ଏହି ବିତର୍କ କେବଳ ଆଲୋଚନା ସନ୍ଦର୍ଭରେ ନୁହେଁ ବରଂ ଅନ୍ତର୍ଜାତୀୟ ସହଯୋଗ, ନୈତିକ ଅଭ୍ୟାସ ଏବଂ ନବସୃଜନ ପାଇଁ ରଣନୀତି ବିକାଶ ସହିତ ମଧ୍ୟ ଜଡ଼ିତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସିଇଓ ଏବଂ ଶିଳ୍ପ ଅଂଶୀଦାରମାନଙ୍କ ସହିତ ନିର୍ଦ୍ଧାରିତ ବାର୍ତ୍ତାଳାପ ପ୍ରଭାବଶାଳୀ ଭାଗୀଦାରି ଆରମ୍ଭ କରିବ ବୋଲି ଆଶା କରାଯାଉଛି, ଯାହା ଆଗାମୀ ବର୍ଷଗୁଡ଼ିକରେ ଭାରତକୁ ଉପକୃତ କରିବ।

### ବିକଶିତ ଭାରତ ପାଇଁ ଦୃଷ୍ଟିକୋଣ

ୱେଭ୍ସ ୨୦୨୫ କେବଳ ଏକ ଆୟୋଜନ ନୁହେଁ, ଏହା ଏକ ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଭାରତ ଏକ ବିକଶିତ ରାଷ୍ଟ୍ର ଭାବରେ ସୃଜନଶୀଳତା ଏବଂ ନବସୃଜନରେ ବିଶ୍ୱର ନେତୃତ୍ୱ ନେଉଛି। ବିବିଧତାକୁ ପ୍ରୋତ୍ସାହିତ କରିବା, ପ୍ରଯୁକ୍ତିବିଦ୍ୟାକୁ ଆଗକୁ ବଢ଼ାଇବା ଏବଂ ଯୁବକମାନଙ୍କୁ ସଶକ୍ତ କରିବା ମାଧ୍ୟମରେ ୱେଭ୍ସ ୨୦୨୫ ଭାରତକୁ ଏକ ପ୍ରତିଭା କେନ୍ଦ୍ର ଭାବରେ ପ୍ରତିଷ୍ଠିତ କରିଛି, ଯାହା ଏହାର ସୃଜନଶୀଳ ଅର୍ଥ ବ୍ୟବସ୍ଥାକୁ ନିରନ୍ତର ଭାବରେ ବୃଦ୍ଧି କରିବାରେ ସକ୍ଷମ।

ୱେଭ୍ସ ୨୦୨୫ ସୃଜନଶୀଳ ଉଦ୍ୟୋଗର ଅସୀମ ସମ୍ଭାବନାକୁ ସୁଦୃଢ଼ କରିବ। ଆମର ଉତ୍କୃଷ୍ଟ ପ୍ରତିଭା, ବୈଷୟିକ ଦକ୍ଷତା ଏବଂ ସାଂସ୍କୃତିକ ସମୃଦ୍ଧି ପ୍ରଦର୍ଶନ କରିବା ଲାଗି ଏହା ଏକ ଉତ୍ତମ ସୁଯୋଗ। ପରମ୍ପରା ଏବଂ ପ୍ରଯୁକ୍ତିବିଦ୍ୟାର ସଙ୍ଗମ ମାଧ୍ୟମରେ ବିଶ୍ୱର ସୃଜନଶୀଳ ଇକୋସିଷ୍ଟମ୍‌କୁ ପୁନଃ ପରିଭାଷିତ କରିବାରେ ଭାରତର ଦୃଷ୍ଟିକୋଣର ଏହା ମଧ୍ୟ ଏକ ପ୍ରମାଣ।

ଫୁର୍‌ସତ୍

## ବାପାଙ୍କ ମୃତଦେହକୁ କାଠ ଆଲମିରାରେ ଲୁଚାଇ ରଖିଥିଲେ ୨ ବର୍ଷ

### ଅନ୍ତିମ ସଂସ୍କାର ଖର୍ଚ୍ଚରୁ ବର୍ତ୍ତିବାକୁ ଚାହୁଁଥିବା ଜାପାନୀ ବ୍ୟକ୍ତି ଗିରଫ

ଟୋକିଓ



ନୋବୁହିକୋ ସୁଜୁକି

ଜାପାନର ଜଣେ ରେଷ୍ଟୁରାଣ୍ଟ ମାଲିକ ନୋବୁହିକୋ ସୁଜୁକି (୫୬) ନିଜ ବାପାଙ୍କ ମୃତ୍ୟୁ ପରେ ଅନ୍ତିମ ସଂସ୍କାର ଖର୍ଚ୍ଚରୁ ବର୍ତ୍ତିବା ପାଇଁ ୨ ବର୍ଷ ଧରି ଘରର କାଠ ଆଲମିରାରେ ତାଙ୍କ ମୃତଦେହକୁ ଲୁଚାଇ ରଖିଥିଲେ। ସାଉଥ୍ ଚାଇନା ମର୍ନିଂ ପୋଷ୍ଟରେ ଏନେଇ ଏକ ରିପୋର୍ଟ ପ୍ରକାଶ ପାଇଛି, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ରିପୋର୍ଟ ଅନୁଯାୟୀ, ନିକଟରେ ଟୋକିଓରେ ଥିବା ସୁଜୁକିଙ୍କ ଚାଇନିଜ୍ ରେଷ୍ଟୁରାଣ୍ଟ ସପ୍ତାହେ ଯାଏ ବନ୍ଦ ରହିବା ପରେ ପଡ଼ୋଶୀମାନେ ଚିନ୍ତିତ ହୋଇ ପୋଲିସକୁ ଖବର ଦେଇଥିଲେ। ତଦନ୍ତ ପାଇଁ ପୋଲିସ ସୁଜୁକିଙ୍କ ଘରେ ପହଞ୍ଚିଥିଲା। ଘରର କାଠ ଆଲମିରାରୁ ପୋଲିସକୁ ଏକ କଙ୍କାଳ ମିଳିଥିଲା। ଘଟଣାକୁ ନେଇ ପୋଲିସ ପଚରାଉଚରା କରିବାରୁ ସୁଜୁକି ପୂରା ଘଟଣାକୁ ଉନ୍ମୋଚନ କରିଥିଲେ, ଯାହା ପୋଲିସର ହୋସ୍ ଉଡ଼ାଇ ଦେଇଥିଲା। ସୁଜୁକି ପୋଲିସକୁ କହିଥିଲେ, ୨୦୨୩ ଜାନୁଆରୀରେ ତାଙ୍କ ବାପାଙ୍କ ୮୬ ବର୍ଷ ବୟସରେ ମୃତ୍ୟୁ ଘଟିଥିଲା। ଜାପାନରେ ଅନ୍ତିମ ସଂସ୍କାର ଖର୍ଚ୍ଚ ଖୁବ୍ ମହଙ୍ଗା ଥିବାରୁ ସେ ଶବ ସଂସ୍କାର ନ କରି ତାଙ୍କ ମୃତଦେହକୁ ଘରର କାଠ ଆଲମିରା ମଧ୍ୟରେ ଲୁଚାଇ ରଖିଥିଲେ। ତେବେ ସୁଜୁକିଙ୍କ ବାପାଙ୍କ ମୃତ୍ୟୁ କିପରି ଘଟିଥିଲା ସେନେଇ ଏବେ ମଧ୍ୟ ସ୍ଥିତି ଅସ୍ପଷ୍ଟ ଥିବା ପୋଲିସ କହିଛି। ସୁଜୁକିଙ୍କ ଅନୁଯାୟୀ, ୨୦୨୩ ଜାନୁଆରୀରେ ଏକଦା ସେ କାମ ସାରି ଘରକୁ ଫେରିବା ସମୟରେ ତାଙ୍କ ବାପାଙ୍କର ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ପାଇଥିଲେ। ସେତେବେଳେ ମୃତଦେହ ତଳେ ପଡ଼ିରହିଥିଲା। ପୋଲିସ ଶନିବାର ସୁଜୁକିଙ୍କୁ ଗିରଫ କରିଛି। ବାପାଙ୍କ ପେନ୍‌ସନ୍ ଅର୍ଥ ଆତ୍ମସାତ୍ କରିବା ଅଭିଯୋଗରେ ତାଙ୍କୁ ପଚରାଉଚରା କରାଯାଉଥିବା ପୋଲିସ କହିଛି। ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ଜାରି ରହିଛି। ଏବେ ଏହି ଘଟଣା ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ଅତିରିକ୍ତ ପେନ୍‌ସନ୍ ପାଇବା ପାଇଁ ସୁଜୁକି ନିଜ ବାପାଙ୍କୁ ହତ୍ୟା କରିଥାଇପାରନ୍ତି ବୋଲି ସୋସିଆଲ ମିଡିଆରେ କେତେଜଣ ୟୁଜର୍ସ ସନ୍ଦେହ ପ୍ରକଟ କରିଛନ୍ତି।

## ଆଜି 'ୱାର୍ଲ୍ଡ ଡେ ଫର୍ ସେଫ୍ଟି ଆଣ୍ଡ୍ ହେଲ୍‌ଥ ଆଟ୍ ୱାର୍କ୍'





ପରିବାର ପ୍ରତିପୋଷଣ ହେଉ ଅବା ନିଜେ ସ୍ୱାବଲମ୍ବୀ ହେବାର ଆକାଂକ୍ଷା ପୂରଣ ପାଇଁ ବର୍ତ୍ତମାନ ସମୟରେ ପ୍ରାୟ ସମସ୍ତେ ଘରୁ ବାହାରି କାମ କରିବାକୁ ପସନ୍ଦ କରୁଛନ୍ତି। ସରକାରୀ ଚାକିରି ହେଉ କିମ୍ବା କୌଣସି ଘରୋଇ ସଂସ୍ଥା ବା କମ୍ପାନୀରେ ସୁସ୍ଥ ଏବଂ ସୁରକ୍ଷିତ ବାତାବରଣରେ କାମ କରିବାକୁ ସମସ୍ତଙ୍କର ଇଚ୍ଛା ଥାଏ। ମାତ୍ର ଅନେକ ସମୟରେ କର୍ମକ୍ଷେତ୍ରରେ ମହିଳା ହେଉ କି ପୁରୁଷ ନିର୍ଯାତନାର ଶିକାର ହେଉଛନ୍ତି। ଅସୁରକ୍ଷିତ ପରିବେଶରେ କାମ କରିବାକୁ ବାଧ୍ୟ କରାଯାଉଛି। ଏପରିକି କାମ ଚାପ ଯୋଗୁ କର୍ମଚାରୀମାନେ ନିଜ ଦକ୍ଷତା ପ୍ରଦର୍ଶନ କରି ନ ପାରି ଜୀବନ ହାରିବା ଭଳି ଘଟଣାର ନଜିର ରହିଛି। ତେଣୁ ଏ ଦିଗରେ କର୍ମଚାରୀଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ପ୍ରତିବର୍ଷ ଏପ୍ରିଲ ୨୮କୁ 'ୱାର୍ଲ୍ଡ ଡେ ଫର୍ ସେଫ୍ଟି ଆଣ୍ଡ୍ ହେଲ୍‌ଥ ଆଟ୍ ୱାର୍କ୍' ବା କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ଦିବସ ପାଳନ କରାଯାଉଛି। ୨୦୦୩ ଏପ୍ରିଲ୍ ୨୮ରେ ପ୍ରଥମଥର ଇଣ୍ଟରନାଶନାଲ୍ ଲେବର ଅର୍ଗାନାଇଜେଶନ୍ (ଆଇଏଲ୍‌ଓ) ଏହି ଦିନଟିକୁ ବିଧିବଦ୍ଧ ଭାବେ ପାଳନ କରିଥିଲା। ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି 'ସ୍ୱାସ୍ଥ୍ୟ ଏବଂ ସୁରକ୍ଷାରେ କ୍ରାନ୍ତି: କାର୍ଯ୍ୟସ୍ଥଳରେ ଏଆଇ ଏବଂ ଡିଜିଟାଲାଇଜେଶନ୍‌ର ଭୂମିକା'। କର୍ମଚାରୀଙ୍କ ଜୀବନ ଏବଂ ସ୍ୱାସ୍ଥ୍ୟର ସୁରକ୍ଷା କରିବା, କମ୍ପାନୀଗୁଡ଼ିକୁ କର୍ମଚାରୀଙ୍କ ପାଇଁ ଉତ୍ତମ ସେଫ୍‌ଟି ପ୍ରାକ୍ଟିସେସ୍ ଗ୍ରହଣ କରିବାକୁ ସଚେତନ କରିବା, ଦୃଢ଼ ସୁରକ୍ଷିତ ଆଇନ ପ୍ରଣୟନ ପାଇଁ ସରକାରଙ୍କୁ ଅବଗତ କରାଇବା, କାର୍ଯ୍ୟସ୍ଥଳକୁ ସୁସ୍ଥ ଏବଂ ଚିନ୍ତାମୁକ୍ତ ଜୋନ୍ ଭାବେ ପରିଣତ କରିବା ଆଦି ବିଭିନ୍ନ ପ୍ରସଙ୍ଗ ହେଉଛି ଏହି ଦିବସ ପାଳନର ମୁଖ୍ୟ ଆଭିମୁଖ୍ୟ।

-ବନ୍ଦନା ସେଠୀ, ଭୁବନେଶ୍ୱର

### ଏମାନଙ୍କ ମତରେ...

**କାମ ଚାପ ଉଭୟ କର୍ମଚାରୀ, କମ୍ପାନୀ ପାଇଁ କ୍ଷତି ପହଞ୍ଚାଏ**

କର୍ମସ୍ଥଳ ଯେତେ ସୁରକ୍ଷିତ ଏବଂ ଚାପମୁକ୍ତ ହେବ, କାମ କରିବାକୁ ସେତେ ଆଗ୍ରହ ସୃଷ୍ଟି ହେବ। ମାତ୍ର ଆଜିକାଲିର ପ୍ରତିଯୋଗିତାମୂଳକ ମାର୍କେଟରେ ସବୁ ଜାଗାରେ କେବଳ କାମର ଚାପ। ତେଣୁ ଅଧିକାଂଶ ସମୟରେ କର୍ମଚାରୀମାନେ ଚାପର ବଶବର୍ତ୍ତୀ ହୋଇ ଗୁଣଯୁକ୍ତ କାମ କରିପାରନ୍ତି ନାହିଁ। ଚାପଗ୍ରସ୍ତ ହେବା ଫଳରେ ସମ୍ପୃକ୍ତ ବ୍ୟକ୍ତିର କର୍ମମୟ ଏବଂ ବ୍ୟକ୍ତିଗତ ଜୀବନ ବିଗିଡ଼ିବା ସହିତ କମ୍ପାନୀର ମଧ୍ୟ କ୍ଷତି ହୋଇଥାଏ।

-ନଟବର ବେହେରା, କର୍ମଜୀବୀ, ଭୁବନେଶ୍ୱର

**କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ**

ଅଧିକାଂଶ କର୍ମଚାରୀ ଏଭଳି ଏକ ଦିନ ବିଷୟରେ ଅବଗତ ନାହାନ୍ତି। କେତେକ ସ୍ଥାନରେ କାର୍ଯ୍ୟସ୍ଥଳରେ କର୍ମଚାରୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉନାହିଁ। ବିଶେଷକରି ଫ୍ୟାକ୍ଟ୍ରିଗୁଡ଼ିକରେ ଏଭଳି ସ୍ଥିତି ଲାଗି ରହୁଛି। ମାତ୍ର ସଚେତନତା ଅଭାବରୁ ସେମାନେ ଏନେଇ ମ୍ୟାନେଜ୍‌ମେଣ୍ଟ ପାଖରେ ଅଭିଯୋଗ କରିବାକୁ ପଛାଉଛନ୍ତି। ସରକାରୀ, ବେସରକାରୀ, କମ୍ପାନୀଗୁଡ଼ିକରେ କର୍ମଚାରୀଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଗଲେ ହିଁ ଏହି ଦିବସ ପାଳନର ଉପଯୁକ୍ତ ମୂଲ୍ୟ ମିଳିପାରିବ।

-ରୋଜାଲିନ୍ ସାହୁ, କର୍ମଜୀବୀ, ଭୁବନେଶ୍ୱର

# ଆବଶ୍ୟକତା ପୂରଣ କରୁନି ମେଗା ପାନୀୟ ଜଳ ପ୍ରକଳ୍ପ

■ ଖୋଲା କୂଅ ଉପରେ ନିର୍ଭର କରୁଛନ୍ତି ଖଣି ପ୍ରଭାବିତ ଗ୍ରାମବାସୀ
■ ଜଳ କ୍ଲିଷ୍ଟତା ନେଇ ସରକାରଙ୍କୁ ମିଛ ରିପୋର୍ଟ
■ ଭୁଆଁ ବୁଲାଉଛି ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ

ଯାଜପୁର,୨୭।୪(ହର୍ଷବର୍ଦ୍ଧନ ବେହେରା):



ସୁକିନ୍ଦା ବ୍ଲକ ଅଞ୍ଚଳର ମହିଳାମାନେ ଖୋଲା କୁଆରୁ ପାଣି ସଂଗ୍ରହ କରୁଛନ୍ତି ।

ଯାଜପୁର ଜିଲା ଚଣ୍ଡିଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ (ଆରଡବ୍ଲ୍ୟୁଏସ୍ଏସ୍) ଖଣ୍ଡ ରାଜ୍ୟ ସରକାରଙ୍କୁ ଭୁଆଁ ବୁଲାଉଛି। ସ୍ୱଚ୍ଛ ପାନୀୟ ଜଳ ପାଇଁ ଜିଲାବାସୀ ହନ୍ତସନ୍ତ ହେଉଥିବାବେଳେ ଯାଜପୁର ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ ଓଡ଼ିଶା ବିଭାଗୀୟ ଇଞ୍ଜିନିୟର-ଇନ-ଚିଫ୍ଙ୍କୁ ମିଥ୍ୟା ରିପୋର୍ଟ ଦେଇ ସନ୍ତୁଷ୍ଟ କରିବାରେ ଲାଗିଛି । ଜଳକ୍ଲିଷ୍ଟତାକୁ ନେଇ ଯେକୌଣସି ଅଭିଯୋଗ କିମ୍ବା ଗଣମାଧ୍ୟମରେ ଖବର ପ୍ରକାଶ ପାଇଲେ ଚତୁରତାର ସହ ଯେନତେନ ପ୍ରକାରେ ରିପୋର୍ଟ ପ୍ରସ୍ତୁତ କରି ବିଭାଗ ପାଖରେ ଦାଖଲ କରାଯାଉଛି । ଫଳରେ ରାଜ୍ୟ ସରକାର ଜିଲାରେ ପାନୀୟ ଜଳ ସମସ୍ୟା ନାହିଁ ବୋଲି ଅନୁଭବ କରି ଚୁପ ବସୁଛନ୍ତି । ଏଠାରେ ଜିଲାର ଖଣି ପ୍ରଭାବିତ ସୁକିନ୍ଦା ବ୍ଲକକୁ ଉଦାହରଣ ଭାବେ ନିଆଯାଇପାରେ। ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ(ଓଏମ୍ବିଏଡିସି)ପାଣ୍ଠିରୁ କେବଳ ସୁକିନ୍ଦା ବ୍ଲକ ଅଞ୍ଚଳ ପାଇଁ ୨୩୫.୯ କୋଟି ଟଙ୍କା ଖର୍ଚ୍ଚ କରାଯାଇ ୩ଟି ମେଗା ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ହୋଇଛି। ହେଲେ ଏହି ୩ଟି ପ୍ରକଳ୍ପ ଗୋଟିଏ ଲେଖାଏଁ ପଞ୍ଚାୟତ ଅଞ୍ଚଳରେ ସୀମିତ ରହିଯାଇଥିବାରୁ ତଳମୁଣ୍ଡ ପର୍ଯ୍ୟନ୍ତ ପାନୀୟ ଜଳ ପହଞ୍ଚି ପାରୁନାହିଁ। ଯଦ୍ୱାରା ଶତାଧିକ ଖଣି ପ୍ରଭାବିତ ଗ୍ରାମବାସୀ ଉହଡହ ଖରାରେ ପାଣି ବାଲ୍ଟିଏ ପାଇଁ ଖୋଲା କୂପ ଉପରେ ନିର୍ଭର କରୁଥିବା ନଜିର ରହିଛି।

ଶାହା କମିଶନଙ୍କ ରିପୋର୍ଟ ଆଧାରରେ ସୁପ୍ରିମକୋର୍ଟ ଖଣିଜ ପଦାର୍ଥ ଲୁଟିଥିବା ଲିଜ୍ଧାରୀଙ୍କଠାରୁ କ୍ଷତିପୂରଣ ବାବଦକୁ ୧୮୯ ହଜାର ୧୭୪କୋଟି ଟଙ୍କା ଆଦାୟ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖଣି ଲିଜ୍ଧାରୀଙ୍କଠାରୁ ଆଦାୟ ହୋଇଥିବା ଉକ୍ତ ଅର୍ଥରେ ଓଏମ୍ବିଏଡିସି ଗଠିତ ହୋଇଥିଲା। ଓଏମ୍ବିଏଡିସି ଅର୍ଥକୁ ମୁଖ୍ୟତଃ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ପାଇଁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହି କ୍ରମରେ ଯାଜପୁର ଜିଲା ଖଣି ପ୍ରଭାବିତ ସୁକିନ୍ଦା ଅଞ୍ଚଳରେ ୩ଟି ପ୍ରକଳ୍ପ ପାଇଁ ୨୩୫.୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଥିରେ କାଳିଆପାଣି ଓ ୨୪ଟି ଖଣି ପ୍ରଭାବିତ ଗ୍ରାମଗୁଡ଼ିକ ପାଇଁ ସୁକିନ୍ଦା-୧ ପ୍ରକଳ୍ପରେ ୭୯.୮୫ କୋଟି, ୧୯ଟି ଗ୍ରାମ ପାଇଁ ସୁକିନ୍ଦା-୨ ପ୍ରକଳ୍ପରେ ୫୪.୧ କୋଟି ଏବଂ ୫୨ଟି ଗ୍ରାମଗୁଡ଼ିକ ପାଇଁ ସୁକିନ୍ଦା-୩ ପ୍ରକଳ୍ପରେ ୧୦୧.୮୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ସମସ୍ତ ପ୍ରକଳ୍ପ ପ୍ରାୟ ଶେଷ ହୋଇ ନିର୍ଦ୍ଧାରିତ ଗ୍ରାମଗୁଡ଼ିକୁ ପାଇପ୍ ଯୋଗେ ଶୁଦ୍ଧ ଜଳ ଯୋଗାଇ ଦିଆଯାଉଛି ବୋଲି ବିଭାଗ ପକ୍ଷରୁ ଦାବି କରାଯାଉଛି। କିନ୍ତୁ ବାସ୍ତବରେ ନିର୍ଦ୍ଧାରିତ ଗ୍ରାମଗୁଡ଼ିକୁ ଏଯାଏ ଜଳଯୋଗାଣ ହୋଇ ପାରି ନ ଥିବା ଗ୍ରାମବାସୀଙ୍କଠାରୁ ଅଭିଯୋଗ ହୋଇଛି। ଏନସିସି ଠିକାସଂସ୍ଥା ପକ୍ଷରୁ ନିମ୍ନମାନର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଏହାର ପ୍ରମୁଖ କାରଣ ବୋଲି ମତପ୍ରକାଶ ପାଇଛି। ଏହି କାରଣରୁ ସୁକିନ୍ଦା ବ୍ଲକର ରାଙ୍ଗୋଇ ପଞ୍ଚାୟତର ମହୁଲଖାଲ ମୁଣ୍ଡସାହି ଏବଂ କାଳୁଡ଼ିଆ ସହ ଚିଙ୍ଗୁଡିପୋଲ, କଅଁସି ପ୍ରଭୃତି ଅଞ୍ଚଳବାସୀ ଖୋଲା କୂଅର ଦୂଷିତ ପାଣି ଉପରେ ନିର୍ଭର କରୁଛନ୍ତି। ଏହାସହ ଖୋଲା କୂଅଗୁଡ଼ିକ ଖରା ମାସରେ ଶୁଖି ଯାଉଥିବାରୁ ଗୋଟିଏ କୂପ ଉପରେ ଶତାଧିକ ପରିବାର ନିର୍ଭର କରୁଥିବା ଦୃଶ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୁକିନ୍ଦା ଖଣି ଅଞ୍ଚଳରେ କ୍ରୋମାଇଟ ଖାଦାନଗୁଡ଼ିକ ଆବଶ୍ୟକତା ଠାରୁ ଅଧିକ ଗର୍ତ୍ତ ଖନନ କରାଯାଉଥିବାରୁ ନଳକୂପଗୁଡ଼ିକର ପାଣି ନିମ୍ନଗାମୀ ହେଉଛି। ଏହାସହ ମେଗା ଜଳଯୋଗାଣ ପ୍ରକଳ୍ପଗୁଡ଼ିକର ପାଣି ତଳୁ ଉପର ପଟକୁ ଯାଉଥିବାରୁ ଶେଷ ମୁଣ୍ଡରେ ଅଞ୍ଚଳବାସୀ ୩/୪ ଦିନରେ ଥରେ ପାଣି ପାଉଛନ୍ତି। ତେଣୁ ବାଧ ହୋଇ ଗ୍ରାମବାସୀ କୂଅପାଣି ଉପରେ ଭରସା କରୁଛନ୍ତି । ବିଭିନ୍ନ ସମୟରେ ମହିଳାମାନେ ପିଇବା ପାଣି ପାଇଁ ଗରାବାଲଟି ଧରି ରାସ୍ତା ଓ ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରି ଆସୁଛନ୍ତି । କିନ୍ତୁ ବିଭାଗୀୟ ଅଧିକାରୀମାନେ ଉଚ୍ଚପଦସ୍ଥ ବିଭାଗୀୟ ଅଧିକାରୀଙ୍କ ନିକଟରେ ମିଥ୍ୟା ରିପୋର୍ଟ ଦାଖଲ କରି ନିଜେ ଖସି ଯିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହେଉଛି ।



ଶିବୁ ହତ୍ୟାକାରୀଙ୍କୁ କଠୋର ଦଣ୍ଡ ଦାବିକରି ତାରଗୋଠ ଗ୍ରାମବାସୀ ଥାନା ଘେରାଉ କରିଛନ୍ତି ।

## ଘରୁ ଟଙ୍କା, ସୁନାଗହଣା ଲୁଟ

ଧର୍ମଶାଳା,୨୭।୪(ବଇକୁଣ୍ଠ ପରିଡ଼ା): ଧର୍ମଶାଳା ଥାନା ଦେଉଦା ପଞ୍ଚାୟତ ସ୍ୱାଇଁ ସାହିରେ ଶନିବାର ରାତିରେ ଏକ ଲୁଟ୍ ହୋଇଛି। ଦୁର୍ବୃତ୍ତ ସାହିର ସୁରେଶ ସ୍ୱାଇଁଙ୍କ ସିଡ଼ିର କବାଟ ଖୋଲି ଗଡ଼ରେଜ୍‌ରେ ଥିବା ଏକ ସୁନାହାର, ୫ଟା ମୁଦି, ମଙ୍ଗଳସୂତ୍ର, ଶାଙ୍ଖ ୨ହଳ, କାନଫୁଲ ୨ହଳ, ରୁପା ପାଉଁଜି ୨ହଳ ଓ ଗୋଡ଼ମୁଦି ୪ହଳ ସହ ନଗଦ ୫୦ହଜାର ଟଙ୍କା ଲୁଟିନେଇଛନ୍ତି। ଏନେଇ ରବିବାର ସୁରେଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୨୪୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପରିବାର ଲୋକେ ଶୋଇଥିବାବେଳେ ଦୁର୍ବୃତ୍ତ ଘରେ ପଶି ଡ୍ରେସିଂରୁମ୍ ଟେବୁଲ୍ ଉପରେ ଥିବା ଚାବି ନେଇ ଗଡରେଜ୍ ଖୋଲି ଲୁଟ୍ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ରିଣ୍ଟୁ



@ ସୁଦୀପ୍ତା



@ ସୁଷ୍ମିମ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶିବୁ ହତ୍ୟାକାରୀଙ୍କୁ କଠୋର ଦଣ୍ଡ ଦାବି

## ଥାନା ଘେରିଲେ ଗ୍ରାମବାସୀ

ଜେନାପୁର,୨୭।୪(ଅଶୋକ ଦାସ): ଯାଜପୁର ଜିଲା ଜେନାପୁର ଥାନା ତାରଗୋଠ ଗ୍ରାମରେ ୬ ବର୍ଷର ନାବାଳକ ଶିବୁ ରାଉତଙ୍କୁ ଗତ ବୁଧବାର ତାଙ୍କ ପରିବାର ଲୋକେ ହତ୍ୟା କରି ପରିତ୍ୟକ୍ତ ପଥର ଖାଦାନରେ ପିଙ୍ଗିଦେବା ଘଟଣା ଅନେକଙ୍କୁ ବ୍ୟଥିତ କରିଛି। ଜେନାପୁର ପୋଲିସ ଘଟଣାର ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ଶିବୁଙ୍କ ଜେଜେମା ଗୁଞ୍ଜି ରାଉତ, ଜେଜେବାପା ମଦନ ରାଉତ, ବାପା ବାହୁବା ରାଉତ, ବଡ଼ବାପା ବିରଞ୍ଚି ରାଉତ, ବଡ଼ ବୋଉ ବର୍ଷା ରାଉତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମାତ୍ର ଏଥିରେ ଶିବୁଙ୍କ ମାମୁଁ ଘର ଲୋକେ ସନ୍ତୁଷ୍ଟ ହୋଇନାହାନ୍ତି। ସେମାନେ ଅଭିଯୁକ୍ତଙ୍କୁ କୋଠାର ଦଣ୍ଡଦେବାକୁ ଦାବି କରିବା ସହ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ରବିବାର ଶିବୁଙ୍କ ମାମୁଁ ଘର ଲୋକଙ୍କ ସହ ଶତାଧିକ ଗ୍ରାମବାସୀ ଥାନାକୁ ଆସି ଏହି ଦାବି ଜଣାଇଛନ୍ତି। ସେମାନେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ଆସି ଥାନାରେ ଧାରଣା ଦେବା ସହ ଥାନା ଅଧିକାରୀଙ୍କୁ ଭେଟି ତୁରନ୍ତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ଘଟଣା ସମ୍ପର୍କରେ ଥାନା ଅଧିକାରୀ ନିରୁପମା ଜେନାଙ୍କୁ ପଚାରିବାରେ ସେ କହିଛନ୍ତି, ନିରପେକ୍ଷ ତଦନ୍ତ କରାଯାଉଛି। ଯେଉଁମାନେ ଦୋଷୀ ହେବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସୁଲତା ଦେଓଙ୍କୁ ଗିରଫ ଦାବି



ଏସ୍‌ପିଙ୍କୁ ଦାବିପତ୍ର ଦେଉଛନ୍ତି କୋରେଇ ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ କର୍ମକର୍ତ୍ତା ।

ପାଣିକୋଇଲି,୨୭।୪(ବିକାଶ ମଲ୍ଲିକ): ଜମ୍ମୁ-କଶ୍ମୀରର ପହଲଗାମ୍‌ଠାରେ ଆତଙ୍କବାଦୀ ଆକ୍ରମଣକୁ ରାଜ୍ୟ କିମ୍ବା ଦେଶ ନୁହେଁ, ସମଗ୍ର ମାନବ ଜାତି ଦୃଢ଼ ନିନ୍ଦା କରୁଛି। କିନ୍ତୁ ଦୁଃଖର ବିଷୟ ଏହି ଘଟଣାରେ ଯାଜପୁର ଜିଲା ନିବାସୀ ତଥା ରାଜ୍ୟସଭା ସଦସ୍ୟା ସୁଲତା ଦେଓ ଦେଇଥିବା ମନ୍ତବ୍ୟକୁ ନେଇ ଚାରିଆଡେ ଜନଆକ୍ରୋଶ ଦେଖାଦେଇଛି। ତେଣୁ କୋରେଇ ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ତରଫରୁ ସୁଲତାଙ୍କ ଗିରଫ ଦାବି କରାଯାଇଛି। ଏନେଇ ରବିବାର ଉଭୟ ସଂଗଠନ ପାଣିକୋଇଲି ପୋଲିସ ମୁଖ୍ୟାଳୟରେ ପହଞ୍ଚି ଯାଜପୁର ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ କୋରେଇ ପ୍ରଖଣ୍ଡ ରାଷ୍ଟ୍ରୀୟ ବଜରଙ୍ଗ ଦଳ ସଂଯୋଜକ ବଙ୍ଗନ ଖିଲାର, ଆର୍ଏସ୍ଏସ୍ କାର୍ଯ୍ୟକର୍ତ୍ତା ଦିନେଶ ନାୟକ, ରାଷ୍ଟ୍ରୀୟ ବଜରଙ୍ଗ ଦଳ ଆଖଡ଼ା ପ୍ରମୁଖ ମାଧବ ଭୋଇ, ସୂଚନା ପ୍ରମୁଖ ସଦନ ମଲିକ, ସରୋଜ ମିଲକ, ସତ୍ୟଜିତ ସାହୁ, ବିଶ୍ୱରଞ୍ଜନ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

## ବଡ଼ଚଣାରେ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ

ଚଣ୍ଡିଖୋଲ,୨୭।୪(ପ୍ରଦୀପ୍ତ କୁମାର ପୃଷ୍ଟି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୨୧ତମ ମନ କି ବାତ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ବଡ଼ଚଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମହାବିନାୟକ ମଣ୍ଡଳର ଶାଳପଡ଼ା ପଞ୍ଚାୟତରେ ବିଧାୟକ ଅମର ନାୟକ ଯୋଗଦେଇ କାର୍ଯ୍ୟକ୍ରମ ଶ୍ରବଣ କରିଥିଲେ। ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀଙ୍କ ନରସଂହାରକୁ ଦେଶର ଜନତା ନିନ୍ଦା କରିବା ସହ ଏକତାର ଭାବ ପ୍ରଦର୍ଶନ କରିଛନ୍ତି। ସେହିପରି କୃଷି, ବୈଷୟିକ ଜ୍ଞାନ, ଚନ୍ଦ୍ରଯାନ ପ୍ରେରଣ ସହ ଦେଶ ସବୁ କ୍ଷେତ୍ରରେ ବିକଶିତ ହେବା ପଡ଼ୋଶୀଙ୍କ ହେବରେ ଯାଉନି ବୋଲି ପ୍ରଧାନମନ୍ତ୍ରୀ ମନ କି ବାତରେ ଦେଶବାସୀଙ୍କୁ କହିଛନ୍ତି। ସେହିପରି ବଡ଼ଚଣା ମଣ୍ଡଳ ପକ୍ଷରୁ ବନ୍ତଳା ପଞ୍ଚାୟତଠାରେ ମନ କି ବାତ କାର୍ଯ୍ୟକ୍ରମରେ ଜିଲା ଭାଜପା ସମ୍ପାଦକ ପ୍ରମୋଦ ଜେନା, ରାଜ୍ୟ ପରିଷଦ ସଭ୍ୟ ନାରାୟଣ ସାମଲ, ମଣ୍ଡଳ ପ୍ରତିନିଧି ଲଳାଟେନ୍ଦୁ ମହାପାତ୍ର, ମଣ୍ଡଳ ସଭାପତି ବିମଳ ପ୍ରସନ୍ନ ପ୍ରଧାନ, ସରପଞ୍ଚ ସମୀର ରାଉତ, ସୌମ୍ୟାରଞ୍ଜନ ବିଶ୍ୱାଳ, ଅଭୟ ତରାଇ, ମହିଳା ମୋର୍ଚ୍ଚା ନେତ୍ରୀ ଅହଲ୍ୟା ବେହେରା, ଶ୍ରୀକାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ଛତିଆ, ବାଲିଚନ୍ଦ୍ରପୁର ଓ ଓଳାଶୁଣି ମଣ୍ଡଳ ପକ୍ଷରୁ ମଧ୍ୟ ମନ କି ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ରାସ୍ତା କାମରେ ବାଧକ ବିଦ୍ୟୁତ୍ ଖୁଣ୍ଟ, ଟ୍ରାନ୍ସଫର୍ମର

ବିଦ୍ୟୁତ୍ ଖୁଣ୍ଟ, ଟ୍ରାନ୍ସଫର୍ମର ସ୍ଥାନାନ୍ତର ପାଇଁ ଅର୍ଥ ମଞ୍ଜୁରୀ ପରେବି ହେଉନି ଟେଣ୍ଡର

ବରୀ,୨୭।୪(ମହେନ୍ଦ୍ର ସ୍ୱାଇଁ):



ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟ ରହିଛି ।

ବରୀ-ବିଦ୍ୟାଧରପୁର ପୂର୍ତ୍ତ ବିଭାଗ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲୁରହିଛି। ମାତ୍ର ଏହି ରାସ୍ତା ଉପରେ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଓ ଟ୍ରାନ୍ସଫର୍ମର ରହିଥିବାରୁ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହାକୁ ସ୍ଥାନାନ୍ତରିତ କରିବା ପାଇଁ ସରକାରଙ୍କ ତରଫରୁ ୧ କୋଟି ୭୮ ଲକ୍ଷ ୭୩ ହଜାର ୮୧୭ଟଙ୍କା ୬।୨।୨୦୨୫ରେ ମଞ୍ଜୁର ହୋଇଛି। ହେଲେ ଏଯାବତ୍ ଟେଣ୍ଡର ନ ହେବା ଯୋଗୁ ରାସ୍ତା କାମ ଆଗେଇ ପାରୁନାହିଁ। ଫଳରେ ଏହାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଉଛି। ଏପରି କି ବର୍ଷା ଋତୁ ପୂର୍ବରୁ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ନେଇ ଆଶଙ୍କା ପ୍ରକାଶ ପାଉଛି। ତେଣୁ ଶୀଘ୍ର ଏ ଦିଗରେ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ବିରେନ ବସୁଙ୍କୁ ପଚାରିବାରୁ ସେ କହିଛନ୍ତି, ଖୁବ୍‌ଶୀଘ୍ର ଟେଣ୍ଡର କରାଯାଇ ବିଦ୍ୟୁତ୍ ଖୁଣ୍ଟ ଓ ଟ୍ରାନ୍ସଫର୍ମର ସ୍ଥାନାନ୍ତର କରାଯିବ। ଏବେ ଦେଖିବାକୁ ଅପେକ୍ଷା କେବେ ଏହି କାର୍ଯ୍ୟ କରାଯାଉଛି।

# ସେତୁ ନିର୍ମାଣ କାର୍ଯ୍ୟ ନିମ୍ନମାନର

■ ଅଭିଯୋଗ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ
■ ଜିଲାପାଳଙ୍କ ଦ୍ୱାରସ୍ଥ ହେବେ କାଳିଆପାଣି ଗ୍ରାମବାସୀ

କାଳିଆପାଣି,୨୭।୪(ଅସିତ ମହାନ୍ତ):



ସେତୁ ନିର୍ମାଣ କାର୍ଯ୍ୟ ଚାଲିଛି ।

ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କାଳିଆପାଣି ଓ ଧବାହାଳି ଗାଁକୁ ସଂଯୋଗ ପାଇଁ ଦମଶାଳ ନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର ଏହି କାର୍ଯ୍ୟ ନିମ୍ନମାନର ହେଉଥିବା କାଳିଆପାଣି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରୁଛନ୍ତି। ତେଣୁ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ବିନା ସୂଚନା ଫଳକରେ ସେତୁ ନିର୍ମାଣ କାର୍ଯ୍ୟ କରାଯାଉଛି। ଠିକାଦାର ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ନିଜମର୍ଜିରେ କାର୍ଯ୍ୟ କରୁଛନ୍ତି। ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ସେମାନେ କର୍ଣ୍ଣପାତ କରୁନାହାନ୍ତି। ଜଣେ ପ୍ରଭାବଶାଳୀ ଠିକାଦାର ସେତୁ ନିର୍ମାଣ କାର୍ଯ୍ୟ କରୁଥିବାରୁ ସେ କାହାକୁ ଭୟ କରୁନାହାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷରେ ସେତୁ ନିର୍ମାଣ ସମ୍ପର୍କରେ କୌଣସି ସୂଚନା ଫଳକ ନ ଥିବାରୁ ସେତୁ ପାଇଁ କେତୋଟି କଲମ(ଖୁଣ୍ଟ) ରହିଛି, କଲମ ନିର୍ମାଣ ନିମନ୍ତେ ଆବଶ୍ୟକ ନିର୍ଦ୍ଦିଷ୍ଟ ଗଭୀରତା କେତେ, କେଉଁ କମ୍ପାନୀର ରଡ୍ ଓ ସିମେଣ୍ଟ ବ୍ୟବହାର କରାଯିବ ତାହା ଗ୍ରାମବାସୀ ଜାଣିପାରୁନାହାନ୍ତି। ଏହାର ସୁଯୋଗରେ ଠିକାଦାର ନିଜ ଇଚ୍ଛାରେ ନିଆଁ ଖୋଳିବା ପରେ ବଡ଼ ମେଟାଲ ବ୍ୟବହାର କରି ମେଟାଲିଂ କରିବା ପରେ ରଡ୍ ବାନ୍ଧି କଲମ ତିଆରି କରିଛନ୍ତି ବୋଲି ଗ୍ରାମର ଦେବେନ ମହାନ୍ତ, ଜିତେନ୍ଦ୍ର ପ୍ରଧାନ, ସାଗର ନାୟକ ଓ ଶମ୍ଭୁ ବେହେରା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବିଭାଗୀୟ ଏଇଓ ବାସନ୍ତୀ ହାଁସଦାଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। କନିଷ୍ଠ ଯନ୍ତ୍ରୀ ଉତ୍ତମ ନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ବି ସେ କୌଣସି ଉତ୍ତର ଦେଇ ନ ଥିଲେ।

# ପରିବେଶ ପାଇଁ ଅନୁକୂଳ ହେନ୍ତାଳ ଜଙ୍ଗଲ ସୃଷ୍ଟି

■ ମହାନଦୀ ଅବବାହିକା, ଗହୀରମଥା, ଭିତରକନିକାରେ ବଢ଼ିଛି ହେନ୍ତାଳ ଜଙ୍ଗଲ

■ ପରିବେଶ ପ୍ରଦୂଷିତର ପ୍ରମୁଖ କାରଣ ଶିଳ୍ପ, କାରଖାନା ନିଆଁ, ଧୂଆଁ

ମହାକାଳପଡ଼ା,୨୭।୪(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ବିଶ୍ୱରେ ଜଳବାୟୁ ପରିବର୍ତ୍ତନରେ ପରିବେଶ ବିଜ୍ଞାନୀମାନଙ୍କ ଚିନ୍ତା ବଢ଼ାଇଛି। ପୂର୍ବ ଅପେକ୍ଷା ପରିବେଶ ବିଗିଡ଼ିବାରେ ଲାଗିଛି। ଗ୍ରୀନ୍‌ଲ୍ୟାଣ୍ଡରୁ ବରଫ ତରଳି ସମୁଦ୍ର ଜଳ ପତ୍ତନ ବୃଦ୍ଧି, ମୃତ୍ତିକା ଓ ଜଙ୍ଗଲ ଅବକ୍ଷୟ, ବୃହତ୍ ଜଙ୍ଗଲ ସହିତ ପାହାଡ଼ରେ ନିଆଁ ଲାଗିବା, ରାସାୟନିକ ଶିଳ୍ପ, କାରଖାନା ପ୍ରତିଷ୍ଠା, ଚାଷ ଜମି ହ୍ରାସ ପାଇବା, ଶାଗୁଣା, ଚିଲଙ୍କ ବଂଶ ବିଲୋପ ପ୍ରମୁଖ କାରଣ ପାଲଟିଛି। ବିଗିଡ଼ିଥିବା ପରିବେଶ ସନ୍ତୁଳନ ରକ୍ଷା କରିବାକୁ କେବଳ ବୃହତ୍ ସବୁଜ ବଳୟ ସୃଷ୍ଟି କରିବା ଉପରେ କେନ୍ଦ୍ର, ରାଜ୍ୟ ସରକାର ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଗଭର ହେବା ଆବଶ୍ୟକତା ରହିଛି। ନଚେତ୍ ଉତ୍ତର ଦାୟାଦମାନଙ୍କ ପାଇଁ ବିପଦ ସୃଷ୍ଟି ହେବା ଆଶଙ୍କା ରହିଛି। ସମୁଦ୍ର ଉପକୂଳ ଆର୍ଦ୍ରଭୂମି ଅଞ୍ଚଳରେ ବିଶାଳ ଜଙ୍ଗଲ ସୃଷ୍ଟି କରିବାକୁ ଲୁଣା ହେନ୍ତାଳ ଚାରା ରୋପଣ କରାଯିବା ଆବଶ୍ୟକ। ଏହି ପରିପ୍ରେକ୍ଷିରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ମହାନଦୀ ତ୍ରିକୋଣ ଭୂମି ଅବବାହିକା ଅଞ୍ଚଳରେ ବ୍ୟାପକ ପରିମାଣରେ ଲୁଣା ଜଙ୍ଗଲ ସୃଷ୍ଟି କରିବାକୁ ନୂଆ ଚାରା ରୋପଣ କରାଯାଇଛି। ସେହିପରି ଗହୀରମଥା, ଭିତରକନିକା ଆର୍ଦ୍ରଭୂମି ଅଞ୍ଚଳରେ ଲୁଣା ଜଙ୍ଗଲ ସୃଷ୍ଟି ହେଉଛି। ପୂର୍ବ ଅପେକ୍ଷା ଏହି ଅଞ୍ଚଳରେ ୨ ପ୍ରତିଶତ ଜଙ୍ଗଲ ବୃଦ୍ଧି ପାଇଛି। ଏହାଦ୍ୱାରା ପରିବେଶ ସନ୍ତୁଳନ ରକ୍ଷା ହେବା ସହ ପ୍ରାକୃତିକ ବିପର୍ଯ୍ୟୟରୁ ଜୀବ ଜଗତ ରକ୍ଷା ପାଇପାରିବେ ବୋଲି ପରିବେଶପ୍ରେମୀ ବିରଞ୍ଚି ନାରାୟଣ ଦାସ



ମହାକାଳପଡ଼ା ବ୍ଲକ ମହାନଦୀ ତ୍ରିକୋଣ ଭୂମି ଅବବାହିକା ଅଞ୍ଚଳରେ ଲୁଣା ଜଙ୍ଗଲ ବଢୁଛି।

କହିଛନ୍ତି। ପାରାଦୀପ ଶିଳ୍ପ, କାରଖାନାର ଧୂଆଁ, ପାଉଁଶ ପରିବେଶ ପ୍ରଦୂଷିତ କରୁଥିବା ବେଳେ ଲୁଣା ଜଙ୍ଗଲ ପତ୍ରରେ ଆସ୍ତରଣ ଜମୁଛି। ଯାହାକି ଲୁଣା ଜଙ୍ଗଲ ପ୍ରତି ବିପଦ ସାଜିଛି। ଲୁଣା ଜଙ୍ଗଲରେ ଜୀବଜନ୍ତୁ ଓ ପକ୍ଷୀ ବଂଶ ବିସ୍ତାର କରୁଛନ୍ତି।

ଅପରପକ୍ଷରେ ବନ ବିଭାଗ ପକ୍ଷରୁ ବଡିଘର ସଂରକ୍ଷିତ ଜଙ୍ଗଲରେ ଶହେ ହେକ୍ଟର ଜମିରେ ୪ ଲକ୍ଷ ୪୫ ହଜାର ଲୁଣା ଚାରା ଓ ୧୨ ହେକ୍ଟର ଜଙ୍ଗଲ ଜମିରେ ୩୦ ହଜାର ଝାଉଁ ଚାରା ରୋପଣ କରିଛି। କେତେକ ବେଆଇନ ଜମି ଦଖଲକାରୀଙ୍କଠାରୁ ଜଙ୍ଗଲ ଜମି ଉଚ୍ଛେଦ କରାଯାଇ ଲୁଣା ଜାତୀୟ ଚାରା ରୋପଣ କରାଯାଉଛି। ଲୁଣା ଜାତୀୟ ଗୁଆଁ, ରାଇ, ବନି, ସୁନ୍ଦରୀ, ସିନ୍ଦୁକା, କାଳିଆ ଗୁଆଁ, ଗରାଣି ଓ ଡଟ୍ ଆଦି ଚାରା ବ୍ୟାପକ ପରିମାଣରେ ରୋପଣ କରାଯାଇଛି। ଏ ନେଇ ସାମାଜିକ କର୍ମୀ ସୁବାସ ସ୍ୱାଇଁ କହିଛନ୍ତି, ବନ ବିଭାଗ ପକ୍ଷରୁ ବ୍ୟାପକ ପରିମାଣରେ ଲୁଣା ଜଙ୍ଗଲ ସୃଷ୍ଟି କରାଯାଇଛି। ହେଲେ ଲୁଣା ଜଙ୍ଗଲ ତଟବର୍ତ୍ତୀ ପଡ଼ୋଶୀ ଜିଲାର ଶିଳ୍ପ, କାରଖାନାରୁ ବର୍ଜ୍ୟବସ୍ତୁ ଓ ନିର୍ଗତ ବିଷାକ୍ତ ନିଆଁ, ଧୂଆଁ, ପାଉଁଶ ମହାକାଳପଡ଼ାବାସୀଙ୍କୁ ଅଣନିଃଶ୍ୱାସୀ କରି ପକାଉଛି। ଫଳରେ ଲୁଣା ଜଙ୍ଗଲ ଯେଉଁ ପରିମାଣରେ ବୃଦ୍ଧି ହେବା କଥା ସେଥିରେ ବାଧା ସୃଷ୍ଟି ହେଉଛି। ଏଥିପ୍ରତି ଯତ୍ନବାନ ହେବାର ସମୟ ଆସିଛି। ଏ ସଂକ୍ରାନ୍ତରେ ମହାକାଳପଡ଼ା ବନାଞ୍ଚଳ ଅଧିକାରୀ ଶାନ୍ତନୁ କୁମାର ଦଳାଇଙ୍କୁ ପଚାରିବାରେ ଚଳିତ ବର୍ଷ ନୂଆ ଲୁଣା ଜଙ୍ଗଲ ଚାରା ରୋପଣ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ମିଳିଲେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

metroselfie@gmail.com



@ ରିଣ୍ଟୁ



@ ସୁଦୀପ୍ତା



@ ସୁଷ୍ମିମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବାଇକ୍ ଡିକି ଭାଙ୍ଗି ଲୁଟି ନେଲେ ସୁନା ଅଳଙ୍କାର

ଆଳି, ୨୭।୪ (ବନମାଳୀ ସେନାପତି)

ଆଳି ଥାନା କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ବଳଭଦ୍ରପୁର ଶାସନ ନିକଟରେ ନିରୁପମା ମିଶ୍ର ନାମ୍ନୀ ଜଣେ ମହିଳାଙ୍କ ଘର ନିକଟରେ ୨ ଦୁର୍ବୃତ୍ତ ଶନିବାର ପହଞ୍ଚି ଥିଲେ। ସେମାନେ ପାଣି ପିଇବାକୁ ମାଗି ପିଇବାପରେ ନିରୁପମାଙ୍କ ବେକରୁ ସୁନାଚେନ ଝାମ୍ପି ନେଇଥିଲେ। ଘଟଣାକୁ ୨୪ ଘଣ୍ଟା ନ ପୂରୁଣୁ ରବିବାର ମାଳପାଟଣା ଛକରେ ଜଣେ ବ୍ୟବସାୟୀଙ୍କ ବାଇକ୍ ଡିକିରୁ ସୁନା ଅଳଙ୍କାର ଦୁର୍ବୃତ୍ତ ଲୁଟି ନେଇଛନ୍ତି। ଆଳି ଥାନା ଧାନମଣ୍ଡଳ ଗାଁର ସତ୍ୟପ୍ରିୟ ସାହୁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସିଙ୍ଗିରି ବଜାରରୁ ସୁନା ଅଳଙ୍କାର ନେଇ ମାଳପାଟଣାରେ ଜଣେ ବ୍ୟକ୍ତିଙ୍କ ଘରକୁ ଦେବାକୁ ଯାଇଥିଲି। ସେଠାରୁ ଫେରି ଦେଖେତ ବାଇକ୍ ଡିକି ଖୋଲା ହୋଇଥିବାବେଳେ ସେଥିରେ ଥିବା ଅଳଙ୍କାର ବ୍ୟାଗ ନାହିଁ। ସତ୍ୟପ୍ରିୟଙ୍କ ବାଇକ୍ ଡିକିରେ ରୁପା ପଟି, ବଳା, ଗୋଡ଼ମୁଦି, ସୁନା କାନ ଫୁଲ, ନାକ ଫୁଲ ଆଦି ପ୍ରାୟ ଲକ୍ଷାଧିକ ଟଙ୍କାର ଅଳଙ୍କାର ଦୁର୍ବୃତ୍ତ ଲୁଟି ନେଇଛନ୍ତି। ପୋଲିସ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ଡାଙ୍ଗମାଳରେ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଏମ୍‌ପି ବୈଜୟନ୍ତ ପଣ୍ଡା



ରାଜନଗରରେ ମନ୍ କୀ ବାତ କାର୍ଯ୍ୟକ୍ରମରେ ଏମ୍‌ପି ବୈଜୟନ୍ତ ପଣ୍ଡା, ଜିଲା ଭାଜପା ସଭାପତି ଶଶାଙ୍କ ସେଠୀ, ନେତା ଲଳିତ ବେହେରା ଓ ଅନ୍ୟମାନେ।

ରାଜନଗର, ୨୭।୪(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଡାଙ୍ଗମାଳସ୍ଥିତ ମା’ ଜୟଦୁର୍ଗାଙ୍କ ମନ୍ଦିର ପରିସରରେ ଥିବା କଲ୍ୟାଣ ମଣ୍ଡପରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପହଲଗାମ୍ ମୃତକଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ମନ୍ କି ବାତ୍ କାର୍ଯ୍ୟକ୍ରମକୁ ଏମ୍‌ପି ପଣ୍ଡାଙ୍କ ସହ କେନ୍ଦ୍ରାପଡା ଜିଲା ଭାଜପା ସଭାପତି ଶଶାଙ୍କ ସେଠୀ, ବରିଷ୍ଠ ନେତା ସଞ୍ଜୟ ରଥ, ରାଜନଗର ନିର୍ବାଚନମଣ୍ଡଳୀ ଭାଜପା ନେତା ଲଳିତ କୁମାର ବେହେରାଙ୍କ ସମେତ ଦଳର କାର୍ଯ୍ୟକର୍ତ୍ତା, ସ୍ଥାନୀୟ ଲୋକ ଦେଖିଥିଲେ। ଏହି ଅବସରରେ ଦଳର ବରିଷ୍ଠ କର୍ମୀ ହୃଷୀକେଶ ବେହେରା, ବାଇଧର ପ୍ରଧାନ, ହରେକୃଷ୍ଣ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ରାସ୍ତା ପାର୍ଶ୍ୱକୁ ତେଲ ଟ୍ୟାଙ୍କର ଓଲଟି ଚାଳକ ମୃତ

ମାର୍ଶାଘାଇ,୨୭।୪
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଅନ୍ତର୍ଗତ ୫୩ ନଂ. ଜାତୀୟ ରାଜପଥର ହଳଦିଆଗଡ଼ା ଓ ବଡ଼ପାଳଗଡ଼ା ମଝିରେ ଏକ ତେଲ ଟ୍ୟାଙ୍କର ଭାରସାମ୍ୟ ହରାଇ ଶନିବାର ରାତିରେ ତଳକୁ ଖସି ପଡ଼ିଛି। ଏଥିରେ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି।

ପୋଲିସ ସୂଚନା ମୁତାବକ, ତେଲ ଟ୍ୟାଙ୍କର ପାରାଦୀପରୁ ୪୦ ହଜାର ଲିଟର ତେଲ ନେଇ ଚଣ୍ଡିଖୋଲ ଆଡକୁ ଯାଉଥିଲା। ଜାତୀୟ ରାଜପଥର ହଳଦିଆଗଡାଠାରୁ କିଛି ବଟ ଆଗରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ଏକ ପାଣି ଗାଡ଼ିଆରେ ଫସି ଯାଇଥିଲା। ଖବରପାଇ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି କଟର ସାହାଯ୍ୟରେ ଡୋର କାଟି ଚାଳକଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ମୃତ ଚାଳକଙ୍କ ନାମ ସୁନୀଲ କୁମାର (୪୫)। ଘର ବିହାର ରାଜ୍ୟରେ ବୋଲି ଜଣାପଡିଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।



ଓଲଟି ପଡ଼ିଥିବା ତେଲ ଟ୍ୟାଙ୍କର।

## ଆତଙ୍କବାଦର ମୁକାବିଲା ପାଇଁ ଭାରତବାସୀ ଏକଜୁଟ ହୁଅନ୍ତୁ

### ଖବରଦାତାଙ୍କ ପକ୍ଷରୁ ପହଲଗାମ୍‌ରେ ମୃତ ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି

ପଟ୍ଟାମୁଣ୍ଡାଇ, ୨୭।୪ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିରଠାରେ ରବିବାର କାର୍ଯ୍ୟରତ ଖବରଦାତାଙ୍କ ପକ୍ଷରୁ ଜମ୍ମୁ କଶ୍ମୀର ପହଲଗାମ୍‌ଠାରେ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ମୃତ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ସହ ଦୀପଦାନ କରାଯାଇଛି। ଏଥିରେ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କରାଯିବା ସହ ଆଗାମୀ ଦିନରେ ଏହାର ଦୃଢ଼ ପଦକ୍ଷେପ ନେବା ସହ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାରଙ୍କୁ ଆହ୍ୱାନ ଜଣାଇଥିଲେ। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତବାସୀ ଅନେକତାରେ ଏକତାର ପରିଚୟ ଦେଇ ଅଖଣ୍ଡତା ବଜାୟ ରଖିବା ସହ ଆତଙ୍କବାଦର ଦୃଢ଼ ମୁକାବିଲା ପାଇଁ ଏକଜୁଟ ହେବାକୁ ଉତ୍ସାହିତ କରିଥିଲେ। ପ୍ରାରମ୍ଭରେ ୨ ମିନିଟ୍ ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ ସଭାରେ ଖବରଦାତା ଜଗନ୍ନାଥ ଆଚାର୍ଯ୍ୟ, ପ୍ରବୀର ନାୟକ, କୁମାରେଶ ନାୟକ, ପ୍ରତାପ ପାଢ଼ୀ, ସୁଶାନ୍ତ କର, ରଶ୍ମିକାନ୍ତ ମହାନ୍ତି, ସସ୍ମିତା ପଲାଇ, ଅକ୍ଷୟ ସାହୁ, ଅନିଲ ଚୌଧୁରୀ, ଧୀରେନ୍ଦ୍ର ମଲିକ ପ୍ରମୁଖ ଉପସ୍ଥିତ ଥିଲେ।





ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିରରେ ଦୀପଦାନ କରି ଖବରଦାତାମାନେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

## ସ୍କୁଲ-ଇ ବିଜୟୀ, ସତ୍ୟବ୍ରତଙ୍କୁ ମ୍ୟାନ ଅଫ ଦି ମ୍ୟାଚ

### ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

କେନ୍ଦ୍ରାପଡ଼ା,୨୭।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା କ୍ରିକେଟ୍ ଆସୋସିଏଶନ ଓ ଓସିଏ ପକ୍ଷରୁ ସହରର ସାରଙ୍ଗସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ରବିବାର ଅଷ୍ଟମ ଲିଗ ମ୍ୟାଚ ସ୍କୁଲ-ଇ ଓ ସ୍କୁଲ-ସି ମଧ୍ୟରେ ଖେଳା ଯାଇଥିଲା। ଏଥିରେ ସ୍କୁଲ-ଇ ବିଜୟୀ ହୋଇଛି। ସ୍କୁଲ-ସି ପ୍ରଥମେ ଟସ୍ ଜିତି ବୋଲିଂ କରିଥିଲା। ସ୍କୁଲ-ଇ ବ୍ୟାଟିଂ କରି ୧୯.୫ ଓଭରରେ ୯ ଉଇକେଟ୍ ବିନିମୟରେ ୧୦୯ ରନ୍ କରିଥିଲା। ଜବାବରେ ସ୍କୁଲ-ସି ୨୫.୨ ଓଭରରେ ୯ ଉଇକେଟ୍ ବିନିମୟରେ ୮୧ ରନ୍ କରିଥିଲା। ଫଳରେ ୨୮ ରନ୍‌ରେ ସ୍କୁଲ-ଇ ବିଜୟୀ ହୋଇଥିଲା। ସ୍କୁଲ-ଇ ଦଳର ସତ୍ୟବ୍ରତ ଦାଶ ୬.୨ ଓଭରରେ ୨ଟି ମେଡେନ ଓଭର ସହ ୧୧ ରନ୍ ଦେଇ ୫ଟି ଉଇକେଟ୍ ନେଇ ମ୍ୟାନ୍ ଅଫ ଦି ମ୍ୟାଚ ହୋଇଥିଲେ। ଅତିଥି ଭାବେ ଆୟୁବ ଖାନ୍ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ସତ୍ୟବ୍ରତଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ନିରଞ୍ଜନ ଦାସ ଓ ବିଶ୍ୱଜିତ ଅଧିକାରୀ ଅମ୍ପାୟର ଭାବେ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଭାବେ ସେକ୍ ମୀନାଜୁଦ୍ଦିନ କାର୍ଯ୍ୟ ତୁଲାଇଥିବାବେଳେ ବରଦାକାନ୍ତ ବରାଳ ଓ ସମୀର ମହାପାତ୍ର ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରିକେଟ ଆସୋସିଏଶନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ନେତୃତ୍ୱରେ ଚିରଞ୍ଜୀବୀ ବଳ, ଜ୍ୟୋତି ରଞ୍ଜନ ଶତପଥୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ଆତଙ୍କବାଦୀ କାର୍ଯ୍ୟକଳାପର ମୂଳୋତ୍ପାଟନ କରାଯାଉ

ରାଜକନିକା,୨୭।୪(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ପାରିନୂଆପଡ଼ା-ହାବଳଗଣ୍ଡ ପଞ୍ଚାୟତ କଇଥାପାଳ ଗାଁରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ମନ୍ କୀ ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଦର ଜୋନ ଭାଜପା ସଭାପତି ପ୍ରକାଶ ନାୟକଙ୍କ ନେତୃତ୍ୱରେ ନେତା, କାର୍ଯ୍ୟକର୍ତ୍ତାଙ୍କ ସମେତ ସାଧାରଣ ଲୋକ ଉପସ୍ଥିତ ହୋଇ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଶୁଣିଛନ୍ତି। ପହଲଗାମ୍ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯିବା ସହ ପାକିସ୍ତାନର ଆତଙ୍କୀ କାର୍ଯ୍ୟକଳାପକୁ ଦୃଢ଼ ନିନ୍ଦା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଭାରୀ ଓମ୍ ପ୍ରକାଶ ପତି ଉପସ୍ଥିତ ହୋଇ ଆତଙ୍କବାଦୀ କାର୍ଯ୍ୟକଳାପ ଓ ଏହାର ମୂଳୋତ୍ପାଟନ କରିବାକୁ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଦର ଜୋନ ଭାଜପା ଯୁବମୋର୍ଚ୍ଚା ସଭାପତି ଜନ୍ ନାୟକ, ପଞ୍ଚାୟତ ଭାଜପା ପ୍ରମୁଖ ରଜନୀକାନ୍ତ ରାୟ, ଯୁବନେତା ଦେବଜ୍ୟୋତି ଜେନା, ମଳୟ କୁମାର ନାୟକ, ଚନ୍ଦ୍ରଶେଖର ନାୟକ, ଶ୍ରୀନିବାସ ନାୟକ, ଆନନ୍ଦ ରାଉତ, କୈଳାସ ନାୟକ, ସରସ୍ୱତୀ ପରିଡ଼ା, ସରିତା ଦାସ ଓ ରାଜୀବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପହଲଗାମ୍‌ରେ ମୃତ ୨୬ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ମହମବତି ଶୋଭାଯାତ୍ରା

ରାଜନଗର, ୨୭।୪(ଭାସ୍କର ରାଉତରାୟ)

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ପର୍ଯ୍ୟଟକ ପରିଭ୍ରମଣ କରୁଥିବାବେଳେ ଆତଙ୍କବାଦୀଙ୍କ ଆଖିବୁଜା ଗୁଳିମାଡରେ ୨୬ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଯାହାକୁ ନେଇ ସମଗ୍ର ଦେଶରେ ପାକିସ୍ତାନ ବିରୋଧରେ ପ୍ରତିଶୋଧ ନିଆଁ ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ରାଜନଗର ନିର୍ବାଚନମଣ୍ଡଳୀ ଶ୍ରୀରାମ ସେନା ପକ୍ଷରୁ ଏକ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶ୍ରୀରାମ ସେନାର ସଭାପତି ସାରଦା ପ୍ରସାଦ ରାଉତଙ୍କ ନେତୃତ୍ୱରେ ଶୋଭାଯାତ୍ରା ସ୍ଥାନୀୟ ମଦନପୁର କଲେଜ ଛକଠାରୁ ଦୁର୍ଗାପୂଜା ମଣ୍ଡପ ଯାଏ ଯାଇଥିଲା। ସେଠାରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଶୋଭାଯାତ୍ରାରେ ଆଶିଷ କୁମାର ମଲ୍ଲିକ, ଆଲୋକ କୁମାର ବେହେରା, ସିଦ୍ଧାନ୍ତ ଦାଶ, ବାବୁ ପ୍ରଧାନ, ସୁଦର୍ଶନ ପ୍ରଧାନ, ଟୁକୁନି ମଲ୍ଲିକ, ପ୍ରକାଶ ମଲ୍ଲିକ, ଦୀପକ ମହାନ୍ତିଙ୍କ ସହ ଶତାଧିକ ଶ୍ରୀରାମ ସେନା କାର୍ଯ୍ୟକର୍ତ୍ତା ଯୋଗଦେଇ ପାକିସ୍ତାନ ବିରୋଧରେ ବିଭିନ୍ନ ନାରାବାଜି କରିଥିଲେ।

## ଶତାୟୁ ବ୍ୟକ୍ତିଙ୍କ ପରଲୋକ

ରାଜନଗର, ୨୭।୪( ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତ ଜୁଣଗଡ଼ି ଗାଁର ସାମାଜିକ କର୍ମୀ ତଥା ଶତାୟୁ କେଶବ ଚନ୍ଦ୍ର ଦାସ(୧୦୧)ଙ୍କ ପରଲୋକ ଘଟିଛି। ସେ ଅଞ୍ଚଳବାସୀଙ୍କ ସୁଖ ଓ ଦୁଃଖରେ ନିଜକୁ ସାମିଲ କରିଥିବାବେଳେ ଈଶ୍ୱର ବିଶ୍ୱାସୀ ଥିଲେ। ସେ ସମଗ୍ର ରାଜନଗର ଅଞ୍ଚଳରେ ପରିଚିତ ହେବା ସହ ପିଲାଠାରୁ ବୟସ୍କଙ୍କ ପ୍ରିୟପାତ୍ର ହୋଇଥିଲେ। ମସ୍ତିଷ୍କ ପକ୍ଷାଘାତରେ ପୀଡିତ ହୋଇ ସେ ତାଙ୍କ ଘରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଅନ୍ତିମ ସଂସ୍କାରରେ ପୁତ୍ର ଭଗବାନ ଏବଂ ଅଶୋକଙ୍କ ସମେତ ପରିବାର, ଆତ୍ମୀୟ ସ୍ୱଜନ, ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ।

## ଦଳୀୟ ସଙ୍ଗଠନକୁ ତୃଣମୂଳ ସ୍ତରରୁ ସଙ୍ଗଠିତ କରିବାକୁ ଆହ୍ୱାନ

### ବେରୁହାଁରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ

ମାର୍ଶାଘାଇ,୨୭।୪
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବେରୁହାଁ ଗ୍ରାମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୨୧ ତମ ମନ୍ କି ବାତ୍ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଛି। ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କ ସହିତ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ଜନପ୍ରିୟ କାର୍ଯ୍ୟକ୍ରମ ଶୁଣିଥିଲେ। ଏହି ଅବସରରେ ବିଧାୟକ ନାୟକ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଲୋକାଭିମୁଖୀ ଯୋଜନା ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇବା ସହ ଦଳୀୟ ସଙ୍ଗଠନକୁ ତୃଣମୂଳ ସ୍ତରରୁ ସଙ୍ଗଠିତ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ହିରଣ୍ୟ ମହାପାତ୍ର, ପ୍ରଶାନ୍ତ ସେଠୀ, ନିଗମ ପ୍ରସାଦ ରଥ, ମନୋରଞ୍ଜନ ମହାପାତ୍ର, ଗଙ୍ଗାଧର ସାମଲ, ବିକ୍ରମ ରାଉତରାୟ, ଉଷାରାଣୀ ମିଶ୍ର, ଆଶୁତୋଷ ମହାପାତ୍ର, ମାନସ ନାୟକ ପ୍ରମୁଖ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସତ୍ୟ ରଞ୍ଜନ ନାୟକ, ଜ୍ୟୋତି ରଞ୍ଜନ ଜେନା, ଚିନ୍ମୟ ଗୋଚ୍ଛାୟତ, କାଳନ୍ଦୀ ସେଠୀ, ଜ୍ଞାନ ରଞ୍ଜନ ବସନ୍ତିଆ, ବଳଭଦ୍ର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ମାର୍ଶାଘାଇରେ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଓ ଅନ୍ୟମାନେ।

## ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

ପଟ୍ଟାମୁଣ୍ଡାଇ, ୨୭।୪ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ମାଟିଆ ଗ୍ରାମରେ ଅଧିକ ଯୌତୁକ ପାଇଁ ଶନିବାର ଜଣୈକା ବଧୂଙ୍କୁ ହତ୍ୟା କରାଯାଇଥିବା ନେଇ ବାପା ଲିଖିତ ଅଭିଯୋଗ କରିଛନ୍ତି। ଖବର ପାଇ ପୋଲିସ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରୁ ବଧୂଙ୍କ ମୃତଦେହକୁ ଜବତ କରିଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୨୭/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ଲାଗି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି।



ସୋନାଲି ଦାସ

ପୋଲିସ ସୂଚନା ମୁତାବକ, ପାଟକୁରା ଥାନା ଅନ୍ତର୍ଗତ ନୂଆପଡ଼ା ଗ୍ରାମର କେଶବ ଦାସଙ୍କ ଝିଅ ସୋନାଲିଙ୍କ ସହ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧୀନ ମାଟିଆ ଗ୍ରାମର ଜନକର ମଲିକ ପୁଅ ଲିପୁନଙ୍କ ମୋବାଇଲରୁ ପ୍ରଥମେ ପରିଚୟ ହୋଇ ସମ୍ପର୍କ ଗଢ଼ି ଉଠିଥିଲା। ୨୦୨୫ ଜାନୁଆରୀ ୨୨ରେ ସେମାନେ ପ୍ରେମ ବିବାହ କରିଥିଲେ। ବିବାହର କିଛିଦିନ ପରେ ସୋନାଲିଙ୍କ ସ୍ୱାମୀ ଲିପୁନ କର୍ମ ସଂସ୍ଥାନ ପାଇଁ ବାହାରକୁ ଚାଲି ଯାଇଥିଲେ। ମାତ୍ର ସୋନାଲି ନିଜ ଶାଶୁଶ୍ୱଶୁର ଓ ପରିବାର ଲୋକଙ୍କ ସହ ରହୁଥିଲେ। ବିବାହର ମାତ୍ର ୩ ମାସ ପରେ ଶନିବାର ଅପରାହ୍ନରେ ସୋନାଲି ଆତ୍ମହତ୍ୟା କରିଥିବା ପୋଲିସ ସୂତ୍ରରୁ ଖବରପାଇ ମା’ବାପା ଓ ପରିବାର ଲୋକ ଆସିଥିଲେ। ସୋନାଲିଙ୍କ ବାପା କେଶବ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ପହଞ୍ଚି ଝିଅର ମୃତ୍ୟୁ ହୋଇଥିବା ଦେଖିବାକୁ ପାଇଥିଲେ। କୌଣସି କାରଣ ନ ଥାଇ ବିବାହର ୩ ମାସ ପରେ ଝିଅର ମୃତ୍ୟୁକୁ କେଶବ ସହଜରେ ଗ୍ରହଣ କରିପାରି ନ ଥିଲେ। କେଶବ ଥାନାରେ କରିଥିବା ଲିଖିତ ଅଭିଯୋଗ ମୁତାବକ, ଝିଅକୁ ଶାଶୁଘର ଲୋକେ ଅଧିକ ଯୌତୁକ ଟଙ୍କା ପାଇଁ ନିର୍ଯାତନା ଦେଇ ଆସୁଥିଲେ। ଟଙ୍କା ନ ଦେବାରୁ ଝିଅକୁ ଜୀବନରୁ ମାରି ଦେଇଥିବା ନେଇ ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ଘରେ କେହି ପରିବାର ଲୋକ ନ ଥିବାର ସୁଯୋଗରେ ବୋହୂ ସୋନାଲି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛି ବୋଲି ଶାଶୁ ରୀନା ମଲିକ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ବନ୍ଦନା ପାତ୍ରଙ୍କୁ ପଚାରିବାରେ ଘଟଣାର ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

# ଜଙ୍ଗଲ ସୁରକ୍ଷା ଦେଲା ବଞ୍ଚିବାର ରାହା


ଜଙ୍ଗଲକୁ ସୁରକ୍ଷା ଦେଉଥିବା ଗ୍ରାମବାସୀ।

ନୟାଗଡ଼,୨୭।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଦଶପଲ୍ଲା ରେଞ୍ଜର ଧାଡ଼ି ମୁଣ୍ଡିଆ, ଗାଇ ଡାଣ୍ଡି, ମଧୁ ତଉଲା ପରି ୧୧ ଶହ ଏକର ଜଙ୍ଗଲ ସୁରକ୍ଷିତ ହୋଇଗଲା। ଦଶପଲ୍ଲା ବ୍ଲକ କୁକୁଡ଼ାକୁମ୍ଭା ପଞ୍ଚାୟତର ବିଡାପାଟୁ ଓ ଉପରକିଆରି ଗାଁ, ଟାକେରା ପଞ୍ଚାୟତର ବାଙ୍କତଲା ଲୋକଙ୍କ ଉଦ୍ୟମ ଯୋଗୁ ଜଙ୍ଗଲ ସୁରକ୍ଷିତ ହେଲା ଓ ସବୁଜିମା ଫେରି ପାଇଲା। ସେହିପରି ଜଙ୍ଗଲକୁ ଜୀବଜନ୍ତୁ ଫେରିଆସିବାବେଳେ ଔଷଧୀୟ ଜଙ୍ଗଲ ବଢ଼ିବାରେ ଲାଗିଛି। ଧୀରେ ଧୀରେ ବନ୍ୟ ପ୍ରାଣୀ ଓ ମନୁଷ୍ୟଙ୍କ ପାଇଁ ଜଙ୍ଗଲ ବଞ୍ଚିବାର ରାହା ପାଲଟିଛି। ଙ୍ଗୋପାଳିରେ ଜଙ୍ଗଲ ସୁରକ୍ଷା ଯୋଗୁ ଦଶପଲ୍ଲା ରେଞ୍ଜର ୩ଟି ଜଙ୍ଗଲ ପୁନରୁଦ୍ଧାର ହୋଇ ପାରିଛି। ପ୍ରକାଶଯେ, ବିଡାପାଟୁ ଗାଁରେ ୨୨ ପରିବାର ଦଳିତ ଓ ୨ ପରିବାର ଆଦିବାସୀ, ବାଙ୍କତଲା ଗାଁରେ ୭ ପରିବାର କୁମ୍ଭାର ଓ ୨୮ ପରିବାର ଆଦିବାସୀ ଗଉଡ଼, ଉପରକିଆରି ଗାଁରେ ୨୮ ପରିବାର ଆଦିବାସୀ ବାସ କରନ୍ତି। ୨୦୧୮ ମସିହା ବେଳକୁ ଧାଡ଼ି ମୁଣ୍ଡିଆ, ଗାଇ ଡାଣ୍ଡି, ମଧୁ ତଉଲା ପରି ୩ଟି ଜଙ୍ଗଲ ପଦା ହୋଇଯାଇଥିଲା। ଜଙ୍ଗଲ ପଦା ହୋଇଯିବାରୁ ଆଦିବାସୀ, ଦଳିତ ଓ ଅନ୍ୟ ବର୍ଗର ଲୋକ ଚିନ୍ତିତ ହୋଇ ପଡ଼ିଥିଲେ। ଜଙ୍ଗଲ ଜଗିବା ପାଇଁ ଗୋଟିଏ ଗାଁ ଲୋକେ ଉଦ୍ୟମ କରିଥିଲେ ମଧ ସୁଫଳ ପାଇ ନ ଥିଲେ। ଶେଷରେ ୩ଟି ଗାଁର ଲୋକ ଏକାଠି ହୋଇ ୨୦୧୮ ଡିସେମ୍ବରରେ ଜଙ୍ଗଲ ସୁରକ୍ଷା ପାଇଁ ସଭା କରିଥିଲେ। ମିଳିତ ଭାବେ ଠେଙ୍ଗା ପାଳିରେ ଜଙ୍ଗଲ ସୁରକ୍ଷା କରିବାକୁ ନିଷ୍ପତ୍ତି ନେଲେ। ୨୦୧୯ରେ ୩ ଗାଁର ଲୋକ ଜଙ୍ଗଲ ଜଗିଲେ। ୪ ବର୍ଷ ଜଙ୍ଗଲ ସୁରକ୍ଷା ପରେ ଜଙ୍ଗଲରେ ଭାଲୁ, ହାତୀ, ବାରହା, ମୟୂର, ଠେକୁଆ, ସାପ, ବିଲୁଆ, ଗଧିଆ, ଜଙ୍ଗଲି ମୂଷା, ନେଉଳ ପରି ବନ୍ୟପ୍ରାଣୀ ଦେଖାଗଲେ। ବିଭିନ୍ନ ପ୍ରକାରର ପକ୍ଷୀ ବି ରହିଲେ। ସେହିପରି ଧୀରେ ଧୀରେ ଅଶ୍ୱଗନ୍ଧା, ଭୃଙ୍ଗରାଜ, କଫ ...

- ଫେରିଲେ ଜୀବଜନ୍ତୁ, ଫେରିଲା ସବୁଜିମା
- ସୃଷ୍ଟି ହେଲାଣି ଔଷଧୀୟ ଜଙ୍ଗଲ

## ଅଡ଼ଙ୍ଗା ଜଙ୍ଗଲ ସୃଷ୍ଟି

ଦଶପଲ୍ଲା ବ୍ଲକର ଉପରକିଆରି ଓ ଭୋଗବାରି ପଞ୍ଚାୟତର ଟାଙ୍ଗିସାହିରେ ଅଡ଼ଙ୍ଗା ଜଙ୍ଗଲ ଦେଖା ଯାଉଛି। ଟାଙ୍ଗିସାହିରେ ୧୫୦ରୁ ଊର୍ଦ୍ଧ୍ୱ ଓ ଉପରକିଆରିରେ ଅଢ଼େଇ ହଜାରରୁ ଊର୍ଦ୍ଧ୍ୱ ଅଡଙ୍ଗା ଗଛ ଦେଖିବାକୁ ମିଳିଲା। ଅଡଙ୍ଗା ଗଛ, ଏହାର ଡାଳ, ପତ୍ର ବିବାହ, ବ୍ରତ ପରି ଶୁଭ କାର୍ଯ୍ୟରେ ସାଜସଜ୍ଜାରେ ବ୍ୟବହାର ହୁଏ। ଏଣୁ ଗଛଗୁଡ଼ିକ ପୁଣି ନଷ୍ଟ ହୋଇ ଚାଲିଲା। ଗାଁଲୋକଙ୍କ ସୁରକ୍ଷା ଯୋଗୁ ଓ ନୂତନ ଚାରା ରୋପଣ ଯୋଗୁ ଅଡଙ୍ଗା ଜଙ୍ଗଲ ସୃଷ୍ଟି ହେଲା। ଜଙ୍ଗଲ ଭିତରେ ଏହି ଅଡଙ୍ଗା ଜଙ୍ଗଲ ସୃଷ୍ଟି ହୋଇଛି। ଏନେଇ ଜଙ୍ଗଲ ସଭାପତି ବାଙ୍କତଲା ଗାଁର ଲକ୍ଷ୍ମୀଧର ମୁଦୁଲି ଓ ଉପରକିଆରି ଗାଁର ନୀଳାମ୍ବର ଜାନି କୁହନ୍ତି, ଅଡଙ୍ଗା ଫୁଲ ଘରେ ବାନ୍ଧିଲେ ଓଡଶ ହେବନି। ଏହାର ଶାଗ ଜଙ୍ଗଲିଆ ଅଞ୍ଚଳର ଲୋକ ଖାଉଛନ୍ତି। ପୁଣି ଅଡଙ୍ଗା ଫଳରେ କାକରା ଓ ଇଟିଲି ହେଉଛି। ଏଣୁ ଅଡଙ୍ଗା ଗଛର ସୁରକ୍ଷା ଆମେ କରିଛୁ। ପୁଣି ଗାଁଲୋକଙ୍କ ସୁରକ୍ଷା ଯୋଗୁ ଧାଡ଼ିମୁଣ୍ଡିଆ, ଗାଇ ଡାଣ୍ଡି, ମଧୁ ତଉଲା ପରି ୧୧ ଶହ ଏକର ଜଙ୍ଗଲ ପୁନରୁଦ୍ଧାର ହୋଇଗଲା। ଜଙ୍ଗଲ ବଢ଼ିବା ପରେ ଗାଁଲୋକ ଉପକୃତ ହେଲେ ଓ ଜଙ୍ଗଲ ଯୋଗୁ ପରିବେଶ ପ୍ରଦୂଷିତରୁ ବର୍ତ୍ତିଯିବ। ବଞ୍ଚିବା ପାଇଁ ଜଙ୍ଗଲ ନିହାତି ଆବଶ୍ୟକ ରହିଛି। ଯାହାକି ଆମେ ବୁଝି ପାରୁ ସୁରକ୍ଷା କରିଥିଲୁ ବୋଲି କହିଛନ୍ତି।


ଅଡ଼ଙ୍ଗା ଫଳ

... କସ୍ତୁରୀ, ଶତାବରୀ, ଅଁଳା, ବାହାଡ଼ା, ଅଁଳି, ପାତାଳଭେଦି ପରି ଔଷଧୀୟ ଗଛ ଦେଖିବାକୁ ମିଳିଲା। ଜଙ୍ଗଲରେ ବାଉଁଶ ଗଛ ବଢ଼ିବାରେ ଲାଗିଲା। ଏନେଇ ବିଡାପାଟୁ ଗାଁର ଜଙ୍ଗଲ ସମ୍ପାଦକ ପ୍ରଦ୍ୟୁମ୍ନ ନାୟକ କୁହନ୍ତି, ଜଙ୍ଗଲ ସୁରକ୍ଷା ପରେ ଗାଁ ଲୋକ ଜଙ୍ଗଲ ଉପରେ ନିର୍ଭର କରୁଛନ୍ତି। ଜଙ୍ଗଲରୁ ବିଭିନ୍ନ ପ୍ରକାରର ଫଳମୂଳ ମିଳୁଛି। ପୁଣି ଜଙ୍ଗଲରୁ ବାଉଁଶ ଆଣି ବାଉଁଶରେ ବିଭିନ୍ନ ଉପକରଣ କରି ବିକ୍ରି କରାଯାଉଛି। ଶିଆଳି ଓ ଶାଳପତ୍ରରେ ଖଲି କରି ରୋଜଗାର ବଢ଼ିଛି।





@ ରିଣ୍ଟୁ


@ ସୁଦୀପ୍ତା


@ ସୁଷିମ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜଗାଦର୍ଶନ ପାଇଁ ଛତିଶଗଡ଼ରୁ ପୁରୀକୁ ପଦଯାତ୍ରା

ଗଣିଆ,୨୭।୪ (ସନ୍ତୋଷ କୁମାର ପ୍ରଧାନ)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଛତିଶଗଡ଼ରୁ ୨ଜଣ ଯୁବକ ଖାଲିପାଦରେ ଚାଲି ଚାଲି ପୁରୀ ଅଭିମୁଖେ ଯାଉଛନ୍ତି। ଏହି ଯୁବକ ଦ୍ୱୟ ରବିବାର ନୟାଗଡ଼ ଜିଲା ଗଣିଆ ବ୍ଲକର ଛାମୁଣ୍ଡିଆଠାରେ ପହଞ୍ଚିଥିଲେ। ସେମାନେ ହେଲେ ଛତିଶଗଡ଼ ଖେରଗଡ଼ ଜିଲା ସଙ୍ଗୀତନାଗରୀ ବିଶ୍ୱବିଦ୍ୟାଳୟରୁ ମନୋଜ କୁମାର ଯାଦବ ଓ ରୋଶନ ବର୍ମା। ଜଗନ୍ନାଥଙ୍କ ପ୍ରତି ପ୍ରଗାଢ଼ ଭକ୍ତି ଓ ବିଶ୍ୱାସ ଯୋଗୁ ସେମାନେ ଏତେବାଟ ଅତିକ୍ରମ କରିବା ପରେ ବି ଥକିପଡ଼ି ନାହାନ୍ତି। ଚଳିତମାସ ୧୧ ତାରିଖରୁ ଛତିଶଗଡ଼ରୁ ବାହାରି ୧୭ ଦିନ ଖାଲି ପାଦରେ ଚାଲିଚାଲି ପୁରୁଣା ଜଗନ୍ନାଥ ସଡ଼କ ଦେଇ ଚାଲିଛନ୍ତି। ପ୍ରବଳ ଖରା ସାଙ୍ଗକୁ ଗ୍ରୀଷ୍ମ ପ୍ରବାହ ଓ ଆବହାଖାବଡ଼ା ରାସ୍ତାକୁ ଭ୍ରୂକ୍ଷେପ ନ କରି ଖାଲିପାଦରେ ସେମାନେ ଚାଲିଛନ୍ତି। ମହିରର ପ୍ରସାଦ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ସେମାନେ ଭୋଜନ କରୁନାହାନ୍ତି। ପ୍ରତ୍ୟହ ଭୋର ୪ଟାରୁ ସେମାନେ ଯାତ୍ରା ଆରମ୍ଭ କରୁଛନ୍ତି। ଖରା ବଢ଼ିଲେ ସେମାନେ ବିଶ୍ରାମ ନେଇ ପୁଣି ଅପରାହ୍ନରେ ଚାଲୁଛନ୍ତି। ରାତି ସମୟରେ କୌଣସି ମନ୍ଦିରରେ ଆଶ୍ରୟ ନେଉଛନ୍ତି। ଦୈନିକ ୩୫ରୁ ୪୦ କିଲୋମିଟର ଚାଲି ଚାଲି ଯାଉଥିବା ମଧ୍ୟ ମନୋଜ ପ୍ରକାଶ କରିଛନ୍ତି। ପୁରୀରେ ପହଞ୍ଚ ଶ୍ରୀଜୀଉଙ୍କ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ସହ କିଛି ଦିନ ବିଶ୍ରାମ ନେଇ ଟ୍ରେନ୍ କିମ୍ବା ବସ୍ ଯୋଗେ ଘରକୁ ଫେରିବା ଲକ୍ଷ୍ୟ ରଖିଥିବା କହିଛନ୍ତି। ଏହି ତୀର୍ଥଯାତ୍ରୀ ଦ୍ୱୟ ପ୍ରଥମ କରି ଜଗନ୍ନାଥଙ୍କ ଦର୍ଶନ ଅଭିମୁଖେ ବାହାରିଥିବାରୁ ସେମାନଙ୍କ ମନରେ ପ୍ରବଳ ଉତ୍ସାହ ଭରି ରହିଥିବା ଦେଖିବାକୁ ମିଳିଛି।


ପୁରୀ ଯାଉଥିବା ଯୁବ ପଦଯାତ୍ରୀ।

# ସୌରଚାଳିତ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉନି

**ନଳକୂପ ଅଚଳ, ଲୋକେ ବ୍ୟବହାର କରୁଛନ୍ତି କୂଅପାଣି**

ଖଣ୍ଡପଡ଼ା,୨୭।୪(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ରଘଡୋଳମରା ପଞ୍ଚାୟତର କର୍ନମିଗି ଗ୍ରାମରେ ଗ୍ରୀଷ୍ମ ପ୍ରବାହ ଯୋଗୁ ପାନୀୟ ଜଳର ଉତ୍କଟ ସମସ୍ୟା ପରିଲକ୍ଷିତ ହୋଇଛି। ପାଣିମୁନ୍ଦେ ପାଇଁ ସ୍ଥାନୀୟ ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁଯାୟୀ, ଡୋଳମରା ପଞ୍ଚାୟତ ଅଧୀନ ବଣ ପାହାଡ଼ ଘେରା ପ୍ରାକୃତିକ ପରିବେଷ୍ଟନୀ ମଧ୍ୟରେ ଥିବା ୧୭ ଓ ୧୮ ନମ୍ବର ୱାର୍ଡରେ ୫ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ନେଇ କର୍ନ ମିଗିର ଗ୍ରାମ ଅବସ୍ଥିତ। ଗ୍ରାମରେ ୨ଟି ନଳକୂପ ଥିବା ବେଳେ ତାହା ଦୀର୍ଘ ବର୍ଷରୁ ସମ୍ପୂର୍ଣ୍ଣ ଅଚଳ ଅବସ୍ଥାରେ ରହିଛି। ଅଞ୍ଚଳବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ପାଇଁ ସେଠାରେ ଏକ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ତେବେ ଉକ୍ତ ପ୍ରକଳ୍ପଟି ଦୀର୍ଘ ୭ରୁ ୮ ମାସ ହେବ ଅଚଳ ହୋଇପଡ଼ିଛି। ବାରମ୍ବାର ପଞ୍ଚାୟତ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ ବୋଲି ଗ୍ରାମର ଯୁବ ପ୍ରଧାନ, କୁମର ମୁଣ୍ଡି, ଅଭୟ ମୁଣ୍ଡି, ଅଜୟ ସାହୁ, ରବିନ୍ଦ୍ର ପରିଡ଼ା, ଆନନ୍ଦ ଗୁରୁ, ହରିହର, ଅରୁଣ ସାହୁ ପ୍ରମୁଖ ବାସିନ୍ଦା ଅଭିଯୋଗ କରିଛନ୍ତି। ଆମେ ବାଧ ହୋଇ ଗ୍ରାମରେ ଥିବା କୂଅ ଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରୁଛୁ ବୋଲି କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିକ୍ରିୟା ମିଳି ନାହିଁ। ଏ ସଂକ୍ରାନ୍ତରେ ଖଣ୍ଡପଡ଼ା ବ୍ଲକ୍ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରତିଭା ମଞ୍ଜରୀ ବାରିକଙ୍କ ସହ ଯୋଗାଯୋଗ କରାଯାଇଥିଲା। ଖୁବଶୀଘ୍ର ଏଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ ସୂଚନା ଦେଇଛନ୍ତି।


ଗାଁରେ ଅଚଳ ହୋଇପଡ଼ିଥିବା ସୌରଚାଳିତ ପାନୀୟଜଳ ପ୍ରକଳ୍ପ।

# ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ, ବଙ୍ଗଳାରେ ଲାଗିଲା ସୌରଶକ୍ତି ପ୍ରକଳ୍ପ

ଖଣ୍ଡପଡ଼ା୨୭।୪ (ଅଜୟ କୁମାର ମହାରଣା)

ବିଦ୍ୟୁତ ଶକ୍ତିର ବିକଳ୍ପ ସହ ସୌରଶକ୍ତି ପ୍ରକଳ୍ପ ସ୍ଥାପନ ଉପରେ କେନ୍ଦ୍ର ସରକାର ଅଧିକ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ସୌରଶକ୍ତି ପ୍ରକଳ୍ପ ଦ୍ୱାରା ଖଣ୍ଡପଡ଼ା ସହରର ବିଭିନ୍ନ ଅନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ପରିଚାଳିତ ହେଉଛି। ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ପୂର୍ତ୍ତ ବିଭାଗ ପରିଦର୍ଶନ ବଙ୍ଗଳା ଏବେ ସୌର ଶକ୍ତି ପ୍ରକଳ୍ପ ଦ୍ୱାରା ପରିଚାଳିତ ହେଉଥିବା ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଧେଶ୍ୟାମ କାଲାଙ୍କଠାରୁ ପ୍ରକାଶ। ସୌର ଶକ୍ତି ପ୍ରକଳ୍ପ ଦ୍ୱାରା ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ପରିଚାଳିତ ହେବା ଦ୍ୱାରା ବିଦ୍ୟୁତ ଶକ୍ତିର ବ୍ୟବହାର ଅପେକ୍ଷାକୃତ କମ ହେବ। ପର୍ଯ୍ୟାୟକ୍ରମେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା କଣ୍ଟିଲୋ ଓ ଭାପୁର ବଙ୍ଗଳାରେ ମଧ୍ୟ ସୌର ଶକ୍ତି ପ୍ରକଳ୍ପ ସ୍ଥାପନ କରାଯିବ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

# ପହଲଗାମ୍ ମୃତକଙ୍କ ପାଇଁ ଯୁବକସଂଘର ଶ୍ରଦ୍ଧାଞ୍ଜଳି

ଖଣ୍ଡପଡ଼ା,୨୭।୪ (ଅଜୟ କୁମାର ମହାରଣା)

ଜମ୍ମୁକାଶ୍ମୀର ଅଧୀନ ପହଲଗାମରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୨୮ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ପାକିସ୍ତାନର ଏହି ଜଘନ୍ୟ ଅପରାଧ ପାଇଁ ସାରା ଦେଶରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ମୃତ ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଖଣ୍ଡପଡ଼ା ଓ ଖଜିସାହି ଯୁବକ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଖଜିସାହି ବଡ ପଡ଼ିଆ ପରିସରରେ ସାମାଜିକ କର୍ମୀ ମହେନ୍ଦ୍ର କୁମାର ବାରିକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବକ ସଂଘର ସଦସ୍ୟମାନେ ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ସହ ସମସ୍ତ ଭାରତୀୟମାନଙ୍କ ପାଇଁ ଏହା ବଡ ଆହ୍ୱାନ ବୋଲି ମତ ଦେଇଥିଲେ । ଏହି ଅବସରରେ ମୃତ ପର୍ଯ୍ୟଟକମାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା ।

# ଉତ୍ତମ ଅଭିଭାବକ ହେବାର କଳା ଶୀର୍ଷକ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଭାଗନେଇଥିବା ଅତିଥି।

ନୟାଗଡ଼,୨୭।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ ସ୍ମୃତିରେ ନୟାଗଡ଼ର ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ତରଫରୁ ଅଭିଭାବକ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ବିଶିଷ୍ଟ ଶିକ୍ଷାବିତ୍‌ମାନଙ୍କୁ ନେଇ ଉତ୍ତମ ଅଭିଭାବକ ହେବାର କଳା ଶୀର୍ଷକ ଆଲୋଚନା ଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ସମ୍ପାଦକ ଶ୍ରୀଧର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଇଞ୍ଜିନିୟର ଦେବାଶିଷ ପଟ୍ଟନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ସାମୂହିକ ଗାନ କରାଯାଇ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ସାହୁଙ୍କ ସ୍ୱାଗତ ଅଭିଭାଷଣ ପରେ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ବିଶ୍ୱଜିତା ମହାନ୍ତି ବିଶ୍ୱର ସର୍ବଶ୍ରେଷ୍ଠ ହାଭାର୍ଡ ବିଶ୍ୱବିଦ୍ୟାଳୟ ଓ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷଣାତ୍ମକ ତଥ୍ୟ ଉପସ୍ଥାପନ କରି ଶିଶୁର ପ୍ରଗତି ପାଇଁ ମାଆର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଜିଲା ପରିଷଦ ଅଧ୍ୟକ୍ଷ କହିଥିଲେ, ଅଭିଭାବକମାନେ ବିଦ୍ୟାଳୟ ପରୀକ୍ଷାରେ ଶିଶୁମାନଙ୍କର ଅଧିକ ନମ୍ବର ପଛରେ ନ ଗୋଡାଇ ଶିଶୁର ବୌଦ୍ଧିକ ଓ ମାନସିକ ବିକାଶ ଦିଗରେ ମନୋନିବେଶ କରନ୍ତୁ। ଆଲୋଚନା ଚକ୍ରର ମୁଖ୍ୟଅତିଥି ବିଧାୟକ ସାହୁ ଶିଶୁର ପ୍ରଗତିରେ ମାତାପିତାଙ୍କ ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ। ମାତାପିତାଙ୍କ ଆଚରଣ ଓ ଉଚ୍ଚାରଣକୁ ଶିଶୁମାନେ ଅନୁକରଣ କରିଥାନ୍ତି ଓ ସେହିଭଳି ଗଢି ହୋଇ ଥାନ୍ତି। ଶିଶୁର ଖାଦ୍ୟ, ସ୍ୱାସ୍ଥ୍ୟ ଓ ଶାରିରୀକ ଶିକ୍ଷା ପ୍ରତି ପିତାମାତା ଯଥେଷ୍ଟ ଗୁରୁତ୍ୱ ଦେବା ସହିତ ମା' ଶିଶୁ ସହିତ ଶିଶୁଟିଏ ହୋଇ ବଞ୍ଚି ପାରିଲେ ପିଲାର ମନ କଥା ବୁଝି ପାରିବ, ଶିଶୁକୁ ମଣିଷ ପରି ମଣିଷଟିଏ କରି ଗଢି ପାରିବେ ବୋଲି ପରାମର୍ଶ ଦେଇଥିଲେ। ଉତ୍ତମ ଅଭିଭାବକ ହେବାର କଳା ବିଷୟରେ ପ୍ରାୟ ଦେଢ ଘଣ୍ଟା ପାୱାର ପଏଣ୍ଟ ମାଧ୍ୟମରେ ବିଧାୟକ କହିଥିଲେ। ପିତାମାତାଙ୍କ କଠିନ ପରିଶ୍ରମ, ଯଥେଷ୍ଟ ସମୟଦାନ ଓ କଷ୍ଟ ପୂର୍ଣ୍ଣ ସାଧନା ହିଁ ଉତ୍ତମ ଅଭିଭାବକ ହେବାର କଳା ବୋଲି ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୩ ଶହ ଅଭିଭାବକ ଯୋଗଦେଇଥିଲେ। ଅଧକ୍ଷ ପ୍ରିୟବ୍ରତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନୀଳମାଧବ ମନ୍ଦିର ଚତୁପାର୍ଶ୍ୱ ପ୍ରାକୃତିକ ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱ

ଖଣ୍ଡପଡ଼ା,୨୭।୪(ଅଜୟ କୁମାର ମହାରଣା)

ପୁରାଣ କୁହେ ଜଗନ୍ନାଥ ସଂସ୍କୃତିର ଆଦି ଦେବତା ପ୍ରଭୁ ଶ୍ରୀ ନୀଳମାଧବଙ୍କୁ ବିଶ୍ୱାବସୁ ଶବର ଏକ ଜଙ୍ଗଲ ପାହାଡ଼ ଘେରା ପ୍ରାକୃତିକ ପରିବେଷ୍ଟନୀ ମଧ୍ୟରେ ସମ୍ପୂର୍ଣ୍ଣ ଗୁପ୍ତ ଭାବେ ରଖି ପୂଜା କରୁଥିଲେ। ପରବର୍ତ୍ତୀ ସମୟରେ ମହାନଦୀ ତଟବର୍ତ୍ତୀ ବ୍ରହ୍ମାଦ୍ରୀ ଓ ପଦ୍ମାଦ୍ରୀ ପାହାଡ଼ ଉପରେ ବିରାଜିତ ଶ୍ରୀନୀଳମାଧବଜୀଉ ଲୋକଲୋଚନକୁ ଆସିବା ପରେ ଏହାର ପାରିପାର୍ଶ୍ୱିକ ଅବସ୍ଥା ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ଏବେ ଜଙ୍ଗଲର ଅବକ୍ଷୟ ଘଟି ଜନବସତି ସ୍ଥାପନ ହୋଇଛି। ନୀଳମାଧବ ପୀଠର ଉନ୍ନତି ତଥା ବିକାଶ ପାଇଁ ରାଜ୍ୟ ସରକାର ଅନେକ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର କରିଛନ୍ତି। ସେହି ଅର୍ଥରେ ସଂପ୍ରତି ବିକାଶ କାମ ଚାଲୁ ରହିଛି। ତେବେ ପୀଠର ବିକାଶ ଆଳରେ ମନ୍ଦିର ପରିବେଶ ତଥା ପାହାଡ଼ ଉପରେ ବିରାଜିତ ଠାକୁରଙ୍କ ମନ୍ଦିର ଚତୁପାର୍ଶ୍ୱକୁ କଙ୍କ୍ରିଟ ଜଙ୍ଗଲ ସୃଷ୍ଟି କରାଯାଉଛି। ହେଲେ ପ୍ରାକୃତିକ ପରିବେଶ ସହ ପାହାଡ଼ ଚାରିପାଖରେ ଚାରା ରୋପଣ କରାଗଲେ ଅନ୍ତତଃପକ୍ଷେ ଠାକୁରଙ୍କ ପୁରାତନ ଐତିହ୍ୟକୁ ପର୍ଯ୍ୟଟକ ଓ ଯାତ୍ରୀମାନେ ମନେପକାଇ ପାରିବେ। ଏଥିସହିତ ପୁରାଣ କଥା ଉଜ୍ଜିବିତ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଫଳ ଓ ଛାୟା ପ୍ରଦାନକାରୀ ବୃକ୍ଷ ରୋପଣ ନିମନ୍ତେ ବନ ବିଭାଗ କିମ୍ବା ଅନ୍ୟାନ୍ୟ ସଂସ୍ଥା ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଅପରପକ୍ଷେ ନୀଳମାଧବ ମନ୍ଦିର ପଶ୍ଚିମ ପାର୍ଶ୍ୱ ମହାନଦୀ ଦକ୍ଷିଣ ପାର୍ଶ୍ୱ ମାଳବନ୍ଧକୁ ୧୨ ମିଟର ଓସାର ବିଶିଷ୍ଟ(କଣ୍ଟିଲୋ ଯାତ୍ରାପଦା ବଡ଼ାର ପର୍ଯ୍ୟନ୍ତ) ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରଶସ୍ତିକରଣ କରାଯାଇ ନବୀକରଣ କରାଯାଇଛି। ଏହାଛଡ଼ା ମାଳବନ୍ଧ ରାସ୍ତାଠାରୁ ମହାନଦୀ କୂଳ ପର୍ଯ୍ୟନ୍ତ ପଥର ଓ ପଥର ପ୍ୟାକିଂ କରାଯାଇ ଏହାକୁ ସୁଦୃଢ଼ୀକରଣ ତଥା ସୌନ୍ଦର୍ଯ୍ୟକରଣ କରାଯାଇଛି। ପ୍ରତ୍ୟେହ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ଶ୍ରୀନୀଳମାଧବଙ୍କ ଦର୍ଶନରେ ଆସୁଥିବା ବେଳେ ମନ୍ଦିରର ପଶ୍ଚିମ ପାର୍ଶ୍ୱ ଏବେ ମୁଖ୍ୟଦ୍ୱାର ଭାବେ ବ୍ୟବହାର ହେଉଛି। ଏହି ରାସ୍ତା ଦେଇ ପର୍ଯ୍ୟଟକମାନେ ମନ୍ଦିରକୁ ଆସୁଥିବା ସମୟରେ ମହାନଦୀର ଅପରୂପ ସୌନ୍ଦର୍ଯ୍ୟ, ନୀଳ ଗମ୍ଭୀର ଜଳରାଶି, ସୁବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ସହିତ ମହାନଦୀର ଅପରପାର୍ଶ୍ୱରେ ଦଣ୍ଡାୟମାନ ନୀଳ ସବୁଜ ଶୈଳ ଶ୍ରେଣୀ ସହିତ ସୂର୍ଯ୍ୟୋଦୟର ମନଲୋଭା ଦୃଶ୍ୟ ଦର୍ଶକମାନଙ୍କୁ ବେଶ ଆକୃଷ୍ଟ କରିଥାଏ। ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ସମୟରେ ଉକ୍ତ ରାସ୍ତା ଗୌରିଡ଼ାପ ଯୋଗୁ ସମ୍ପୂର୍ଣ୍ଣ ଖାଁ ଖାଁ ଲାଗୁଛି। ଛାୟା ପ୍ରଦାନ ଗଛଟିଏ ନାହିଁ ଯେଉଁଠି ପର୍ଯ୍ୟଟକ ଅବା ପଥିକ କିଛିକ୍ଷଣ ଥକାମାରି ପାରିବ। ଜଳ ସମ୍ପଦ ବିଭାଗ ପକ୍ଷରୁ ମନ୍ଦିର ପଶ୍ଚିମ ପାର୍ଶ୍ୱ ରାସ୍ତା(ମହାନଦୀର ଦକ୍ଷିଣ ପାର୍ଶ୍ୱ ମାଳବନ୍ଧ)କୁ ଉନ୍ନତ ଧରଣ କରାଯାଇ ଷ୍ଟିଲ ରେଲିଂ ଲଗାଯାଇ ସେହି ରାସ୍ତାକୁ ପରିଷ୍କାର ରଖିବାକୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ତେବେ ଏହି ରାସ୍ତା ନଦୀକୂଳ ପାର୍ଶ୍ୱରେ ବିଭିନ୍ନ ଛାୟା ପ୍ରଦାନକାରୀ ଓ ଫୁଲ, ଫଳ ବୃକ୍ଷ ଜଳ ସମ୍ପଦ କିମ୍ବା ବନ ବିଭାଗ ପକ୍ଷରୁ ରୋପଣ କରାଗଲେ ସହ ସିମେଣ୍ଟ ବେଞ୍ଚ ନିର୍ମାଣ କରାଗଲେ ପର୍ଯ୍ୟଟକମାନେ କିଛି ସମୟ ସେଠାରେ ବିଶ୍ରାମ ନେଇପାରିବେ ବୋଲି ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ରାମ ମୋହନ ବେହେରାଙ୍କ ସହ ଯୋଗାଯୋଗ କରାଯାଇଥିଲା। ଏହା ଏକ ଉତ୍ତମ ପ୍ରସ୍ତାବ। ମାତ୍ର ଏଥିପାଇଁ କୌଣସି ପ୍ରସ୍ତାବ ନାହିଁ। ପରବର୍ତ୍ତୀ ସମୟରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇପାରେ ବୋଲି ସୂଚନା ଦେଇଥିଲେ।


ନୀଳମାଧବ ମନ୍ଦିରକୁ ପଡ଼ିଥିବା ନବନିର୍ମିତ ରାସ୍ତାପାର୍ଶ୍ୱ ବୃକ୍ଷଶୂନ୍ୟ।

## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟରୁ ତାର ଚୋରି

ପାଣିକୋଇଲି,୨୭।୪(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତର ବର୍ଦ୍ଧମଣା ଗ୍ରାମରେ ଚାଷ ଜମିକୁ ଯାଇଥିବା ବିଦ୍ୟୁତ ତାର ଚୋରି ହୋଇଛି। ୩୮ଟି ଖୁଣ୍ଟରେ ଲାଗିଥିବା ତାର ଚୋରି ହୋଇଥିବା ଚାଷୀଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରବି ଋତୁରେ ଧାନଚାଷ ଚାଲିଥିବାବେଳେ ବିଦ୍ୟୁତ୍ ତାର ଚୋରି ଚାଷୀ ମୁଣ୍ଡରେ ଚଡ଼କ ପକାଇଛି। ସେହିପରି ସାହାପୁର ହାଟରୁ ଏକ ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଯାଜପୁର ସଦର ଥାନା ଭୁଇଁପୁର ପଞ୍ଚାୟତ ସାନ ବାଙ୍କସାହି ଗ୍ରାମର ଶୁକଦେବ ସ୍ୱାଇଁଙ୍କ ପୁଅ ଭରତ ସ୍ୱାଇଁ ମସୁଦପୁର ଡାକ୍ତରଖାନା ସମ୍ମୁଖରେ ତାଙ୍କ ବାଇକ(ଓଡି୦୪ସି୫୬୫୪)କୁ ରଖି ହାଟକୁ ପରିବା ପାଇଁ ଯାଇଥିଲେ। ପରିବା ନେଇ ଫେରିବା ବେଳକୁ ବାଇକ୍ ନ ଥିଲା। ବହୁ ଖୋଜାଖୋଜି କରିବା ପରେ ସେ ନ ପାଇବାରୁ ଶେଷରେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଅଞ୍ଚଳରେ ବିଭିନ୍ନ ଚୋରି ବଢୁଥିବାରୁ ଏହା ପୋଲିସ ପାଇଁ ଚିନ୍ତାରେ କାରଣ ହୋଇଛି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ



ଚଣ୍ଡିଖୋଲ,୨୭।୪ (ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ବ୍ଲକ ଅଧୀନ ସୁଙ୍ଗୁଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ରାଜକିଶୋର ସ୍ୱାଇଁ(୫୭)ଙ୍କ ରବିବାର ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ହୋଇ କଟକର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସରପଞ୍ଚ ହେବାପରେ ଶିକ୍ଷକ ଚାକିରି ଛାଡ଼ି ସମାଜ ସେବାରେ ନିଜକୁ ନିୟୋଜିତ କରି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଚଣ୍ଡିଖୋଲ ରଥଯାତ୍ରାରେ ରଥରେ ଛେରା ପହଁରା କରୁଥିଲେ। ମରାଶରୀରକୁ ଚଣ୍ଡିଖୋଲ ଛକ ପରିକ୍ରମା ସମୟରେ ଦୁର୍ଗା କମିଟି, ବଣିକ ସଂଘ, ଅସ୍ଥାୟୀ ବଜାର କମିଟି ସଦସ୍ୟ ଓ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ସ୍ଥାନୀୟ ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ ପ୍ରମୁଖ ପୁଷ୍ପ ମାଲ୍ୟ ପ୍ରଦାନ କରିଥିଲେ। ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, କଂଗ୍ରେସ ନେତା ସନ୍ତୋଷ ବଳ, ପୂର୍ବତନ ଜିଲା ପରିଷଦ ସଭ୍ୟା କାଞ୍ଚନ ବାଳା ଦାସ, ଆଇନଜୀବୀ ଦେବରାଜ ବେହେରା, ଅଧ୍ୟାପକ ସଲିଳ ମହାନ୍ତି ଓ ଅକ୍ଷୟ ସ୍ୱାଇଁ ପ୍ରମୁଖ ମରଶରୀରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁଅ ରାକେଶ ସ୍ୱାଇଁ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଧାୟକ ଅମର ନାୟକ, ପୂର୍ବତନ ବିଧାୟକ ସୀତାକାନ୍ତ ମହାପାତ୍ର, ବ୍ଲକ୍ ଅଧକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ନନ୍ଦ, ଜିଲାପରିଷଦ ସଭାପତି ଗଣେଶ୍ୱର ବରାଳ, ସଦସ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର ନାୟକ, ବିଜେଡି ନେତା ରାଜନାରାୟଣ ମହାପାତ୍ର, କଂଗ୍ରେସ ନେତା ଅଜୟ ସାମଲ, ଧର୍ମଶାଳା କଂଗ୍ରେସ ନେତା କିଶାନ ପଣ୍ଡା ପ୍ରମୁଖ ଶୋକବ୍ୟକ୍ତ କରିବାସହ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



ରସୁଲପୁର,୨୭।୪(ରଞ୍ଜିତ ରାଉତ): ରସୁଲପୁର ପ୍ରେସ୍ ଫୋରମର ସଭାପତି ବିଶ୍ୱଜ୍ୟୋତି ପତିଙ୍କ ପିତା ପ୍ରମୋଦ ପତି (୬୫)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ, ସାମାଜିକ କର୍ମୀ, ଅନୁଷ୍ଠାନ ପ୍ରେମୀ, ମିଷ୍ଟଭାଷୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ପୂର୍ବତନ ଏମ୍‌ପି Kର୍ମିଷ୍ଠା ସେଠୀ, ରସୁଲପୁର ବ୍ଲକ୍ ଅଧ୍ୟକ୍ଷ ଅରୁଣ ରାଉତ, ଶିକ୍ଷାବିତ୍ ବିନୋଦ ବିହାରୀ ବେହେରା, ଶିକ୍ଷକନେତା ମହେନ୍ଦ୍ର ମଲିକ, ହୃଷୀକେଶ ପତି, ଫୋରମର ସମ୍ପାଦକ ଜଗମୋହନ ରାଉତ, ଖବରଦାତା ବିଶ୍ୱଜିତ୍ ନାୟକ, ଗଗନ ବିହାରୀ ଦାସ, ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ମରଶରୀରକୁ ଏକ ପଟୁଆରରେ ସ୍ଥାନୀୟ ଅଞ୍ଚଳରେ ପରିକ୍ରମା କରାଯିବା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ମୁଖାଗ୍ନି ଦେଇଥିଲେ।

# ୮ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର

**ବିଳମ୍ବରେ ମାମଲା ରୁଜୁ କଲା ପୋଲିସ**

■ ଘଟଣା ସ୍ଥଳରେ କଂଗ୍ରେସ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ଚଣ୍ଡିଖୋଲ/ଛତିଆ/ଯାଜପୁର ଟାଉନ,୨୭।୪(ପ୍ରଦୀପ୍ତ କୁମାର ପୃଷ୍ଟି/ସୌମ୍ୟ ରଞ୍ଜନ ସାହୁ/ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):



ପୀଡ଼ିତାଙ୍କ ପରିବାରକୁ ଭେଟିବାକୁ ଆସିଥିବା କଂଗ୍ରେସ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍।

ଯାଜପୁର ଜିଲା ବୈରୀ ଥାନା ଅଞ୍ଚଳରେ ଜଣେ ୮ ବର୍ଷର ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାକୁ ଚାପିବାକୁ ଚେଷ୍ଟା କରି ବିଫଳ ହୋଇଛି। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଶେଷରେ ବହୁ ବିଳମ୍ବରେ ଥାନାଧିକାରୀ ମାମଲା ରୁଜୁ କରିବାକୁ ବାଧ୍ୟ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ବୈରୀ ଥାନା ଅଞ୍ଚଳର ସମ୍ପୃକ୍ତ ନାବାଳିକାଙ୍କୁ ଏହି ଥାନା ବନ୍ତଳା ପଞ୍ଚାୟତ ଅନ୍ତର୍ଗତ କପାଷ୍ଟିକିରି ଗ୍ରାମର ଜଣେ ଯୁବକ କିଛି ଦିନ ତଳେ ବଳାତ୍କାର କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ୧୦ ଦିନ ତଳେ ବୈରୀ ଥାନାରେ ଏତଲା ଦିଆଯାଇଥିଲା। ହେଲେ ପୋଲିସ ମାମଲା ରୁଜୁ ନ କରି ଚୁପ ବସିଥିଲା। ଯାଜପୁର ଜିଲା ଶିଶୁ ସୁରକ୍ଷା ୟୁନିଟର ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚିବା ପରେ ଗତ ୨୩ ତାରିଖରେ ପୋଲିସ ପୋକସୋ ଆଇନର ଧାରା ୧୨ ସହିତ ବିଏନଏସ ଆଇନର ଧାରା ୬୪(୧), ୬୨, ୭୬ରେ ଥାନା କେସ ନମ୍ବର ୮୫/୨୫ ଅନୁସାରେ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ ଜିଲା ଶିଶୁ ସୁରକ୍ଷା ଟିମର ସଦସ୍ୟମାନେ ପୀଡ଼ିତା ଓ ତାଙ୍କ ପରିବାରକୁ ଭେଟିବା ସହ ଥାନାକୁ ଯାଇ ଘଟଣାର ସ୍ଥିତି ପରଖିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ନିର୍ଦ୍ଦେଶରେ ଆଇନ ପର୍ଯ୍ୟବେକ୍ଷଣ ଅଧିକାରୀ ତୃପ୍ତିମୟୀ ପଣ୍ଡା, ଚାଇଲ୍ଡ ଲାଇନର ପ୍ରକଳ୍ପ ସଂଯୋଜକ ବରେନ୍ଦ୍ରକୃଷ୍ଣ ଦାସ ଏବଂ କାଉନସିଲର ଲୋପାମୁଦ୍ରା ପଣ୍ଡା ପ୍ରମୁଖ ଘଟଣାର ସ୍ଥିତି ପରଖି ଫେରିଛନ୍ତି।

ଏହାପରେ ପିସିସି ତଥ୍ୟ ଅନୁସନ୍ଧାନକାରୀ ଦଳ (ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍) ରବିବାର ପୀଡ଼ିତାଙ୍କ ଗ୍ରାମକୁ ଯାଇ ତାଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି। ଏଭଳି ଘଟଣାକୁ ନେଇ ସେମାନେ ଚିନ୍ତିତ ଥିବା ପ୍ରକାଶ କରିଛନ୍ତି। ଟିମ୍‌ର ଅଧ୍ୟକ୍ଷ ନଗେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ, ମାନସ ମଲ୍ଲିକ, ଅନିମା ମିଞ୍ଜ, ମାଗୁଣି ଜେନା, ବଡ଼ଚଣା କଂଗ୍ରେସ ନେତା ଅଜୟ ସାମଲ, ସୁରେଶ ସାହାଣୀ ଓ ଅମ୍ରିତା ଦାସ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ପରେ ଏହି ଟିମ୍ ଯାଜପୁର ପ୍ରଦକ୍ଷଣ ଗୃହରେ ଏକ ଖବରଦାତା ସମ୍ମିଳନୀ କରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛି। ଏନେଇ ଟିମ୍ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଛି। ରାଜ୍ୟରେ ନାରୀ ନିର୍ଯାତନା ଓ ବଳାତ୍କାର ଘଟଣା ଘଟି ଚାଲିଥିବା ବେଳେ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଟିମ୍ ଅଧ୍ୟକ୍ଷ ଅଭିଯୋଗ କରିଛନ୍ତି। ନାରୀ ନିର୍ଯାତନା ଘଟଣାରେ କଂଗ୍ରେସ ସଦାସର୍ବଦା ପ୍ରତିବାଦ କରୁଛି ଓ ଆଗାମୀ ଦିନରେ ପ୍ରତିବାଦ କରିବ ବୋଲି ଚେତାବନୀ ଦିଆଯାଇଛି। ସେହିପରି ଯାଜପୁର ଥାନା ଅଞ୍ଚଳର ଜଣେ କର୍ମଜୀବୀ ମହିଳାଙ୍କୁ ଅପହରଣ ଓ ଅସଦାଚାରଣ ଘଟଣାକୁ ଟିମ୍ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଘଟଣା ସମ୍ପର୍କରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କୁ ଅବଗତ କରାଯିବା ସହ ଆଗାମୀ କାର୍ଯ୍ୟ ପନ୍ଥା ସମ୍ପର୍କରେ ଦଳ କିପ୍ରକାର ଆଭିମୁଖ୍ୟ ଗ୍ରହଣ କରିବ ତାହା ନେଇ ଆଲୋଚନା କରାଯିବ ବୋଲି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଏଭଳି ଜଘନ୍ୟ ମାମଲାର ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଯାଜପୁର ଏସ୍‌ପିଙ୍କ ନିକଟରେ ଦାବି କରାଯାଇଛି। ମାମଲା ବିଳମ୍ବରେ ରୁଜୁ ହେବା ସମ୍ପର୍କରେ ଥାନା ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଜଳିଗଲା ୩ ବଖରା

ବରୀ,୨୭।୪(ମହେନ୍ଦ୍ର ସ୍ୱାଇଁ):

ବରୀ ତହସିଲ ଅଧୀନ କଳାମାଟିଆ ପଞ୍ଚାୟତ କଳାମାଟିଆ ଗ୍ରାମରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ଚରଣ ଦାସ, ନିକୁଞ୍ଜ ଦାସ ଓ ସଞ୍ଜୟ ଦାସଙ୍କ ବଖରାଏ ଲେଖାଏ ଘର ଜଳି ପାଉଁଶ ହୋଇଯାଇଛି। ପରିବାର ସଦସ୍ୟମାନେ ସୋଇଥିବା ବେଳେ ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଉଦ୍ୟମ କରି ବିଫଳ ହେବାରୁ ବରୀ ଦମକଳ ବହିନୀକୁ ଖବର ଦେଇଥିଲେ। ଦମକଳ ବହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତବେଳକୁ ଘରେ ଥିବା ସମସ୍ତ ଆସବାସପତ୍ର ସମ୍ପୂର୍ଣ୍ଣ ଜଳି ଯାଇଥିଲା। ରବିବାର କଳାମାଟିଆ ସରପଞ୍ଚଙ୍କ ପ୍ରତିନିଧି ଶରତ ପରିଡ଼ା ଓ ପିଇଓ ଯୋଗେଶ୍ୱର ନାୟକ ପହଞ୍ଚି ବିପନ୍ନ ପରିବାରକୁ ଶୁଖିଲା ଖାଦ୍ୟ ସହ ଯୋଗାଇ ଦେଇଛନ୍ତି।



ଅଗ୍ନିକାଣ୍ଡରେ ଜଳିଯାଇଥିବା ଘର।

# ପୋଷଣ ଅଭିଯାନ, ପ୍ରୋଟିନ ବଣ୍ଟନ

ଦଶରଥପୁର,୨୭।୪ (ସୁଶାନ୍ତ କୁମାର ବେହୁରିଆ):

ଦଶରଥପୁର ବ୍ଲକ ଚଷାଖଣ୍ଡ ପଞ୍ଚାୟତସ୍ଥିତ ଦେଉଳି ପ୍ରାଥମିକ ବିଦ୍ୟାଳୟରେ ରବିବାର ପୋଷଣ ଅଭିଯାନ ଓ ପ୍ରୋଟିନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଞ୍ଜ୍ୟୁମର ୱେଲଫେୟାର ଆଣ୍ଡ ଲିଗାଲ କମ୍ପ୍ଲାଏନ୍ସ କମିଶନ ଅଫ ଇଣ୍ଡିଆର ରାଜ୍ୟ ନିର୍ଦ୍ଦେଶିକା ନିଳିମା ପାତ୍ରଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଉମେଶ ଚନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ମହେନ୍ଦ୍ର ଧଳ, ମାନସ ଦାସ, ମାନସ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ପୋଷଣ କାର୍ଯ୍ୟକ୍ରମ ଦ୍ୱାରା ସମାଜରୁ କୁପୋଷଣ ଦୂର କରାଯାଇ ସୁସ୍ଥ ଓ ରୋଗ ମୁକ୍ତ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଗୋଷ୍ଠୀ ସହାୟିକା ସସ୍ମିତା ସେଠୀ ଓ ସୀତାରାମ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ପୋଷଣ ଅଭିଯାନ ଓ ପ୍ରୋଟିନ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# ଜନପ୍ରତିନିଧିଙ୍କ କ୍ଷମତା ସଂକୁଚିତ ଅଭିଯୋଗ



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ସରପଞ୍ଚଙ୍କୁ ସମ୍ମାନିତ କରୁଛନ୍ତି।

■ 'ସାମଗ୍ରିକ ବିକାଶ ଓ ପଞ୍ଚାୟତି' ଶୀର୍ଷକ ଆଲୋଚନାଚକ୍ର

■ ଭୋଟକା ସରପଞ୍ଚଙ୍କୁ 'ପଞ୍ଚାୟତ ଗୌରବ ସମ୍ମାନ'

ରସୁଲପୁର,୨୭।୪(ରଞ୍ଜିତ ରାଉତ):

ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ ଅବସରରେ ଭୁବନେଶ୍ୱରସ୍ଥିତ ଏସ୍‌ଏମ୍‌ଆର୍‌ସି-ସଭାଗୃହରେ 'ସାମଗ୍ରିକ ବିକାଶ ଓ ପଞ୍ଚାୟତି'ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଗବେଷଣାଚକ୍ର ଇନ୍‌ଷ୍ଟିଟ୍ୟୁଟ୍ ଅଫ ସୋସିଆଲ ସାଇନସ୍ ଓ ସଂସୃଷ୍ଟି ପଞ୍ଚାୟତ ବିକାଶ ପରିଷଦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ବିକାଶ ପରିଷଦ ରାଜ୍ୟ ଆବାହକ ନିରାକାର ବେଉରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସଂସୃଷ୍ଟି ପଞ୍ଚାୟତ ବିକାଶ ପରିଷଦ ନିର୍ଦ୍ଦେଶିକା ଆଶା ହଂସ, ସମ୍ମାନିତ ଅତିଥି ଭାବେ ଡେଭଲପମେଣ୍ଟ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶିକା ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ, ଇନଷ୍ଟିଚ୍ୟୁଟ୍ ଅଫ ସୋସିଆଲ ସାଇନ୍ସର ଗବେଷିକା ପ୍ରମିଳା ପଟ୍ଟନାୟକ, ଗବେଷିକା ବନପ୍ରଭା ନାୟକ, ନୀରୋଦ ଖୁଣ୍ଟିଆ, ସମ୍ବଳ ଅଧିକାରୀ ମାୟାଧର ବେହେରା ପ୍ରମୁଖ ଯୋଗଦେଇ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର କାର୍ଯ୍ୟ, ନିର୍ବାଚିତ ପ୍ରତିନିଧିଙ୍କ ଦାୟିତ୍ୱ, କର୍ତ୍ତବ୍ୟ, ପଦବୀର ଉପଯୁକ୍ତ ବ୍ୟବହାରକୁ ନେଇ ଆଇନର ବ୍ୟବସ୍ଥା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପଞ୍ଚାତୟସ୍ତରରେ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲାପରିଷଦ ସଭ୍ୟାସଭ୍ୟଙ୍କ କ୍ଷମତା ସଂକୁଚିତ କରାଯାଉଥିବା ପ୍ରତିନିଧିମାନେ ଅଭିଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ବ୍ଲକରୁ ଯୋଗଦେଇଥିବା ଜନପ୍ରତିନିଧି ସେମାନଙ୍କ ପଞ୍ଚାୟତର ଉନ୍ନତି ଓ ସମସ୍ୟା ଉପସ୍ଥାପନା କରିଥିଲେ।

ସମାରୋହରେ ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ସରପଞ୍ଚ ସ୍ମୃତିରେଖା ରାଉତଙ୍କୁ 'ପଞ୍ଚାୟତ ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପଞ୍ଚାୟତର ନିଜସ୍ୱ ଆୟ ବାର୍ଷିକ ଶୂନରୁ ୬୦ହଜାର ଟଙ୍କାକୁ ବୃଦ୍ଧି କରିବା, ଦଳିତ ଓ ପଛୁଆ ବର୍ଗଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିବା, ପଞ୍ଚାତୟରେ ଷ୍ଟାଣ୍ଡିଂ କମିଟି ଗଠନ ଭଳି ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ ଏହି ସମ୍ମାନ ମିଳିଥିଲା। ସେହିପରି ଧର୍ମଶାଳା ବ୍ଲକର ଜିଲାପରିଷଦ ସଭ୍ୟା ସ୍ମୃତିରେଖା ବେହେରା ଓ ଉତ୍ତରପ୍ରତାପ ପଞ୍ଚାୟତର ସମିତିସଭ୍ୟା କ୍ଷୀରାବ୍ଧି ତନୟା ମଲ୍ଲିକଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଜିଲାରୁ ପଞ୍ଚାୟତିରାଜ ବ୍ୟବସ୍ଥାର ଜଣେ ସୁପ୍ରଶିକ୍ଷକ ଭାବରେ ଦେବବ୍ରତ ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ଆଲୋଚନାଚକ୍ରର ଦ୍ୱିତୀୟ ଅଧିବେଶରେ ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ ଗବେଷଣା କରୁଥିବା, ବିଷୟଭିତ୍ତିକ ଏକ୍ସପର୍ଟମାନେ ଯୋଗଦେଇ ସାରଗର୍ଭକ ସମ୍ଭାଷଣ ପ୍ରଦାନ କରିଥିଲେ। ଗ୍ରାମପଞ୍ଚାୟତ ଉନ୍ନୟନ ଯୋଜନା, ପଞ୍ଚାୟତ ବୈଠକ, ପଲ୍ଲିସଭା, ଗ୍ରାମସଭା ଭଳି ଜନପ୍ରତିନିଧି ଓ ଜନସାଧାରଣଙ୍କ ସଂପୃକ୍ତି ରହୁଥିବା କାର୍ଯ୍ୟକ୍ରମ ଜରିଆରେ ପରିବେଶ ସମ୍ପର୍କରେ ସଚେତନ କରାଇବା ସହ ସେ ଦିଗରେ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା।

# ରସୁଲପୁର ବ୍ଲକର ୭ ପଞ୍ଚାୟତ ସମ୍ମାନିତ

ରସୁଲପୁର,୨୭।୪(ରଞ୍ଜିତ ରାଉତ):

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଜାତୀୟ ପଞ୍ଚାୟତିରାଜ ଦିବସରେ ୧୩ଟି ପଞ୍ଚାୟତକୁ ସମ୍ମାନିତ କରାଯାଇଛି। ଏଥିରେ ରସୁଲପୁର ବ୍ଲକ୍‌ର ୭ ପଞ୍ଚାୟତ ଯଥା ; ସାମନ୍ତରାପୁର, ପହଙ୍ଗା, ମୁଗୁପାଳ, ନରସିଂହପୁର, ବଡ଼କଇଞ୍ଚି, ବନ୍ଧଡ଼ିହ ଓ ଟିକରପଡ଼ା ପଞ୍ଚାୟତ ସମ୍ମାନିତ ହୋଇଛି। ସାମନ୍ତରାପୁର, ପହଙ୍ଗା, ମୁଗୁପାଳ ଆଦି ପଞ୍ଚାୟତ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରି ୭.୭୩ଲକ୍ଷ ଟଙ୍କା, ନରସିଂହପୁର ପଞ୍ଚାୟତ ଦ୍ୱିତୀୟ ସ୍ଥାନ ଅଧିକାର କରି ୫.୮୦ଲକ୍ଷ, ବଡ଼କଇଞ୍ଚି, ବନ୍ଧଡ଼ିହ, ଟିକରପଡ଼ା ଆଦି ପଞ୍ଚାୟତ ତୃତୀୟ ସ୍ଥାନ ଅଧିକାର କରି ୩.୮୬ଲକ୍ଷ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ପାଇଛନ୍ତି।

ସେହିପରି ଦାନଗଦୀ, କୋରେଇ, ଧର୍ମଶାଳା, ବଡ଼ଚଣା ଆଦି ପଞ୍ଚାୟତ ସମିତିରୁ ଗୋଟିଏ ଲେଖାଏ ପଞ୍ଚାୟତ, ସୁକିନ୍ଦା ପଞ୍ଚାୟତ ସମିତିରୁ ୨ ପଞ୍ଚାୟତକୁ ଜିଲାସ୍ତରୀୟ ସମାରୋହରେ ସମ୍ମାନିତ କରାଯିବା ସହ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଜାତୀୟ ପଞ୍ଚାୟତିରାଜ ଦିବସରେ ପୁରସ୍କୃତ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଗତ ୩ବର୍ଷରେ ଏ ସବୁ ପଞ୍ଚାୟତରେ ନିଜସ୍ୱ ଆୟ, ୫ମ ରାଜ୍ୟ ଅର୍ଥ କମିଶନ ପାଣ୍ଠିର ସୁବିନିଯୋଗକୁ ଆଧାରକରି ସମ୍ମାନିତ କରାଯିବା ପାଇଁ ଚୟନ କରାଯାଇଥିଲା। ଜିଲାରେ ରସୁଲପୁର ପଞ୍ଚାୟତ ସମିତିର ସଫଳତାକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଅନ୍ୟ ପଞ୍ଚାୟତଗୁଡ଼ିକ ପଞ୍ଚାୟତ ଉନ୍ନୟନ ସୂଚକାଙ୍କରେ ସୁଧାର ଆଣିବା ସହ ଆୟ ବୃଦ୍ଧି ଘଟାଇବା ଓ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ କରିପାରିଲେ ସେମାନଙ୍କୁ ମଧ୍ୟ ସମ୍ମାନିତ କରାଯିବ ବୋଲି ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ସୌରଭ ପଲ ସୂଚନା ଦେଇଛନ୍ତି।

# ରବି ଲାବଣ୍ୟଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ଧର୍ମଶାଳା,୨୭।୪(ବଟକୃଷ୍ଣ ପରିଡ଼ା):

ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ୮୮ତମ ଜୟନ୍ତୀ ପାଳନ ପାଇଁ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ବଳଭଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଅରଙ୍ଗାବାଦସ୍ଥିତ ଶ୍ୟାମସୁନ୍ଦର ଜୀଉ କଲ୍ୟାଣ ମଣ୍ଡପଠାରେ ଏହି ବୈଠକ କରାଯାଇଛି। ଏଥିରେ ମିର୍ଜାପୁର ପୂର୍ବତନ ସରପଞ୍ଚ ବିଷ୍ଣୁଚରଣ ବାରିକ, ପାଟପୁର ପୂର୍ବତନ ସମିତିସଭ୍ୟ ଶରତ ମିଶ୍ର, ଆଇନଜୀବୀ ରୁଦ୍ରନାରାୟଣ ମହାନ୍ତି, ଆଇନଜୀବୀ ରାମଚନ୍ଦ୍ର ତ୍ରିପାଠୀ, ଆଇନଜୀବୀ ପ୍ରେମାନନ୍ଦ ବେହେରା, ଇଂ. ବିଜୟ ଜେନା, ସାମାଜିକ କର୍ମୀ ଅଭିମନ୍ୟୁ ଧଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ପଣ୍ଡା, ଗଲଗଲି ଶଙ୍ଖ ପର୍ଯ୍ୟଟନ କ୍ଷେତ୍ର ଉନ୍ନୟନ କମିଟି ଆବାହକ ପ୍ରଶାନ୍ତ ଜେନା ଅତିଥି ଭାବେ ଯୋଗଦେଇଥିଲେ। ଅଲେଖ ମହିମା ଧର୍ମଗୁରୁ ରବୀନ୍ଦ୍ର ଦାଶ ଲାବଣ୍ୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବୈଠକ ଆରମ୍ଭରେ ଜମ୍ମୁ-କଶ୍ମୀରର ପହେଲଗାମ୍‌ଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ନିହତ ହୋଇଥିବା ପର୍ଯ୍ୟଟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ମେ' ୩୦ରେ ଲାବଣ୍ୟଙ୍କ ଜନ୍ମଦିନ ପଡୁଥିବାରୁ ଉତ୍ସବକୁ ସଫଳତାର ସହିତ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଜୟନ୍ତୀ ଉତ୍ସବରେ ସ୍ମରଣିକା 'ସ୍ୱାଭିମାନ' ଲୋକାର୍ପିତ ହେବ ବୋଲି ସ୍ଥିର କରାଯାଇଥିଲା। ଲାବଣ୍ୟ ଶିକ୍ଷକତା କରିବା ସହ ଭଲ ଅଭିନେତା ଭାବେ ସୁନାମ ଅର୍ଜନ କରିଥିଲେ। ତେଣୁ ତାଙ୍କ ଅମର ଆତ୍ମାର ଶାନ୍ତି ପାଇଁ ଜଣେ ଆଦର୍ଶ ଶିକ୍ଷକ ଏବଂ ଚଳଚ୍ଚିତ୍ର ଅଭିନେତାଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅମରେନ୍ଦ୍ର ମହାପାତ୍ର, ଦିବାକର ସାହୁ, ଶୁଭକାନ୍ତ ନାଏକ, ସ୍ନେହଲତା ଦାଶ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୧୦ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଯାଜପୁର ଟାଉନ,୨୭।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଆସନ୍ତା ୧୦ ତାରିଖ ଶନିବାର ଯାଜପୁର ଜିଲା ଓ ଦୌରା ଅଦାଲତ ସମେତ ଜିଲାର ସମସ୍ତ ଅଦାଲତ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏନେଇ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଜ୍ୟୋତିର୍ମୟୀ ଦାସ ସୂଚନା ଦେଇଛନ୍ତି। ଏଥିରେ ଫୌଜଦାରୀ (ସାଲିସଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କରଣ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯିବ। ଏହା ସହ ପ୍ରାକମକଦ୍ଦମା ସ୍ତରୀୟ ମାମଲା ତଥା ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ଜଳ ଓ ଅନ୍ୟାନ୍ୟ ମାମଲାର ଫଇସଲା କରାଯିବ ବୋଲି ସୂଚନା ଦିଆଯାଇଛି।

# ବିଞ୍ଝାରପୁର ସାମ୍ବାଦିକ ୟୁନିୟନର କ୍ୟାଣ୍ଡେଲ ଶୋଭାଯାତ୍ରା

ସିଂହପୁର,୨୭।୪(ଅନଙ୍ଗ ଉଦୟ ବେଉରିଆ):

**ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି**

ଜମ୍ମୁ-କଶ୍ମୀରର ପହଲଗାମ୍‌ଠାରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଆତ୍ମାର ସଦ୍‌ଗତି କାମନା କରି ବିଞ୍ଝାରପୁର ସାମ୍ବାଦିକ ୟୁନିୟନ ପକ୍ଷରୁ ରବିବାର ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ୟୁନିୟନ ସଭାପତି ଦେବପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଶୋଭାଯାତ୍ରା ପ୍ରୀତିପୁର ବଜାର ପରିକ୍ରମା କରି ଦୁର୍ଗା ପଡ଼ିଆରେ ଶେଷ ହୋଇଥିଲା। ଏଥିରେ ଅଳକୁଣ୍ଡ ଥାନା ଅଧିକାରୀ ଦେବାଶିଷ ଶତପଥୀ, ସାମ୍ବାଦିକ ୟୁନିୟନ ସମ୍ପାଦକ ସେକ ସନୱାର, ସୀତାକାନ୍ତ ସାମଲ, ସତ୍ୟରଞ୍ଜନ ମଲ୍ଲିକ, ଗୁଲସନ ନୱାଜ ଅଲିଖାଁ, ବିଶ୍ୱଜିତ ନାୟକ, ଶଙ୍କର୍ଷଣ ସାମଲ, ସୁରେନ୍ଦ୍ର ସାମଲ, ଉପଦେଷ୍ଟା ଅକ୍ଷୟ ନାୟକ, ଅନଙ୍ଗ ଉଦୟ ବେଉରିଆ, ଶୁଭେନ୍ଦ୍ର ସାମଲ, ନିମାଇଁ ଘଡ଼ାଇ, ଗୋପାଳ ସୂତାର, ଶିକ୍ଷକ ସଂଘ ସଭାପତି ରବିନାରାୟଣ ମହାନ୍ତି, କୈଳାସ ମଲ୍ଲିକ ଓ ଭୁବନାନନ୍ଦ ସାହୁଙ୍କ ସମେତ ସ୍ଥାନୀୟ ବ୍ୟବସାୟୀ, ଯୁବକ ଏବଂ ସ୍ୱେଚ୍ଛାସେବୀମାନେ ସାମିଲ ହୋଇ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

# ମହାବୀର ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ପାଣିକୋଇଲି,୨୭।୪(ବିକାଶ ମଲ୍ଲିକ):

କୋରେଇ ବ୍ଲକ୍ ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓରିନ୍ଦା ଗ୍ରାମରେ ମହାବୀର କ୍ରିକେଟ କ୍ଲବ ଆନୁକୂଲ୍ୟରେ ମହାବୀର ପ୍ରିମିୟର ଲିଗ ଶନିବାର ରାତିରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୮ଟି ଦଳ ଭାଗ ନେଇଛନ୍ତି। ଅଶୋକ ଦାସ ଫାଉଣ୍ଡେଶନ ମହାସଚିବ ଭବ ପ୍ରସାଦ ଦାସ, ଯୁବନେତା ସୌମ୍ୟ ରଞ୍ଜନ ଧଳ, ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ପଥରପଦା ସରପଞ୍ଚ ମଧୁସ୍ମିତା ବାରିକ, ସମିତିସଭ୍ୟ ସରସ୍ୱତୀ ସ୍ୱାଇଁ, ଶଶୀଭୂଷଣ ସେନାପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ।

ମ୍ୟାଚ୍‌ରେ ଲୋଟନ ସୁପର ଷ୍ଟାଇକର ୬ପଏଣ୍ଟ, ସିଟି ଟାଇଗର ୪ ପଏଣ୍ଟ, ଗୋପୀନାଥ ନାଇଟ ରାଇଡରସ ୪ ପଏଣ୍ଟ, ବାକାଡି ଏକାଦଶ ୪ ପଏଣ୍ଟ ଓ ବାସୁଦେବ ଗେମ ଚ୍ଚେଇଂଗରସ ୨ ପଏଣ୍ଟ ହାସଲ କରିଥିଲଶ। ଅନ୍ୟ ୩ ଦଳ କୌଣସି ପଏଣ୍ଟ ପାଇ ନ ଥିଲେ। ଖେଳକୁ ସନ୍ତୋଷ ଦାସ, ଜିତୁ ମହାନ୍ତି ପରିଚାଳନା କରିଥିଲେ। ସମୀର ସାହୁ, ଦେବଦତ୍ତ ସେନାପତି, ସୌରଜିତ ସେନାପତି, ବୁଲୁ ସେନାପତି, ରାକେଶ ସାହୁ, ଅଭିମନ୍ୟୁ ପରିଡା, ଲକ୍ଷ୍ମଣ ମାଝୀ, ପ୍ରମୋଦ ପରିଡା, ଅଜୟ ଗିରି ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।




ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଗୋପାଳପୁର ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ଅଭିଯୋଗ

## ଭାଜପା ଜିଲା ସଭାପତି ଓ ଅନ୍ୟ ଅଭିଯୋଗ ଆଧାରରେ ତଦନ୍ତ ନିର୍ଦ୍ଦେଶ

ଜଗତ୍‌ସିଂହପୁର, ୨୭।୪ (ପ୍ରମୋଦ କୁମାର ନାୟକ)

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର ଗ୍ରାମ ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ହେଉଛି। ବେଆଇନ ଓ ମନମୁଖି କାର୍ଯ୍ୟ ଯୋଗୁ ଲୋକେ ଅତିଷ୍ଠ ହୋଇପଡ଼ିଛନ୍ତି। ବ୍ଲକସ୍ତରରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କିଛି ଫଳ ନ ମିଳିବାରୁ ଲୋକେ ଭାଜପା ଗ୍ରାମ ପଞ୍ଚାୟତ ପ୍ରମୁଖଙ୍କ ଜରିଆରେ ଅବଗତ କରାଇଛନ୍ତି। ତେଣୁ ସରକାରୀସ୍ତରରେ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଭାଜପା ଜିଲା ସଭାପତି ପ୍ରତାପ ମିଶ୍ର ଜିଲାପାଳଙ୍କୁ ଚିଠି କରିଥିଲେ। ଏହି ଚିଠି ସହ ସେ ପଞ୍ଚାୟତବାସୀଙ୍କ ଅଭିଯୋଗପତ୍ରର ନକଲ ସଂଲଗ୍ନ କରିଥିଲେ। ଏହା ଉପରେ ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନେବାକୁ ତିର୍ତ୍ତୋଲ ବିଡିଓଙ୍କୁ ଜିଲା ପଞ୍ଚାୟତ ଅଧିକାରୀ ଚିଠି କରିଛନ୍ତି। ଏଥିରେ ଉଲ୍ଲେଖ ଅଛି. ତଦନ୍ତ ରିପୋର୍ଟ ଜିଲାପାଳଙ୍କ ଅବଗତି ନିମନ୍ତେ ଜିଲା ପଞ୍ଚାୟତ କାର୍ଯ୍ୟାଳୟକୁ ଜଣାଇବାକୁ ପଡ଼ିବ। ଏହି ଚିଠିକୁ ନେଇ କେବଳ ଗୋପାଳପୁର ପଞ୍ଚାୟତ ନୁହେଁ, ସାରା ଜିଲାରେ ଚର୍ଚ୍ଚା ଆରମ୍ଭ ହୋଇଛି ।

ଅଭିଯୋଗ ଅନୁଯାୟୀ, ୬୦ରୁ କମ୍ ବୟସର ଲୋକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଉଛି। ୨୦୧୩ରେ ଯେଉଁ ଲୋକଙ୍କୁ ୬୪ ବର୍ଷ ହୋଇଥିଲା, ୨୦୧୪ ବେଳକୁ ସେମାନଙ୍କୁ ୮୦ ବର୍ଷ ଦର୍ଶାଇ ଭତ୍ତା ଦିଆଯାଉଛି। ପ୍ରଭାବଶାଳୀ ନେତାଙ୍କ ସମର୍ଥିତ ଲୋକଙ୍କ ମୃତ୍ୟୁ ହେଲେ ସେମାନଙ୍କ ନାଁ ଭୋଟର ତାଲିକାରୁ ବାଦ୍ ଦିଆଯାଉନାହିଁ। ଘର ନମ୍ବରରେ ମଧ୍ୟ ଚଞ୍ଚକତା କରାଯାଉଛି। ଭୋଟର ତାଲିକା ଅନୁଧ୍ୟାନ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ। ତତ୍କାଳୀନ ସରକାରଙ୍କ ପିଠା ଯୋଜନାରେ ୩୩/୩୪ ବୟସର ଯୁବଗୋଷ୍ଠୀ ଓ ବୋହୂଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦିଆଯାଇଥିଲା। ପଞ୍ଚାୟତର ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ଦାଶ ବାର୍ଦ୍ଧକ୍ୟ ଭତ୍ତାରେ ହୋଇଥିବା ଚଞ୍ଚକତା ସମ୍ପର୍କରେ ପର୍ଦ୍ଦାଫାଶ କରିଥିଲେ। ସେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗି ଜାଣିବାକୁ ପାଇଥିଲେ ଯେ, ୩୩୫ ଜଣଙ୍କ ମଧ୍ୟରୁ ୯୦ ଜଣ ପ୍ରକୃତ ହିତାଧିକାରୀ ହୋଇଥିବା ବେଳେ ଅବଶିଷ୍ଟ ୨୪୫ ହେଲେ ଜାଲ୍। ତେଣୁ ସରକାରଙ୍କ ନିର୍ଦ୍ଦେଶ ବଳରେ ସମସ୍ତଙ୍କ ଭତ୍ତା ବନ୍ଦ କରି ଦିଆଯାଇଥିଲା। ଏଥିରେ ତତ୍କାଳୀନ ପିଇଓଙ୍କ ହାତ ଥିବା ଜଣାଯାଇଥିଲା। ୨୦୧୭ରୁ ୨୦୨୨ ମଧ୍ୟରେ ଆବାସ ଯୋଜନାରେ ମହାଘୋଟାଲା ହୋଇଥିଲା। ତତ୍କାଳୀନ ପିଇଓ ଏକ ନିର୍ଦ୍ଦିଷ୍ଟ ଦଳ ଓ ସରପଞ୍ଚଙ୍କ ହାତବାରିସି ସାଜି କାର୍ଯ୍ୟ କରୁଥିଲେ। ସେ ଦମ୍ପତିଙ୍କୁ ୨ଟି ଘର ଦେଇଥିଲେ। ଏହାଛଡ଼ା ଘର ନ କରି ୨୦ ବର୍ଷର ପୁରୁଣା ଘରେ ରଙ୍ଗ ମରାଯାଇ ବିଲ୍ କରାଯାଇଛି। ଅଭିଯୋଗ ପରେ ୪ ଜଣଙ୍କଠାରୁ କାର୍ଯ୍ୟାଦେଶ ଦିଆଯାଇଥିବା ଅର୍ଥରାଶି ଆଦାୟ କରାଯାଇଥିଲା। ତତ୍କାଳୀନ ପିଇଓଙ୍କୁ ନିଲମ୍ବନ କରାଯାଇଥିଲା। ଏବେ ବି ଅନୁରୂପ ମସୁଧା ଚାଲିଛି। ଅନେକ ହିତାଧିକାରୀ ଯୋଜନାରୁ ବଞ୍ଚିତ ହେଉଥିବା ବେଳେ ଅଯୋଗ୍ୟଙ୍କୁ ପ୍ରୋତ୍ସାହନ ଦିଆଯାଉଛି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କେଉଁଠି ମେଶିନ୍ ତ ଆଉ କେଉଁଠି ଆଦୌ କାମ ନ ହୋଇ ଲକ୍ଷାଧିକ ଟଙ୍କାର ବିଲ୍ କରାଯାଇଛି। ଏ କ୍ଷେତ୍ରରେ ଗୁଣ୍ଡାଗର୍ଦ୍ଦି ହେଉଛି। ପୋଖରୀ ଖୋଳାରେ ଦୁର୍ନୀତି ସମ୍ପର୍କରେ ରଶ୍ମିରଞ୍ଜନ ଓ ଗ୍ରାମର କେତେଜଣ ହାଇକୋର୍ଟରେ ଆଶ୍ରୟ ନେଇଥିଲେ। ଶେଷରେ ଦୁର୍ନୀତି ହୋଇଥିବା ଅର୍ଥରାଶି ତତ୍କାଳୀନ ସରପଞ୍ଚ, ପିଇଓ ଏବଂ ଜିଆର୍‌ଏସ୍‌ଙ୍କଠାରୁ ଆଦାୟ କରାଯାଇଥିଲା। ଶୌଚାଳୟ, ସାନିଟାରୀ ମରାମତି ସାଙ୍ଗକୁ ୨୦୦୭ରୁ ୨୦୧୩ ମଧ୍ୟରେ ଖାଦ୍ୟ ସୁରକ୍ଷା ଆଇନରେ ବ୍ୟାପକ ଦୁର୍ନୀତି ହୋଇଛି। ପାଣି ପଞ୍ଚାୟତରେ ମଧ୍ୟ ଘୋଟାଲା ହୋଇଛି। ଏହି କମିଟିରେ ଅନେକ ପରିବାର ଲୋକଙ୍କୁ ଅନ୍ତର୍ଭୁକ୍ତ କରାଯାଇ ନ ଥିବାବେଳେ କେତେଗୋଟି ପରିବାରର ୩/୪ ଜଣଙ୍କୁ ସଭ୍ୟ କରାଯାଇଛି। ପୁଟିଙ୍ଗ ଗ୍ରାମରେ ଥିବା ଗୋଚର ଜମିରୁ ବେଆଇନ ମାଟି ଚାଲାଣ ଚାଲିଛି। ଏଥିସହ ସରକାରୀ କାମରେ ଏହି ମାଟି ବିନିଯୋଗ ହୋଇ ବିଲ୍ କରାଯାଉଛି। ପଞ୍ଚାୟତରେ ଜାଲ ଭିନ୍ନକ୍ଷମ ପ୍ରମାଣପତ୍ର ବଳରେ ଅଙ୍ଗନୱାଡି କର୍ମୀ ନିଯୁକ୍ତି ଦିଆଯାଇଥିଲା। ଏହା ଉପରେ ବିଭିନ୍ନସ୍ତରରେ ଅଭିଯୋଗ ସତ୍ତ୍ୱେ କିଛି ସୁଫଳ ମିଳୁ ନ ଥିଲା। କେତେଜଣ ଯୁବକଙ୍କ ଉଦ୍ୟମରେ ବିଳମ୍ବରେ ହେଲେ ବି ହାଇକୋର୍ଟଙ୍କ ହସ୍ତକ୍ଷେପ ଯୋଗୁ କ୍ରାଇମବ୍ରାଞ୍ଚ ତଦନ୍ତ କରିଥିଲା। ତଦନ୍ତରେ ଜାଲ୍ ପ୍ରମାଣପତ୍ର ବଳରେ ନିଯୁକ୍ତି ଦିଆଯାଇଥିବା ପ୍ରମାଣ ପରେ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀଙ୍କୁ ଚାକିରିରୁ ଅନ୍ତର କରାଯାଇଛି। ପରେ ବହିଷ୍କୃତ ଅଙ୍ଗନୱାଡି କର୍ମୀ ପଞ୍ଚାୟତର ଜଣେ ଦୁର୍ନୀତିଗ୍ରସ୍ତ ନେତାଙ୍କ ସହାୟତାରେ ହାଇକୋର୍ଟରେ ଅପିଲ କରିଛନ୍ତି। ଯେଉଁ କାରଣରୁ ନୂଆ କର୍ମୀ ନିଯୁକ୍ତ ହୋଇପାରୁନାହାନ୍ତି। ଅନୁରୂପ ଭାବେ ଜୟସିଂହପୁର ଅଙ୍ଗନୱାଡି ନିଯୁକ୍ତିରେ ଜାଲିଆତି ହୋଇଥିଲା। ଏହା ଉପରେ ମାମଲା ରୁଜୁ ହେବାରୁ ଉକ୍ତ କର୍ମୀଙ୍କୁ ବହିଷ୍କାର କରାଯାଇ ନୂଆ ନିଯୁକ୍ତି ଦିଆଯାଇଛି। ପୁଟିଙ୍ଗ ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିର୍ଦ୍ଦିଷ୍ଟ ଏକ ଦଳର ସମର୍ଥକ ଭାବେ କାମ କରୁଥିବାରୁ ତାଙ୍କୁ ତୁରନ୍ତ ବଦଳି କରାଯାଉ। ତେଣୁ ଏହା ଉପରେ ଭିଜିଲାନ୍ସ ତଦନ୍ତ କରାଯିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଭାଜପା ଗୋପାଳପୁର ପଞ୍ଚାୟତ ପ୍ରମୁଖ ନିରଞ୍ଜନ ଷଡ଼ଙ୍ଗୀଙ୍କ ସମେତ ଗୋପାଳପୁର ଗ୍ରାମର ଜ୍ୟୋତିରଞ୍ଜନ ଦାଶ, ଜୟସିଂହପୁରର ରଶ୍ମିରଞ୍ଜନ ରାଉତ, ପୁଟିଙ୍ଗର କେଦାର ବିଶ୍ୱାଳ, ଚିତ୍ତରଞ୍ଜନ ଲେଙ୍କା ଓ ସର୍ବେଶ୍ୱର ପ୍ରଧାନ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଜିଲା ପଞ୍ଚାୟତ ଅଧିକାରୀ ଭରତ ଚନ୍ଦ୍ର ପରିଡ଼ାଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

# ଭାଜପା ନେତା ସତ୍ୟସାରଥି ହେଲେ ମୁଖ୍ୟ ପରାମର୍ଶଦାତା



ବୈଠକରେ ଯୋଗଦେଇଥିବା ଶ୍ରମିକ କର୍ମଚାରୀ ୟୁନିୟନର ନେତୃମଣ୍ଡଳୀ ଓ ଅନ୍ୟମାନେ।

## ପୋର୍ଟ ଶ୍ରମିକ କର୍ମଚାରୀ ୟୁନିୟନର ବୈଠକ

ପାରାଦୀପ, ୨୭।୪ (ଶରତ ରାଉତ)

ପାରାଦୀପ ପୋର୍ଟ ଶ୍ରମିକ କର୍ମଚାରୀ ୟୁନିୟନ ପକ୍ଷରୁ ରବିବାର ସନ୍ଧ୍ୟାରେ ବ୍ୟାଙ୍କ ଲେନ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ତଥା ଭାଜପା ନେତା ସତ୍ୟସାରଥି ମହାନ୍ତିଙ୍କୁ ମୁଖ୍ୟ ପରାମର୍ଶଦାତା ଭାବେ ଚୟନ କରାଯାଇଛି। ବୈଠକ ସମ୍ପର୍କରେ ୟୁନିୟନ କାର୍ଯ୍ୟକାରୀ ସଭାପତି ସୁଧାକର ମନ୍ତ୍ରୀ ବିସ୍ତୃତ ସୂଚନା ଦେଇଥିଲେ। ସେ କହିଥିଲେ, ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ)ନାମକ ଘରୋଇ କମ୍ପାନୀରେ ୧୨ ଜଣ ଶ୍ରମିକଙ୍କୁ ୨୦୨୩ରେ ଛଟେଇ କରାଯାଇଥିଲା। ସେତେବେଳେ ୟୁନିୟନ ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ତତ୍କାଳୀନ ଜିଲା ପ୍ରଶାସନ ଓ ବନ୍ଦର ପ୍ରଶାସନ ଏହି ୟୁନିୟନ କର୍ମକର୍ତ୍ତାମାନଙ୍କ ନାମରେ ମାମଲା ରୁଜୁ କରି ଦମନ କରିବା ପାଇଁ ଚେଷ୍ଟା କରିଥିଲେ। ଏବେ ଭାଜପା ସରକାର ଆସିଲା ପରି ସମାନ ଦାବିକୁ ଆଉଥରେ ଜଣାଉଛୁ ବୋଲି ସୁଧାକର କହିଛନ୍ତି। ଘଟଣା ସମ୍ପର୍କରେ ସତ୍ୟସାରଥି କହିଥିଲେ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମେତ ବନ୍ଦର କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ। ନିଲମ୍ବନ ଶ୍ରମିକମାନଙ୍କୁ ପୁନଃ ନିଯୁକ୍ତି ନ ଦେଲେ ବିକଳ୍ପ ପନ୍ଥା ଅବଲମ୍ବନ କରାଯିବ।

ଏବେ ପାରାଦୀପରେ ଭାଜପା ନେତାମାନେ ୟୁନିୟନ ମଙ୍ଗ ଧରିବା ରାଜନୈତିକ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି। ପୂର୍ବରୁ ଜଣେ ମନ୍ତ୍ରୀଙ୍କ ନାମରେ ଏକ ସଙ୍ଗଠନ ଚାଲିଛି।ଏହାକୁ ଅନ୍ୟ ନେତାଙ୍କ ପାଇଁ ଅସହଜ ହେବାରୁ ଜଣେ ଭାଜପା ଏମପି ଗୋଟିଏ ୟୁନିୟନ ସଭାପତି ହୋଇଛନ୍ତି। ଦୁଇ ନେତାଙ୍କ ସମର୍ଥିତ ୟୁନିୟନ ଲୋକଙ୍କୁ ନିଜ ପାଖକୁ ନେବାପାଇଁ କୂଟନୀତି ଚଲାଇଛନ୍ତି।ଏମିତି ସମୟରେ ଆଉ ଜଣେ ନେତା ୟୁନିୟନ ମଙ୍ଗ ଧରିବା ଘଟଣା ଦଳ ମଧ୍ୟରେ ଥିବା ଦୂରତା ଦର୍ଶାଉଛି ବୋଲି ଚର୍ଚ୍ଚା ହେଉଛି।

# ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ କଳସ ଯାତ୍ରା


ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

## ମଲିକେଶ୍ୱରୀ ପୀଠ

ରଘୁନାଥପୁର, ୨୭।୪ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ହରିଶପୁରସ୍ଥିତ ମା' ମଲିକେଶ୍ୱରୀଙ୍କ ପୀଠରେ ଶ୍ରୀଶ୍ରୀ ଚିନ୍ତାମଣିଶ୍ୱରଙ୍କ ୯ମ ବାର୍ଷିକ ଜନ୍ମୋତ୍ସବ ଅନୁଷ୍ଠିତ ହେବ। ଏନେଇ ପଞ୍ଚଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଥିବାବେଳେ ଅକ୍ଷୟ ତୃତୀୟାରେଅଷ୍ଟପ୍ରହର ନାମଯଜ୍ଞ ହେବ। ଏଥିନିମନ୍ତେ ଏକ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତାରପୁର ମା'ନାରାୟଣୀ ମନ୍ଦିରସ୍ଥିତ ମହାନଦୀ ଘାଟରୁ ଗ୍ରାମର ମହିଳା ଓ ପୁରୁଷମାନେ ୧୦୮ ପୂର୍ଣ୍ଣକୁମ୍ଭ ଜଳ ଉଠାଇ ଘଣ୍ଟ ଓ କୀର୍ତ୍ତନ ବଜାଇ ଶୋଭାଯାତ୍ରାରେ ଆସି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ସେଠାରେ ଘଟ ସ୍ଥାପନ ପରେ ଯଜ୍ଞକୁଣ୍ଡରେ ଅଗ୍ନି ସଂଯୋଗ କରି ଆହୂତି ପ୍ରଦାନ କରିଥିଲେ। ମଙ୍ଗଳବାର ଯଜ୍ଞର ପୂର୍ଣ୍ଣାହୁତି ହେବ। ଏଥିରେ ଅମୂଲ୍ୟ ଚନ୍ଦ୍ର ଦାସ ଓ ତାଙ୍କ ସ୍ତ୍ରୀ କର୍ତ୍ତାକର୍ତ୍ତ୍ରୀଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ବୁଧବାର ଅକ୍ଷୟ ତୃତୀୟାରେ ଅଷ୍ଟପ୍ରହର ନାମଯଜ୍ଞ ଓ ନଗର କୀର୍ତ୍ତନ ମହୋତ୍ସବ ଶେଷ ହେବା ନେଇ ଗ୍ରାମବାସୀ ସୂଚନା ଦେଇଛନ୍ତି। ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକୁ ବିନୋଦ ବିହାରୀ ମହାନ୍ତି, ଦିଲୀପ ପଟ୍ଟନାୟକ, ଦୁର୍ଗାପ୍ରସାଦ ମହାନ୍ତି, ବିଜୟ କୁମାର ନାୟକ, ଭରତ ସ୍ୱାଇଁ ଓ ଯୁବକ ସଂଘ ସଦସ୍ୟମାନେ ପରିଚାଳନା କରୁଛନ୍ତି।

# ବାଉଁଶବୁଦାରୁ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

## ଝିଅ ବାହାଘର ୩ ଦିନ ପୂର୍ବରୁ ଅଘଟଣ

ନାଉଗାଁ, ୨୭।୪ (ସୁଧା ବେହୁରା)

ନାଉଗାଁ ଥାନା ଅନ୍ତର୍ଗତ ଗଙ୍ଗଦା(ପାଇକସାହି) ଗ୍ରାମରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। ଝିଅ ବାହାଘରକୁ ତିନିଦିନ ଥିବା ବେଳେ ଘର ପଛପଟ ବାଉଁଶ ବୁଦାରୁ ବାପାଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ଏହି ଗ୍ରାମର କ୍ଷୀରୋଦ ଜେନା(୬୧)।

ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ବୁଧବାର କ୍ଷୀରୋଦଙ୍କ ଝିଅ ବାହାଘର ହୋଇଥାନ୍ତା। ଏଥିପାଇଁ ସମସ୍ତ ପ୍ରସ୍ତୁତି ଏପରିକି ଅନୁକୂଳ କାର୍ଯ୍ୟ ମଧ୍ୟ ଶେଷ ହୋଇଥିଲା। କ୍ଷୀରୋଦ ନିଜେ ବନ୍ଧୁବାନ୍ଧବଙ୍କ ଘରକୁ ଯାଇ ଗୁଆ ଦେଇ ନିମନ୍ତ୍ରଣ କରିଥିଲେ। ଶନିବାର ରାତିରେ ପରିବାର ଲୋକଙ୍କ ସହ ସେ ଖାଇପିଇ ଶୋଇଥିଲେ। ରବିବାର ସକାଳୁ କ୍ଷୀରୋଦଙ୍କ ମୃତଦେହ ବାଉଁଶବୁଦାରେ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ଥାନାକୁ ଜଣାଇଥିଲେ। ଗାରୋଇ ଫାଣ୍ଡି ଅଧିକାରୀ ଚନ୍ଦ୍ରମୋହନ ହାସଁଦା ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ପରିବାର ସଦସ୍ୟଙ୍କ ଅଭିଯୋଗକୁ ଭିତ୍ତିକରି ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଏହାପରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଥାନାଧିକାରୀ ପ୍ରଦୀପ୍ତ କାନୁନଗୋ କହିଛନ୍ତି। ଏନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ପୁଣ୍ୟତୋୟା ବୈତରଣୀ ନଦୀ ଆମର ଜୀବନରେଖା


ମହୋତ୍ସବରେ କୃତୀ ବ୍ୟକ୍ତିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

## କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବ

ରାଜକନିକା, ୨୭।୪ (ସଞ୍ଜୟ କୁମାର ଦାଶ)

କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବ-୨୦୨୫ ଚାନ୍ଦବାଲି ଦୁର୍ଗାପଡ଼ିଆରେ ଆୟୋଜିତ ହେଉଛି। ଏହାର ତୃତୀୟ ସନ୍ଧ୍ୟା ଶନିବାର ରାଜକନିକାର ସାମାଜିକ କର୍ମୀ ମଙ୍ଗୁଳି ଚରଣ ବେହେରା ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚାନ୍ଦବାଲି ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଦିଗାମ୍ବର ଦାସ, ମୁଖ୍ୟବକ୍ତା ଭାବେ ପରିବେଶବିତ୍ ତଥା କ୍ରିୟାଯୋଗ ଆଶ୍ରମର ବିଶ୍ୱରୂପା ନନ୍ଦ ଗିରି ମହାରାଜ ଓ ସ୍ୱତନ୍ତ୍ର ଅତିଥି ଭାବେ ଆଳି ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଡା. ଦେବସ୍ମିତା ଶର୍ମା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ପୁଣ୍ୟତୋୟା ବୈତରଣୀ ନଦୀ ହେଉଛି ଆମ ସମସ୍ତଙ୍କର ଜୀବନରେଖା। ଏବେ ନଦୀ ପୋତିହୋଇ ଚାଲିଛି। ଏହାକୁ ପୁନରୁଦ୍ଧାର କରିବା ଆବଶ୍ୟକତା ରହିଛି, ଏହା ଆମ ସମସ୍ତଙ୍କ ଦାୟିତ୍ୱ ଏଥିପାଇଁ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇବାର ଆବଶ୍ୟକତା ଅଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତି ବିଶେଷଙ୍କ ମଧ୍ୟରୁ ରାଜକନିକା ଅଞ୍ଚଳର ଖବରଦାତା ପ୍ରବୀଣ କୁମାର ବଳ, ସାହିତ୍ୟ କ୍ଷେତ୍ରରେ ସାହିତ୍ୟିକ ହରେକୃଷ୍ଣ ବାରିକ, ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱନାଥ ନାୟକ ଓ ଚାନ୍ଦବାଲି ଅଞ୍ଚଳର ସନ୍ତୋଷ କୁମାର ଅଗ୍ରୱାଲଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ଉପଢ଼ୌକନ ଓ ପ୍ରମାଣପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଶରତ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କାର୍ଯ୍ୟକାରୀ ସଭାପତି ବ୍ରଜକିଶୋର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ପିସିଏଲ ଟୁର୍ନାମେଣ୍ଟ: ଶ୍ରୀରାମ ସ୍ପୋର୍ଟିଂ ଚାମ୍ପିୟନ


ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

ପାରାଦୀପ, ୨୭।୪ (ଶରତ ରାଉତ)

ପାରାଦୀପ କ୍ରିକେଟ ଲିଗ (ପିସିଏଲ)ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଶେଷ ହୋଇଛି। ଏଥିରେ ଶ୍ରୀରାମ ସ୍ପୋର୍ଟିଂ ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଡିକେଟି ଷ୍ଟାର ଓ ଶ୍ରୀରାମ ସ୍ପୋର୍ଟିଂ ମଧ୍ୟରେ ଖେଳାଯାଇଥିଲା। ଟସ୍ ଜିତି ଡିକେଟି ପ୍ରଥମେ ଫିଲ୍ଡିଂ କରିଥିଲା। ଶ୍ରୀରାମ ପ୍ରଥମେ ବ୍ୟାଟିଂ କରି ୧୯.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୧୩ ରନ କରିଥିଲା। ଜବାବରେ ଡିକେଟି ମାତ୍ର ୧୩.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୯୩ ରନ କରି ପରାଜିତ ହୋଇଥିଲା। ପୁରସ୍କାର ବିତରଣୀ ସଭାରେ ଓସିଏ ସମ୍ପାଦକ ସଞ୍ଜୟ କୁମାର ବେହେରା, ବନ୍ଦର ଉପାଧ୍ୟକ୍ଷ ନୀଳାଦ୍ରି ଦାସଗୁପ୍ତା, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

# ଗୃହକର୍ତ୍ତାଙ୍କ ଝୁଲନ୍ତା ମୃତଦେହ ଜବତ

ପାରାଦୀପ, ୨୭।୪ (ଶରତ ରାଉତ)

ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଶନି ମନ୍ଦିର ପାଖ ଘରୁ ରବିବାର ସନ୍ଧ୍ୟାରେ ଜଣେ ଗୃହକର୍ତ୍ତାଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଯୋଗେନ୍ଦ୍ର ସେଠୀ (୪୮)। ସେ ଅପରାହ୍ନରେ ପାରାଦୀପ ବଜାରରେ କାମ ସାରି ଘରକୁ ଫେରିଥିଲେ। ପରିବାର ଲୋକେ ଅନ୍ୟ କାମରେ ଥିବାବେଳେ ସେ ପଙ୍ଖାରେ ରଶି ଦେଇ ଝୁଲି ପଡ଼ିଥିଲେ। ଏହାପରେ ପରିବାର ଲୋକେ ପୋଲିସ ଡାକି ଯୋଗେନ୍ଦ୍ରଙ୍କୁ ଓହ୍ଲାଇବା ସହ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଯୋଗେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାପରେ ଲକ୍ ଥାନା ପୋଲିସ ମୃତଦେହ ଜବତ କରି ସଂରକ୍ଷିତ ରଖି ଅଧିକ ତଦନ୍ତ ଚଳାଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିଲେ ମଧ୍ୟ ପାରିବାରିକ ଅଶାନ୍ତି ବୋଲି ଚର୍ଚ୍ଚା ହେଉଛି।

# ଅକ୍ଷୟ ତୃତୀୟାରେ ରଥକାଠ ଅନୁକୂଳ ପାଇଁ ପ୍ରସ୍ତୁତି


ବୈଠକରେ ଯୋଗଦେଇଥିବା ମଠ ପରିଚାଳନା ସମିତିର କର୍ମକର୍ତ୍ତା ଓ ଅନ୍ୟମାନେ।

ରାହାମା, ୨୭।୪ (ଶ୍ରୀକାନ୍ତ ଦାସ)

କୁଜଙ୍ଗ ବ୍ଲକ ଅଧୀନ ସାଇଲୋ ପଞ୍ଚାୟତର କନ୍ଦମୂଳ ପଡିଆରେ ଥିବା ଶ୍ରୀଶ୍ରୀ ଦଧିବାମନ ଜୀଉ ଶ୍ରୀଶ୍ରୀ ମଦନ ମୋହନ ଜୀଉ ମଠ, ରାହାମାର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ତିନି ଠାକୁରଙ୍କ ତିନି ରଥ ନିର୍ମାଣ ନିମନ୍ତେ ଅକ୍ଷୟ ତୃତୀୟାରେ ରଥକାଠ ଅନୁକୂଳ ହେବ। ଏନେଇ ମଦନ ମୋହନଜୀଉ ମଠ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମଠ ପରିଚାଳନା ସମିତିର ସଭାପତି ରବି ନାରାୟଣ ସାହୁ ସଭାପତିତ୍ୱ କରିଥିଲେ। ସମ୍ପାଦକ ଡ.ସୁନାକର ବେହେରା ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଅକ୍ଷୟ ତୃତୀୟା ଦିବସରେ ବୈଦିକ ରୀତିନୀତି ଅନୁଯାଇ ତିନି ରଥ ନିର୍ମାଣ ପାଇଁ ନୂତନ କାଠ ପୂଜା ହେବ। ଏହି ଅବସରରେ ଠାକୁର ରାଜା ଉପସ୍ଥିତ ରହି ବିଶ୍ୱକର୍ମା ମହାରଣାମାନଙ୍କୁ ରଥ ନିର୍ମାଣ ପାଇଁ ଉତ୍ତରୀୟ ଓ ପାଟବସ୍ତ୍ର ପ୍ରଦାନ କରିବେ ବୋଲି ଆଲୋଚନା ହୋଇଥିଲା। ଚଳିତ ବର୍ଷ ରଥଯାତ୍ରାକୁ ଅଧିକ ସରସ ସୁନ୍ଦର କରିବା ଉପରେ ଜୋର ଦିଆଯାଇଥିଲା। ବୈଠକରେ କିଶୋରୀ ଚନ୍ଦ୍ର ଦାସ, ଭିକାରି ଚରଣ ସେନାପତି, ପୋତନାଇ ସରପଞ୍ଚ ବ୍ରଜକିଶୋର ମହାରାଜ, ରାହାମା ବଜାର କମିଟି ସଭାପତି ଶିଶିର କୁମାର ଦାସ, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ବଇଁଶୀଧର କୁଣ୍ଡୁ, ଅବସପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ସାହୁ, ସାଇଲୋ ସମବାୟ ସମିତି ସଭାପତି ପ୍ରଦୀପ କୁମାର ବେଉରା, ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଜବରଦଖଲ: ଗରିବଙ୍କୁ ପ୍ରତାରଣା, ଥିଲାବାଲାଙ୍କୁ ଅନୁକମ୍ପା

- କୋର୍ଟ ନିର୍ଦ୍ଦେଶକୁ ମାନୁନାହାନ୍ତି ପୌର ଅଧିକାରୀ
- ପ୍ରଭାବଶାଳୀଙ୍କ ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ

ପଟ୍ଟାମୁଣ୍ଡାଇ, ୨୭।୪ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ସ୍ଥାନରେ ବହୁ ମୂଲ୍ୟବାନ ସରକାରୀ ଜମି ଜବରଦଖଲ କରାଯାଇଛି। ଏ ନେଇ ପୌର ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ପୌର ଅଧିକାରୀ ବୁଲ୍‌ଡୋଜର ଲଗାଇ ଠେଲା ଦୋକାନଠାରୁ ଆରମ୍ଭ କରି ଛୋଟିଆ ଘରକୁ ଧୂଳିସାତ୍ କରି ଦେଉଛନ୍ତି। ମାତ୍ର ଅଦାଲତର ନିର୍ଦ୍ଦେଶ ଥିଲେ ମଧ୍ୟ ପ୍ରଭାବଶାଳୀଙ୍କ ଅଟ୍ଟାଳିକାକୁ ପୌର ପ୍ରଶାସନ ହାତ ମାରୁନାହିଁ। ମାତ୍ର ଗରିବ ଲୋକଟିଏ ଉଚ୍ଚ ନ୍ୟାୟାଳୟର ଆଦେଶ ଦେଖାଇଲେ ମଧ୍ୟ କିଛି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୌର ଅଧିକାରୀ ଗରିବଙ୍କୁ ପ୍ରତାରଣା କରୁଥିବାବେଳେ ଥିଲାବାଲାଙ୍କୁ ଅନୁକମ୍ପା ଦେଖାଉଛନ୍ତି ବୋଲି ମତପ୍ରକାଶ ପାଇଛି।

ବେଲତଳ ଗ୍ରାମର ଦିଲୀପ ପାତ୍ର କହିଛନ୍ତି, ଘର ଆଗରେ ଏକ ଦୋକାନ କରି ପରିବାର ପ୍ରତିପୋଷଣ କରି ଆସୁଥିଲି। କିଛିଦିନ ହେବ କେତେଜଣ ଲୋକ ସରକାରୀ ଜାଗାରେ ଦୋକାନ ହୋଇଥିବା ନେଇ ସ୍ଥାନୀୟ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ସ୍ଥାନୀୟ ପ୍ରଶାସନର ହସ୍ତକ୍ଷେପ ପରେ



ଘର ଆଗରେ ଥିବା ଦୋକାନକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି।

ନକ୍ସା ସଂଶୋଧନ ନିମନ୍ତେ କଟକ କମିଶନ କୋର୍ଟଙ୍କ ଦ୍ୱାରସ୍ଥ ହୋଇ ନଂ. ୨୪/୨୦୨୫ରେ ଏକ ମାମଲା କରିଥିଲି। ମାମଲା ଜୁନ ୩ରେ ବିଚାର ହେବାକୁ ଥିବାବେଳେ ପୌର ପରିଷଦ ପକ୍ଷରୁ ୮ ତାରିଖରେ ସୀମା ନିର୍ଦ୍ଧାରଣ ପାଇଁ ନୋଟିସ ହୋଇଥିଲା। ଏ ନେଇ କେନ୍ଦ୍ରାପଡ଼ା ଜିଲାପାଳ, ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇବା ସହ ହାଇକୋର୍ଟରେ ଏକ ପିଟିଶନ ଡବ୍ଲ୍ୟୁପିସି ୧୦୦୬୨/୨୦୨୫ ଦାଖଲ କରିଥିଲି। ହାଇକୋର୍ଟ ପୌର ପରିଷଦ ନୋଟିସ ଉପରେ ରହିତାଦେଶ ଜାରି କରାଇଥିଲେ। ମାତ୍ର ପୌର ପରିଷଦ ଉକ୍ତ ରହିତାଦେଶ ଉପରେ ବିଚାର ନ କରି ଦୋକାନକୁ ଭାଙ୍ଗି ଦେଲେ। ଯାହା ଆମ ପରିବାର ସଦସ୍ୟଙ୍କୁ ମର୍ମାହତ କରିଛି। ଅନ୍ୟପକ୍ଷରେ ଅନେକ ସରକାରୀ ଜାଗାରେ ବହୁ ପ୍ରଭାବଶାଳୀ ବ୍ୟକ୍ତି ଅଟ୍ଟାଳିକା କରିଥିଲେ ମଧ୍ୟ ପୌର ପରିଷଦ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ସାମାଜିକ କର୍ମୀ ସତ୍ୟପ୍ରିୟ ସାମଲ କହିଛନ୍ତି, ଜଣେ ପ୍ରଭାବଶାଳୀ ବ୍ୟବସାୟୀ ନୟନଯୋରି ଜାଗାକୁ ଜବରଦଖଲକୁ ନେଇ ଦୋକାନ କରିଥିଲେ। ଲୋକମାନଙ୍କ ଅଭିଯୋଗ ପରେ ବ୍ୟବସାୟୀ ଜଣକ ୨୦୧୬ରେ ଜିଲା ପ୍ରଶାସନ ଏବଂ ପୌର ପରିଷଦ ବିରୋଧରେ ନଂ.୧୫୨/୨୦୧୬ରେ ଏକ ମାମଲା କରିଥିଲେ। ଆଇନଜୀବୀ ପ୍ରମୋଦ ସାହୁ ପୌର ପରିଷଦ ପକ୍ଷରୁ ମାମଲା ପରିଚାଳନା କରୁଥିଲେ। ବିଚାରପତି ମାମଲାକୁ ଖାରଜ କରି ପୌର ପ୍ରଶାସନ ସପକ୍ଷରେ ଆଦେଶ ଦେଇଥିଲେ। ହେଲେ ଉକ୍ତ ଆଦେଶକୁ ପୌର ପରିଷଦ ଫାଇଲ ତଳେ ଚାପି ଦେଇଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଅଦ୍ୟାବଧି ଗ୍ରହଣ କରାଯାଇନାହିଁ। ଫଳରେ ଉକ୍ତ ଜାଗା ଉପରେ ବ୍ୟବସାୟୀ ଜଣଙ୍କ ଭଡ଼ାରେ ଦୋକାନ ଦେଇ ଅର୍ଥ ରୋଜଗାର କରୁଛନ୍ତି। ଜିଲା ପ୍ରଶାସନ, ତହସିଲଦାର, ପୌର ଅଧିକାରୀ ସବୁଜାଣି ପ୍ରଭାବଶାଳୀଙ୍କୁ ଅନୁକମ୍ପା ଦେଖାଇ ଚାଲିଛନ୍ତି। ଯଦି ନିରୀହଙ୍କ କଥା ଆସେ ପ୍ରଶାସନ ପୂରା ଦମରେ ଲାଗିପଡ଼ନ୍ତି। ଏ ନେଇ କେତେଜଣ ସାମାଜିକ କର୍ମୀ ପୌର କାର୍ଯ୍ୟାଳୟ ଯାଇ ଗରିବଙ୍କୁ ପ୍ରତାରଣା, ଥିଲାବାଲାଙ୍କୁ ଅନୁକମ୍ପା ବିଷୟରେ ପୌର ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳଙ୍କୁ ପଚାରିଥିଲେ। ହେଲେ ସେ ବିଭିନ୍ନ ବାହାନା କରି ଯା ତା' ଉପରେ ଦୋଷ ଲଦି ଖସି ଯିବାକୁ ମସୁଧା କରୁଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ମୋହନ ସରକାରଙ୍କ ଉଚ୍ଛେଦ ନୀତିକୁ ବେଖାତିର କରି କେତେଜଣ ରାଜନେତା, ସ୍ଥାନୀୟ ପ୍ରଶାସନ ପ୍ରୋତ୍ସାହନରେ ଏହି ସରକାରୀ ଜମି ଜବରଦଖଲରେ ରହିଛି ବୋଲି ଅଭିଯୋଗ ହେଉଛି। ଶିକ୍ଷାବିତ୍ ପ୍ରେମାନନ୍ଦ ପଣ୍ଡା କହିଛନ୍ତି, ପଟ୍ଟାମୁଣ୍ଡାଇ ତହସିଲ ଓ ପୌରାଞ୍ଚଳର ସରକାରୀ ଜମି ଜବରଦଖଲ ମୁଣ୍ଡବିନ୍ଧାର କାରଣ ପାଲଟିଛି। କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜାଗା ମାଡ଼ି ବସି ଘର କରି ତାହାକୁ ଭଡ଼ାରେ ଲଗାଉଛନ୍ତି। କେତେଜଣ ଲୋକ ଗୋବରୀ ନଦୀ କିସମ ଜାଗାରେ ଘର କରି ବିକ୍ରି କରୁଛନ୍ତି। କେହି କେହି ସାମାଜିକ ଅନୁଷ୍ଠାନ ନାମରେ ନଦୀ କିସମ ଜମି ଦଖଲ କରି ନେଉଛନ୍ତି। ଅଞ୍ଚଳବାସୀ ଯେତେ ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି। ଯିଏ ବି ପ୍ରତିବାଦ କରୁଛି ବିଭିନ୍ନ ପ୍ରକାର ଧମକଚମକ ଦେଉଛନ୍ତି। ଅନ୍ୟପକ୍ଷରେ ଗରିବ ଉଠା ଦୋକାନୀଙ୍କୁ ମିଳୁଥିବା ଦୋକାନ ଭେଣ୍ଡିଂ ଗୃହ ଅଧିକାଂଶ ଥିଲାବାଲାଙ୍କ ନାମରେ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳଙ୍କୁ ପଚାରିବାରେ ଏହା ଉପରେ ତହସିଲଦାରଙ୍କ ସହ କଥା ହୋଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ପିକ୍‌ଅପ୍ ଭ୍ୟାନ ସହ ୧୧୨୫ କେଜି ଭାଙ୍ଗ ଜବତ

■ ଏସ୍‌କର୍ଟରେ ଯାଉଥିବା ବାଇକ୍ ଜବତ
■ ଅଟକ ୩ ଅଭିଯୁକ୍ତ ଗଲେ ଜେଲ

ନୟାଗଡ଼,୨୭।୪(ଲୋକନାଥ ମିଶ୍ର)

ଇଟାମାଟି ଥାନା ପୋଲିସ ପିକ୍‌ଅପ ଭ୍ୟାନ ସହ ୧୧୨୫ କେଜି ଭାଙ୍ଗ ଜବତ କରି ୩ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଶାସନପଲ୍ଲୀ ଗାଁର ପୂର୍ଣ୍ଣଚନ୍ଦ୍ର ପାତ୍ର(୨୪), ଓଡ଼ଗାଁ ଥାନା ହରିପୁର ଗାଁର ମାନସ ନାୟକ (୨୨) ଓ ଖଣ୍ଡପଡ଼ା ଥାନା ଯୋଗିଆପଲ୍ଲୀ ଗାଁର ପ୍ରଶାନ୍ତ ପାତ୍ର(୩୧)ଙ୍କୁ ନୟାଗଡ଼ ଜିଲା ଜେଲକୁ ପଠାଇ ଦିଆଯାଇଛି। ଇଟାମାଟି ଥାନା ଅଞ୍ଚଳରୁ ପୋଲିସ ଏକ ପିକ୍‌ଅପ୍ ଭ୍ୟାନ ନଂ.ଓଡି୨୫ ଏ ୩୬୦୦ର ପିଛା କରି ସେଥିରୁ ୧୧୨୫ କେଜି ଭାଙ୍ଗ ଜବତ କରିଥିଲା, ଯାହାର ଦାମ୍ ୨୮ ଲକ୍ଷ ୧୨ ହଜାର ୫୦୦ ଟଙ୍କା ହେବ। ଭାଙ୍ଗ ନେଉଥିବା ପିକଅପ୍ ଭ୍ୟାନକୁ ଏସ୍‌କର୍ଟରେ ନେଉଥିବା ବାଇକ୍ ନଂ. ଓଡି୦୭-୮-୫୩୫୬କୁ ମଧ୍ୟ ପୋଲିସ ଜବତ କରିଛି। ପିକଅପ୍ ଭ୍ୟାନଟି କନ୍ଧମାଳରୁ ଭୁବନେଶ୍ୱର ଯାଉଥିଲା।

### ଚିନିକଳରୁ ୯ କୁଇଣ୍ଟାଲ ଲୌହ ଉପକରଣ ଜବତ

ଜବତ ଗାଡ଼ିକୁ ନେଇ ତଦନ୍ତ କରୁଛି ପୋଲିସ

ନୟାଗଡ଼,୨୭।୪(ଲୋକନାଥ ମିଶ୍ର)

ନୟାଗଡ଼ ପାଣିପୋଇଲାସ୍ଥିତି ଚିନିକଳରୁ ଚୋରି ବନ୍ଦ ହେବାର ନାଁ ଧରୁନି। ଏଭଳିସ୍ଥଳେ ନୟାଗଡ଼ ସଦର ଥାନା ପୋଲିସ ନଂ. ଓଡି ୨୫ କ୍ୟୁ ୨୩୩୭ ବିଶିଷ୍ଟ ୪ ଚକିଆ ଗାଡିରୁ ୯ କୁଇଣ୍ଟାଲ ୯୦ କେଜି ଲୌହ ଉପକରଣ ଶନିବାର ଜବତ କରିଥିଲା। ତେବେ ଦୁର୍ବୃତ୍ତମାନେ ଗାଡ଼ି ଛାଡ଼ି ପଳାଇ ଯାଇଥିଲେ। ପୋଲିସ ଜବତ ଗାଡ଼ିର ମାଲିକାନାକୁ ନେଇ ତଦନ୍ତ ଆରମ୍ଭ କରିଛି। ପ୍ରକୃତ ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବାକୁ ଉଦ୍ୟମ କରୁଛି ବୋଲି ଆଇଆଇସି ଶରତ ଚନ୍ଦ୍ର ସେଠୀ କହିଛନ୍ତି।

### ଗିରଫ କରିବାକୁ ଯାଇ ପୋଲିସ ନାକେଦମ

ବାଲିଗୁଡ଼ା,୨୭।୪(ସଞ୍ଜୟ ପାଣିଗ୍ରାହୀ)

ବାଲିଗୁଡ଼ା ଉପଖଣ୍ଡ ଆରକ୍ଷୀ ଅଧିକାରୀ ରାମନ୍ଦ୍ରେ ପ୍ରସାଦ ଏକ ଡକାୟତି ଘଟଣାରେ ଅଭିଯୁକ୍ତକୁ ଗିରଫ କରିବାକୁ ଯାଇ ନାକେଦମ ହୋଇଛନ୍ତି। ମହିଳାମାନେ ଗିରଫ କରିବାକୁ ସୁଯୋଗ ଦେଲେନି। ତୁମୁଡିବନ୍ଧ ଏକ ଡକାୟତି ଘଟଣାରେ ସଂପୃକ୍ତ ଥିବା ନେଇ ରବିବାର ଅଭିଯୁକ୍ତ ଷ୍ଟିପନ ନାୟକଙ୍କୁ ଗିରଫ କରିବାକୁ ବାଲିଗୁଡା ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଦଳବଳେ ନୂଆସାହିକୁ ଯାଇଥିଲେ। ଗିରଫକୁ ପ୍ରତିବାଦ କରି କିଛି ମହିଳା ପୋଲିସକୁ ବିରୋଧ କରିବା ସହ ଅଭିଯୁକ୍ତକୁ ସପକ୍ଷକରି କହିଥିଲେ। ଯାହାଫଳରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନକରି ଫେରିଥିଲା।

### ସ୍ୱଧର୍ମକୁ ଫେରିଲେ ୧୯ ପରିବାର

ବ୍ରାହ୍ମଣୀଗାଁ, ୨୭।୪ (ମନୋରଞ୍ଜନ ରଣା)

ବ୍ରାହ୍ମଣୀଗାଁ ଥାନା ଝିଞ୍ଜିରିଗୁଡ଼ା ପଞ୍ଚାୟତର କିରାମାହା ଗ୍ରାମରେ ରବିବାର ଦିନ ବିଶ୍ୱ ହିନ୍ଦୁ ପରିଷଦ ଧର୍ମ ପ୍ରସାର ବିଭାଗ କୁଇ ସମାଜ କଲ୍ୟାଣ ସମିତି ଆନୁକୁଲ୍ୟରେ କିରାମାହା ବଡ଼ସାହିରେ ସଂସ୍କାର ଦୀକ୍ଷା ଯଜ୍ଞ ଗ୍ରହଣକରି ସଧର୍ମକୁ ଆପଣାଇଛନ୍ତି। ପୁରୋହିତ ଦଣ୍ଡପାଣି ତ୍ରିପାଠୀଙ୍କ ପୌରହିତ୍ୟରେ ୧୦୮ କଳସ ଯାତ୍ରା କରାଯାଇଥିଲା। କୁଇ ସମାଜ ମୁଖ୍ୟ ପୁରୋହିତ ତରଣିସେନ ଦାସଙ୍କ ପୌରହିତ୍ୟରେ ନାମ ଯଜ୍ଞ, ଘୃତ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୁଇ ସମାଜ ସଂସ୍କାର ସଭାପତି ନାରଦ ମଲିକ , ଧର୍ମ ଜାଗରଣ ପ୍ରାନ୍ତ ସମନ୍ୱୟ ପ୍ରମୁଖ ଦମ୍ଭରୁଧର ମଣ୍ଡଳ, ସର୍ବୋଚ୍ଚ ସଭାପତି କୁଇ ସମାଜ କଲ୍ୟାଣ ସମିତି କବିରାଜ ମଲିକ, ସନ୍ତ ସମାଜ ଓଡ଼ିଶା ପ୍ରଦେଶ ସଂଗଠନ ଆଯାଧା ଦାସ ମହାରାଜ, ଧର୍ମେନ୍ଦ୍ର ଭାଇ କେଶେରା ପଲ୍ଲୀ ଆଶାରାମ ବାପୁଜୀ ଆଶ୍ରମ ଗଞ୍ଜାମ, ରାମନନ୍ଦଜୀ ମହାରାଜ ବାଣପୁର ପ୍ରମୁଖ ଉପସ୍ଥିତ ଥିଲେ।

# ରାବଣଙ୍କ ବ୍ରହ୍ମଜ୍ଞାନ ଚର୍ଚ୍ଚା, ମହୀରାବଣ ବଧ

## ଗଣିଆ ଲଙ୍କାପୋଡ଼ି ଯାତ୍ରାର ଏକାଦଶ ଦିବସ

ଗଣିଆ,୨୭।୪(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ଲଙ୍କାପୋଡ଼ି ଯାତ୍ରାର ରବିବାର ଏକାଦଶ ଦିବସରେ ରାମଲୀଳା ମୁକ୍ତାକାଶ ରଙ୍ଗମଞ୍ଚରେ ଇନ୍ଦ୍ରଜିତ ବଧ, ରାବଣର ବ୍ରହ୍ମଜ୍ଞାନ ଚର୍ଚ୍ଚା ଓ ମହୀରାବଣ ବଧ ନାଟକ ମଞ୍ଚସ୍ଥ ହୋଇଥିଲା । ଇନ୍ଦ୍ରଜିତର ମୃତ୍ୟୁପରେ ରାତିରେ ଯୁଦ୍ଧ ଶିବିରରେ ଶ୍ରୀରାମ ବିଭୀଷଣଙ୍କୁ ପଚାରନ୍ତି ଯେ ରାବଣ ରାଣୀ ମନ୍ଦୋଦରୀଙ୍କ ମଧ୍ୟରେ ତାଙ୍କର ପ୍ରିୟପୁତ୍ର ଇନ୍ଦ୍ରଜିତର ବଧରେ ଶୋକର ଛାୟା ଖେଳି ଯାଇଥିବ । ଉତ୍ତରରେ ବିଭୀଷଣ କୁହନ୍ତି, ରାବଣ ଓ ମନ୍ଦୋଦରୀ ହେଉଛନ୍ତି ବ୍ରହ୍ମଜ୍ଞାନୀ । ସେମାନଙ୍କଠାରେ ପୁତ୍ର ଶୋକ ଦେଖାଯାଏନି । ସେମାନେ ବର୍ତ୍ତମାନ ଉଭୟ ବ୍ରହ୍ମଜ୍ଞାନ ଚର୍ଚ୍ଚା କରୁଥିବେ, ମୃତ୍ୟୁପରେ ଆତ୍ମା ଗୋଟିଏ ଶରୀରରୁ ଯାଇ ଅନ୍ୟ କେଉଁ ଶରୀରରେ ପ୍ରବେଶ କରୁଛି । ଏକଥା ଶୁଣି ଶ୍ରୀରାମ ରାବଣର ବ୍ରହ୍ମଜ୍ଞାନ ଚର୍ଚ୍ଚା ଶୁଣିବା ନିମନ୍ତେ ଲଙ୍କାପୁରକୁ ଗମନ କରନ୍ତି । ରାଣୀ ମନ୍ଦୋଦରୀ ବ୍ରହ୍ମଜ୍ଞାନୀ ହେତୁ ପ୍ରଭୁ ଶ୍ରୀରାମଙ୍କ ଅଗମନ କଥା ଜାଣଇ ପାରନ୍ତି ଏବଂ ରାବଣକୁ ଏକଥା କୁହନ୍ତି । ଏଣୁ ରାବଣ ଓ ମନ୍ଦୋଦରୀ ପ୍ରଭୁଙ୍କ ସ୍ୱାଗତ କରିବା ନିମନ୍ତେ ତତ୍ପର ହୋଇଉଠନ୍ତି । ଶ୍ରୀରାମଙ୍କ ଲଙ୍କାପୁରେ ପହଞ୍ଚିଲା ପରେ ରାବଣ ଓ ମନ୍ଦୋଦରୀ ପ୍ରଭୁଙ୍କୁ ବନ୍ଦାପନା କରି ସ୍ୱାଗତ କରନ୍ତି । ଶ୍ରୀରାମଙ୍କ ପଛରେ ଲକ୍ଷ୍ମଣଙ୍କୁ ବନ୍ଦାପନା କରିବା ସମୟରେ ରାଣୀ ମନ୍ଦୋଦରୀ କୁହନ୍ତି, ଲଙ୍କାପୁରୀ ହେଉଛି ଅହିଂସାପୁରୀ । ଆପଣ ମନରେ କୁଟିଳତା ନେଇ ଆସିଛନ୍ତି, ଏଠାରେ ପ୍ରଭୁ ଶ୍ରୀରାମଙ୍କର କିଛି କ୍ଷତି ଘଟିବ ବୋଲି । ମନ୍ଦୋଦରୀ ବ୍ରହ୍ମଜ୍ଞାନୀ ହେତୁ ଲକ୍ଷ୍ମଣଙ୍କ ମନକଥା ଜାଣି ପାରିଥିବାରୁ ସ୍ୱତଃ ଲକ୍ଷ୍ମଣଙ୍କ ମୁଣ୍ଡ ଲାଜରେ ନଇଁ ଯାଇଥିଲା । ଏହାପରେ ବ୍ରହ୍ମଜ୍ଞାନ ଚର୍ଚ୍ଚା ହୋଇଥିଲା । ଏଥିରେ ରାବଣ ବ୍ରହ୍ମଶରରେ ପ୍ରଭୁ ଶ୍ରୀରାମଙ୍କ ଦ୍ୱାରା ମରିବାକୁ ଅନୁରୋଧ କରିଥିଲେ । ରାବଣ ପ୍ରତିଶୋଧ ପରାୟଣ ହୋଇ ପାତାଳପୁରରେ ବାସକରୁଥିବା ମହୀରାବଣକୁ ଡକାଇ ଶ୍ରୀରାମ ଲକ୍ଷ୍ମଣଙ୍କୁ ବିନାଶ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲା । ମହୀରାବଣ ଯୁଦ୍ଧ ନ କରି ଛଦ୍ମବେଶଧରି ଶ୍ରୀରାମ ଲକ୍ଷ୍ମଣଙ୍କୁ ପାତାଳପୁରକୁ ନେଇଯାଇ ମା’ କାଳୀଙ୍କ ପାଖରେ ବଳି ଉଦ୍ଦେଶ୍ୟରେ ଏକ ପଥର ଘରମଧରେ ରଖିଥିଲେ । । ସେପଟେ ବାନରସେନା ଶିବିରରେ ଶ୍ରୀରାମ ଲକ୍ଷଣ ନ ଥିବା ଦେଖି ହନୁମାନ, ସୁଗ୍ରୀବ, ଅଙ୍ଗଦ, ଜାମ୍ବବାନ ଓ ବିଭୀଷଣ ପ୍ରମୁଖ ଚିନ୍ତାଗ୍ରସ୍ତ ହୋଇଥିଲେ। ଅନୁସନ୍ଧନ କରୁ କରୁ ବିଭୀଷଣ ସୁଚନା ଦେଲେ ଯେ ମହୀରାବଣ ଶ୍ରୀରାମଲକ୍ଷ୍ମଣଙ୍କୁ ନେଇ ପାତାଳପୁରରେ ରଖିଛନ୍ତି । ଏଣୁ ହନୁମାନ ନିଜେ ସୂକ୍ଷ୍ମରୂପ ଧାରଣ କରି ପାତାଳପୁରରେ ପ୍ରବେଶ କରିଛନ୍ତି । ପାତାଳପୁରରେ ରାମଲକ୍ଷ୍ମଣଙ୍କୁ ବଳି ଉଦ୍ଦେଶ୍ୟରେ ରଖିଥିବା ମହିରାବଣକୁ ହନୁମାନ ବଧକରି ଶ୍ରୀରାମ ଲକ୍ଷ୍ମଣଙ୍କୁ କାନ୍ଧରେ ବସାଇ ସୁବଳଗିରି ଗମନ କରିଥିଲେ।

# ବାଦଭୂଇଁରେ ଉଦଣ୍ଡ ଯାତ୍ରା

## କଣ୍ଟାରେ ଗଡ଼ିଲେ, ନିଆଁରେ ଚାଲିଲେ ଭକ୍ତା



ନୟାଗଡ଼,୨୭।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ରଣପୁର ବ୍ଲକ ବାଦଭୁଇଁ ଗାଁରେ ୭ଦିନ ଧରି ଚାଲୁ ରହିଥିବା ଉଦଣ୍ଡ ଯାତ୍ରା ଗୁରୁବାର ଉଦ୍‌ଯାପିତ ହୋଇଛି। ଉଦଣ୍ଡ ପର୍ବ ଅବସରରେ ଭକ୍ତା କଣ୍ଟାରେ ଗଡ଼ିଥିବା ବେଳେ ନିଆଁରେ ଚାଲିଛନ୍ତି। ଏଠାରେ ପ୍ରଥମେ ୧୨ ଜଣ ଭକ୍ତା ଉଦଣ୍ଡରେ ମିଶିଥିଲେ। ଚଳିତ ବର୍ଷ ୪୫ ଜଣ ଭକ୍ତା ଉଦଣ୍ଡ ପର୍ବରେ ସାମିଲ ହୋଇଛନ୍ତି। ୧୨ ବର୍ଷ ହେଲା ବାଦଭୁଇଁରେ ଉଦଣ୍ଡ ଯାତ୍ରା ଅନୁଷ୍ଠିତ ହୋଇ ଆସୁଅଛି।

# ଖଣ୍ଡପଡ଼ା ସ୍ୱାଭିମାନ ମଞ୍ଚର ଶକ୍ତି ପ୍ରଦର୍ଶନ




ସ୍ୱାଭିମାନ ମଞ୍ଚ ପକ୍ଷରୁ ଆୟୋଜିତ ସଭାରେ ଯୋଗଦେଇଥିବା ଅନୁଷ୍ଠାନର କର୍ମକର୍ତ୍ତା ।

ଖଣ୍ଡପଡ଼ା,୨୭।୪(ଅଜୟ କୁମାର ମହାରଣା)

## ବ୍ଲକ୍ ବାହାର ନେତାଙ୍କୁ ବିରୋଧ ନିଷ୍ପତ୍ତି

ଖଣ୍ଡପଡ଼ା ବ୍ଲକ୍ ରାଜନୀତିରେ ଭାପୁର ଅଞ୍ଚଳର ନେତାମାନେ ମୁଣ୍ଡ ଖେଳାଉ ଥିବାରୁ ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଖଣ୍ଡପଡ଼ା ବିଧାୟକଙ୍କୁ ପ୍ରଭାବିତ କରି ବହୁ ବର୍ଷ ଧରି ଦଳକୁ ସଂଗଠିତ କରି ରଖିଥିବା ନେତା ଓ କର୍ମୀଙ୍କୁ ହଇରାଣ କରାଯାଉଛି । ସ୍ଥିତି ଏପରି ହେଲାଣି ବିଧାୟକଙ୍କ ଉପସ୍ଥିତି ସତ୍ତ୍ୱେ ଭାପୁର ଅଞ୍ଚଳର ନେତାମାନେ ଖଣ୍ଡପଡା ରାଜନୀତିରେ ମୁଣ୍ଡ ଖେଳାଇ ନିଷ୍ପତ୍ତି ନେଉଛନ୍ତି । ଫଳରେ କର୍ମୀଙ୍କ ମଧ୍ୟରେ ହତାଶା ଭାବ ଦେଖା ଦେବା ସହ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି । ଏହି କ୍ରମରେ ଦଳୀୟ ଛାମୁଆଁ କର୍ମୀ ଓ ପଞ୍ଚାୟତସ୍ତରୀୟ ନେତାମାନେ ଖଣ୍ଡପଡା ସ୍ୱାଭିମାନ ମଞ୍ଚ ବ୍ୟାନର ତଳେ ଏକାଠି ହେବା ସହ ଖଣ୍ଡପଡା ରାଜନୀତିରେ ହସ୍ତକ୍ଷେପ କରୁଥିବା ଭାପୁରର ନେତାମାନଙ୍କୁ ତୀବ୍ର ବିରୋଧ କରିଛନ୍ତି । ଖଣ୍ଡପଡା ବ୍ଲକ ଅଧିନ ଯୋଗିଆପଲ୍ଲୀ କଲ୍ୟାଣ ମଣ୍ଡପ ପରିସରରେ ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡା ସ୍ୱାଭିମାନ ମଞ୍ଚ ନିଜର ଶକ୍ତି ପ୍ରଦର୍ଶନ କରିବା ସହ ସ୍ଥାନୀୟ ବିଧାୟକଙ୍କୁ ପରୋକ୍ଷରେ ଚେତାବନୀ ଦେଇଛି । ଏପରିକି ସାମ୍ପ୍ରତିକ ଖଣ୍ଡପଡା ରାଜନୀତିର ପ୍ରତ୍ୟେକ କ୍ଷେତ୍ରରେ ବିଧାୟକ ହସ୍ତକ୍ଷେପ ନ କଲେ ଏଣିକି ପ୍ରତି ପଞ୍ଚାୟତରେ ଭାପୁର ଅଞ୍ଚଳର ନେତାଙ୍କୁ ତୀବ୍ର ବିରୋଧ କରାଯିବ ବୋଲି ଖଣ୍ଡପଡା ସ୍ୱାଭିମାନ ମଞ୍ଚ ନିଷ୍ପତ୍ତି ନେଇଛି।

ମିଳିଥିବା ସୂଚନା ଅନୁଯାୟୀ ଯୁବନେତା ଇଂ. ଦେବବ୍ରତ ବେହେରାଙ୍କ ନେତୃତ୍ୱର ଭାଜପା ଯୁବ ନେତା ସତ୍ପିନ ସାହୁ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସସ୍ମିତା ତ୍ରିପାଠୀ ପ୍ରମୁଖ ବହୁ ଛାମୁଆ ନେତା ଓ କର୍ମୀ ଏକାଠି ହୋଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ନିର୍ବାଚନକୁ ପାଖାପାଖି ବର୍ଷେ ପୁରିବାକୁ ବସିଥିବା ବେଳେ ଏଯାବତ୍ ଉନ୍ନୟନମୂଳକ କାର୍ଯ୍ୟ ପୁରା ଠପ୍ ହୋଇଯାଇଛି । ଭାପୁର ଅଞ୍ଚଳର ନେତାମାନେ ଏବେ ଖଣ୍ଡପଡା ରାଜନୀତିରେ ଅଯଥା ହସ୍ତକ୍ଷେପ କରୁଥିବାରୁ ସ୍ୱାଭିମାନ ମଞ୍ଚ ଏହାର ଦୃଢ ନିନ୍ଦା କରିଛି । ଆଗାମୀ ଦିନରେ ବିଭିନ୍ନ ପଞ୍ଚାୟତରେ ସ୍ୱାଭିମାନ ମଞ୍ଚ ପକ୍ଷରୁ ବିଧାୟକଙ୍କ ଏଭଳି କାର୍ଯ୍ୟକଳାପ ଓ ନୀରବତାକୁ ତୀବ୍ର ବିରୋଧ କରାଯିବ ବୋଲ ଖଣ୍ଡପଡା ସ୍ୱାଭିମାନ ମଞ୍ଚ ନିଷ୍ପତ୍ତି ନେଇଥିବା ଜଣାଯାଇଛି ।

### ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା

ବ୍ରହ୍ମପୁର,୨୭।୪(ସ୍ମୃତି ରଞ୍ଜନ ମହାଲିକ)

ପହଲଗାମ୍‌ଠାରେ ଆତଙ୍କବାଦୀଙ୍କ ଦ୍ୱାରା ଧର୍ମ ପଚାରି କରାଯାଇଥିବା ହିନ୍ଦୁଙ୍କୁ କରାଯାଇଥିବା ହତ୍ୟା ବିରୋଧରେ କାର୍ଯ୍ୟନୁଷ୍ଠାନ ନିଆଯାଉ ବୋଲି ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ଆଲୋଚନା ସଭାରେ ମତ ପ୍ରକାଶ ପାଇଛି। ଉତ୍କଳ ଆଶ୍ରମ ପାଠାଗାର ପରିସରରେ ଅନୁଷ୍ଠିତ ସଭାରେ ମଂଚର ଉପସଭାପତି ଡା. ପ୍ରାଣଚାନ୍ଦ ପଣ୍ଡା ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଓ ସଂଯୋଜକ ଗୌରୀଶଙ୍କର ପଟ୍ଟନାୟକ ସଭା ଉଦଘାଟନ କରିଥିଲେ । କେନ୍ଦ୍ର ଓ ସମ୍ପୃକ୍ତ ରାଜ୍ୟ ସରକାର ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଦେବାକୁ ଦାବି ହୋଇଥିଲା। ମଂଚର ସଭାପତି ରାଧା ଚରଣ ନାୟକ, କୋଷାଧ୍ୟକ୍ଷ ଲଡୁ କେଶ ମିଶ୍ର , ସ୍ୱର୍ଣ୍ଣପ୍ରଭା ମିଶ୍ର ଓ ହାଡିବନ୍ଧୁ ମାଳି ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବକଙ୍କୁ ଅପହରଣ ଅଭିଯୋଗ

ମୋହନା,୨୭।୪(ମନ୍ମଥ ମିଶ୍ର)

ମୋହନାରେ ଜଣେ ଯୁବକଙ୍କୁ ଅପହରଣ କରାଯାଇଥିବା ନେଇ ତାଙ୍କ ପରିବାର ଲୋକେ ମୋହନା ଥାନାରେ ରବିବାର ଅଭିଯୋଗ କରିଛନ୍ତି। ଅପହୃତ ଯୁବକ ହେଲେ ନୂଆଗଡ ବ୍ଲକ ସୁନ୍ଦରଡାଙ୍ଗ ପଞ୍ଚାୟତ ଆଟିଳିମା ଗ୍ରାମର ମଣ୍ଟୁ ବୀର। ଶନିବାର ସକାଳ ୧୦ଟାରେ ମଣ୍ଟୁଙ୍କ ପାଟି ବନ୍ଧା ହୋଇଥିବା ଏକ ଫଟୋ ତାଙ୍କ ଭିଣୋଇ କିରଣ ନାୟକଙ୍କ ହ୍ୱାଟସ୍‌ଅପ୍‌କୁ ଆସିଥିଲା। ପରେ ଦେଢ଼ ଲକ୍ଷ ଟଙ୍କା ଦେଲେ ମଣ୍ଟୁଙ୍କୁ ଛାଡ଼ିବାକୁ ଅପହର୍ତ୍ତା ଧମକ ଦେଇଥିଲେ।

# ରକ୍ତଦାନ ଶିବିର, ୪୭ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି।

ଓଡଗାଁ,୨୭।୪(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓ ଏନ୍‌ଏସିରେ ରକ୍ତଦାନରେ ଉଦାହରଣ ସୃଷ୍ଟି କରିଥିବା ଜୀବନ ଧାରା ସେବା ଟ୍ରଷ୍ଟ ଆନୁକୂଲ୍ୟରେ ପ୍ରଥମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିର ରବିବାର ସ୍ଥାନୀୟ ରାମ ସାଗର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୪୭ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ନୀଳାଞ୍ଜନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲଡ୍‌ବ୍ୟାଙ୍କର ସମସ୍ତ ଟିମ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପହଲଗାଁରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ସାମ୍ବାଦିକ ସଂଘ ସଭାପତି ଅଶୋକ କୁମାର ମହାପାତ୍ର, ଖବରଦାତା ସାରସ ମିଶ୍ରଙ୍କ ସହିତ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଟ୍ରଷ୍ଟର ମୁଖ୍ୟ ସୁଶାନ୍ତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚନ୍ଦନ ପାତ୍ର, ସୁନୀଲ କୁମାର ଭଟ, ଗଜେନ୍ଦ୍ର, ଶ୍ରୀକାନ୍ତ ସାହୁଙ୍କ ସମେତ ସଦସ୍ୟମାନେ ସହଯୋଗ କରିଥିଲେ।

# ଅଳିଆ ଆବର୍ଜନାରେ ଭର୍ତ୍ତି ପଠାଣି ସାମନ୍ତ ସଂଗ୍ରହାଳୟ

## ସଫେଇ କର୍ମଚାରୀଙ୍କ ଅଭାବ

ଖଣ୍ଡପଡ଼ା,୨୭।୪(ଅଜୟ କୁମାର ମହାରଣା)

ଗତ ଜାନୁଆରୀରୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଖଣ୍ଡପଡାସ୍ଥିତ ପଠାଣି ସାମନ୍ତ ସଂଗ୍ରହାଳୟର କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ଅପସାରଣ କରାଯାଇଛି । ସଫେଇ କର୍ମଚାରୀଙ୍କ ଅନୁପସ୍ଥିତି ଯୋଗୁ ସଂଗ୍ରହାଳୟ ପରିସର ସମେତ ବିଭିନ୍ନ ସ୍ଥାନାରେ ଅଳିଆ, ଆବର୍ଜନା ଗଦା ହୋଇ ରହିଛି। ଖଣ୍ଡପଡ଼ା ସହର ୧୩ନଂ. ୱାର୍ଡସ୍ଥିତ ପଠାଣି ସାମନ୍ତ ସଂଗ୍ରହାଳୟ ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ନ ଚୁବା ସ୍ଥାନୀୟ ପ୍ରଶାସନ କେହି ଦୃଷ୍ଟି ନାହାନ୍ତି । ଦୈନିକ ଆସୁଥିବା ପର୍ଯ୍ୟଟକ ଓ ଛାତ୍ରୀଛାତ୍ରମାନେ ସଂଗ୍ରହାଳୟର ଏଭଳି ଦୟନୀୟ ସ୍ଥିତିକୁ ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି । ସଂଗ୍ରହାଳୟର କର୍ମଚାରୀମାନେ ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ସହ ଖଣ୍ଡପଡ଼ା ଏନଏସି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଜଣାପଡିଛି । ସଫେଇ କର୍ମଚାରୀଙ୍କ ଅଭାବରୁ ଗତ ୪ମାସ ଧରି ସଂଗ୍ରହାଳୟ ପରିସରରୁ ଅଳିଆ ଉଠୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି । ସେହିପରି ସଂଗ୍ରହାଳୟ କାନ୍ଥରେ ଫାଟ ସୃଷ୍ଟି ହେବା ସହ ରଙ୍ଗ ଛାଡି ଯାଇଥିଲେ ହେଁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନାହିଁ । ଆସନ୍ତା ବର୍ଷା ଋତୁ ପୂର୍ବରୁ ସଂଗ୍ରହାଳୟ କୋଠାର ମରାମତି ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

### ପାହାଡ ଉପରୁ ଯୁବକଙ୍କ ମୃତଦେହ ଜବତ

ସୋରଡ଼ା,୨୭।୪(ରଜନୀ ମହାପାତ୍ର)

ଗଞ୍ଜାମ ଜିଲା ବଡଗଡ ଥାନା ଏକଲପୁର ପଞ୍ଚାୟତ ହରିପୁର ଗ୍ରାମ ନିକଟ ପାହାଡରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ଖବର ପାଇ ବଡଗଡ଼ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଯୁବକ ଜଣକ ଶରୀରର କିଛି ଅଂଶ କଳା ପଡି ଯାଇଥିବା ଦେଖିବାକୁ ମିଳିଛି। ଘଟଣା ସମ୍ପର୍କରେ ଅଧିକ ତଦନ୍ତ ପାଇଁ ଆସିକା ଏସଡିପିଓ ସନ୍ତୋଷ ଜେନା ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବଡଗଡ ଥାନାଧିକାରୀ ସନ୍ତୋଷ ବେହେରା କହିଛନ୍ତି, ୭ଦିନ ହେବ ଏହି ମୃତକଙ୍କ ମୃତଦେହ ଏପରି ପଡିରହିଥିବା ଅନୁମାନ କରାଯାଉଛି। ଟାଣ ଖରା ଯୋଗୁ ସଂପୂର୍ଣ୍ଣ ଶରୀର କଳା ପଡିଯାଇଛି। ଶରୀର ସମ୍ପୂର୍ଣ୍ଣ କଳା ପଡିଯାଇଥିବାରୁ ଚିହ୍ନିବା ସମ୍ଭବ ହେଉନି। କୌଣସି ବ୍ୟକ୍ତିଙ୍କ ପାଖରେ ଯଦି ଏହି ଯୁବକଙ୍କ ସମ୍ପର୍କରେ କୌଣସି ସୂଚନା ଥାଏ ତେବେ ବଡଗଡ ଥାନାଧିକାରୀଙ୍କ ସହ ଯୋଗାଯୋଗ କରିବା ପାଇଁ କୁହାଯାଇ ଫୋନ ନମ୍ବର ଦିଆଯାଇଛି।

# ଶ୍ରୀରଘୁନାଥଜୀଉଙ୍କ ଦର୍ଶନ କଲେ ଯୋଗାଣ ମନ୍ତ୍ରୀ



ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର ପରିକ୍ରମା କରୁଛନ୍ତି।

ଓଡ଼ଗାଁ,୨୭।୪ (ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ିଶା ଖାଦ୍ୟ ସାମଗ୍ରୀ ଏବଂ ଗ୍ରାହକ କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରବିବାର ନୟାଗଡ଼ ଜିଲା ଓଡ଼ଗାଁ ବିଜେ ପ୍ରଭୁ ଶ୍ରୀ ରଘୁନାଥଙ୍କ ଜିଉଙ୍କୁ ଦର୍ଶନ କରିଛନ୍ତି। ମଧ୍ୟାହ୍ନରେ ମନ୍ତ୍ରୀ ପାତ୍ର ମନ୍ଦିରରେ ପହଞ୍ଚି ଜୀଉଙ୍କୁ ଦର୍ଶନ କରିବା ସହିତ ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ ମହାପାତ୍ର, ସମସ୍ତ ପୂଜକ ଓ ସେବାୟତମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ପ୍ରଭୁଙ୍କ ଦର୍ଶନ ସାରି ବେଢା ପରିକ୍ରମା କରିବା ସମୟରେ ଉପସ୍ଥିତ ସେବାୟୀ ଓ ଜନସାଧାରଣ ମନ୍ଦିରକୁ ସ୍ୱତନ୍ତ୍ର ଭାବେ ଆଲୋକୀକରଣ କରିବା ଓ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ସମସ୍ତ ବିଷୟରେ ଖୁବଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ମନ୍ଦିରର ଉନ୍ନୟନ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ ।

# କୋରଡାଗଡ ହେଉଛି କଳା ସଂସ୍କୃତିର ମାଟି

ନୂଆଗାଁ,୨୭।୪(ଧନେଶ୍ୱର ସାହୁ)



କୋରଡାଗଡଠାରେ ଲଙ୍କାପୋଡ଼ି ମହୋତ୍ସବରେ ମଞ୍ଚାସୀନ ଅତିଥି ।

## କୋରଡାଗଡ ଲଙ୍କାପୋଡ଼ି ମହୋତ୍ସବ, ପଲ୍ଲିଶ୍ରୀ ମେଳା

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କୋରଡା ପଞ୍ଚାୟତ କୋରଡାଗଡଠାରେ ଲଙ୍କାପୋଡ଼ି ମହୋତ୍ସବ କମିଟି ତରଫରୁ ଶୁକ୍ରବାର କୋରଡାଗଡ ଲଙ୍କାପୋଡ଼ି ମହୋତ୍ସବ ଓ ପଲିଶ୍ରୀ ମେଳାର ଶୁଭାରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ୪ ଦିନ ଧରି ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ନୂଆଗାଁ ବ୍ଲକ ରଘୁନାଥ କ୍ଷେତ୍ର କୋରଡାଗଡ଼ଠାରେ ଲଙ୍କାପୋଡ଼ି ମହୋତ୍ସବ କମିଟି ଦ୍ୱାରା ଆୟୋଜିତ ଲଙ୍କାପୋଡ଼ି ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରାମ ନବମୀଠାରୁ ମୁଖାଧାରୀ କଳାକାରମାନଙ୍କ ଦ୍ୱାରା ରାମ ନାଟକ ଅନୁଷ୍ଠିତ ହୋଇ ଆସୁଥିଲା । ଏହି ନାଟକର ଶେଷ ପର୍ଯ୍ୟାୟ ତଥା ଲଙ୍କାପୋଡ଼ି ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ପ୍ରଥମ ଦିବସରେ ରାବଣ ପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମାନସିକଧାରୀ ଶ୍ରଦ୍ଧାଳୁମାନେ ମାନସିକ ବାଣ ଫୁଟାଇଥିଲେ । ଭୈରବୀ ଯୁବନାଟ୍ୟ ସଂସଦ ଦ୍ୱାରା ନାଟକ ନର୍କକୁଣ୍ଡେ ନାରାୟଣ ନାଟକ ପରିବେଷଣ କରାଯାଇଥିଲା । ଶନିବାର ଦ୍ୱିତୀୟ ଦିବସରେ ଲଙ୍କାପୋଡ଼ି ମହୋତ୍ସବର ମଶାଲ ଶୋଭାଯାତ୍ରା କରାଯାଇଥିଲା । ତୃତୀୟ ଦିବସ ସନ୍ଧ୍ୟାରେ କୋରଡାଗଡ଼ ଲଙ୍କାପୋଡି ମହୋତ୍ସବ କମିଟିର ସଭାପତି ଗୋଲକ ବାହାରୀ ଗୋଛାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପାରାଢିପି ସରପଞ୍ଚ ବିଭୂତି ଭୂଷଣ ପ୍ରଧାନ , ନୁଆଗାଁ ଅଗ୍ନିଶମ କେନ୍ଦ୍ର ଅଧିକାରୀ ଅପୂର୍ବ ରଞ୍ଜନ ସାହୁ , ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ବାରିକ୍ , ସାମାଜିକକର୍ମୀ ଦାଶରଥି ପ୍ରଧାନ .କୋରଡାଗଡ଼ ସଭାପତି ପ୍ରମୋଦ କୁମାର ଦାଶ , କୋରଡ଼ା ଲଙ୍କାପୋଡି ମହୋତ୍ସବର ସମ୍ପାଦକ ବସନ୍ତ କୁମାର ଚୌଧୁରୀ , କୋରଡାଗଡ ସମ୍ପାଦକ ଭଗବାନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । କୋରଡାଗଡ କଳା ଓ ସଂସ୍କୃତିର ମାଟି। ତେଣୁ ସେହି କଳା ଓ ସଂସ୍କୃତିକୁ ବଜାୟ ରଖି ଆୟୋଜନ କରାଯାଇଥିବା ଏପରି କାର୍ଯ୍ୟକ୍ରମକୁ ମଞ୍ଚାସୀନ ଅତିଥିମାନେ ପ୍ରଶଂସା କରିଥିଲେ । ସ୍ଥାନୀୟ କୁନି କଳାକାରମାନଙ୍କ ଦ୍ୱାରା ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବେଶ୍ ଆକୃଷ୍ଟ କରିପାରିଥିଲା । କୋରଡାଗଡ ଲଙ୍କାପୋଡି ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ୪ ଦିନ ଧରି ଅନୁଷ୍ଠିତ ହୋଇ ସୋମବାର ଉଦଯାପିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ........................................
ବୟସ:........................................
ଜନ୍ମ ତାରିଖ: ..................................



ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ଗୁନ୍ଗୁନ୍
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆକଳନଠାରୁ କମିପାରେ ଅକ୍ଷୟତୃତୀୟା କାରବାର

## ୩୦ରେ ଅକ୍ଷୟ ତୃତୀୟା

**ଭୁବନେଶ୍ୱର,୨୭।୪: (ଅଭୟ ଦାଶ)**

ଆଉ ଦିନ କେତେଟା ପରେ ଅକ୍ଷୟ ତୃତୀୟା। ହେଲେ ସୁନା ଦର ଆକାଶଛୁଆଁ ରହିଥିଲାବେଳେ ରୁପା ମୂଲ୍ୟ ଲକ୍ଷେ ଉପରେ ରହିଛି। ସେହିଭଳି ସାରା ଦେଶରେ ବିବାହ ଋତୁ ଜାରି ରହିଥିଲାବେଳେ ଭିନ୍ନ ଭିନ୍ନ ଶୁଭକାର୍ଯ୍ୟ ମଧ୍ୟ ଭାରତରେ କରାଯାଉଛି। ଏହାରି ମଧ୍ୟରେ ସୁନା ଦର ଜାତୀୟ ବଜାରରେ ୯୦,୦୦୦ ରୁ ୯୭,୦୦୦ ଟଙ୍କା ଥିଲାବେଳେ ଓଡ଼ିଶା ବଜାରରେ ୯୦,୦୦୦ ରୁ ୯୮,୦୦୦ ମଧ୍ୟରେ



କାରବାର ହେଉଛି। ସେହିପରି ମୂଲ୍ୟବାନ ଅଳଙ୍କାର ଓ ହୀରା ମୂଲ୍ୟ ସର୍ବୋଚ୍ଚସ୍ତରରେ ଥିଲାବେଳେ ରୁପା ଦର ଉଭୟ ବଜାରରେ ଲକ୍ଷେ ଉପରେ ରହିଛି। ଅପରପକ୍ଷରେ କ୍ରମାଗତ ଭାବେ ସୁନା ଓ ରୁପାର ଦର ବୃଦ୍ଧି ପାଉଥିଲାବେଳେ ଗତ ୩ ଦିନ ହେବ ଉଭୟ ସୁନା ଓ ରୁପା ଦରରେ ସୁଧାର ଆସିଛି। ହେଲେ ଆଗକୁ ଅକ୍ଷୟ ତୃତୀୟା ଆସୁଥିଲାବେଳେ ବଜାରର ଚାହିଦା ସେହି ପରିମାଣରେ ଦେଖିବାକୁ ମିଳୁନାହିଁ। ଗୋଟିଏ ପଟରେ ସୁନା ଓ ରୁପାର ଦରବୃଦ୍ଧି ଜାରି ରହିଥିଲାବେଳେ ଅପରପକ୍ଷରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ମଧ୍ୟ ଆକାଶଛୁଆଁ ରହିଛି। ପରମ୍ପରା ଅନୁଯାୟୀ ଅକ୍ଷୟ ତୃତୀୟାରେ ମୂଲ୍ୟବାନ ସାମଗ୍ରୀ (ସୁନା, ରୁପା ଓ ପ୍ରିମିୟମ ଅଳଙ୍କାର) ସାଙ୍ଗକୁ ଅନ୍ୟାନ୍ୟ ଧାତୁ କ୍ରୟର ବିଧି ଥିଲାବେଳେ ଦରବୃଦ୍ଧି ଗ୍ରାହକଙ୍କ ପାଇଁ ବାଧକ ସାଜିଛି ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ସେହିପରି ଅକ୍ଷୟ ତୃତୀୟା କାରବାର ପାଇଁ ରିଟେଲ ବ୍ୟବସାୟୀଙ୍କଠାରୁ ଆରମ୍ଭକରି ସର୍ବବୃହତ ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ଆକର୍ଷଣୀୟ ଅଫର ସାଙ୍ଗକୁ ମନଲୋଭା ସାଜସଜ୍ଜା କରାଯାଉଛି। ହେଲେ ଗତ ବର୍ଷର କାରବାର ଅପେକ୍ଷା ଚଳିତ ବର୍ଷର ଅକ୍ଷୟ ତୃତୀୟା କାରବାର ଯଥେଷ୍ଟ ପରିମାଣରେ କମିପାରେ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରୁଥିଲାବେଳେ ଅଳଙ୍କାର ବ୍ୟବସାୟୀମାନେ ଭଲ କାରବାର ପାଇଁ ଆଶାବାଦି ଅଛନ୍ତି। ସେହିଭଳି ଉଭୟ ଜାତୀୟ ଓ ଘରୋଇ ବଜାରର ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ଆକର୍ଷଣୀୟ ଉପହାରର ବ୍ୟବସ୍ଥା ସାଙ୍ଗକୁ ଅତୁଳନୀୟ ଅଫର କାରବାର ବୃଦ୍ଧିରେ ବେଶ ସହାୟକ ହେବ ବୋଲି ଆଶା କରାଯାଉଥିଲାବେଳେ ଦରବୃଦ୍ଧି ଓ ବିବାହ ଋତୁ ଏହି ସମୟର କାରବାରକୁ କିଛି ପରିମାଣରେ ଲାଘବ କରିପାରେ ବୋଲି ଆକଳନ କରାଯାଉଛି।

# ଏନ୍ଏସ୍ଇ ପକ୍ଷରୁ ସହାୟତା

**ଭୁବନେଶ୍ୱର,୨୭।୪**

ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ପକ୍ଷରୁ କଶ୍ମୀରର ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ ସହାୟତା ଘୋଷଣା କରାଯାଇଛି। ଏପରିକି ୨୦୨୫ ଏପ୍ରିଲ ୨୨ କଶ୍ମୀରର ପହଲଗାମଠାରେ ଘଟିଥିବା ଦୁଃଖଦ ଆତଙ୍କବାଦୀ ଆକ୍ରମଣ ପୂରା ଦେଶକୁ ସ୍ତବ୍ଧ କରି ଦେଇଛି। ଏଭଳି ପରିସ୍ଥିତିରେ ଏନଏସଇ ଏହି ହୃଦୟ ବିଦାରକ ହିଂସାକାଣ୍ଡରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ ସମୁଦାୟ ୧ କୋଟି ଟଙ୍କା (ଅର୍ଥାତ୍ ପରିବାର ପିଛା ପାଖାପାଖି ୪ ଲକ୍ଷ ଟଙ୍କା) ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛି। ଏ ନେଇ ଏନଏସଇର ଏମ୍ଡି ତଥା ସିଇଓ ଆଶିଷ କୁମାର ଚୌହାନ କହିଛନ୍ତି, ଏହା ଆମ ଦେଶ ପାଇଁ ଏକ ସାମୂହିକ ଶୋକର ମୁହୂର୍ତ୍ତ ହୋଇଥିଲାବେଳେ ଆମର ସମବେଦନା ଏବଂ ପ୍ରାର୍ଥନା ପ୍ରଭାବିତ ପରିବାରମାନଙ୍କ ସହିତ ରହିଛି।

# ରବି କିଶନ କପିଳା ପଶୁ ଆହାରର ବ୍ରାଣ୍ଡ ଆମ୍ବାସାଡର

**ଭୁବନେଶ୍ୱର,୨୭।୪**

କାମଧେନୁ କ୍ୟାଟଲ ଫିଡ୍ସ ପ୍ରାଇଭେଟ ଲିମିଟେଡ୍ର ପ୍ରମୁଖ ଉତ୍ପାଦ ତଥା କପିଳା ପଶୁ ଆହାରର ନୂତନ ବ୍ରାଣ୍ଡ ଆମ୍ବାସାଡର ଭାବେ ଅଭିନେତା ରବି କିଶନଙ୍କୁ ନିଯୁକ୍ତ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଉତ୍ତରପ୍ରଦେଶର କାନପୁରଠାରେ ଏହି ବ୍ରାଣ୍ଡ ଅବସ୍ଥିତ ରହିଛି। ଏହି ବ୍ରାଣ୍ଡ ବର୍ତ୍ତମାନ ଦେଶର ୧୮ ରାଜ୍ୟରେ ୪୦୦ ଡିଲର୍ସ ଏବଂ ୪୦୦୦ରୁ ଅଧିକ ସବ୍ଡିଲରଙ୍କ ଜରିଆରେ କାରବାର କରୁଛି। ବ୍ରାଣ୍ଡ ଗୁଣାତ୍ମକ ପଶୁ ଆହାର ସାଙ୍ଗକୁ ଉନ୍ନତମାନର ଉତ୍ପାଦ ଏବଂ ଅନେକ ପ୍ରକାର ପଶୁ ଖାଦ୍ୟ ବଜାରରେ ଉପଲବ୍ଧ କରାଉଛି। ବଜାର ଚାହିଦା ଓ ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ ବ୍ରାଣ୍ଡ ଉତ୍ପାଦ ଉତ୍ପାଦନ କରୁଥିଲାବେଳେ




ସୁଲଭ ମୂଲ୍ୟରେ ସବୁବର୍ଗର ଗ୍ରାହକଙ୍କ ପକେଟକୁ ସୁହାଇଲା ଭଳି ଦରରେ ବ୍ରାଣ୍ଡ ଖାଦ୍ୟ ଯୋଗାଇ ଦେଉଛି।

# ପିଟର ଇଂଲଣ୍ଡର ନୂତନ ଅଭିଯାନ

**ଭୁବନେଶ୍ୱର,୨୭।୪**

ଆଦିତ୍ୟ ବିର୍ଲା ଫ୍ୟାସନ ଆଣ୍ଡ ରିଟେଲ ଲିମିଟେଡର ପ୍ରମୁଖ ବ୍ରାଣ୍ଡ ତଥା ପିଟର ଇଂଲଣ୍ଡର ନୂତନ ଅଭିଯାନ 'ଦି ଜେଣ୍ଟଲମ୍ୟାନ୍ସ ଲିଗ-ଲିଗ ଅଫ ଲିଜେଣ୍ଡସ'ର ଅନାବରଣ (ଶୁଭାରମ୍ଭ) ନିକଟରେ ହୋଇଯାଇଛି। ଏପରିକି ଦେଶର ସବୁଠାରୁ ପ୍ରସିଦ୍ଧ କ୍ରିକେଟ୍ ମହୋତ୍ସବ 'ଇଣ୍ଡିଆନ ଆଇପିଏଲ୍' ରେ ଶୁଭାରମ୍ଭ ହୋଇଥିବା ଏହି ଅଭିଯାନ ଦ୍ୱାରା କ୍ଷେତ୍ରର ସବୁଠାରୁ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ କପିଲ ଦେବ, ସାର୍ ଭିଭିଆନ୍ ରିଚାର୍ଡସ୍ ଏବଂ ଅନ୍ତର୍ଜାତୀୟ କ୍ରିକେଟ୍ ଅଦୃଶ୍ୟ ସ୍ୱର ହର୍ଷ ଭୋଗଲେଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ସେହିପରି କ୍ରିକେଟ୍ ପ୍ରତି ଗଭୀର ଭାବେ ଆଗ୍ରହୀ ଥିବା ଦେଶରେ ପିଟର ଇଂଲଣ୍ଡ ଏବଂ କ୍ରିକେଟ୍ କିମ୍ବଦନ୍ତୀଙ୍କ ମଧ୍ୟରେ ଏହି ପ୍ରଥମ ସହଯୋଗ ସିରିଜ୍ ଶୈଳୀ ଏବଂ ଜେଣ୍ଟଲମ୍ୟାନ୍ସ ଗେମ୍ର ସ୍ଥାୟୀ ଆକର୍ଷଣର ଏକ ଉତ୍ସବକୁ ସୂଚାଉଛି। ଏ ସମ୍ପର୍କରେ ପିଟର ଇଂଲଣ୍ଡର ଚିଫ୍ ଅପରେଟିଂ ଅଫିସର ଅନିଲ ଏସ୍ କୁମାର କହିଛନ୍ତି, ଜେଣ୍ଟଲମ୍ୟାନ୍ସ ଲିଗ୍ ସଂଗ୍ରହରୁ ଜାରି ରହିଥିବା ଏହି ନୂତନ ଲିଗ୍ ଅଫ୍ ଲିଜେଣ୍ଡସ୍ ଏକ ଉତ୍ସବ ଏବଂ କ୍ରିକେଟ୍ର କାଳଜୟୀ ଆକର୍ଷଣ ଏବଂ ଏହାକୁ ଆକାର ଦେଇଥିବା ବ୍ୟକ୍ତିବିଶେଷଙ୍କ ଲୋକପ୍ରିୟତା ପ୍ରତି ଆମର ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛୁ।

# ବଜାରରେ ରୟାଲ ଏନ୍ଫିଲ୍ଡର ହଣ୍ଟର ୩୫୦

**ଭୁବନେଶ୍ୱର,୨୭।୪**

ରୟାଲ ଏନ୍ଫିଲ୍ଡର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଙ୍କାନକୌଶଳରେ ନିର୍ମିତ '୨୦୨୫ ହଣ୍ଟର ୩୫୦'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ପିତର-ଫ୍ୟାକ୍ଟ ଅପ୍ଗ୍ରେଡ ମଡେଲ ଯାନ ହୋଇଥିଲାବେଳେ ଲୋକପ୍ରିୟ ଷ୍ଟ୍ରିଟ ରୋଷ୍ଟରକୁ ଏକ ନୂଆ ବେଞ୍ଚମାର୍କ ସ୍ଥାପନ କରିଛି। ବିଶ୍ୱର ସବୁଠାରୁ ଆକର୍ଷଣୀୟ ସ୍ଥାନଗୁଡିକ ଦ୍ୱାରା ଅନୁପ୍ରାଣିତ ଓ ବିଶ୍ୱବ୍ୟାପୀ ଗ୍ରାହକଙ୍କ ପାଇଁ ଡିଜାଇନ କରାଯାଇଥିବା ଏହି ମଡେଲ ୩ଟି ଶ୍ରେଣୀରେ ୬ଟି ରଙ୍ଗ ଏବଂ ଅପ୍ଗ୍ରେଡେଡ ଫିଚର ସହିତ ଆସିଛି। ...



# ଏଲ୍ଟିଏଫ୍ଏଲ୍ର ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୨୭।୪**

ଏଲ୍ ଆଣ୍ଡ ଟି ଫାଇନାନ୍ସ ଲିମିଟେଡ (ଏଲ୍ଟିଏଫ୍ଏଲ୍)ର ତ୍ରୈମାସିକ ଫଳାଫଳ ନିକଟରେ ଘୋଷଣା କରାଯାଇଛି। ଏପରିକି ୨୦୨୫ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ତ୍ରୈମାସିକ ସୁଦ୍ଧା କମ୍ପାନୀ ସର୍ବକାଳୀନ ସର୍ବୋଚ୍ଚ ବିକ୍ରୟ ପରବର୍ତ୍ତୀ ଲାଭ (ପିଏଟି) ୨୬୪୪ କୋଟି ଟଙ୍କା ସଂଗ୍ରହ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷର ଏହି ଅବଧି ତୁଳନାରେ ୧୪% ବୃଦ୍ଧି ଘଟିଛି। ... ବୁକ ତୁଳନାରେ ୧୯% ଅଧିକ ହୋଇଛି। କମ୍ପାନୀ ମଧ୍ୟ ବାର୍ଷିକ ୬୦,୦୪୦ କୋଟି ଟଙ୍କାର ରିଟେଲ ଋଣ ପ୍ରଦାନ କରିଛି, ...

# ଏନ୍ବିଟି ସହ ଆମାଜନ ଇଣ୍ଡିଆର ବୁଝାମଣା

**ଭୁବନେଶ୍ୱର,୨୭।୪**

ନ୍ୟାଶନାଲ ବୁକ୍ ଟ୍ରଷ୍ଟ (ଏନ୍ବିଟି) ଏବଂ ଆମାଜନ ଇଣ୍ଡିଆ ମଧ୍ୟରେ ଏକ ତ୍ରିପାକ୍ଷିକ ବୁଝାମଣା ହୋଇଯାଇଛି। ଏପରିକି ଆମାଜନ ଇଣ୍ଡିଆ ଏନ୍ବିଟି ଏବଂ ଏନସିଇଆରଟି ସହ ଭାଗିଦାରିରେ ଦେଶବ୍ୟାପୀ ପୁସ୍ତକ ଦାନ ଅଭିଯାନ ଆରମ୍ଭ କରିଛି। ... ପାଠକମାନଙ୍କ ପ୍ରତି ଆମର ପ୍ରତିବଦ୍ଧତା ପୂର୍ବାପେକ୍ଷା ଗଭୀର ରହିଛି। ...

# ହର୍ ଷ୍ଟାର୍ଟଅପ୍ ସିଜନ୍-୨ର ଶୁଭାରମ୍ଭ

**ଭୁବନେଶ୍ୱର,୨୭।୪**

ବ୍ରିଟାନିଆ ମ୍ୟାରିଗୋଲ୍ଡର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ହର୍ ଷ୍ଟାର୍ଟଅପ୍ ସିଜନ୍-୨ର ଶୁଭାରମ୍ଭ' ଘୋଷଣା କରାଯାଇଛି। ...

# Classified Everyday
**0674-2580101, 9692975378**




**REAL ESTATE**
**SALE**

ହଂସପାଲରୁ 11K.M. ଶିଙ୍ଗାରସାହି ଛକ ପାଖରେ 1300sqft 3,12,000/- ଫୁଟ୍ ବିକ୍ରିହେବ। 9114705579. D-76258

**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call-9861642492.** D-200

ଭୁବନେଶ୍ୱର- ପିପିଲି Toll Gate Puri road ନିକଟରେ Gharabari Plot ଏବଂ ନଜରାରେ 3/4 BHK Duplex ବିକ୍ରିହେବ 8327785834. D-76261

**Duplex sale with gated society AIIMS Hospital, Bhubaneswar. 8455909543, 7735579312.** D-76262




For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

**700sqft Hall available in Uttara Chhak Main road. Contact: 9692671608.** D-305

**1000 sqft Hall available in Lewis Main Road. Contact: 9692671608.** D-302

**3BHK flat available for rent in Gudiapokhari near Krupajal College. Contact: 9692671608.** D-304




Full body massage by experience therapist with homely atmosphere. 9114559860. D-275

**AFFIDAVIT**

I, Kirti Pandey Mishra, W/o- Pradipta Kumar Mishra residence of Kalika Devi Sahi, Bhandari Lane, Puri-752001, P.S.- Town PS, Odisha declare by this affidavit No.- 2512 dated- 25.04.2025 that now onwards I shall be known as Kirti Pandey for all purposes. D-312

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Notary Public, Paralakhemundi, Gajapati, Odisha, dated 26 April 2025. I, Gulibindal Ranjit Kumar, S/o- Gulibindala Chiranjeebulu, Village- Radhu, P.O.- Derigam, District.- Rayagada, Odisha, PIN- 765024 declare that my original name is Gulibindal Ranjit Kumar. It has recorded in my Aadhaar card No.-xxxx xxx 0374 and Pan card, but in my HSC Pass Board Certificate my surname has been recorded as Gulibindala instead of Gulibindal.Henceforth, I will be known and continue by my surname as Gulibindal Ranjit Kumar for all purposes. D-313

# ମନେ ପଡନ୍ତି

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱ.ମଞ୍ଜୁଳା ମହାନ୍ତି**

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱ.ପ୍ରହ୍ଲାଦ ଦାଶ**


ଅରୁଆ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ଅମର ଆତ୍ମାର ସଦ୍ଗତି ପାଇଁ ବାସୁଦେବଙ୍କୁ ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ:-

# ସୁସ୍ଥ ହୃତ୍ପିଣ୍ଡ ଅନ୍ତରାଳେ...


ଡା. ରାମଚନ୍ଦ୍ର ରାଉତ

''ହୃଦ୍‌ଘାତ ବା ହାର୍ଟ ଆଟାକ୍ ଯାହାକୁ 'Acute Myocardial Ischemia (AME) କୁହାଯାଏ, ତାହା ହୃଦ୍‌ଯନ୍ତ୍ରର ମାଂସପେଶୀକୁ ରକ୍ତ ସଞ୍ଚାଳନ ବନ୍ଦ ହେବା ଦ୍ୱାରା ହୋଇଥାଏ। ହୃଦ୍‌ଯନ୍ତ୍ରରୁ ମାଂସପେଶୀକୁ ରକ୍ତ ଯୋଗାଉଥିବା ଦୁଇଟି ମୁଖ୍ୟ ଧମନୀ ଓ ଏହାର ଶାଖା ଏହିପରି ପାଞ୍ଚଗୋଟି ଧମନୀରୁ ଏକ ବା ଏକାଧିକ ଅବରୋଧ (blockage) ସୃଷ୍ଟି ହେଲେ ହୃଦ୍‌ଘାତ ହୋଇଥାଏ। ଏହା ବାମ ମୁଖ୍ୟ କରୋନାରୀ ଧମନୀରେ ଅଧିକ ପରିଲକ୍ଷିତ ହୋଇଥାଏ।''





ମନୁଷ୍ୟ ଶରୀରରେ ମସ୍ତିଷ୍କ ପରେ ହୃତ୍‌ପିଣ୍ଡ ବା ହାର୍ଟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କହିବାକୁ ଗଲେ ହୃଦ୍‌ଯନ୍ତ୍ର ଦ୍ୱାରା ମସ୍ତିଷ୍କକୁ ରକ୍ତ ସଞ୍ଚାଳନ ନ ହେଲେ କେବଳ ମସ୍ତିଷ୍କକୁ କ'ଣ, ଶରୀରର କୌଣସି ଅଙ୍ଗ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ। ମାତ୍ର ୩୦୦-୪୦୦ ଗ୍ରାମ୍ ଓଜନ ବିଶିଷ୍ଟ ତିନିଗୋଟି ସ୍ତରର ଗୋଟିଏ ଛୋଟିଆ ରକ୍ତ ସଞ୍ଚାଳନ ପମ୍ପ ରୂପେ କମ୍ପନ କରୁଥିବା ହୃଦ୍‌ଯନ୍ତ୍ରଟି ଗର୍ଭସଞ୍ଚରଣର ମାତ୍ର ୪-୫ ସପ୍ତାହରୁ ନିରବଚ୍ଛିନ୍ନ ଭାବେ ମଣିଷ ବଞ୍ଚିଥିବା ଯାଏ କାର୍ଯ୍ୟ କରୁଥାଏ। ପ୍ରକାରାନ୍ତେ ହୃଦ୍‌ଯନ୍ତ୍ର ବନ୍ଦ ହେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ ଏବଂ ମୃତ୍ୟୁ ହେଲେ ହୃଦ୍‌ଯନ୍ତ୍ରଟି ବନ୍ଦ ହୋଇଯାଏ। ମାତ୍ର ୧୨ ସେମି ଲମ୍ବ, ୮.୫ ସେମି ଓସାର ଓ ୬ ସେମି ମୋଟା ବିଶିଷ୍ଟ ହୃଦ୍‌ଯନ୍ତ୍ର ପ୍ରତି ମିନିଟ୍‌ରେ ହାରାହାରି ୭୨ ଥର (୬୦-୮୦), ପ୍ରତି ଘଣ୍ଟାରେ ୪୩୨୦ଥର, ଗୋଟିଏ ଦିନରେ ଲକ୍ଷେ ଚାରିହଜାର ଥର ସ୍ପନ୍ଦିତ (ସଙ୍କୁଚିତ ଓ ପ୍ରସାରିତ) ହୋଇଥାଏ। ଏହାଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ରକ୍ତ ସଞ୍ଚାଳନ ହୋଇଥାଏ। ଗୋଟିଏ ହୃଦ୍‌ଯନ୍ତ୍ର କାର୍ଯ୍ୟ ଅର୍ଥାତ୍ ପ୍ରତ୍ୟେକ ସ୍ପନ୍ଦନ ପାଇଁ ଏହା ୦.୮ ସେକେଣ୍ଡ ନେଇଥାଏ ଓ ସଙ୍କୋଚନ ପାଇଁ ଯେତିକି ସମୟ ନିଏ, ପ୍ରସାରଣ ପାଇଁ ତା'ଠାରୁ ଅଢ଼େଇ ଗୁଣ ସମୟ ନେଇଥାଏ। ଅର୍ଥାତ୍ ହୃଦ୍‌ଯନ୍ତ୍ର ଯେତିକି ସମୟ ସଙ୍କୁଚିତ ହୁଏ ତା' ତୁଳନାରେ ଅଢ଼େଇରୁ ୩ ଗୁଣ (ପ୍ରସାରିତ) ବିଶ୍ରାମ ନେଇଥାଏ। ତେଣୁ ଏହା ଉପରେ କାର୍ଯ୍ୟଭାର କିଛି ମାତ୍ରାରେ କମ୍ ହୋଇଥାଏ। ସାଧାରଣତଃ ହୃଦ୍‌ଯନ୍ତ୍ରର ତିନିଗୋଟି ଆବରଣ ମଧ୍ୟରୁ ମାଂସପେଶୀୟ ଆବରଣ ବା ମାୟୋକାର୍ଡିୟମ୍ ଏହି କାର୍ଯ୍ୟ କରିଥାଏ।

ହୃଦ୍‌ଯନ୍ତ୍ରର ସଙ୍କୋଚନ ସମୟରେ ହେଉଥିବା ବଳ ଦ୍ୱାରା ରକ୍ତ ସଞ୍ଚାରଣ ହୋଇଥାଏ ଏବଂ ଏହା ଧମନୀରେ ରକ୍ତଚାପ ସୃଷ୍ଟି କରିଥାଏ, ଯାହା ସାଧାରଣତଃ ୧୨୦ ମିମି ପାରଦର ଚାପ ସହ ସମାନ। ସେହିପରି ଡାଇଷ୍ଟୋଲ୍ ସମୟରେ ରକ୍ତଚାପ ସାଧାରଣତଃ ୮୦ ମିମି ପାରଦ ହୋଇଥାଏ। ଏହି ସମୟରେ ପଲ୍‌ସ ପ୍ରେସର (ନାଡ଼ି ଚାପ) ଏହି ଦୁଇ ଚାପର ତଫାତ ଅର୍ଥାତ୍ ୪୦ ମିମି ପାରଦ ହୋଇଥାଏ। ରକ୍ତଚାପ ବୃଦ୍ଧି ହେଲେ ଏହା ମଧ୍ୟ ଅସୁବିଧା ହୋଇଥାଏ। ମାତ୍ର ଉଚ୍ଚ ରକ୍ତଚାପ ଏକ ବହୁଳ ପରିଲକ୍ଷିତ ଓ ପ୍ରାୟତଃ କାରଣ ଜଣା ନ ପଡ଼ିବା ଏକ ରୋଗ, ଯାହାକି ମେଦବହୁଳତା, ଶାରୀରିକ ପରିଶ୍ରମର ଅଭାବ, ଆପେକ୍ଷିକ ଲବଣ, ଧୂମପାନ, ମାନସିକ ଚାପ, ବିଷାଦ ଓ ଆହୁରି ଅନେକ କାରଣରୁ ହୋଇଥାଏ ବୋଲି ଅନୁମାନ କରାଯାଉଛି। ଉଚ୍ଚ ରକ୍ତଚାପ ଥରେ ଜଣାପଡ଼ିଲେ ଏହା ପାଇଁ ନିୟମିତ ଔଷଧ ସେବନ ଓ ଡାକ୍ତରୀ ପରାମର୍ଶର ଆବଶ୍ୟକତା ପଡ଼ିଥାଏ।

ଏତଦ୍‌ବ୍ୟତୀତ ହୃଦ୍‌ଘାତ ବା ହାର୍ଟ ଆଟାକ୍ ଯାହାକୁ 'Acute Myocardial Ischemia (AME) କୁହାଯାଏ, ତାହା ହୃଦ୍‌ଯନ୍ତ୍ରର ମାଂସପେଶୀକୁ ରକ୍ତ ସଞ୍ଚାଳନ ବନ୍ଦ ହେବା ଦ୍ୱାରା ହୋଇଥାଏ। ହୃଦ୍‌ଯନ୍ତ୍ରରୁ ମାଂସପେଶୀକୁ ରକ୍ତ ଯୋଗାଉଥିବା ଦୁଇଟି ମୁଖ୍ୟ ଧମନୀ ଓ ଏହାର ଶାଖା ଏହିପରି ପାଞ୍ଚଗୋଟି ଧମନୀରୁ ଏକ ବା ଏକାଧିକ ଅବରୋଧ (blockage) ସୃଷ୍ଟି ହେଲେ ହୃଦ୍‌ଘାତ ହୋଇଥାଏ। ଏହା ବାମ ମୁଖ୍ୟ କରୋନାରୀ ଧମନୀରେ ଅଧିକ ପରିଲକ୍ଷିତ ହୋଇଥାଏ।

ହୃଦ୍‌ଯନ୍ତ୍ରକୁ ରକ୍ତ ସଞ୍ଚାରଣ କରାଉଥିବା ଧମନୀଗୁଡ଼ିକୁ କରୋନାରୀ ଧମନୀ କୁହାଯାଇଥାଏ। କାରଣ ଏହା ହୃଦ୍‌ଯନ୍ତ୍ରର ମୁକୁଟ ପରି ପ୍ରତୀୟମାନ ହୁଅନ୍ତି। ଧମନୀରେ କୋଲେଷ୍ଟରଲ, ଆଥେରୋମା ଇତ୍ୟାଦି ଜମି ରକ୍ତ ସଞ୍ଚାଳନର ବାଟ ବନ୍ଦ କରିଥାଏ। ଏଥିପାଇଁ ସ୍ଥଳବିଶେଷରେ ଷ୍ଟେଣ୍ଟ, ବାଇପାସ୍ ସର୍ଜରି ଇତ୍ୟାଦି କରାଯାଇଥାଏ। ରକ୍ତ ଜମାଟ ଓ ଚର୍ବିଜାତୀୟ ଉପାଦାନ ହ୍ରାସ ପାଇଁ ଔଷଧ ଦିଆଯାଇଥାଏ। ଏବେ ବିନା ଅପରେଶନରେ ମଧ୍ୟ ହାର୍ଟ ବ୍ଲକେଜର ଚିକିତ୍ସା କରାଯାଇପାରୁଛି।

ଆମ ଶରୀରରେ ରକ୍ତ ସଞ୍ଚାଳନ ଏହିପରି ହୋଇଥାଏ। ପ୍ରଥମେ ଶରୀରର ସମସ୍ତ ଅଙ୍ଗ ଓ ଅଂଶରୁ ଦୂଷିତ ରକ୍ତ ସଂଗ୍ରହ ହୋଇ ଊର୍ଦ୍ଧ୍ୱ ଓ ଅଧ ଭେନା(vena) କାଭା(cava) ଦ୍ୱାରା ଦକ୍ଷିଣ ଅଳିନ୍ଦକୁ ଆସି ଦକ୍ଷିଣ ନିଳୟ ଦେଇ ଅଙ୍ଗାରକାମ୍ଳରହିତ ଓ ଅମ୍ଳଜାନଯୁକ୍ତ ହୋଇ ପରିଷ୍କାର ରକ୍ତ ହେବା ପାଇଁ ଫୁସ୍‌ଫୁସ୍‌କୁ ଯାଏ। ସେଠାରୁ ଏହା ଫୁସ୍‌ଫୁସ୍ ଶିରା ଦେଇ ବାମ ଅଳିନ୍ଦ ଓ ନିଳୟ ମଧ୍ୟ ଦେଇ ଧମନୀ ଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ଯାଇଥାଏ। ଏହି ପ୍ରକ୍ରିୟା ନିରନ୍ତର ଚାଲିଥାଏ। ସାଧାରଣତଃ ହୃତ୍‌ପିଣ୍ଡର ଚାରିଗୋଟି କୋଠରି ମଧ୍ୟରୁ କେବଳ ଗୋଟିଏ ପଟ ଉପର କୋଠରିରୁ ତଳ କୋଠରିକୁ ବାଟ ଥାଏ। ବାମରୁ ଦକ୍ଷିଣ କିମ୍ବା ଦକ୍ଷିଣରୁ ବାମକୁ ବାଟ ନ ଥାଏ। ଏହା ସେପ୍ଟମ ଦ୍ୱାରା ବନ୍ଦ ହୋଇଥାଏ।

ବହୁତ ସମୟରେ ଏପରି ହୋଇଥାଏ ଯେ ଆମେ କେବଳ ରୋଗ ପାଇଁ ଔଷଧ ଖାଇଥାଉ। ମାତ୍ର ରୋଗ କାହିଁକି ହେଉଛି, କିପରି ନ ହେବ ସେଥିପାଇଁ ଚିନ୍ତା କରି ନ ଥାଉ। ହୃଦ୍‌ରୋଗ ଜନ୍ମସମୟର ଅପରିପକ୍ୱ ଗଠନ ଯୋଗୁ ଶିଶୁମାନଙ୍କଠାରେ ହୋଇଥାଏ। ମାତ୍ର ଏହା ଏବେ ଅପରେଶନ ଦ୍ୱାରା ସଜଡ଼ା ଯାଇପାରୁଛି। ଅନେକ ସ୍ଥାନରେ ତାହା ସମ୍ପୂର୍ଣ୍ଣ ମାଗଣାରେ କରାଯାଉଛି। ସେହିପରି ଗଳା ସଂକ୍ରମଣ ଓ ଗଣ୍ଠି ସଂକ୍ରମଣ ପରବର୍ତ୍ତୀ ସମୟରେ ହାର୍ଟର କପାଟିକା(ଭାଲ୍‌ଭ)ଗୁଡ଼ିକ ନଷ୍ଟ ହୋଇ ଆର୍‌ଏଚ୍‌ଡି ବା କପାଟିକାଜନିତ ରୋଗ ହୋଇଥାଏ। ଏହାର ଚିକିତ୍ସା ଦୀର୍ଘଦିନ ଧରି ଔଷଧ ଦ୍ୱାରା ହୋଇଥାଏ ଓ ସ୍ଥଳବିଶେଷରେ ଅପରେଶନ କରାଯାଏ।

ସବୁଠାରୁ ଅଧିକ ସଂଖ୍ୟାରେ ହେଉଥିବା ହୃଦ୍‌ରୋଗ ହେଲା ହାର୍ଟ ଆଟାକ, ଯାହା କରୋନାରୀ ଧମନୀରେ ରକ୍ତ ସଞ୍ଚାଳନରେ ବାଧା ଯୋଗୁ ହୋଇଥାଏ। ବର୍ତ୍ତମାନ ଏହାର ସମ୍ପୂର୍ଣ୍ଣ ଓ ଫଳପ୍ରଦ ଚିକିତ୍ସା କରାଯାଇପାରୁଛି। ପୁରୁଷମାନଙ୍କ କ୍ଷେତ୍ରରେ ହୃଦ୍‌ଘାତର ଲକ୍ଷଣ ମୁଖ୍ୟତଃ ଛାତିରେ ଯନ୍ତ୍ରଣା ହେଉଥିବା ବେଳେ ମହିଳାମାନଙ୍କ କ୍ଷେତ୍ରରେ ଏହା ବାନ୍ତି ଲାଗିବା, ବଦହଜମି ଲାଗିବା, କାନ୍ଧରେ କଷ୍ଟ ଲାଗିବା ପରି ହୋଇଥାଏ। ଡାଇବେଟିସ ରୋଗୀଙ୍କ କ୍ଷେତ୍ରରେ ବେଳେବେଳେ ଏହି ଯନ୍ତ୍ରଣା ସହଜରେ ଜଣାପଡ଼ି ନ ଥାଏ। ତେବେ ଆମ୍ଭେମାନେ ଚାହିଁଲେ ହୃଦ୍‌ରୋଗକୁ କମାଇ ପାରିବା ଏବଂ ହୃଦ୍‌ରୋଗଜନିତ ମୃତ୍ୟୁରୁ ରକ୍ଷା ପାଇପାରିବା।

ନିୟମିତ ବ୍ୟାୟାମ, ସନ୍ତୁଳିତ ଖାଦ୍ୟ, ଓଜନ ହ୍ରାସ, ଚର୍ବି ହ୍ରାସ, ରକ୍ତଚାପ ନିୟନ୍ତ୍ରଣ, ରକ୍ତରେ ଶର୍କରା ନିୟନ୍ତ୍ରଣ, କମ୍ ଲୁଣ, କମ୍ ଚିନି, ଅଧିକ ତନ୍ତୁଜାତୀୟ ଓ ଫଳ ପନିପରିବାଯୁକ୍ତ ଖାଦ୍ୟ, ସୁସ୍ଥ ମନ, ସୁସ୍ଥ ଚିନ୍ତାଧାରା, ମାନସିକ ଚାପ ହ୍ରାସ ଓ ଆହୁରି ଅନେକ ଏହିପରି କାର୍ଯ୍ୟବିଧି ହୃଦ୍‌ଘାତର ଆଶଙ୍କା କମାଇ ଦେଇଥାଏ।


- ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର
ମୋ : ୯୪୩୭୭୪୨୪୯୯

## ଆଲର୍ଜିରୁ ମିଳିବ ଉପଶମ...



ଆପଣ ଆଲର୍ଜିଜନିତ ସମସ୍ୟାକୁ ନେଇ ଚିନ୍ତିତ କି? ଯଦି ହଁ, ତେବେ ଏଥିରୁ କେତେକାଂଶରେ ଉପଶମ ପାଇବାର ସହଜ ଉପାୟ ଆମର ହାତ ପାଆନ୍ତାରେ ରହିଛି। ଯଦି ଜଣେ ବ୍ୟକ୍ତି ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ସାମିଲ କରନ୍ତି, ତେବେ ସେ ଏଥିରୁ କେତେକାଂଶରେ ଉପଶମ ପାଇପାରିବେ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏହି ଭିଟାମିନ୍ ଆମ ଶରୀର ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। କେବଳ ସେତିକି ନୁହେଁ, ଏପରି ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଭିଟାମିନ୍ 'ଇ' ଯୁକ୍ତ ଖାଦ୍ୟ ଚର୍ବିରେ ମିଶିଲେ ତାହା ଆଣ୍ଟିଅକ୍ସିଡାଣ୍ଟ ପରି କାମ କରେ। ଏହା ଶରୀରରେ କୋଲେଷ୍ଟରଲ୍‌ର ପରିମାଣକୁ ସନ୍ତୁଳିତ ଅବସ୍ଥାରେ ରଖିଥାଏ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ ଚିନାବାଦାମ ଆଦିରେ ଭିଟାମିନ୍ 'ଇ' ପ୍ରଚୁର ମାତ୍ରାରେ ଭରି ରହିଛି।

## ଡିପ୍ରେସନ୍ ଦୂର କରେ ଉତ୍ତମ ଖାଦ୍ୟ



ଶରୀରକୁ ସୁସ୍ଥ ଓ ମଜଭୁତ୍ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମେ କେତେ ରୋଗମୁକ୍ତ ଓ ସୁସ୍ଥ ଜୀବନ ଜିଉଛେ, ତାହା ଆମ ଖାଦ୍ୟ ଉପରେ ନିର୍ଭର କରେ। ହେଲେ, ଏବେ ଅନେକେ ଖାଇବାରେ ସନ୍ତୁଳନ ନ ରଖିବାରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ନିକଟରେ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ବିଷୟକୁ ନେଇ ସର୍ଭେ କରିଥିଲେ। ଉକ୍ତ ସର୍ଭେର ଶୀର୍ଷକ ଥିଲା 'ଉତ୍ତମ ଖାଦ୍ୟ ଓ ଡିପ୍ରେସନ'। କିଛି ମାସ ଧରି ଏହା ଉପରେ ସର୍ଭେ କରି ସେମାନେ ଏକ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ଉତ୍ତମ ତଥା ଭିଟାମିନଯୁକ୍ତ ଖାଦ୍ୟ ଖାଆନ୍ତି, ତେବେ ସେ ନିଜକୁ ଡିପ୍ରେସନ୍‌ରୁ କେତେକାଂଶରେ ଦୂରେଇ ରଖିପାରିବେ। ବେଳେବେଳେ କେତେକେ ଡିପ୍ରେସନ୍‌ରେ ରହିବା ଯୋଗୁ ଅଧିକ ଖାଦ୍ୟ ଖାଇଥାନ୍ତି। ଏହାଫଳରେ ପରବର୍ତ୍ତୀ ସମୟରେ ସେମାନେ ମେଦ ବହୁଳତାର ଶିକାର ହୋଇଥାନ୍ତି। ତେଣୁ ଆମକୁ ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଠିକ୍ ପରିମାଣରେ ଖାଇବା ନିହାତି ଜରୁରୀ। ଗାଜର, ମୂଳା, କଖାରୁ, ପାଳଙ୍ଗ ଶାଗ, ଚିନାବାଦାମ, ଟମାଟୋ, କମଳା ଆଦି ଖାଦ୍ୟ ଶରୀର ପାଇଁ ବେଶ୍ ଉପଯୋଗୀ, ଯାହାକୁ ପ୍ରତିଦିନ ଆମେ ଆମ ଖାଦ୍ୟରେ ସାମିଲ୍ କରିପାରିବା। ଏହାବ୍ୟତୀତ ନିଜକୁ ଡିପ୍ରେସନ୍‌ରୁ ଦୂରେଇ ରଖିବା ପାଇଁ ନିଜର ମାନସିକତାକୁ ସକାରାତ୍ମକ ରଖନ୍ତୁ।

## ସୁସ୍ଥ ରହିବ କିଡ୍‌ନୀ



ଆମ ଶରୀରର ଏକ ମୁଖ୍ୟ ଓ ଦରକାରୀ ଅଙ୍ଗ ହେଉଛି କିଡ୍‌ନୀ। ଶରୀରରେ ପ୍ରବାହିତ ହେଉଥିବା ରକ୍ତକୁ ଏହା ବିଶୋଧନ କରି ଅଦରକାରୀ ତତ୍ତ୍ୱକୁ ନିଷ୍କାସନ କରିଥାଏ। କିଡ୍‌ନୀ କାର୍ଯ୍ୟ ବାଧାପ୍ରାପ୍ତ ହେଲେ ହାତଗୋଡ଼ ଫୁଲିଯାଏ। ଶରୀରର ଯୋଡ଼ା ଅଂଶଗୁଡ଼ିକରେ ଦରଜ ଅନୁଭୂତ ହୁଏ। ରକ୍ତଚାପ ଅସନ୍ତୁଳିତ ରହେ। ଦୁର୍ବଳ ଲାଗେ। ବାନ୍ତି ଉଠାଏ ଆଉ ବେଳେବେଳେ ହୁଏ ମଧ୍ୟ। ନିଃଶ୍ୱାସପ୍ରଶ୍ୱାସ ନେବାରେ ବି ବାଧା ଉପୁଜେ, ଫଳରେ ଶ୍ୱାସକ୍ରିୟାଜନିତ ଅନେକ ରୋଗ ଶରୀରରେ ଦେଖାଦିଏ। ତେଣୁ କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ପ୍ରଚୁର ପରିମାଣର ପାଣି ପିଅନ୍ତୁ। କିଡ୍‌ନୀଜନିତ ରୋଗ ଦେଖାଗଲେ ଶରୀରରେ ୟୁରିଆ ତତ୍ତ୍ୱ ବଢ଼ିଯାଏ। ସେଥିପାଇଁ ଆପଣ ଏହାକୁ ସନ୍ତୁଳିତ ରଖିବା ପାଇଁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। ଦୈନିକ ୫ଗ୍ରାମ୍ ଲୁଣ ମଧ୍ୟ ଖାଆନ୍ତୁ। ଯଦି ଆପଣ ନିଶାଦ୍ରବ୍ୟ ସେବନ କରୁଛନ୍ତି, ତେବେ ଏହାକୁ ତୁରନ୍ତ ଛାଡ଼ନ୍ତୁ, କାରଣ ଏହା ସ୍ୱାସ୍ଥ୍ୟ ତଥା କିଡ୍‌ନୀ ପ୍ରତି ବେଶି କ୍ଷତିକାରକ। ଆଉ ମଧ୍ୟ ଆପଣ ଯଦି କୌଣସି କିଡ୍‌ନୀଜନିତ ରୋଗର ଶିକାର ହୁଅନ୍ତି, ତେବେ ଯଥାଶୀଘ୍ର ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ଉପକାରୀ ହଳଦୀ

ହଳଦୀ କେବଳ ସୌନ୍ଦର୍ଯ୍ୟ ପାଇଁ ନୁହେଁ ବରଂ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଏଥିରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଶରୀରରେ ଥଣ୍ଡା ସୃଷ୍ଟି କରୁଥିବା କୋଷଗୁଡ଼ିକୁ ଏହା ନଷ୍ଟ କରିଦିଏ। ହଳଦୀ ଶରୀରରେ ଇନ୍‌ସୁଲିନ୍ ପ୍ରତିରୋଧକୁ ବଢ଼ାଇଥାଏ। ହଳଦୀ ସମସ୍ତ ମାଂସପେଶୀକୁ ଶକ୍ତ ରଖେ। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ଆମ ମସ୍ତିଷ୍କର କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରାଇଥାଏ। ଏହା ରକ୍ତ ଚାପକୁ କମାଇବା ସହ ଶରୀରରେ ରକ୍ତ ସଞ୍ଚାଳନ ଠିକ ଭାବେ କରିଥାଏ।



## ସ୍ୱାସ୍ଥ୍ୟ ସୂଚନା

- ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟ ତାଲିକାରେ ଟଟକା ଫଳମୂଳ ସହ ଏଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ, ଯାହା ଶରୀର ପାଇଁ ବେଶ୍ ଉପକାରୀ।



- ଦୈନନ୍ଦିନ ଖାଦ୍ୟ ତାଲିକାରେ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଶରୀରକୁ ଆବଶ୍ୟକ ମୁତାବକ ଶକ୍ତି ଯୋଗାଇଥାଏ।
- କିଛି ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବାର ଅଭ୍ୟାସ ରହିଛି। ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ ଏବଂ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ।
- ପ୍ରତିଦିନ ଶିଡ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ, ଆପଣଙ୍କର ଯଦି କିଛି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ତାହା ସେତେ ଭଲ।
- ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ଖାଇବା ସମୟରେ କେବେ ବି ପାଣି ପିଅନ୍ତୁ ନାହିଁ। କାରଣ ଏହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ। ଖାଇବାର ଅଧ ଘଣ୍ଟାଏରୁ ଘଣ୍ଟାଏ ପରେ ପାଣି ପିଅନ୍ତୁ।

## ଆବେଲ ପୁରସ୍କାର-୨୦୨୫


ଇଂ. ମାୟାଧର ସ୍ୱାଇଁ

''ଚଳିତ ବର୍ଷ ପାଇଁ ଜାପାନର ୭୮ ବର୍ଷ ବୟସ୍କ ଗଣିତଜ୍ଞ ମାସାକି କାଶିୱାରାଙ୍କୁ ଆବେଲ ପୁରସ୍କାର ପ୍ରଦାନ କରିବା ପାଇଁ ନରୱେ ବିଜ୍ଞାନ ଓ କଳା ଏକାଡେମୀ ଘୋଷଣା କରିଛି। ବୀଜଗାଣିତିକ ବିଶ୍ଳେଷଣ ଓ ପ୍ରତିନିଧିତ୍ୱ ତତ୍ତ୍ୱରେ ଏବଂ ବିଶେଷ ଭାବେ ଡି-ମଡ୍ୟୁଲର ବିକାଶ ଓ କ୍ରିଷ୍ଟାଲ ଆଧାର ଆବିଷ୍କାରରେ ତାଙ୍କର ମୌଳିକ ଅବଦାନ ପାଇଁ ତାଙ୍କୁ ଏହି ବର୍ଷର ଆବେଲ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରାଯାଇଛି।''


ମାସାକି କାଶିୱାରା




ଆବେଲ ପୁରସ୍କାର ହେଉଛି ଗଣିତ ପାଇଁ ପ୍ରଦାନ କରାଯାଉଥିବା ଗୋଟିଏ ଉଲ୍ଲେଖନୀୟ ପୁରସ୍କାର। ଗଣିତ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ଜଣେ ଗଣିତଜ୍ଞଙ୍କୁ ଏହା ପ୍ରଦାନ କରାଯାଇଥାଏ। ନରୱେର ବିଶିଷ୍ଟ ଗଣିତଜ୍ଞ ନିଲ୍‌ସ ହେନ୍‌ରିକ ଆବେଲ (୧୮୦୨-୧୮୨୯)ଙ୍କ ନାମାନୁସାରେ ନରୱେ ସରକାର ଏହାକୁ ୨୦୦୨ ମସିହାରେ ପ୍ରତିଷ୍ଠା କରିଛନ୍ତି। ପଞ୍ଚଘାତୀ ସମୀକରଣ ସମାଧାନ ସମ୍ଭବ ନୁହେଁ ବୋଲି ସେ ପ୍ରଥମେ ପ୍ରମାଣ କରିଥିଲେ। ମାତ୍ର ୨୭ ବର୍ଷର ସ୍ୱଳ୍ପ ଜୀବନକାଳ ମଧ୍ୟରେ ସେ ଇଲିପ୍‌ଟି ଫଳନ ଓ ଆବେଲୀୟ ଫଳନ ଉପରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ।

ଆବେଲ ପୁରସ୍କାରକୁ ନୋବେଲ ପୁରସ୍କାରର ସମସ୍କନ୍ଦ ଭାବରେ ବିଚାର କରାଯାଏ। ସୂଚନାଯୋଗ୍ୟ ଯେ, ଗଣିତକୁ ସମସ୍ତ ବିଜ୍ଞାନର ରାଣୀ କୁହାଯାଉଥିଲେ ସୁଦ୍ଧା ନୋବେଲ ପୁରସ୍କାରରେ ମଧ୍ୟ ଗଣିତକୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ଆବେଲ ପୁରସ୍କାରରେ ୭୫ ଲକ୍ଷ କ୍ରୋନର (୭୨୦୦୦୦ ଆମେରିକୀୟ ଡଲାର) ପ୍ରଦାନ କରାଯାଏ। ପୁରସ୍କାର ଚୟନ ପାଇଁ ଗଣିତଜ୍ଞଙ୍କର ଦେଶ, ବୟସ କିମ୍ବା ଅଧ୍ୟୟନ କ୍ଷେତ୍ରକୁ ବିଚାର କରାଯାଏ ନାହିଁ। ଗଣିତର ଯେ କୌଣସି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଏ। ବର୍ଷକୁ ଅତି ବେଶୀରେ ତିନି ଜଣ ଗଣିତଜ୍ଞଙ୍କୁ ଏହି ପୁରସ୍କାର ଦିଆଯାଏ। ୨୦୦୩ରୁ ଏପର୍ଯ୍ୟନ୍ତ ୨୮ ଜଣ ଗଣିତଜ୍ଞଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

ଚଳିତ ବର୍ଷ ପାଇଁ ଜାପାନର ୭୮ ବର୍ଷ ବୟସ୍କ ଗଣିତଜ୍ଞ ମାସାକି କାଶିୱାରାଙ୍କୁ ଆବେଲ ପୁରସ୍କାର ପ୍ରଦାନ କରିବା ପାଇଁ ନରୱେ ବିଜ୍ଞାନ ଓ କଳା ଏକାଡେମୀ ଘୋଷଣା କରିଛି। ବୀଜଗାଣିତିକ ବିଶ୍ଳେଷଣ ଓ ପ୍ରତିନିଧିତ୍ୱ ତତ୍ତ୍ୱରେ ଏବଂ ବିଶେଷ ଭାବେ ଡି-ମଡ୍ୟୁଲର ବିକାଶ ଓ କ୍ରିଷ୍ଟାଲ ଆଧାର ଆବିଷ୍କାରରେ ତାଙ୍କର ମୌଳିକ ଅବଦାନ ପାଇଁ ତାଙ୍କୁ ଏହି ବର୍ଷର ଆବେଲ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରାଯାଇଛି।

ଆବେଲ ପୁରସ୍କାର ଘୋଷଣା ପତ୍ରରେ କୁହାଯାଇଛି, ''କାଶିୱାରା ହେଉଛନ୍ତି ଜଣେ ବିଚକ୍ଷଣ ଗଣିତଜ୍ଞ। ତାଙ୍କ ସହିତ ୭୦ରୁ ଅଧିକ ସହଯୋଗୀ କାର୍ଯ୍ୟ କରିଛନ୍ତି। ଗତ ୫୦ ବର୍ଷ ଧରି ସେ ଗଣିତରେ ପ୍ରତିନିଧିତ୍ୱ ତତ୍ତ୍ୱ ଓ ବୀଜଗାଣିତିକ ବିଶ୍ଳେଷଣରେ ଗଭୀର ଅନୁଧ୍ୟାନ କରି ଏହାକୁ ସମୃଦ୍ଧ କରିଛନ୍ତି। ସମସାମୟିକ ଗଣିତରେ ତାଙ୍କ କାର୍ଯ୍ୟ ସର୍ବଦା ସମ୍ମୁଖ ଭାଗରେ ରହିଛି ଏବଂ ଏହା ଅନେକ ପିଢ଼ିର ଗବେଷକମାନଙ୍କୁ ପ୍ରେରଣା ଦେବ।''

କାଶିୱାରା ୧୯୪୭ ମସିହା ଜାନୁୟାରୀ ୩୦ ତାରିଖରେ ଜାପାନର ୟୁକି ଠାରେ ଜନ୍ମଗ୍ରହଣ କରିଥିଲେ। ୧୯୬୯ ମସିହାରେ ସ୍ନାତକ ଓ ୧୯୭୧ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ସେ ୧୯୭୪ରେ 'ଗାଣିତିକ ବିଜ୍ଞାନ ଗବେଷଣା ପ୍ରତିଷ୍ଠାନ'ରୁ ପିଏଚ୍‌ଡି ଡିଗ୍ରୀ ଲାଭ କରି ସେଠାରେ ୧୯୭୮ ମସିହାରେ ପ୍ରଫେସର ଓ ପରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି।

କାଶିୱାରା ଜାପାନ ଏକାଡେମୀର ସଭ୍ୟ ଏବଂ ଫରାସୀ ବିଜ୍ଞାନ ଏକାଡେମୀର ବୈଦେଶିକ ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଗଣିତରେ କୃତୀ ପାଇଁ ସେ ଅନେକ ପୁରସ୍କାର ଓ ସମ୍ମାନ ଲାଭ କରିଛନ୍ତି। ୨୦୧୯ରେ ତାଙ୍କୁ ଏସିଆର ଶ୍ରେଷ୍ଠ ଏକଶତ ବୈଜ୍ଞାନିକମାନଙ୍କ ମଧ୍ୟରେ ତାଙ୍କୁ ନିର୍ବାଚିତ କରାଯାଇଥିଲା।

ଆବେଲ ପୁରସ୍କାର ପାଇବାରେ କାଶିୱାରା ହେଉଛନ୍ତି ପ୍ରଥମ ଜାପାନ ନାଗରିକ। ତାଙ୍କୁ ଚଳିତ ବର୍ଷ ମେ' ୨୦ ତାରିଖରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ।

-୭୦, ଲକ୍ଷ୍ମୀ ବିହାର, ଫେଜ୍ ୧,
ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

# ମୁମ୍ବାଇ-ଜାମସେଦପୁର ସେମିଫାଇନାଲ

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଫାଇନାଲରେ ଜାମସେଦପୁର ଏଫ୍‌ସି ପେନାଲ୍ଟି ଶୁଟ୍‌ଆଉଟ ୫-୪ ଗୋଲରେ ନର୍ଥଇଷ୍ଟ ୟୁନାଇଟେଡକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟ ଗୋଲଶୂନ୍ୟ ରହିବାପରେ ଫଳାଫଳ ପାଇଁ ଶୁଟ୍‌ଆଉଟ ପଦ୍ଧତି

**କଳିଙ୍ଗ ସୁପର କପ୍ ଫୁଟବଲ**

ଅବଲମ୍ବନ କରାଯାଇଥିଲା। ଏଥିରେ ଜାମସେଦପୁର ଦଳ ୫ଟି ଗୋଲ ଦେଇଥିବାବେଳେ ନର୍ଥଇଷ୍ଟ ୪ ଗୋଲରେ ସୀମିତ ରହିଥିଲା। ଫଳରେ ନର୍ଥଇଷ୍ଟର ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଛି। ଅତିଥି ତଥା ଡେପୁଟି ସେକ୍ରେଟାରି ସୌମ୍ୟ ସାର୍ଥକ ମିଶ୍ର ମ୍ୟାଚ ଆରମ୍ଭ ପୂର୍ବରୁ ଉଭୟ ଦଳର ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। କ୍ୱାର୍ଟର ଫାଇନାଲ ଶେଷ ସହ ଟୁର୍ନାମେଣ୍ଟର ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ୩୦ ତାରିଖ ପ୍ରଥମ ସେମିଫାଇନାଲରେ ମୋହନ ବାଗାନ ସୁପର ଜାଏଣ୍ଟକୁ ଭେଟିବ ଏଫ୍‌ସି ଗୋଆ। ସେହିଦିନ ଅନ୍ୟ ଏକ ସେମିଫାଇନାଲ ମୁମ୍ବାଇ ସିଟି ଏଫ୍‌ସି ଓ ଜାମସେଦପୁର ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହେବ। ତୃତୀୟ କ୍ୱାର୍ଟର ଫାଇନାଲରେ ମୁମ୍ବାଇ ସିଟି ଏଫ୍‌ସି ୧-୦ ଗୋଲରେ ଇଣ୍ଟର କାଶୀକୁ ହରାଇ ଦେଇଥିଲା। ମ୍ୟାଚର ୭୧ତମ ମିନିଟରେ ଲାଲିଆଞ୍ଜୁଆଲା ଚାଙ୍ଗ୍‌ଟେ ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ମ୍ୟାଚ ଆରମ୍ଭରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଶେଷରେ କ୍ରୀଡ଼ା ବିଭାଗର ଓଏସ୍‌ଡି ସୋନାଲି ଚାନ୍ଦ ଅତିଥିଭାବେ ଯୋଗଦେଇ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

ପୂରା ଟୁର୍ନାମେଣ୍ଟରେ ଉତ୍ସାହୀ ପ୍ରଦର୍ଶନ କରିଥିବା ଇଣ୍ଟର କାଶୀ ଏହି ମ୍ୟାଚରେ ମୁମ୍ବାଇକୁ ମଧ୍ୟ କଡ଼ା ଟକ୍କର ଦେଇଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଇଣ୍ଟର କାଶୀର ପ୍ରଦର୍ଶନ ଉତ୍ସାହୀ ରହିଥିଲା। ମାତ୍ର ଲାଲିଆଞ୍ଜୁଆଲାଙ୍କ ଗୋଲ ମ୍ୟାଚରେ ଫରକ ଆଣିଥିଲା। ବିପଜ୍ଜନକ ପ୍ରଦର୍ଶନ ପାଇଁ ୪୫+୧୨ ମିନିଟରେ ମୁମ୍ବାଇ ସିଟି ଏଫ୍‌ସିର ନିକୋଲାଓସ କାରେଲିସ, ୪୫+୧୪ ମିନିଟରେ ଇଣ୍ଟର କାଶୀର ମାରିଓ ବାର୍କୋ ଭିଲାର, ୭୯ତମ ମିନିଟରେ ମହମ୍ମଦ ଅସିଫ ୟେଲୋ କାର୍ଡ ପାଇଥିଲେ। ପୂରା ମ୍ୟାଚରେ ଉତ୍ତମ ପ୍ରଦର୍ଶନ ପାଇଁ ମୁମ୍ବାଇ ସିଟି ଏଫ୍‌ସିର ଜର୍ଜ ଓର୍ଟିଜ ମେଣ୍ଡୋଜା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପୂର୍ବରୁ ପ୍ରଥମ ଦୁଇ ଦଳଭାବେ ମୋହନ ବାଗାନ ସୁପର ଜାଏଣ୍ଟ ଓ ଏଫ୍‌ସି ଗୋଆ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରି ସାରିଥିଲେ। ଇଣ୍ଟର କାଶୀର ବିଦାୟ ସହ ଟୁର୍ନାମେଣ୍ଟରୁ ଆଇ-ଲିଗ୍ ଦଳ ଗୁଡ଼ିକର ଅଭିଯାନ ଶେଷ ହୋଇଯାଇଛି। ପୂର୍ବରୁ ପ୍ରି-କ୍ୱାର୍ଟର ଫାଇନାଲରୁ ଗୋକୁଲମ୍ କେରଳ ବିଦାୟ ନେଇ ସାରିଛି। ଅନ୍ୟତମ ଆଇ-ଲିଗ୍ ଦଳ ଚର୍ଚ୍ଚିଲ ବ୍ରଦର୍ସ ଟୁର୍ନାମେଣ୍ଟରୁ ଓହରି ଯାଇଛି। ମେ ୩ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ।



ମୁମ୍ବାଇ ସିଟି ଏଫ୍‌ସି ଓ ଇଣ୍ଟର କାଶୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ବିକାଶ ନାୟକ)

**ସେମିଫାଇନାଲ ସୂଚୀ (ଏପ୍ରିଲ ୩୦)**

ପ୍ରଥମ ସେମିଫାଇନାଲ:
ମୋହନ ବାଗାନ ସୁପର ଜାଏଣ୍ଟ ବନାମ ଏଫ୍‌ସି ଗୋଆ। ସମୟ: ଅପରାହ୍ନ ୪ଟା ୩୦
ଦ୍ୱିତୀୟ ସେମିଫାଇନାଲ:
ମୁମ୍ବାଇ ସିଟି ଏଫ୍‌ସି ବନାମ ଜାମସେଦପୁର ଏଫ୍‌ସି।
ସମୟ: ରାତି ୮ଟା।

# ମହିଳା ଓ ପୁରୁଷରେ ଓଡ଼ିଶା ଚାମ୍ପିୟନ



ଚାମ୍ପିୟନ ଓଡ଼ିଶା ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ)**

**ସର୍ବଭାରତୀୟ ଗେଟ୍‌ବଲ ଉଦ୍‌ଯାପିତ**

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ସର୍ବଭାରତୀୟ ଗେଟ୍‌ବଲ୍ ଚାମ୍ପିୟନଶିପ୍‌ର ଉଭୟ ମହିଳା ଓ ପୁରୁଷ ବର୍ଗରେ ଓଡ଼ିଶା ଚାମ୍ପିୟନ ହୋଇଛି। ମହିଳା ବିଭାଗରେ ଓଡ଼ିଶା ସ୍ୱର୍ଣ୍ଣ ଓ ଉତ୍ତର ପ୍ରଦେଶ ରୌପ୍ୟ ପଦକ ହାସଲ କରିଛି। ପୁରୁଷରେ ଓଡ଼ିଶା, ମଧ୍ୟ ପ୍ରଦେଶ ଓ ବିହାର ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଆଇନଜୀବୀ ନିର୍ଭୟ କୁମାର ସାମନ୍ତରାୟ, କ୍ରୀଡ଼ା ସଙ୍ଗଠକ ନବରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ଗେଟ୍‌ବଲ ଆସୋସିଏଶନ ସଭାପତି ରଞ୍ଜନ କୁମାର ନନ୍ଦ, ସମ୍ପାଦକ ମହମ୍ମଦ ଆଜମ, ଯୁଗ୍ମ ସମ୍ପାଦକ ବାସୁଦେବ ଓଝା, ଗୌତମ ବେହେରା, କୁନାଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଏଆଇଏଫ୍‌ଏଫ୍ ନିଷ୍ପତ୍ତି ଉପରେ କାସ୍‌ର ରହିତାଦେଶ

**ନୂଆଦିଲ୍ଲୀ,୨୭।୪(ପି.ଟି.)**

ଚଳିତ ସିଜନର ଆଇ-ଲିଗ୍ ଟାଇଟଲକୁ ନେଇ ଲାଗି ରହିଥିବା ବିବାଦ ଜାରି ରହିଛି। କୋର୍ଟ ଅଫ ଆର୍ବିଟ୍ରେଶନ ଫର ସ୍ପୋର୍ଟ (କାସ) ରବିବାର ଇଣ୍ଟର କାଶୀ କ୍ଲବ ପକ୍ଷରୁ କରାଯାଇଥିବା ଆବେଦନର ଶୁଣାଣି କରି ଗୋଆର ଚର୍ଚ୍ଚିଲ ବ୍ରଦର୍ସକୁ ଚାମ୍ପିୟନ ଘୋଷଣା କରିବାର ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍)ର ନିଷ୍ପତ୍ତି ଉପରେ ରହିତାଦେଶ ଜାରି କରିଛି। ଏଆଇଏଫ୍‌ଏଫ୍‌ର ଅପିଲ୍ସ କମିଟି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଥିବା ଇଣ୍ଟର କାଶୀ ବିରୋଧରେ ରାୟ ଦେବା ପରେ ଗତ ୧୮ ତାରିଖରେ ଚର୍ଚ୍ଚିଲ ବ୍ରଦର୍ସକୁ ଆଇ-ଲିଗ୍ ଚାମ୍ପିୟନ ଘୋଷଣା କରାଯାଇଥିଲା। ଏହି ନିଷ୍ପତ୍ତି ବିରୋଧରେ ଇଣ୍ଟର

**ଆଇ-ଲିଗ୍ ଟାଇଟଲ ବିବାଦ**

କାଶୀ ସୁଇଜରଲାଣ୍ଡସ୍ଥିତ ବିଶ୍ୱର ସର୍ବୋଚ୍ଚ ସ୍ପୋର୍ଟ୍ସ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲା।

'ଏଆଇଏଫ୍‌ଏଫ୍‌ର ଅପିଲ କମିଟି ନେଇଥିବା ନିଷ୍ପତ୍ତି ଉପରେ ରହିତାଦେଶ ଜାରି କରାଯାଇଛି। ଏଆଇଏଫ୍‌ଏଫ୍‌କୁ ମାମଲାର ଚୂଡ଼ାନ୍ତ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଆଇ-ଲିଗ୍ ୨୦୨୪-୨୫ ସିଜନର ଚାମ୍ପିୟନ ଘୋଷଣା ନ କରିବାକୁ ଏବଂ କୌଣସି ମେଡାଲ ସେରିମନୀ ଆୟୋଜନ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି' ବୋଲି କାସ୍‌ର ଅପିଲ୍ସ ଆର୍ବିଟ୍ରେଶନ ଡିଭିଜନର ଉପସଭାପତି ଏଲିଜାବେଥ ଷ୍ଟେନର ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି।

ଆଇ-ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ଗତ ୬ ତାରିଖରେ ଶେଷ ହୋଇଥିବା ବେଳେ ଚର୍ଚ୍ଚିଲ ବ୍ରଦର୍ସ ୪୦ ପଏଣ୍ଟ ସହ ଟେବୁଲ ଶୀର୍ଷରେ ରହିଥିଲା।

# ରସୁଲଗଡ଼ ପ୍ରିମିୟର ଲିଗ୍ ଟ୍ରଫି ଉନ୍ମୋଚିତ

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ):** ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ରସୁଲଗଡ଼ ପ୍ରିମିୟର ଲିଗ୍‌ର ୧୦ମ ସଂସ୍କରଣ ସୋମବାରଠାରୁ ଜିଜିପି ପଡ଼ିଆରେ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ରବିବାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ୪ ଦଳର ଅଧିନାୟକଙ୍କ ଉପସ୍ଥିତିରେ ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଗ ନେବାକୁ ଯାଉଥିବା ଦଳ ଏବଂ ଉପସ୍ଥିତ ଥିବା ଅଧିନାୟକମାନେ ହେଲେ ଗୋପୀନାଥ ଦେବ ଏକାଦଶର କାଳନ୍ଦୀ ରାଉତ, ମା' ଦୁର୍ଗା ଏକାଦଶର ଦେବାଶିଷ ଜେନା, ମା' କୋଟିଳେଇ ଏକାଦଶର ତୋଫାନ ରାଉତ ଓ ବ୍ରହ୍ମେଶ୍ୱର ଏକାଦଶର ପ୍ରଶାନ୍ତ ଶ୍ରୀଚନ୍ଦନ ରାୟ।

# 'ଆଇ ସ୍ୱିମ୍' ମିଟ୍ ଉଦ୍‌ଯାପିତ


ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବାଳିକା ବାଳକ ସୁଇମର।

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ)**

କିଟ୍ ଓ କିସ୍‌ର ସୁଇମିଂ ପୁଲ୍ କମ୍ପ୍ଲେକ୍ସରେ ୨୬ ଓ ୨୭ ତାରିଖ ଦୁଇଦିନଧରି 'ଆଇ ସ୍ୱିମ୍' ସୁଇମିଂ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ଭାଗରୁ ୪୫୦ ସୁଇମର ଅଂଶଗ୍ରହଣ କରିଥିଲେ। ଏହା ମଧ୍ୟରେ ସମ୍ବଲପୁର, କିସ୍-ଗ୍ଲେନମାର୍କ ଓ ଜେଏସ୍‌ଡବ୍ଲ୍ୟୁ ଆଦି ଓଡ଼ିଶାର ବିଭିନନ ଏକାଡେମୀର ୩୫୦ ଛାତ୍ରୀଛାତ୍ର ସାମିଲ। କିସ୍ ସୁଇମରମାନେ ପ୍ରଥମ ଦିବସରେ ପ୍ରଭାବୀ ପ୍ରଦର୍ଶନ କରି ୧ ସ୍ୱର୍ଣ୍ଣ,

**କିସ୍ ସୁଇମରଙ୍କୁ ୧୨ ପଦକ**

୫ ରୌପ୍ୟ ଓ ୬ ବ୍ରୋଞ୍ଜ ସମେତ ୧୨ ପଦକ ହାସଲ କରିଛନ୍ତି। ସମସ୍ତ ପଦକ ହାସଲକାରୀଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ଏହି ପ୍ରତିଯୋଗିତା ବାଳିକା ବାଳକ ସୁଇମରଙ୍କ ପାଇଁ ଏକ ଭଲ ପ୍ଲାଟଫର୍ମ ସଦୃଶ ହୋଇଛି। ଏଥିରୁ ସେମାନେ ଅନେକ ଅନୁଭୂତି ଲାଭ କରିଛନ୍ତି।

# ରାଜ୍ୟ ଓପନ ଚେସ୍: ସ୍ୱପ୍ନିଲ ଚାମ୍ପିୟନ

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ):** କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ରବିବାର ଅନୁଷ୍ଠିତ ୪ର୍ଥ ଶ୍ୟାମଳି ଦେ ସ୍ମାରକୀ ରାଜ୍ୟ ଓପନ ଚେସ୍‌ରେ ଭୁବନେଶ୍ୱରର ସ୍ୱପ୍ନିଲ ପ୍ରିୟଦର୍ଶୀ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ପୂରା ୫ ପଏଣ୍ଟ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତନ୍ମୟ ତ୍ରିପାଠୀ (୪.୫), ଲଭ୍ୟଜ୍ୟୋତି ରାଉତରାୟ (୪.୫), ଦେବୀ ପ୍ରସାଦ ନାୟକ (୪) ଓ ଅମରେନ୍ଦ୍ର ଖମାରୀ (୪) ଟପ୍-୫ ଫିନିଶ୍ କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୯ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

# ମୁମ୍ବାଇ, ଆର୍‌ସିବି ବିଜୟୀ


ଉଇକେଟ ନେବା ପରେ ଉଲ୍ଲସିତ ମୁମ୍ବାଇର ଯଶପ୍ରୀତ୍ ବୁମ୍‌ରା।

**ମୁମ୍ବାଇ,୨୭।୪**

ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ଯଶପ୍ରୀତ ବୁମରାଙ୍କ ୪ ଉଇକେଟ ସଫଳତା ବଳରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ୫୪ ରନର ବଡ଼ ବ୍ୟବଧାନରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି)କୁ ପରାସ୍ତ କରିଛି। ମୁମ୍ବାଇ ଦ୍ୱାରା ପ୍ରଦତ୍ତ ୨୧୬ ରନର ଟାର୍ଗେଟର ପିଛା କରୁଥିବା ଲକ୍ଷ୍ନୌ ୧୬୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଏହା ମୁମ୍ବାଇ ଦଳର ଲଗାତର ପଞ୍ଚମ ଓ ମୋଟ ଉପରେ ଷଷ୍ଠ ବିଜୟ। ଆଇପିଏଲ ଇତିହାସରେ ଏହା ମୁମ୍ବାଇ ପାଇଁ ୧୫୦ତମ ବିଜୟ। ରବିବାର ସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୬ ଉଇକେଟରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି)କୁ ପରାସ୍ତ କରିଛି। ଦିଲ୍ଲୀ ପକ୍ଷରୁ ପ୍ରଦତ୍ତ ୧୬୩ ରନର ଟାର୍ଗେଟକୁ ଆର୍‌ସିବି ୧୮.୩ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ସହ ବେଙ୍ଗାଲୁରୁ ପଏଣ୍ଟ ଟେବୁଲର ଶୀର୍ଷକୁ ଉଠିଛି। ଅନ୍ୟପକ୍ଷରେ ଦିଲ୍ଲୀ ପୂର୍ବ ଭଳି ତୃତୀୟ ସ୍ଥାନରେ ରହିଛି।


ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୨୦ ଓଭରରେ ୭ ଉଇକେଟ ହରାଇ ୨୧୫ ରନ କରିଥିଲା। ଦଳ ପକ୍ଷରୁ ରିୟାନ ରିକଲଟନ ୩୨ ବଲରେ ୫୮ (୬ ଚୌକା ଓ ୪ ଛକା) ଓ ସୂର୍ଯ୍ୟକୁମାର ଯାଦବ ୨୮ ବଲରେ ୫୪ (୪ ଲେଖାଏ ଚୌକା ଓ ଛକା) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱିଲ ଜ୍ୟାକ୍ସ ୨୯ (୩ ଚୌକା ଓ ୧ ଛକା), ନମନ ଧିର ୨୫ (୨ ଲେଖାଏ ଚୌକା ଓ ଛକା) ଓ କର୍ବିନ ବୋଶ୍ଚ ୨୦ (୨ ଚୌକା ଓ ୧ ଛକା) ରନ କରିଥିଲେ। ଲକ୍ଷ୍ନୌ ପାଇଁ ଇଞ୍ଜୁରୀରୁ ପ୍ରତ୍ୟାବର୍ତ୍ତନ କରିଥିବା ମୟଙ୍କ ଯାଦବ ଓ ଆଭେଶ ଖାନ ଦୁଇଟି ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିବା ଲକ୍ଷ୍ନୌ ୨୦ ଓଭରରେ ୧୬୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଆୟୁଷ ବଦୋନୀ ୩୫ (୨ ଲେଖାଏଁ ଚୌକା ଓ ଛକା), ମାର୍ଶ ୨୪ ବଲରେ ୩୪ (୩ ଚୌକା ଓ ୨ ଛକା) ଓ ନିକୋଲସ ପୁରନ ୧୫ ବଲରେ ୨୭ (୧ ଚୌକା ଓ ୩ ଛକା) ରନ କରିଥିଲେ। ମୁମ୍ବାଇ ଲାଗି ବୁମରା ୪ ଉଇକେଟ ନେଇଥିବାବେଳେ ଟ୍ରେଣ୍ଟ ବୋଲ୍ଟ ୩ ଓ ୱିଲ ଜ୍ୟାକ୍ସ ୨ଟି ଉଇକେଟ ନେଇଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ରାଜସ୍ଥାନ ବନାମ ଗୁଜରାଟ
ସ୍ଥାନ: ଜୟପୁର
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୦ | ୭ | ୩ | ୦ | ୧୪ | +୦.୫୨୧ |
| ଗୁଜରାଟ ଟାଇଟନ୍ସ | ୮ | ୬ | ୨ | ୦ | ୧୨ | +୧.୧୦୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୬ | ୪ | ୦ | ୧୨ | +୦.୮୮୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୬ | ୩ | ୦ | ୧୨ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୯ | ୫ | ୩ | ୧ | ୧୧ | +୦.୧୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୫ | ୦ | ୧୦ | -୦.୩୨୫ |
| କୋଲକାତା ନାଇଟ ରାଇଡର୍ସ | ୯ | ୩ | ୫ | ୧ | ୭ | +୦.୨୧୨ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୩ | ୬ | ୦ | ୬ | -୧.୧୦୩ |
| ରାଜସ୍ଥାନ ରୟାଲ୍ସ | ୯ | ୨ | ୭ | ୦ | ୪ | -୦.୬୨୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୨ | ୭ | ୦ | ୪ | -୧.୩୦୨ |



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ